# ଧରିତ୍ରୀ
DHARITRI







ସମ୍ବଲପୁର, ଶନିବାର, ମେ ୧/୨୦୨୧ (୧୨ ପୃଷ୍ଠା+ଛୁଟିଦିନ) | Sambalpur, Saturday, May 1/2021 | ★★

୧୭୩ ଭାଗ ୧୩୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-


**ଲୋକେଶ ରାହୁଲଙ୍କ ଲଢୁଆ ବ୍ୟାଟିଂ**
ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷ ଆଇପିଏଲ୍ ମ୍ୟାଚରେ ଲଢୁଆ ଅପରାଜିତ ୯୧ରନ କରିଛନ୍ତି ପଞ୍ଜାବ କିଙ୍ଗ୍ସ ଅଧିନାୟକ ଲୋକେଶ ରାହୁଲ।

୧୨

୧୦

**ଭାବପ୍ରବଣ ହେଲେ ଅନୁଷ୍କା**
ବିରାଟ କୋହଲି ତାଙ୍କ ଲୁକ୍କାୟିତ ପ୍ରତିଭା ସ୍ତ୍ରୀ ଅନୁଷ୍କାଙ୍କ ଆଗରେ ଦେଖାଇଛନ୍ତି। ସେ ଗାଇଥିବା ଗୀତରେ ଅନୁଷ୍କା ଭାବପ୍ରବଣ ହୋଇଯାଇଛନ୍ତି।

### ଧରିତ୍ରୀର ଛୁଟି

ଶ୍ରମିକ ଦିବସ ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ମେ’ ୧ ତାରିଖ ଶନିବାର ବନ୍ଦ ରହିବ। ପରବର୍ତ୍ତୀ ସଂଖ୍ୟା ମେ’ ୩ ତାରିଖ ସୋମବାର ସକାଳେ ପ୍ରକାଶ ପାଇବ।

### ଆଜିର ସମ୍ପାଦକୀୟ

**ଚିନ୍ତା ବଢ଼ିଯାଇଛି**

# ସୋସିଆଲ ମିଡିଆରେ ଲାଗିପାରିବନି କଟକଣା

**ନୂଆଦିଲ୍ଲୀ, ୩୦।୪**

ଯଦି ନାଗରିକମାନେ ସେମାନଙ୍କ ଆପତ୍ତି ଅଭିଯୋଗକୁ ସୋସିଆଲ ମିଡିଆ ଜରିଆରେ ପରସ୍ପର ମଧ୍ୟରେ ଶେୟାର କରନ୍ତି, ତେବେ ଉକ୍ତ ସୂଚନା ଉପରେ କୌଣସି ରାଷ୍ଟ୍ର କଟକଣା ଲଗାଇବା ଉଚିତ ନୁହେଁ। ସୋସିଆଲ ମିଡିଆରେ ସୂଚନାର ଅବାଧ ପ୍ରବାହ ଉପରେ କଟକଣା ଲଗାଇବାର ଯେକୌଣସି ଉଦ୍ୟମକୁ ଅଦାଲତ ଅବମାନନା ଭାବେ ଗ୍ରହଣ କରାଯିବ ବୋଲି ସୁପ୍ରିମକୋର୍ଟ ଶୁକ୍ରବାର କୋଭିଡ୍ ମାମଲାର ଶୁଣାଣି ବେଳେ ସ୍ପଷ୍ଟ କରିଦେଇଛନ୍ତି।

ଦେଶରେ କରୋନା ସଂକ୍ରମଣର ଦ୍ୱିତୀୟ ଲହର ଭୟଙ୍କର ସ୍ଥିତି ସୃଷ୍ଟି କରିଥିବାବେଳେ ସୁପ୍ରିମକୋର୍ଟ ଏହାକୁ ଜାତୀୟ ସଙ୍କଟ ବୋଲି କହିଛନ୍ତି। ଇଣ୍ଟରନେଟ୍‌ରେ ମିଥ୍ୟା ଅଭିଯୋଗ ଉଠାଯାଉଥିବା ଆଳ ଦେଖାଇ ଏହା ଉପରେ କଟକଣା ନ ଲଗାଇବାକୁ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ଓ ରାଜ୍ୟ କର୍ତ୍ତୃପକ୍ଷ ଏବଂ ପୋଲିସ ମୁଖ୍ୟମାନଙ୍କୁ ସତର୍କ କରିଦେଇଛନ୍ତି। ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ଏଲ୍. ନାଗେଶ୍ୱର ରାଓ ଏବଂ ଏସ୍. ରବୀନ୍ଦ୍ର ଭଟ୍ଟଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ସୂଚନାର ଅବାଧ ପ୍ରବେଶ ଜାରି ରହିବା ଏବଂ ଆମେ ନାଗରିକମାନଙ୍କ ସ୍ୱର ଶୁଣିବା ଆବଶ୍ୟକ। ଅକ୍ସିଜେନ୍, ବେଡ୍ କିମ୍ବା ଡାକ୍ତର ଅଭାବ ପ୍ରସଙ୍ଗକୁ ନେଇ ଯଦି କେହି ସୋସିଆଲ ମିଡିଆରେ ବାର୍ତ୍ତା ଛାଡୁଥାନ୍ତି, ତେବେ ଗୁଜବ ପ୍ରସାର ଆଳରେ କାର୍ଯ୍ୟାନୁଷ୍ଠାନ ନ

**ସୁପ୍ରିମକୋର୍ଟଙ୍କ ଚେତାବନୀ**

- କରୋନାର ଦ୍ୱିତୀୟ ଲହର ଜାତୀୟ ସଙ୍କଟ ସୃଷ୍ଟି କରିଛି
- ଦେଶରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ପର୍ଯ୍ୟାପ୍ତ ନୁହେଁ
- ହୋଟେଲ, ମନ୍ଦିର, ଚର୍ଚ୍ଚ ଆଦିକୁ କୋଭିଡ୍ କେୟାର ସେଣ୍ଟରରେ ପରିବର୍ତ୍ତନ ଲାଗି ପ୍ରସ୍ତୁତ ରଖ



ନେବାକୁ ସେ କେନ୍ଦ୍ର, ରାଜ୍ୟ ଓ ସମସ୍ତ ପୋଲିସ ମହାନିର୍ଦ୍ଦେଶକମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

ଅସୁବିଧାରେ ପଡ଼ି କୌଣସି ନାଗରିକ ପୋଷ୍ଟ କରିଥିବା ବାର୍ତ୍ତା ଉପରେ ଯଦି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ, ତେବେ ତାହାକୁ ଆମେ ଅଦାଲତ ଅବମାନନା ଭାବେ ଗ୍ରହଣ କରିବୁ ବୋଲି ଖଣ୍ଡପୀଠ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ ସାମାଜିକ ଗଣମାଧ୍ୟମ ଜରିଆରେ ମିଥ୍ୟା ଭୟ ସୃଷ୍ଟି କରାଯାଉଥିବା ଅଭିଯୋଗରେ ଉତ୍ତରପ୍ରଦେଶ ପ୍ରଶାସନ କେତେଜଣଙ୍କ ବିରୋଧରେ ଜାତୀୟ ନିରାପତ୍ତା ଆଇନ (ଏନ୍‌ଏସ୍‌ଏ)ରେ ମାମଲା ରୁଜୁ କରିଥିଲେ।

କୋଭିଡ୍-୧୯ ପରିଚାଳନାରେ ଜାତୀୟ ନୀତି ପ୍ରସ୍ତୁତି ଲାଗି ସର୍ବୋଚ୍ଚ ଅଦାଲତ ନିଜ ଆଡୁ ମାମଲାର ଶୁଣାଣି କରିଥିଲେ। ଦେଶରେ ଏବେ ଅକ୍ସିଜେନ୍‌ର ଘୋର ଅଭାବ ସୃଷ୍ଟି ହୋଇଛି। ଅତ୍ୟଧିକ ସଂକ୍ରମିତ ରାଜ୍ୟଗୁଡ଼ିକର ଅମ୍ଳଜାନ ଚାହିଦା ପୂରଣ ଲାଗି କେନ୍ଦ୍ର ସରକାର କିଭଳି ବ୍ୟବସ୍ଥା ଗ୍ରହଣ କରିଛନ୍ତି, ଜଣାଇବା ପାଇଁ ଅଦାଲତ କହିଥିଲେ। ଦେଶରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏପରିକି ସ୍ୱାସ୍ଥ୍ୟ କର୍ମଚାରୀ ଓ ଆଗଧାଡ଼ିର କର୍ମୀମାନଙ୍କ ଚିକିତ୍ସା ଲାଗି ବେଡ୍ ମିଳୁନାହିଁ। ଗତ ୭୦ ବର୍ଷ ମଧ୍ୟରେ ଦେଶରେ ସୃଷ୍ଟି ହୋଇଥିବା ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ବର୍ତ୍ତମାନର ଗମ୍ଭୀର ସ୍ଥିତି ସମୟରେ ପର୍ଯ୍ୟାପ୍ତ ହେଉ ନ ଥିବା ଖଣ୍ଡପୀଠ ☞ପୃଷ୍ଠା-୪

## କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ୧୦ ପ୍ରଶ୍ନ

**ନୂଆଦିଲ୍ଲୀ, ୩୦।୪(ପି.ଟି.)**

କୋଭିଡ୍ ଟିକା ଉତ୍ପାଦନକାରୀ କମ୍ପାନୀରେ ସରକାର ଅର୍ଥ ବିନିଯୋଗ କରିଥିବାରୁ ଟିକା ସର୍ବସାଧାରଣ ସାମଗ୍ରୀ ବୋଲି ସୁପ୍ରିମକୋର୍ଟ କହିଛନ୍ତି। କେନ୍ଦ୍ର ସରକାର ଜାତୀୟ ଟିକାକରଣ କାର୍ଯ୍ୟକ୍ରମ ନୀତି କାହିଁକି ଆପଣାଉ ନାହାନ୍ତି ଏବଂ ୧୦୦ ପ୍ରତିଶତ ଟିକା କ’ଣ ପାଇଁ କିଣୁନାହାନ୍ତି ବୋଲି ସର୍ବୋଚ୍ଚ ଅଦାଲତ ପ୍ରଶ୍ନ କରିଛନ୍ତି। ସୁପ୍ରିମକୋର୍ଟ କେନ୍ଦ୍ରକୁ ପଚାରିଥିବା ୧୦ଟି ପ୍ରଶ୍ନ ନିମ୍ନରେ ଦିଆଗଲା।

**୧୦୦% ଟିକା କିଣିବନି କାହିଁକି**

- କୋଭିଡ୍-୧୯ ସଂସ୍ପର୍ଶରେ ଆସୁଥିବା ସ୍ୱାସ୍ଥ୍ୟସେବା କର୍ମଚାରୀମାନଙ୍କ ଚିକିତ୍ସା ପାଇଁ କ’ଣ କରିଛ?
- ଟିକା କମ୍ପାନୀରେ କେନ୍ଦ୍ର ସରକାର କେତେ ଟଙ୍କା ବିନିଯୋଗ କରିଛନ୍ତି ଓ ଗତବର୍ଷ କେତେ ଅଗ୍ରିମ ଦେଇଛନ୍ତି? ଟିକା ବିକଶିତ କରିବାରେ ଗବେଷଣା ବାବଦକୁ କେନ୍ଦ୍ର ସରକାରଙ୍କ ଆର୍ଥିକ ଅବଦାନ କେତେ ରହିଛି?
- ଅକ୍ସିଜେନ୍ ଆବଣ୍ଟନ ସମ୍ପର୍କରେ ପ୍ରତି ମୁହୂର୍ତ୍ତର ତଥ୍ୟ ଦେଖାଇବା ପାଇଁ ବ୍ୟବସ୍ଥା କରାଯାଇପାରିବ କି?
- ତୃତୀୟ ପର୍ଯ୍ୟାୟରେ ଟିକା ନେବା ପାଇଁ କୋୱିନ ପୋର୍ଟାଲରେ ପଞ୍ଜୀକରଣ ବାଧ୍ୟତାମୂଳକ ହୋଇଥିବାବେଳେ ନିରକ୍ଷର ବ୍ୟକ୍ତି ଏବଂ ଯେଉଁମାନଙ୍କ ପାଖରେ ଇଣ୍ଟରନେଟ ସେବା ଉପଲବ୍ଧ ନାହିଁ ସେମାନଙ୍କ ପଞ୍ଜୀକରଣ ସମ୍ପର୍କରେ କେନ୍ଦ୍ର କିପରି ନିଶ୍ଚିତ ହେବ?
- ଟିକା ନେବାରେ ଗୋଟିଏ ରାଜ୍ୟ ତୁଳନାରେ ଅନ୍ୟ ରାଜ୍ୟକୁ ପ୍ରାଥମିକତା ମିଳିବ କି?
- କେନ୍ଦ୍ର ମାତ୍ର ୫୦% ଟିକା କିଣୁଥିବାବେଳେ ଘରୋଇ ଟିକା କମ୍ପାନୀର ନିରପେକ୍ଷତାକୁ ନେଇ କିପରି ସୁନିଶ୍ଚିତ ହେବ?
- ରୟାଲ୍‌ଟି କମିଲେ ମଧ୍ୟ ଔଷଧ ଉତ୍ପାଦନ ଯେପରି ହୋଇପାରିବ, ସେ ନେଇ କେନ୍ଦ୍ର ସରକାର ରୋଗୀ ଆଇନର ଧାରା ୯୨ ଲାଗୁ କରିବା ଏବଂ ବାଧ୍ୟତାମୂଳକ ଲାଇସେନ୍ସ ଇସ୍ୟୁ ସମ୍ପର୍କରେ ବିଚାର କରୁଛି କି?
- କୋଭିଡ୍-୧୯ର ମ୍ୟୁଟାଣ୍ଟ ଚିହ୍ନଟ କରିବା ଲାଗି ଲାବରେଟୋରିଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି କି?
- ହସ୍ପିଟାଲ ଦେୟ ନିୟନ୍ତ୍ରଣ ପାଇଁ କ’ଣ ପଦକ୍ଷେପ ନିଆଯାଇଛି? ଏଥିପାଇଁ ଜାତୀୟ ନୀତି ରହିଛି କି?
- ଆଷ୍ଟ୍ରାଜେନିକା ଆମେରିକା ନାଗରିକଙ୍କୁ କମ୍ ଦାମ୍‌ରେ ଟିକା ଯୋଗାଉଥିବାବେଳେ ଆମେ କାହିଁକି ଅଧିକ ଗଣିବୁ?

## ମେ, ଜୁନ୍‌ରେ ହିତାଧିକାରୀଙ୍କୁ ମାଗଣା ୫ କେଜି ଚାଉଳ

**ଭୁବନେଶ୍ୱର,୩୦।୪(ବ୍ୟୁରୋ)**

କୋଭିଡ୍ ଦ୍ୱିତୀୟ ଲହରଜନିତ ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କ ଲାଗି ସରକାର ବଡ଼ଧରଣର ପଦକ୍ଷେପ ନେଇଛନ୍ତି। ସେମାନଙ୍କ ସକାଶେ ମେ’ ମାସରୁ ଅତିରିକ୍ତ ୫ କେଜି ଚାଉଳ ମାଗଣାରେ ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ମେ ଓ ଜୁନ୍ ମାସ ପାଇଁ ହିତାଧିକାରୀମାନେ ମାଗଣାରେ ଅତିରିକ୍ତ ୫ କେଜି ଲେଖାଏ ଚାଉଳ ପାଇବେ। ଏହାଦ୍ୱାରା ୯୨ଲକ୍ଷ ହିତାଧିକାରୀ ଉପକୃତ ହେବେ । ରାଜ୍ୟ ସରକାର ଏ ବାବଦରେ ସମ୍ପୂର୍ଣ୍ଣ ଖର୍ଚ୍ଚ ବହନ କରିବେ।

# ଜାତିସଂଘ ସହାୟତାକୁ ଭାରତର ନା

**ଜାତିସଂଘ/ନୂଆଦିଲ୍ଲୀ, ୩୦।୪**

କରୋନା ଭାଇରସ୍‌ର କ୍ରମବର୍ଦ୍ଧିଷ୍ଣୁ ସଂକ୍ରମଣକୁ ଭାରତ ସମ୍ଭାଳିପାରୁ ନାହିଁ। ଦେଶର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଭୁଶୁଡ଼ିପଡ଼ିଲାଣି। କୋଭିଡ୍ ରୋଗୀ ଅକ୍ସିଜେନ୍, ଭାକ୍ସିନ ଓ ଜୀବନ ରକ୍ଷାକାରୀ ଇଞ୍ଜେକ୍ସନ ନ ପାଇ ମରୁଥିବାରୁ ଏସବୁ ପାଇଁ ଅନ୍ୟ ଦେଶଗୁଡ଼ିକ ଉପରେ ନିର୍ଭର କରିବାକୁ ପଡ଼ିଲାଣି। ହେଲେ କେନ୍ଦ୍ରୀୟ ନେତୃତ୍ୱଙ୍କ ଲୋକଦେଖାଣିଆ ଟାଣପଟ ଯାଇନାହିଁ। ଜାତିସଂଘ ଭାରତକୁ ସହାୟତାର ହାତ ବଢ଼ାଇଥିବାବେଳେ ନୂଆଦିଲ୍ଲୀ ତାକୁ ଗ୍ରହଣ କରିବାକୁ ମନା କରିଦେବା ବିଷୟରୁ ଏହା ସ୍ପଷ୍ଟ ହୋଇଛି।




ଭାରତରେ ସପ୍ତାହେରୁ ଅଧିକ ସମୟ ଧରି ଲଗାତର ଭାବେ ଦୈନିକ ସଂକ୍ରମଣ ୩ ଲକ୍ଷରୁ ଅଧିକ ରହୁଛି। ମୃତ୍ୟୁସଂଖ୍ୟା ମଧ୍ୟ ୩ ହଜାର ଟପୁଛି। ଏଭଳି ସ୍ଥିତିରେ ଦେଶର ଦୁରାବସ୍ଥାକୁ

**ଅବସ୍ଥା ଅସମ୍ଭାଳ**

ଦେଖି କରୋନା ଭାଇରସ୍ ମୁକାବିଲା ଲାଗି ଭାରତକୁ ସମନ୍ୱିତ ଶୃଙ୍ଖଳ ଯୋଗାଣ ନିମନ୍ତେ ଜାତିସଂଘ ଆଗ୍ରହ ପ୍ରକାଶ କରିଥିଲା, ଯାହାକୁ ଗ୍ରହଣ କରିବାକୁ ନୂଆଦିଲ୍ଲୀ ମନା କରିଦେଇଛି। ଏନେଇ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍‌ଙ୍କ ଉପମୁଖପାତ୍ର ଫାରାନ୍ ହକ୍ କହିଛନ୍ତି, କୋଭିଡ୍ ସମ୍ପର୍କୀତ ସମନ୍ୱିତ ଯୋଗାଣ ଶୃଙ୍ଖଳ ସହାୟତା ଦେବାକୁ ଆମେ ପ୍ରସ୍ତୁତ। କିନ୍ତୁ ଭାରତ କରୋନା ମୁକାବିଲା ପାଇଁ ନିଜର ମଜଭୁତ ବ୍ୟବସ୍ଥା ଥିବା ଦର୍ଶାଇଛି। ଭାରତରେ ଥିବା ଜାତିସଂଘର ଅନ୍ତର୍ଜାତୀୟ ଓ ସ୍ଥାନୀୟ ସ୍ତରର ଖୁବ୍ କମ୍ କର୍ମଚାରୀ ସଂକ୍ରମିତ ହୋଇଛନ୍ତି। ଭାରତୀୟ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଉପରେ ଯେପରି ଚାପ ନ ପଡ଼ିବ ସେଥିଲାଗି ଜାତିସଂଘ ସେମାନଙ୍କ କଥା ବୁଝୁଛି। ☞ପୃଷ୍ଠା-୪




# ଆଜି ଅଳ୍ପ କେତେକଙ୍କୁ ମିଳିବ ଟିକା

**ଭୁବନେଶ୍ୱର,୩୦।୪(ବ୍ୟୁରୋ)**

- **ପହଞ୍ଚିଲା ୧.୫ ଲକ୍ଷ କୋଭାକ୍ସିନ ଡୋଜ୍**
- **ମେ’ ୩ରୁ ୧୮ରୁ ୪୪ ବର୍ଗଙ୍କୁ ଟିକାକରଣ**

ମେ’ ପହିଲାରୁ ୧୮ରୁ ୪୪ ବର୍ଷ ବ୍ୟକ୍ତିଙ୍କ ଟିକାକରଣକୁ ନେଇ ରହିଥିବା ଦ୍ୱନ୍ଦ୍ୱ ଦୂର ହୋଇଛି। ରାଜ୍ୟ ସରକାର ୧୮ରୁ ୪୪ ବର୍ଷ ବର୍ଗଙ୍କ ଟିକାକରଣ ଅର୍ଡର ଦେଇଥିବା ୧.୫ ଲକ୍ଷ କୋଭାକ୍ସିନ ଡୋଜ୍ ଶୁକ୍ରବାର ରାତି ୯ଟାରେ ଭୁବନେଶ୍ୱରରେ ପହଞ୍ଚିଛି। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମେ’ ୩ ତାରିଖରୁ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରୁ ୧୮ରୁ ୪୪ ବର୍ଷ ବର୍ଗର ବ୍ୟକ୍ତିଙ୍କୁ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ତେବେ ଶନିବାର ସହରାଞ୍ଚଳଗୁଡ଼ିକ ଶଟ୍‌ଡାଉନ ଥିବାରୁ ରାଜ୍ୟରେ ୧୮ରୁ ୪୪ ବର୍ଷ ବର୍ଗର ଅଳ୍ପ କେତେକ ଲୋକଙ୍କୁ ସାଙ୍କେତିକ ଭାବେ ଟିକା ଦିଆଯିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଏସିଏସ୍) ପ୍ରଦୀପ୍ତ କୁମାର ମହାପାତ୍ର ସୂଚନା ଦେଇଛନ୍ତି। ଟିକା ପହଞ୍ଚିବା ପୂର୍ବରୁ ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇ ପ୍ରଦୀପ୍ତ କହିଥିଲେ ଯେ ରାଜ୍ୟରେ ପ୍ରାୟ ୧.୯୩ କୋଟି ୧୮ରୁ ୪୪ ବର୍ଷର ଲୋକ ଅଛନ୍ତି। ସମସ୍ତଙ୍କୁ ମାଗଣାରେ ଟିକା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଟିକା ପାଇଁ ଦୁଇଟି କମ୍ପାନୀକୁ ରାଜ୍ୟ ସରକାର ଅର୍ଡର କରିଛନ୍ତି। ଆମ ପାଖରେ ଟିକା କେବେ ପହଞ୍ଚିବ ସେ ନେଇ କିଛି ସ୍ପଷ୍ଟ ସୂଚନା ମିଳିନାହିଁ। ଟିକା ପହଞ୍ଚିଲେ ୧୮ରୁ ୪୪ ବର୍ଷ ☞ପୃଷ୍ଠା-୪




**ବାର୍ତ୍ତା**

DADLS - 04

‘ମଇ ଦିବସ’ ଅବସରରେ ମୁଁ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ନିଜ ନିଜ ପରିସରରେ ପ୍ରତ୍ୟେକ ନିଷ୍ଠାପର ଭାବେ କର୍ମ କରି ନିଜ ପାଇଁ ତଥା ରାଜ୍ୟ ପାଇଁ ଗର୍ବ ଓ ଗୌରବର କାରଣ ହେବା ନିମନ୍ତେ ମୁଁ ଆହ୍ୱାନ ଜଣାଉଛି ।

‘କରୋନା’ ମହାମାରୀ ବିରୋଧରେ ଓଡ଼ିଶାର ଲଢ଼େଇରେ ସାମିଲ ହୋଇ ଧୈର୍ଯ୍ୟ ଓ ସାହସର ସହ ମୁକାବିଲା କରିବା ସହିତ ରାଜ୍ୟର ପ୍ରଗତିରେ କ୍ରିୟାଶୀଳ ଭୂମିକା ନିର୍ବାହ ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରୁଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

OIPR-15001/13/0006/2122



**ମଇ ଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା**

DADLS - 04

ମଇ ଦିବସ ଅବସରରେ ଓଡ଼ିଶାର ଶ୍ରମିକ ଭାଇଭଉଣୀମାନଙ୍କୁ ମୋର ଶୁଭକାମନା ଜଣାଉଛି ଏବଂ ଶ୍ରମିକ ସମାଜର କଲ୍ୟାଣ ଓ ସର୍ବାଙ୍ଗୀନ ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାର ପୁନଃଘୋଷଣା କରୁଛି ।

କରୋନା ସଂକ୍ରମଣକୁ ରୋକିବା ପାଇଁ ସରକାରଙ୍କ ନିୟମକୁ ଠିକ୍ ଭାବରେ ପାଳନ କରନ୍ତୁ । ସବୁବେଳେ ମାସ୍କ ପିନ୍ଧନ୍ତୁ ଓ ସାମାଜିକ ଦୂରତ୍ୱ ନିୟମକୁ ନିଶ୍ଚୟ ପାଳନ କରନ୍ତୁ ।

(ନବୀନ ପଟ୍ଟନାୟକ)
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0006/2122



**ବାର୍ତ୍ତା**

DADLS - 04

ମଇ ପହିଲା ‘ଶ୍ରମିକ ଦିବସ’ ଅବସରରେ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ସମ୍ପ୍ରତି କରୋନା ମହାମାରୀ ସ୍ଥିତିରେ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକା ସଠିକ ଭାବେ ଅନୁପାଳନ ପୂର୍ବକ ସେମାନେ ନିଜ ନିଜ କ୍ଷେତ୍ରରେ ନିଷ୍ଠାପର ଭାବେ କାର୍ଯ୍ୟ କରି ସମୃଦ୍ଧ ଓଡ଼ିଶା ଗଠନରେ ଅଂଶୀଦାର ହେବେ ବୋଲି ଆଶା କରୁଛି ।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

OIPR-15001/13/0006/2122

## ସଂକ୍ଷେପରେ

### ଦିନକରେ ୩.୮୬ ଲକ୍ଷ ସଂକ୍ରମିତ

**ନୂଆଦିଲ୍ଲୀ, ୩୦।୪:** ଦେଶରେ ଗତ ୨୪ ଘଣ୍ଟା ମଧ୍ୟରେ ୩,୮୬,୪୫୨ କରୋନା ସଂକ୍ରମିତ ହୋଇଛନ୍ତି, ଯାହା କି ଗୋଟିଏ ଦିନରେ ସର୍ବାଧିକ ସଂକ୍ରମଣ। ଏହାକୁ ମିଶାଇ ଭାରତରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧,୮୭,୬୨,୯୭୬ରେ ପହଞ୍ଚିଛି। ସେହିପରି ସକ୍ରିୟ ମାମଲା ସଂଖ୍ୟା ଶୁକ୍ରବାର ସକାଳ ସୁଦ୍ଧା ୩୧ ଲକ୍ଷ ଅତିକ୍ରମ କରିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ଗୋଟିଏ ଦିନରେ ୩,୪୯୮ ଜଣଙ୍କର କରୋନାରେ ମୃତ୍ୟୁ ଘଟିଥିବାବେଳେ ମୋଟ ମୃତ୍ୟୁସଂଖ୍ୟା ୨,୦୮,୩୩୦ରେ ପହଞ୍ଚିଲାଣି। ସକ୍ରିୟ ମାମଲା ସଂଖ୍ୟା କ୍ରମାଗତ ବୃଦ୍ଧି ପାଇ ୩୧,୭୦,୨୨୮ରେ ପହଞ୍ଚିଛି, ଯାହା କି ମୋଟ ସଂକ୍ରମଣର ୧୬.୯୦ ପ୍ରତିଶତ।

### କରୋନାରେ ସାମ୍ବାଦିକ ରୋହିତ ସର୍ଦାନାଙ୍କ ପରଲୋକ



**ନୂଆଦିଲ୍ଲୀ, ୩୦।୪:** ଟେଲିଭିଜନ ସାମ୍ବାଦିକ ତଥା ବରିଷ୍ଠ ଆଙ୍କର ରୋହିତ ସର୍ଦାନାଙ୍କର ଶୁକ୍ରବାର ନୋଇଡାର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ସେ କରୋନାରେ ଆକ୍ରାନ୍ତ ଥିଲେ। ଅବସ୍ଥା ଗୁରୁତର ହେବାରୁ ଗୁରୁବାର ରାତିରେ ତାଙ୍କୁ ନୋଇଡାର ମେଟ୍ରୋ ମଲ୍ଟିସ୍ପେଶିଆଲିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ସମୟରେ ହୃଦ୍‌ଘାତ ହେବାରୁ ତାଙ୍କର ମୃତ୍ୟୁ ଘଟିଲା ବୋଲି କୁହାଯାଉଛି। ରୋହିତଙ୍କୁ ୪୧ ବର୍ଷ ହୋଇଥିଲା। ଆଜତକ୍‌ର ଏହି ଷ୍ଟାର ଆଙ୍କର ଥିବା ରୋହିତ ଲୋକପ୍ରିୟ ଶୋ' 'ଡଙ୍ଗଲ'ର ଉପସ୍ଥାପନା କରୁଥିଲେ। ୨୦୧୮ରେ ସରକାର ତାଙ୍କୁ ଗଣେଶ ଶଙ୍କର ବିଦ୍ୟାର୍ଥୀ ପୁରସ୍କାରରେ ସମ୍ମାନିତ କରିଥିଲେ। ଏହା ବ୍ୟତୀତ ଶ୍ରେଷ୍ଠ ଉପସ୍ଥାପକ ଭାବେ ତାଙ୍କୁ ଏନ୍‌ଟି ପୁରସ୍କାର ଏବଂ ଇଏନ୍‌ବିଏ ପୁରସ୍କାର ମିଳିଥିଲା। ତାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ରାଜନେତା ଓ ଗଣମାଧ୍ୟମର ବିଶିଷ୍ଟ ବ୍ୟକ୍ତିମାନେ ଶୋକବ୍ୟକ୍ତ କରିଛନ୍ତି। ସାମ୍ବାଦିକତା ଜଗତରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହେଲା ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି।

### ଦିଲ୍ଲୀ ଉପରାଜ୍ୟପାଳ ସଂକ୍ରମିତ



**ନୂଆଦିଲ୍ଲୀ, ୩୦।୪(ପି.ଟି.):** ଦିଲ୍ଲୀ ଉପରାଜ୍ୟପାଳ (ଏଲ୍‌ଜି) ଅନିଲ ବୈଜାଲ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେ ନିଜ ବାସଭବନରେ ଆଇସୋଲେଶନରେ ରହିଥିବାବେଳେ ଦିଲ୍ଲୀ ସ୍ଥିତି ଉପରେ ନଜର ରଖିଥିବା କହିଛନ୍ତି। ତାଙ୍କଠାରେ ସାମାନ୍ୟ ଲକ୍ଷଣ ଦେଖାଦେବା ପରେ ସେ କୋଭିଡ୍ ପରୀକ୍ଷା କରାଇଥିଲେ। ତାଙ୍କ ସଂସ୍ପର୍ଶରେ ଆସିଥିବା ଅନ୍ୟମାନେ ମଧ୍ୟ କୋଭିଡ୍ ପରୀକ୍ଷା କରାଇ ନେଇଛନ୍ତି। ବୈଜାଲ ଓ ତାଙ୍କ ସ୍ତ୍ରୀ ଗତ ମାସରେ କୋଭିଡ୍ ଟିକାର ପ୍ରଥମ ଡୋଜ୍ ନେଇଥିଲେ।



ମାଡ୍ରାସ୍ ହାଇକୋର୍ଟ



ନୋଭେଲ କରୋନା ଭାଇରସ୍‌ର ଦ୍ୱିତୀୟ ଲହର ଭାରତକୁ ଆଣିଛି ମହାବିପତ୍ତି। ୧୦ରୁ ଊର୍ଦ୍ଧ୍ୱ ରାଜ୍ୟରେ ଅଣାୟତ୍ତ ସ୍ଥିତି। ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ। ହସ୍ପିଟାଲରେ ଶଯ୍ୟାଠୁ ନେଇ ଅକ୍ସିଜେନ, ରେମ୍‌ଡେସିଭିର ଭଳି ଜରୁରୀ ଇଞ୍ଜେକ୍ସନ ଓ ଜୀବନ ରକ୍ଷାକାରୀ ଔଷଧର ଘୋର ଅଭାବ କଳାବଜାରକୁ ପ୍ରୋତ୍ସାହନ ଦେଇଛି। ସଂକ୍ରମିତ ପରିଜନଙ୍କୁ ବଞ୍ଚାଇବା ପାଇଁ ସମ୍ପର୍କୀୟମାନେ ବହୁଗୁଣା ଅଧିକ ମୂଲ୍ୟ ଦେଇ ଜରୁରୀ ସାମଗ୍ରୀ କିଣିବାକୁ ବାଧ୍ୟ ହେଉଛନ୍ତି। ତଥାପି ଦେଶରେ ଦୈନିକ ୩ ହଜାରରୁ ଅଧିକ ରୋଗୀଙ୍କ ଜୀବନ ଯାଉଛି। ଏପରି କି ଶ୍ମଶାନରେ ବି ସେମାନଙ୍କୁ ଜାଗା ମିଳୁନାହିଁ। କେନ୍ଦ୍ର ସମେତ ରାଜ୍ୟ ସରକାରମାନେ ହାତ ଟେକିଦେଇ ବସିଯାଇଛନ୍ତି। କେନ୍ଦ୍ରୀୟ ଅପାରଗତା ଓ ପ୍ରଶାସନିକ ବିଫଳତା ଯୋଗୁ ନାହିଁ ନାହିଁରେ ଭୁଶୁଡ଼ିପଡ଼ିଛି ତମାମ ବ୍ୟବସ୍ଥା। ଏଭଳି ସମୟରେ ନାଗରିକଙ୍କୁ ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାର ସୁନିଶ୍ଚିତ କରିବା ପାଇଁ ଆଗେଇ ଆସିଛି ନ୍ୟାୟପାଳିକା। ବିଶେଷକରି ବିଭିନ୍ନ ରାଜ୍ୟର ହାଇକୋର୍ଟ ତତ୍ପର ହୋଇ ଯୁଦ୍ଧକାଳୀନ ଭିତ୍ତିରେ ସ୍ଥିତି ସୁଧାରିବା ପାଇଁ ସରକାରମାନଙ୍କୁ ତାଗିଦ ସହ ଭର୍ତ୍ସନା କରିଛନ୍ତି। ତଥାପି ସ୍ଥିତିରେ ଆଦୌ ସୁଧାର ଆସୁ ନ ଥିବା ଦେଖି ଅଦାଲତଗୁଡ଼ିକ ନିଜ ଆଡୁ ମାମଲା ରୁଜୁ କରି ବୃହତ୍ ଜନସ୍ୱାର୍ଥରେ ଶାସନ ବ୍ୟବସ୍ଥାକୁ ହାତକୁ ନେବାରେ ଲାଗିଛନ୍ତି।

## ମହାମାରୀରେ ମହାସଙ୍କଟ

# ସରକାର ନୁହେଁ, ଅଦାଲତ ଭରସା

ନୂଆଦିଲ୍ଲୀ,୩୦।୪

### ଇସି ହତ୍ୟାକାରୀ: ମାଡ୍ରାସ୍ ହାଇକୋର୍ଟ

ନିର୍ବାଚନ ଆୟୋଗ କୋଭିଡ୍-୧୯ ସଂକ୍ରମଣ ବିସ୍ତାର କରିଛନ୍ତି। ତେଣୁ କମିଶନଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରାଯିବା ଉଚିତ ବୋଲି ଏପ୍ରିଲ ୨୬ରେ ମାଡ୍ରାସ୍ ହାଇକୋର୍ଟ ଭର୍ତ୍ସନା କରିଥିଲେ। ଏହାସହ ଦାୟିତ୍ୱହୀନତା ପାଇଁ ନିର୍ବାଚନ କମିଶନଙ୍କୁ ହତ୍ୟାକାରୀ ଅଭିହିତ କରିଥିଲେ। ଆୟୋଗ ଏକ ବ୍ଲୁପ୍ରିଣ୍ଟ ନେଇ ନ ଆସିଲେ ଭୋଟ ଗଣତିକୁ ବନ୍ଦ କରିଦିଆଯିବ ବୋଲି ମୁଖ୍ୟ ବିଚାରପତି ସଞ୍ଜୀବ ବାନାର୍ଜୀ ଓ ଜଷ୍ଟିସ୍ ସେନ୍ଥିଲକୁମାର ରାମାମୂର୍ତ୍ତିଙ୍କୁ ନେଇ ଗଠିତ ଖଣ୍ଡପୀଠ ଚେତାବନୀ ଦେବା ପରେ ଇସି ବିଜୟୀ ପ୍ରାର୍ଥୀଙ୍କ ଶୋଭାଯାତ୍ରା ଉପରେ କଟକଣା ଜାରି କରିଛନ୍ତି। ଏହାସହ ଗଣତି କେନ୍ଦ୍ରକୁ ଯିବା ପାଇଁ ପ୍ରାର୍ଥୀ ଓ ତାଙ୍କ ଏଜେଣ୍ଟଙ୍କୁ ଆର୍‌ଟି-ପିସିଆର୍ ନେଗେଟିଭ୍ ରିପୋର୍ଟ ନେଇ ଯିବାକୁ ପଡ଼ିବ ବୋଲି ଇସି ନିର୍ଦ୍ଦେଶ ଦେଇଛନ୍ତି।

### ଲୋକଙ୍କ ଜୀବନ ରକ୍ଷାରେ ରାଷ୍ଟ୍ର ବିଫଳ: ଦିଲ୍ଲୀ ହାଇକୋର୍ଟ

ସମ୍ବିଧାନର ଅନୁଚ୍ଛେଦ ୨୧ ଅନୁସାରେ ନାଗରିକମାନଙ୍କ ଜୀବନ ରକ୍ଷା ରାଷ୍ଟ୍ରର କର୍ତ୍ତବ୍ୟ। କିନ୍ତୁ ଏଥିରେ ରାଷ୍ଟ୍ର ବିଫଳ ହୋଇଛି। ଲୋକଙ୍କ ଜୀବନ ରକ୍ଷା କରିପାରୁ ନାହିଁ ବୋଲି ଶୁକ୍ରବାର ଦିଲ୍ଲୀ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଜଣେ କୋଭିଡ୍ ରୋଗୀ ୩ ଦିନ ହେଲା ଆଇସିୟୁ ବେଡ୍ ପାଇଁ ନୟାନ୍ତ ହେବା ପରେ ତାଙ୍କ ମୃତ୍ୟୁ ଘଟିଛି। ଏନେଇ ପରିବାର ଲୋକେ ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି। ଏହାକୁ ନେଇ ଜଷ୍ଟିସ୍ ବିପିନ ସାଙ୍ଘି ଓ ରେଖା ପାଲ୍ଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଦେଶର ଅସହାୟ ଅବସ୍ଥାକୁ ନେଇ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଭଳି ରାଜ୍ୟକୁ ଚାହିଦା ତୁଳନାରେ ଅଧିକ ଅକ୍ସିଜେନ୍ ଯୋଗାଇ ଦିଆଯାଇଥିବାବେଳେ ଜାତୀୟ ରାଜଧାନୀ ଦିଲ୍ଲୀକୁ ଆବଶ୍ୟକ ପରିମାଣଠାରୁ କମ୍ ଦିଆଯାଇଥିବାରୁ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି।

### ସରକାର ଗୋଲାପୀ ଚିତ୍ର ଦେଖାଉଛନ୍ତି: ଗୁଜରାଟ ହାଇକୋର୍ଟ

ରାଜ୍ୟରେ ଭୂତାଣୁ ସଂକ୍ରମଣ ବୃଦ୍ଧି ସଂକ୍ରାନ୍ତରେ ହାଇକୋର୍ଟ ନିଜ ଆଡୁ ଏକ ପିଆଇଏଲ୍ ରୁଜୁ କରିଛନ୍ତି। କହିଛନ୍ତି, ରାଜ୍ୟ ସରକାର ବାସ୍ତବ ସ୍ଥିତିକୁ ସାମ୍ନାକୁ ଆଣୁନାହାନ୍ତି। ସରକାରଙ୍କ ସତ୍ୟପାଠ ଗୋଲାପୀ ଚିତ୍ର ଦେଖାଉଛି। ହସ୍ପିଟାଲଗୁଡ଼ିକରେ ଅକ୍ସିଜେନ ମିଳୁନି। ଲୋକେ ଅମ୍ଳଜାନ ନ ପାଇ ମରୁଥିବାବେଳେ ତାଙ୍କ ସମ୍ପର୍କୀୟ ସିଲିଣ୍ଡର ପିଛା ୧୦ ଗୁଣା ଅଧିକ ଟଙ୍କା ଗଣୁଛନ୍ତି। ସରକାର କ'ଣ କରୁଛନ୍ତି ବୋଲି ମୁଖ୍ୟ ବିଚାରପତି ବିକ୍ରମ ନାଥଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି।

### ୮ ପର୍ଯ୍ୟାୟ ନିର୍ବାଚନ କାହିଁକି: କଲିକତା ହାଇକୋର୍ଟ



ଦେଶରେ କରୋନା ଭାଇରସ୍ ବ୍ୟାପିବାରେ ଲାଗିଥିବାବେଳେ ସରକାର ଓ ନିର୍ବାଚନ କମିଶନ(ଇସି)ଙ୍କୁ ଦାୟୀ କରି ସର୍ବାଧିକ ଚର୍ଚ୍ଚାରେ ରହିଛନ୍ତି ମାଡ୍ରାସ, କଲିକତା ଓ ଦିଲ୍ଲୀ ହାଇକୋର୍ଟ। ପ୍ରତିଦିନ ଲକ୍ଷ ଲକ୍ଷ ଲୋକ ଆକ୍ରାନ୍ତ ହେଉଛନ୍ତି ଓ ହଜାର ହଜାର ଜୀବନ ଯାଉଛି। ଏଭଳି ସମୟରେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନକୁ ୮ ପର୍ଯ୍ୟାୟରେ କରାଯିବାକୁ ନେଇ କଲିକତା ହାଇକୋର୍ଟ ଏପ୍ରିଲ ୨୨ରେ ଇସିଙ୍କୁ ଭର୍ତ୍ସନା କରିଥିଲେ। ମୁଖ୍ୟ ବିଚାରପତି ଟିବିଏନ୍ ରାଧାକ୍ରିଷ୍ଣନ୍ ଓ ଜଷ୍ଟିସ୍ ଅରିଜିତ ବାନାର୍ଜୀଙ୍କୁ ନେଇ ଗଠିତ ଖଣ୍ଡପୀଠ ମେ' ୨ରେ ହେବାକୁ ଥିବା ଭୋଟ ଗଣତି ବେଳେ ଗହଳି ଏଡ଼ାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଜୟୀ ପ୍ରାର୍ଥୀ ଇସିଙ୍କ ନିକଟକୁ ବିଜୟ ପ୍ରମାଣପତ୍ର ଆଣିବାକୁ ଯିବାବେଳେ ତାଙ୍କ ସହ ସର୍ବାଧିକ ୨ ଜଣ ସମର୍ଥକ ଯାଇପାରିବେ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚନ ବେଳେ କରୋନା ଭାଇରସ୍ ଗାଇଡ୍‌ଲାଇନ୍‌କୁ କାର୍ଯ୍ୟକାରୀ କରାଇବାରେ ଇସି ବିଫଳ ହୋଇଥିବା ଦର୍ଶାଇ ଦାଏର ଏକାଧିକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)ର ଶୁଣାଣି କରି ଏପ୍ରିଲ ୨୭ରେ ଏହି ନିର୍ଦ୍ଦେଶ ଦେଇଛନ୍ତି। ଫଳାଫଳ ଆସିବା ପରେ କୌଣସି ବିଜୟୀ ପ୍ରାର୍ଥୀ ଶୋଭାଯାତ୍ରା କରିପାରିବେ ନାହିଁ ବୋଲି ହାଇକୋର୍ଟ କଡ଼ା କଟକଣା ଜାରି କରିଛନ୍ତି। ମେ' ୩ରେ ଏହାର ପରବର୍ତ୍ତୀ ଶୁଣାଣି କରାଯିବ।

### ମୂକ ହୋଇ ରହିହେବ ନାହିଁ: ବମ୍ବେ ହାଇକୋର୍ଟ

କୋଭିଡ୍-୧୯ ରୋଗୀଙ୍କ ଚିକିତ୍ସା ଲାଗି ବ୍ୟବହାର ହେଉଥିବା ରେମ୍‌ଡେସିଭିର ଇଞ୍ଜେକ୍ସନର କଳାବଜାରକୁ ନେଇ ବମ୍ବେ ହାଇକୋର୍ଟର ନାଗପୁର ଖଣ୍ଡପୀଠ ଗୁରୁବାର ନିଜ ଆଡୁ ଏକ ଆପରାଧିକ ମାମଲା ଦାଏର କରିଛନ୍ତି। ଜଣେ ଡାକ୍ତରଙ୍କ ସମେତ ୩୨ ଜଣଙ୍କ ବିରୋଧରେ କଳାବଜାର ପାଇଁ ମାମଲା ରୁଜୁ କରାଯାଇଥିବା ସମ୍ପର୍କରେ ଏକ ସ୍ଥାନୀୟ ଖବରକାଗଜରେ ଏପ୍ରିଲ ୨୮ରେ ପ୍ରକାଶିତ ରିପୋର୍ଟ ପ୍ରକାଶ ପାଇଥିଲା। ଏଭଳି ସ୍ଥିତିରେ କୋର୍ଟ ନୀରବଦ୍ରଷ୍ଟା ସାଜି ବସିରହିବେ ନାହିଁ ବୋଲି ଜଷ୍ଟିସ୍ ଜେଡ୍.ଏ. ହକ୍ ଏବଂ ଅମିତ୍ ବି. ବୋରକାରଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ମେ' ୪ରେ ଏହାର ପରବର୍ତ୍ତୀ ଶୁଣାଣି କରାଯିବ।

### ୨ ଭାକ୍ସିନ ଦାମ୍ ଅଲଗା କାହିଁକି: ରାଜସ୍ଥାନ ହାଇକୋର୍ଟ

ଦୁଇ ଫାର୍ମା କମ୍ପାନୀ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର କୋଭିଶିଲ୍ଡ ଓ ଭାରତ ବାୟୋଟେକ୍‌ର କୋଭାକ୍ସିନ ଟିକା ମୂଲ୍ୟ କାହିଁକି ଭିନ୍ନ ବୋଲି ରାଜସ୍ଥାନ ହାଇକୋର୍ଟ ପ୍ରଶ୍ନ କରିଛନ୍ତି। ଖବରଦାତା ମୁକେଶ ଶର୍ମାଙ୍କ ପକ୍ଷରୁ ଦାଏର ଏକ ପିଆଇଏଲ୍‌ର ଶୁଣାଣି କରି ଜଷ୍ଟିସ୍ ସବିନାଙ୍କ ଖଣ୍ଡପୀଠ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଛନ୍ତି।

### 'କେନ୍ଦ୍ରର ଅଘୋଷିତ ସହଯୋଗୀ ଇସି'

ପଶ୍ଚିମବଙ୍ଗ, ତାମିଲନାଡୁ, କେରଳ, ଆସାମ ଓ ପୁଡୁଚେରୀରେ ବିଧାନସଭା ନିର୍ବାଚନ ପାଇଁ ୮୨୪ ନିର୍ବାଚନମଣ୍ଡଳୀରେ ହାଇଭୋଲ୍ଟେଜ ପ୍ରଚାର ଦେଶରେ କରୋନା ସ୍ଥିତିକୁ ସଙ୍ଗିନ କରିଛି। ବିଶେଷକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଅଧିକ କ୍ଷମତା ଲୋଭରେ ଦେଶ ପ୍ରତି ଥିବା ଉତ୍ତରଦାୟିତ୍ୱକୁ ଭୁଲିଗଲେ। ଦୈନିକ ୩ ହଜାର ଲୋକ କୋଭିଡ୍-୧୯ ଭୂତାଣୁରେ ସଂକ୍ରମିତ ହୋଇ ମୃତ୍ୟୁ ମୁଖରେ ପଡୁଥିବାବେଳେ ମଧ୍ୟ ଏହି ଦୁଇ ଭାଜପା ନେତା ତୋଫାନୀ ପ୍ରଚାର ଚଳାଇଥିଲେ। ନିର୍ବାଚନ କମିଶନ ମଧ୍ୟ ଭାଜପାର ଅଘୋଷିତ ସହଯୋଗୀ ରୂପେ କାର୍ଯ୍ୟ କରି ନିଜ ସାମ୍ବିଧାନିକ ଉତ୍ତରଦାୟିତ୍ୱକୁ ନିଭାଇଲେ ନାହିଁ ବୋଲି ତୃଣମୂଳ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଅଭିଯୋଗ ଆଣିଛନ୍ତି। କଲିକତା ଓ ମାଡ୍ରାସ୍ ହାଇକୋର୍ଟଙ୍କ କଡ଼ା ଭର୍ତ୍ସନା ପରେ ନିର୍ବାଚନ ଆୟୋଗ କିଛି ମାତ୍ରାରେ ଚେତିଲେ। କିନ୍ତୁ ବହୁ ବିଳମ୍ବ ହୋଇଗଲା। ଦେଶରେ ଗୁରୁବାର ୩,୪୯୮ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଥିବାବେଳେ ଉତ୍ତରପ୍ରଦେଶରେ ଚତୁର୍ଥ ତଥା ଅନ୍ତିମ ପର୍ଯ୍ୟାୟ ପଞ୍ଚାୟତ ଭୋଟ ଲାଗି ଧାଡ଼ିରେ ଛିଡ଼ାହୋଇଥିଲେ ୨ କୋଟି ୨୫ ଲକ୍ଷ ମତଦାତା। କେବଳ ଏହି ଦିନ ରାଜ୍ୟରେ ୩୩୨ ଜଣଙ୍କ ମୃତ୍ୟୁ ଘଟିଥିବା ଯୋଗୀ ଆଦିତ୍ୟନାଥ ସରକାର ମାନିଥିବାବେଳେ ପ୍ରକୃତ ସଂଖ୍ୟା ଢେର ଅଧିକ। ସୁପ୍ରିମକୋର୍ଟ ଶୁକ୍ରବାର ଏନେଇ ୟୁପି ସରକାର ଓ ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ନୋଟିସ କରିଛନ୍ତି। ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକରଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଶନିବାର ଏହାର ଶୁଣାଣି କରିବେ।



## କରୋନାରେ ସୋଲି ସୋରାବ୍‌ଜୀଙ୍କ ପରଲୋକ

ନୂଆଦିଲ୍ଲୀ, ୩୦।୪



ବରିଷ୍ଠ ଆଇନଜୀବୀ ତଥା ଭାରତର ପୂର୍ବତନ ଆର୍ଟର୍ନି ଜେନେରାଲ ସୋଲି ଜାହାଙ୍ଗୀର ସୋରାବ୍‌ଜୀଙ୍କର ଶୁକ୍ରବାର ସକାଳେ ପରଲୋକ ହୋଇଯାଇଛି। ତାଙ୍କୁ ୯୧ ବର୍ଷ ହୋଇଥିଲା। ସେ କରୋନା ସଂକ୍ରମିତ ହେବା ପରେ ଦକ୍ଷିଣ ଦିଲ୍ଲୀର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ପଦ୍ମ ବିଭୂଷଣ ସମ୍ମାନରେ ସମ୍ମାନିତ ସୋରାବ୍‌ଜୀ ୧୯୫୩ରେ ବମ୍ବେ ହାଇକୋର୍ଟରେ ତାଙ୍କ ଆଇନଜୀବୀ କ୍ୟାରିୟର ଆରମ୍ଭ କରିଥିଲେ। ୧୯୭୧ରେ ସୁପ୍ରିମକୋର୍ଟ ଦ୍ୱାରା ବରିଷ୍ଠ ଆଇନଜୀବୀ ମାନ୍ୟତା ପାଇବା ପରେ ୧୯୮୯ରୁ ୯୦ ଏବଂ ୧୯୯୮ରୁ ୨୦୦୪ ଆର୍ଟର୍ନି ଜେନେରାଲ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ପରଲୋକରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ, ପ୍ରଧାନ ବିଚାରପତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।



ଆମେରିକା ବାୟୁସେନାର ପ୍ରଥମ ବିମାନ ଭାରତ ପାଇଁ କୋଭିଡ୍ ରିଲିଫ ସହାୟତା ଆଣି ଶୁକ୍ରବାର ନୂଆଦିଲ୍ଲୀରେ ପହଞ୍ଚିଛି।

### 'ଶୁଟର ଦାଦି'ଙ୍କ ମୃତ୍ୟୁ



**ନୂଆଦିଲ୍ଲୀ, ୩୦।୪:** ଶୁଟର ଦାଦି ଭାବେ ପରିଚିତ ବର୍ଷୀୟାନ ସାର୍ପଶୁଟର ଚନ୍ଦ୍ରୋ ତୋମାରଙ୍କର ଶୁକ୍ରବାର ମିରଟ ମେଡିକାଲ କଲେଜରେ ମୃତ୍ୟୁ ଘଟିଛି। ସେ କରୋନାରେ ସଂକ୍ରମିତ ଥିଲେ। ତାଙ୍କ ପରଲୋକରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀ ଶୋକବ୍ୟକ୍ତ କରିଛନ୍ତି। ସେ ଲିଙ୍ଗଗତ ସମାନତାର ପ୍ରତୀକ ଏବଂ ମହିଳା ଅଧିକାରର ଚାମ୍ପିୟନ ଥିଲେ ବୋଲି ହରଦୀପ କହିଛନ୍ତି।

## ଇସ୍ରାଏଲ୍: ଦଳାଚକଟାରେ ୪୪ ମୃତ

ଜେରୁଜେଲମ, ୩୦।୪(ଆଇଏଏନ୍‌ଏସ୍)



ଇସ୍ରାଏଲ୍‌ରେ ଗୁରୁବାର ମଧ୍ୟରାତ୍ରରେ ଏକ ଇହୁଦୀ ଉତ୍ସବ ପାଳନ ବେଳେ ଦଳାଚକଟା ଘଟି ୪୪ ଜଣଙ୍କ ମୃତ୍ୟୁ ହୋଇଛି। ଏଥିରେ ଅନ୍ୟ ୧୦୩ ଜଣ ଆହତ ହୋଇଥିବାବେଳେ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଉତ୍ତର ଇସ୍ରାଏଲର ମାଉଣ୍ଟ ମେରୋନରେ ଅନୁଷ୍ଠିତ ଏହି ଉତ୍ସବରେ ଲକ୍ଷାଧିକ ଲୋକ ଯୋଗଦେଇଥିଲେ। ଇହୁଦୀ ଛୁଟିଦିନ ଲାଗ୍ ବାଓମେର ଅବସରରେ ପ୍ରତିବର୍ଷ ଏହି ଉତ୍ସବ ଅନୁଷ୍ଠିତ ହୋଇଥାଏ। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଦଳାଚକଟା ଘଟଣାକୁ ବଡ଼ ବିପର୍ଯ୍ୟୟ ବୋଲି କହିବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ଆଜିଠୁ ତୃତୀୟ ପର୍ଯ୍ୟାୟ ଟିକାକରଣ

ନୂଆଦିଲ୍ଲୀ, ୩୦।୪(ପି.ଟି.)




■ଅଧିକାଂଶ ରାଜ୍ୟ ପାଖରେ ଟିକା ନାହିଁ

■ଦୁଇଦିନରେ ପଞ୍ଜୀକୃତ ହୋଇଛନ୍ତି ୨.୪୫ କୋଟି

ଦେଶରେ ଗତ କିଛିଦିନ ହେଲା ପ୍ରତ୍ୟହ ୩ ଲକ୍ଷରୁ ଊର୍ଦ୍ଧ୍ୱ ସଂକ୍ରମିତ ହେଉଥିବାବେଳେ ହଜାର ହଜାର ଲୋକଙ୍କ ଜୀବନ ନେଉଛି କରୋନା ମହାମାରୀ। ସଂକ୍ରମଣରୁ ରକ୍ଷା ପାଇବା ଲାଗି ଟିକାକରଣକୁ ବ୍ୟାପକ କରିବା ବ୍ୟତୀତ ଅନ୍ୟ ଉପାୟ ନାହିଁ। ସେଥିପାଇଁ କୋଭିଡ୍ ଟିକାକରଣର ତୃତୀୟ ପର୍ଯ୍ୟାୟ ଶନିବାରଠାରୁ ଆରମ୍ଭ ହେଉଛି। ଏହି ପର୍ଯ୍ୟାୟରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତେ ଟିକା ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏଥିପାଇଁ ଯୁବବର୍ଗଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ଦେଖାଦେଇଛି। ଦୁଇଦିନରେ ୨.୪୫ କୋଟିରୁ ଊର୍ଦ୍ଧ୍ୱ ଟିକା ନେବା ପାଇଁ ନାମ ପଞ୍ଜୀକରଣ କରିସାରିଲେଣି। ହେଲେ ଅଧିକାଂଶ ରାଜ୍ୟ ହାତରେ ଟିକା ନ ଥିବାରୁ ସେମାନେ ଶନିବାର ତୃତୀୟ ଟିକାକରଣ ଆରମ୍ଭ କରିବା ନେଇ ଅସାମର୍ଥ୍ୟ ପ୍ରକାଶ କରିଛନ୍ତି। ଏହି ରାଜ୍ୟଗୁଡ଼ିକ ମଧ୍ୟରେ ଭାଜପା ଶାସିତ ମଧ୍ୟପ୍ରଦେଶ, କର୍ଣ୍ଣାଟକ ଓ ଗୋଆ ମଧ୍ୟ ଅନ୍ତର୍ଭୁକ୍ତ।

ଅନ୍ୟପକ୍ଷେ ରାଜ୍ୟଗୁଡ଼ିକ ନିକଟରେ ୧ କୋଟିରୁ ଊର୍ଦ୍ଧ୍ୱ ଡୋଜ୍ ମହଜୁଦ୍ ଥିବା ଗୁରୁବାର କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଥିଲା। ଆଗାମୀ କିଛି ଦିନ ମଧ୍ୟରେ ଆଉ ୨୦ ଲକ୍ଷ ଟିକା ରାଜ୍ୟଗୁଡ଼ିକ ପାଇବେ। ମନ୍ତ୍ରଣାଳୟ ସୂଚନା ଅନୁଯାୟୀ କେନ୍ଦ୍ର ସରକାର ବର୍ତ୍ତମାନ ସୁଦ୍ଧା ରାଜ୍ୟଗୁଡ଼ିକୁ ୧୬.୧୬ କୋଟି ଡୋଜ୍ ଟିକା ମାଗଣାରେ ଯୋଗାଇ ଦେଇଛନ୍ତି। ସେଥିରୁ ଅପଚୟକୁ ମିଶାଇ ୧୫,୧୦,୭୭,୯୩୩ କୋଟି ଡୋଜ୍ ବ୍ୟବହୃତ ହୋଇଛି। ସିରମ୍ ଇନ୍‌ଷ୍ଟିଚ୍ୟୁଟ ମାସକୁ ୬ରୁ ୭ କୋଟି ଟିକା ପ୍ରସ୍ତୁତ କରୁଥିବାବେଳେ ଭାରତ ବାୟୋଟେକ୍‌ର ମାସିକ ଉତ୍ପାଦନ କ୍ଷମତା ପାଖାପାଖି ୨ କୋଟି ରହିଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୫,୧୫,୩୫,୯୫୧ | ୩୧,୮୪,୩୫୭ | ୧୨,୮୮,୨୬,୪୮୮ |
| ଭାରତ | ୧,୮୯,୭୭,୩୦୫ | ୨,୦୯,୫୮୧ | ୧,୫୪,୯୮,୬୮୦ |
| ଓଡ଼ିଶା | ୪,୪୪,୧୯୪ | ୨୦୪୩(+୫୩) | ୩,୮୫,୪୧୪ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର



## ସଂକ୍ଷେପରେ

### କୋଭିଡ୍ ପରିଚାଳନା ଲାଗି ବିଏମ୍‌ସିକୁ ୧୦ କୋଟି

**ଭୁବନେଶ୍ୱର, ୩୦।୪(ବ୍ୟୁରୋ):** ରାଜଧାନୀରେ କୋଭିଡ୍ ସଂକ୍ରମଣ ଏବଂ ଲହରର ସ୍ଥିତି ଦେଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେଶନ(ବିଏମ୍‌ସି) ପାଇଁ ଶୁକ୍ରବାର ୧୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ(ସିଏମ୍‌ଆର୍‌ଏଫ୍)ରୁ କୋଭିଡ୍ ପରିଚାଳନା ସକାଶେ ଏହି ଅର୍ଥ ରାଜଧାନୀରେ ଖର୍ଚ୍ଚ ହେବ।

### ଆଜିଠୁ ୩ ମାସ ପାଇଁ ଭିତରକନିକା ବନ୍ଦ




**ରାଜନଗର, ୩୦।୪(ଡି.ଏନ.ଏ.):** ମେ' ୧୦ରୁ ଜୁଲାଇ ୩୧ ତାରିଖ ଯାଏ ୩ ମାସ ପାଇଁ ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ଦେଶବିଦେଶର ପର୍ଯ୍ୟଟକଙ୍କ ପାଇଁ ବନ୍ଦ କରାଯାଇଛି। ବିରଳ ବଉଳା କୁମ୍ଭୀରଙ୍କ ପାଇଁ ଭିତରକନିକା ପ୍ରସିଦ୍ଧି ଲାଭ କରିଛି। ଏହି ସମୟ ବିରଳ କୁମ୍ଭୀରଙ୍କ ପ୍ରଜନନ ଋତୁ। କୁମ୍ଭୀରମାନେ ସ୍ଥଳଭାଗକୁ ଉଠି ସୁରକ୍ଷିତ ସ୍ଥାନ ଦେଖି ବସା ବାନ୍ଧି ଅଣ୍ଡାଦାନ କରିଥାନ୍ତି। ଏହି ସମୟରେ ମା' କୁମ୍ଭୀର ଅଧିକ ହିଂସ୍ର ହୋଇଥାଏ। ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ପ୍ରତିବର୍ଷ ମେ' ୧ରୁ ୩ ମାସ ପାଇଁ ଭିତରକନିକା ଜାତୀୟ ଉଦ୍ୟାନ ବନ୍ଦ ରଖାଯାଇଥାଏ।

### ଆଜିଠୁ ୧୫ ଯାଏ ନନ୍ଦନକାନନ ବନ୍ଦ

**ବାରଙ୍ଗ,୩୦।୪(ଡି.ଏନ.ଏ.):** ରାଜ୍ୟରେ କୋଭିଡ୍ ସଂକ୍ରମଣ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ସରକାର ସଚେତନ କରାଇବା ସହ ନାଇଟ୍ କର୍ଫ୍ୟୁ ଲଗାଇଛନ୍ତି। ରାଜଧାନୀ ଭୁବନେଶ୍ୱର ସହ ସ୍ଥାନୀୟ ଅଞ୍ଚଳରେ ମଧ ସଂକ୍ରାମଣ ବଢୁଥିବାରୁ ଏହାକୁ ଦୃଷ୍ଟିରେ ରଖି ପ୍ରାଣୀ ଉଦ୍ୟାନ ନନ୍ଦନକାନନ ଓ ବଟାନିକାଲ ଗାର୍ଡେନକୁ ବନ୍ଦ କରିବା ପାଇଁ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ଶନିବାର(ମେ ୧)ଠାରୁ ୧୫ତାରିଖ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ହିତ ଲାଗି ନନ୍ଦନକାନନ ବନ୍ଦ ରହିବ ବୋଲି ଉପନିର୍ଦ୍ଦେଶକ ବିମଳ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି।ର ସଂକ୍ରମଣ ସଂଖ୍ୟା ବଢୁଥିବାର ଦେଖି ଏହାଭିତରେ ପର୍ଯ୍ୟଟକମାନେ ମଧ ନନ୍ଦନକାନନ ଆସିବା ସଂଖ୍ୟା ଆଶାଠାରୁ ବହୁତ କମିଯାଇଛି। ଆଗକୁ ପରିସ୍ଥିତି ଦେଖି ଖୋଲିବା ନେଇ କିଛି ଆଲୋଚନା କରାଯିବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

## ଆଜି ଶ୍ରମିକ ଦିବସ





ଶନିବାର ଶ୍ରମିକ ଦିବସ। ସାରା ଦେଶ ଶ୍ରମିକଙ୍କ ପାଇଁ ଦିନଟିଏ ଉତ୍ସର୍ଗ କରୁଥିବାବେଳେ ଏହାର ଅବ୍ୟବହିତ ପୂର୍ବରୁ ଶୁକ୍ରବାର ଭୁବନେଶ୍ୱରର ଏକ କୋଠା ନିର୍ମାଣରେ ନିମଗ୍ନ ଦେଶ ଗଢୁଥିବା ଏହି ବିଶ୍ୱକର୍ମାମାନେ। (ଫଟୋ: ବିକାଶ)

# ଚିଟ୍‌ଫଣ୍ଡ ଟଙ୍କା ପରିଶୋଧ ଚିନ୍ତାରୁ ଚରମ ନିଷ୍ପତ୍ତି

## କରୋନା ଆକ୍ରାନ୍ତ ଦମ୍ପତିଙ୍କ ଆତ୍ମହତ୍ୟା ଘଟଣା

**ନୟାଗଡ ଅଫିସ/ ରଣପୁର,୩୦।୪(ସ୍ୱ.ପ୍ର.)**

ରଣପୁର ଥାନା ଦର୍ପନାରାୟଣପୁର ଫାଣ୍ଡି ଅନ୍ତର୍ଗତ ଗୋଡ଼ିମଡ଼ାର କରୋନା ଆକ୍ରାନ୍ତ ଦମ୍ପତି ଭିକାରୀ ପାତ୍ର(୫୭) ଓ ଜ୍ୟୋସ୍ନାରାଣୀ(୫୨) ଗୁରୁବାର ଆତ୍ମହତ୍ୟା କରିଛନ୍ତି। ସେମାନେ ଏଭଳି ଚରମ ନିଷ୍ପତ୍ତି ନେବା ପଛରେ ଚିଟ୍‌ଫଣ୍ଡ ଟଙ୍କା ପରିଶୋଧ ଚାପ ବୋଲି କୁହାଯାଉଛି।

ସୂଚନା ଅନୁସାରେ ଭିକାରୀ (ଗଗନ)ଙ୍କ ଗୋଟିଏ ପୁଅ ଏବଂ ଗୋଟିଏ ଝିଅକୁ ନେଇ ପରିବାର ହସଖୁସିରେ ଚାଲିଥିଲା। ଝିଅ, ପୁଅଙ୍କ ବିବାହ ମଧ ସରିଥିଲା। ପୁଅ ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରେ ଚାକିରି କରିଥିଲେ। ସଂସ୍ଥା ଦେବାଳିଆ ହେବା ପରେ ଭିକାରୀଙ୍କ ପରିବାର ପାଇଁ ଦୁଃଖର ଦିନ ଆସିଯାଇଥିଲା। କାରଣ ଭିକାରୀଙ୍କ ପୁଅ ପ୍ରାୟ ୧ କୋଟି ଟଙ୍କା ସ୍ଥାନୀୟ ଅଞ୍ଚଳରୁ ସଂଗ୍ରହ କରି ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରେ ଜମା କରିଥିଲେ। ସଂସ୍ଥା ଉଭାନ ହୋଇଯାଇଥିବାବେଳେ ଜମାକାରୀ ଟଙ୍କା ଫେରାଇବା ପାଇଁ ଚାପ ପ୍ରୟୋଗ କରୁଥିଲେ। ଏଣୁ ଭିକାରୀଙ୍କ ପୁଅ, ବୋହୂ ଓ ନାତି ପୁରୀ ଚାଲି ଯାଇଥିଲେ। ସେଠାରେ ବ୍ୟବସାୟ କରି କିଛି କିଛି ଟଙ୍କା ପରିଶୋଧ କରୁଥିଲେ। କିନ୍ତୁ ଭିକାରୀଙ୍କ ପରିବାରକୁ ଗାଁରେ ବାସନ୍ଦ କରାଯାଇଥିଲା। କିଛିଦିନ ତଳେ ପୁଅର ଦେହ ଖରାପ ହେବାରୁ ତାଙ୍କୁ ଦେଖିବା ପାଇଁ ଭିକାରୀ ଓ ଜ୍ୟୋସ୍ନାରାଣୀ ପୁରୀ ଯାଇଥିଲେ। ଟେଷ୍ଟିଂ ପରେ ପୁଅ କରୋନାରେ ଆକ୍ରାନ୍ତ ଥିବା ଜଣାପଡ଼ିଥିଲା। ଏହାପରେ ଭିକାରୀ ଓ ଜ୍ୟୋସ୍ନାରାଣୀ ଗାଁକୁ ଫେରି ଆସିଥିଲେ ମଧ ଅସୁସ୍ଥ ହୋଇପଡ଼ିଥିଲେ। ଗତ ୨୭ ତାରିଖରେ ଶରଣକୁଳରେ ଟେଷ୍ଟ କରିବା ପରେ ସେମାନେ ମଧ କରୋନା ଆକ୍ରାନ୍ତ ଥିବା ଜଣାପଡିଥିଲା। ଅନ୍ୟପକ୍ଷେ ଚିଟ୍‌ଫଣ୍ଡ ଟଙ୍କା ପରିଶୋଧ ନେଇ ଗୁରୁବାର ରାତିରେ ଗାଁରେ ସଭା ହେବାର ଥିଲା। ଏଥିପାଇଁ ଭିକାରୀଙ୍କୁ ଡକାଯାଇଥିଲା। ଏପଟେ କରୋନା ଚିନ୍ତା ସେପଟେ ଚିଟ୍‌ଫଣ୍ଡ ଟଙ୍କା ପରିଶୋଧ ନେଇ ଭିକାରୀ ଓ ତାଙ୍କ ସ୍ତ୍ରୀ ଚିନ୍ତିତ ଥିଲେ। ଫଳରେ ସେମାନେ ଆତ୍ମହତ୍ୟା କରିଥିବା କେତେଜଣ ଲୋକ କହୁଛନ୍ତି। ଅନ୍ୟପକ୍ଷରେ ଭିକାରୀଙ୍କ ବଳଦ ଦିନ ସମୟରୁ ବାହାରେ ବୁଲୁଥିଲା। ଗୁରୁବାର ଦିନତମାମ ଘର ବନ୍ଦ ଥିବା ଜାଣି ଗ୍ରାମର କେତେଜଣ ଦାଣ୍ଡପଟେ ଦେଖିଥିଲେ ମଧ କିଛି ଜାଣିପାରି ନ ଥିଲେ। ରାତି ସାଢ଼େ ୯ଟାରେ କେତେଜଣ ବ୍ୟକ୍ତି ବାରିପଟେ ଯାଇ ଦେଖିବା ବେଳକୁ କବାଟ ଖୋଲା ରହିବା ସହ ଭିକାରୀ ଓ ଜ୍ୟୋସ୍ନାରାଣୀଙ୍କ ମୃତଦେହ ଘର ଛାତରେ ଦଉଡ଼ିରେ ଝୁଲୁଥିଲା। ଏନେଇ ରଣପୁର ଥାନାରେ ଏକ ଅପମୃତ୍ୟୁ ମାମଲା (୭/୨୧) ରୁଜୁ ହୋଇଛି। ଶୁକ୍ରବାର ଦର୍ପନାରାୟଣପୁର ଫାଣ୍ଡି ପୋଲିସ ମୃତଦେହକୁ ଜବତ କରି ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ହେଲେ ସେମାନେ କରୋନା ସଂକ୍ରମିତ ହୋଇଥିବାରୁ ମୃତଦେହ ସଂସ୍କାର ପାଇଁ ନୟାଗଡ଼ ମ୍ୟୁନିସିପାଲିଟିକୁ ହସ୍ତାନ୍ତର କରାଯାଇଥିଲା। ପରେ ମ୍ୟୁନିସିପାଲିଟି ପକ୍ଷରୁ ନୟାଗଡ଼ ଶ୍ମଶାନରେ ମୃତଦେହ ସତ୍କାର କରାଯାଇଥିବା ନିର୍ବାହୀ ଅଧିକାରୀ ସନ୍ତୋଷ ଜେନା କହିଛନ୍ତି। ଅନ୍ୟପକ୍ଷରେ ଦମ୍ପତିଙ୍କ ମୃତଦେହକୁ ଘରୁ ବାହାର କରିବା ପାଇଁ ଭିକାରୀଙ୍କ ଜ୍ୱାଇଁ ବ୍ୟତୀତ ପୋଲିସକୁ ଗାଁ ଲୋକଙ୍କ ସହଯୋଗ ମିଳି ନ ଥିଲା।

ରଣପୁର ଥାନା ଆଇଆଇସି ଜ୍ୟୋତି ପ୍ରକାଶ ପଣ୍ଡା କୁହନ୍ତି, କରୋନା ଆକ୍ରାନ୍ତ ଦମ୍ପତି ଆତ୍ମହତ୍ୟା କରିଛନ୍ତି। ଟଙ୍କା ପରିଶୋଧ ଚିନ୍ତା ଓ ବାସନ୍ଦ ନେଇ ଅଭିଯୋଗ ମିଳିନାହିଁ। ଏନେଇ ତଦନ୍ତ ଜାରି ରହିଛି।

# ଘରେ ରହି ଭୋଟ୍ ଦେବେ ଦିବ୍ୟାଙ୍ଗ

**ପୁରୀ ଅଫିସ,୩୦।୪**

**ପିପିଲି ଉପନିର୍ବାଚନ**
**ରାଜନୈତିକ ଶୋଭାଯାତ୍ରା, ସମାବେଶ ମନା**

ପିପିଲି ଉପନିର୍ବାଚନ ପାଇଁ ନାମାଙ୍କନ ଦାଖଲ କରିଥିବା କଂଗ୍ରେସ ପ୍ରାର୍ଥୀ ବିଶ୍ୱକେଶନ ହରିଚନ୍ଦନ ମହାପାତ୍ରଙ୍କ ପ୍ରାର୍ଥୀପତ୍ର ଯାଞ୍ଚ ଶେଷ ହୋଇଛି। ଏହାପରେ ବାଲଟ୍ ପେପର ପ୍ରସ୍ତୁତି ଆରମ୍ଭ ହୋଇଛି। ନିର୍ବାଚନ ଦାୟିତ୍ୱରେ ଥିବା ଅଫିସରମାନେ କଟକ ଓ ବ୍ରହ୍ମପୁରକୁ ବାଲଟ୍ ପେପର ଆଣିବା ପାଇଁ ଯାଇଛନ୍ତି। ପୁରୀରେ ପୋଷ୍ଟାଲ ବାଲଟ୍ ପେପର ପ୍ରସ୍ତୁତ କରାଯିବ। ଚଳିତ ବର୍ଷ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କୁ ମତଦାନ କେନ୍ଦ୍ରକୁ ଯିବାକୁ ପଡ଼ିବ ନାହିଁ। ସେମାନେ ଘରେ ରହି ଭୋଟ ଦେବେ। ପିପିଲି- ଡେଲାଙ୍ଗ ନିର୍ବାଚନମଣ୍ଡଳୀରେ ଏଭଳି ୧୦୬୭ ଜଣ ଭୋଟର ରହିଛନ୍ତି। ନିର୍ବାଚନ ଦାୟିତ୍ୱରେ ଥିବା କର୍ମଚାରୀମାନେ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କ ଘରେ ପହଞ୍ଚି ଭୋଟଗ୍ରହଣ ପ୍ରକ୍ରିୟା ଶେଷ କରିବେ। ଆସନ୍ତା ୩ରୁ ୭ତାରିଖ ମଧରେ ଏମାନଙ୍କ ମତଦାନ ପ୍ରକ୍ରିୟା ଶେଷ ହେବ। ପୁରୀ ଜିଲାରେ କୋଭିଡ୍ ସଂକ୍ରମଣ ବ୍ୟାପୁଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ଶୁକ୍ରବାର ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ କହିଛନ୍ତି। ସେହିଭଳି ନିର୍ବାଚନ ପ୍ରକ୍ରିୟାରେ ସମ୍ପୃକ୍ତ ସମସ୍ତ ଅଧିକାରୀ ଓ ଭୋଟରଙ୍କୁ ସାମାଜିକ ଦୂରତା ରକ୍ଷା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମେ ୧୬ତାରିଖରେ ହେବାକୁ ଥିବା ମତଦାନ ପାଇଁ ପୋଲିଂ କର୍ମଚାରୀମାନଙ୍କୁ ପର୍ଯ୍ୟାୟ କ୍ରମେ ମତଦାନ କେନ୍ଦ୍ରକୁ ଛଡ଼ାଯିବ। ତେବେ ଏବେଠାରୁ ନିର୍ବାଚନ ପ୍ରକ୍ରିୟା ଶେଷ ପର୍ଯ୍ୟନ୍ତ କୌଣସି ରାଜନୈତିକ ଦଳ ଶୋଭାଯାତ୍ରା କିମ୍ବା ସମାବେଶ କରିପାରିବେ ନାହିଁ। ଜିଲାରେ କୋଭିଡ୍ ସଂକ୍ରମଣ ମାତ୍ରାକୁ ଦେଖି ମତଦାନ ପ୍ରକ୍ରିୟା କିଭଳି କଟକଣା ମଧରେ ସମ୍ପନ୍ନ କରାଯିବ ତାହା ପ୍ରଶାସନ ପାଇଁ ସବୁଠୁ ବଡ଼ ଆହ୍ୱାନ ବୋଲି ଅତିରିକ୍ତ ଜିଲାପାଳ କହିଛନ୍ତି।

# ୨୪ ଘଣ୍ଟାରେ ୮୬୮୧ ଚିହ୍ନଟ, ୧୪ ମୃତ

**ସଂକ୍ରମଣରେ ଲାଗୁନି ଅଙ୍କୁଶ**

**ଭୁବନେଶ୍ୱର, ୩୦।୪(ବ୍ୟୁରୋ)**

କରୋନାର ଦ୍ୱିତୀୟ ଲହର ସମଗ୍ର ଦେଶକୁ ଅସ୍ତବ୍ୟସ୍ତ କରିପକାଇଛି। ସଂକ୍ରମିତଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ିଚାଲିଛି। ପରିସ୍ଥିତି ଜଟିଳ ହେବାରେ ଲାଗିଛି। ସଂକ୍ରମଣ ଉପରେ କେବେ ଅଙ୍କୁଶ ଲାଗିବ ସେ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞ ଆକଳନ କରିପାରୁ ନାହାନ୍ତି। ରାଜ୍ୟରେ ମଧ ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ୮ ହଜାରେ ଟପିଯାଇଛି। କୋଭିଡ୍ ମୃତ୍ୟୁସଂଖ୍ୟା ମଧ ବଢ଼ିବାରେ ଲାଗିଛି। ଗତ ୨୪ ଘଣ୍ଟାରେ ୮୬୮୧ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ୧୪ ଜଣଙ୍କ ପ୍ରାଣହାନି ଘଟିଥିବା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ନୂଆ ସଂକ୍ରମିତଙ୍କ ମଧରେ ୩୭୩୩ ଜଣ ସ୍ଥାନୀୟ ଅଞ୍ଚଳର ଥିବାବେଳେ ୪,୯୪୮ ଜଣ କ୍ୱାରାଣ୍ଟାଇନରୁ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧୪୦୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ସୁନ୍ଦରଗଡ଼ରେ ୭୪୫, ସମ୍ବଲପୁର ୪୧୦, ନୂଆପଡ଼ା ୩୦୪, ନବରଙ୍ଗପୁର ୩୬୮, ଝାରସୁଗୁଡ଼ା ୪୧୧, ଯାଜପୁର ୩୨୧, କଟକ ୫୭୦, ବଲାଙ୍ଗୀର ୪୫୯, ବରଗଡ଼ ୪୨୩, ଅନୁଗୋଳ ୪୧୯, ବାଲେଶ୍ୱର ୧୫୫, ଭଦ୍ରକ ୧୦୩, ଦେବଗଡ଼ ୧୦୨, ଗଜପତି ୧୨୫, ଗଞ୍ଜାମ ୧୯୮, କଳାହାଣ୍ଡି ୧୯୫, କେନ୍ଦୁଝର ୧୪୮, ମୟୂରଭଞ୍ଜ ୨୨୦, ନୟାଗଡ଼ ଜିଲାରୁ ୧୬୦ ଜଣ ପଜିଟିଭ୍ ବାହାରିଛନ୍ତି। ଏଥିସହ ଦିନକରେ ୪,୬୭୯ ସଂକ୍ରମିତ ସୁସ୍ଥ ହୋଇଛନ୍ତି। ରାଜ୍ୟରେ ଏ ପର୍ଯ୍ୟନ୍ତ ୧,୯୯,୮୬,୬୫୬ ଜଣଙ୍କ କୋଭିଡ୍ ଟେଷ୍ଟ କରାଯାଇଛି। ସେଥିରୁ ୪,୪୪,୧୯୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ୩,୮୦,୪୦୦ ଆରୋଗ୍ୟ ଲାଭ କରିଛନ୍ତି। ୨,୦୪୩ ଜଣଙ୍କ ମୃତ୍ୟୁ ଘଟିଛି।

# ଅନୁଗୋଳରୁ ହରିୟାଣାକୁ ଗଲା ଅକ୍ସିଜେନ ଏକ୍ସପ୍ରେସ୍




**ଭୁବନେଶ୍ୱର, ୩୦।୪ (ବ୍ୟୁରୋ)**

କାର୍ଗୋ ଫ୍ଲାଇଟ୍‌ରେ ଦୁଇଟି ଖାଲି ଅମ୍ଳଜାନ ଟ୍ୟାଙ୍କର ଗୁରୁବାର ସନ୍ଧ୍ୟାରେ ଓଡ଼ିଶା ଆସିଥିଲା। ଅନୁଗୋଳସ୍ଥିତ ଟାଟା ଭୂଷଣ ଷ୍ଟିଲ ପ୍ଲାଣ୍ଟରୁ ୩୨ ଟନ୍ ଅମ୍ଳଜାନ ଭର୍ତ୍ତି କରାଯାଇ ଉକ୍ତ ଦୁଇ ଟ୍ୟାଙ୍କରକୁ ଶୁକ୍ରବାର ସକାଳେ ଭାରତୀୟ ରେଳପଥ ଦ୍ୱାରା ରୋରୋ ସେବା ସହିତ ଅମ୍ଳଜାନ ଏକ୍ସପ୍ରେସ୍ ସ୍ପେଶାଲ ଟ୍ରେନ୍‌ରେ ହରିୟାଣାକୁ ପଠାଯାଇଛି। ପୂର୍ବତଟ ରେଳପଥ ଏହାର ପରିସୀମା ମଧରେ ଏହି ସ୍ପେଶାଲ ଟ୍ରେନର ସୁରକ୍ଷିତ ଚଳାଚଳ ପାଇଁ ସମସ୍ତ ସତର୍କତା ଅବଲମ୍ବନ କରିଛି। ଅମ୍ଳଜାନ ଏକ୍ସପ୍ରେସ ମିଶନ ମୋଡ୍‌ରେ ଜୀବନ ରକ୍ଷାକାରୀ ଅମ୍ଳଜାନକୁ ବିଭିନ୍ନ ଗନ୍ତବ୍ୟ ସ୍ଥଳକୁ ପରିବହନ ଜାରି ରଖିଛି ଓ ବିଭିନ୍ନ ରାଜ୍ୟକୁ ସେବା ପ୍ରଦାନ କରୁଛି। ସେହିପରି ତେଲଙ୍ଗାନା ସରକାରଙ୍କ ଅନୁରୋଧକ୍ରମେ ସିକନ୍ଦରାବାଦରୁ ୫ଟି ଖାଲି ଟ୍ୟାଙ୍କର ଥିବା ଏକ ଅକ୍ସିଜେନ ଏକ୍ସପ୍ରେସ ସ୍ପେଶାଲକୁ ଅନୁଗୋଳର ଟାଟା ଭୂଷଣ ଷ୍ଟିଲ ପ୍ଲାଣ୍ଟରେ ଲୋଡିଂ ପାଇଁ ରଖାଯାଇଛି। ସଙ୍କଟ ସମୟରେ ଶୀଘ୍ର ଅମ୍ଳଜାନ ଯୋଗାଇ ରୋଗୀଙ୍କ ଜୀବନରକ୍ଷା କରିବା ଏକ ଆହ୍ୱାନ ବୋଲି ପୂର୍ବତଟ ରେଳପଥର ମହାପ୍ରବନ୍ଧକ ବିଦ୍ୟା ଭୂଷଣ ନିୟୋଜିତ ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି। ଆବଶ୍ୟକ କରୁଥିବା ସମସ୍ତ ରାଜ୍ୟକୁ ଅମ୍ଳଜାନ ପରିବହନ ସେବା ଯୋଗାଇବା ପାଇଁ ପୂର୍ବତଟ ରେଳପଥ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତି ଅଛି ବୋଲି ମହାପ୍ରବନ୍ଧକ ସୂଚନା ଦେଇଛନ୍ତି।

# ରାଜ୍ୟର ପ୍ରଥମ କମର୍ସିଆଲ କୋର୍ଟ ଉଦ୍‌ଘାଟିତ



କମର୍ସିଆଲ୍ କୋର୍ଟ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

**ସମ୍ବଲପୁର, (ବ୍ୟୁରୋ)/ କଟକ ଅଫିସ, ୩୦।୪**

- ୪ ଜିଲା କୋର୍ଟ ଡିଜିଟାଇଜେଶନ ସେଣ୍ଟର ଖୋଲିଲା
- ଦ୍ୱିତୀୟ ସିଭିଲ୍ କୋର୍ଟ ଲୋକାର୍ପଣ
- ଅବିଭକ୍ତ ସମ୍ବଲପୁର ଜିଲାବାସୀ ପାଇବେ ସେବା

ସମ୍ବଲପୁର ଜିଲାରେ ରାଜ୍ୟର ପ୍ରଥମ କମର୍ସିଆଲ କୋର୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏହାସହ ଦ୍ୱିତୀୟ ସିନିୟର ସିଭିଲ କୋର୍ଟ (ଜମି ଅଧିଗ୍ରହଣ ସମ୍ବନ୍ଧୀୟ) ଓ ଡିଜିଟାଲ ରେକର୍ଡ ରୁମ୍ ଲୋକାର୍ପଣ ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଭର୍ଚୁଆଲ ମୋଡ୍‌ରେ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ଆବଶ୍ୟକ ଭିତ୍ତିଭୂମି, ଆଧୁନିକୀକରଣ, ଡିଜିଟାଲାଇଜେଶନ, ଆନୁଷଙ୍ଗିକ ବ୍ୟବସ୍ଥା କରାଗଲେ ଲୋକେ ସୁବିଧାରେ ନ୍ୟାୟ ପାଇପାରିବେ। ଲୋକଙ୍କ ଦ୍ୱାରଦେଶରେ ନ୍ୟାୟ ଦେବା ଯୋଜନା ସଫଳ ହେବ। ରେକର୍ଡ ରୁମ୍ ଡିଜିଟାଲ ହେବା ଫଳରେ କାମ ଶୀଘ୍ର ହୋଇପାରିବ। ଏହାସହ କୋଭିଡ୍ କଟକଣା ପରେ ସମ୍ବଲପୁର ଜିଲା ଗସ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟତମ ହାଇକୋର୍ଟ ଜଜ୍ ପୋର୍ଟଫୋଲିଓ ବି.ଆର୍. ଷଡ଼ଙ୍ଗୀ ଭର୍ଚୁଆଲରେ ଯୋଗଦେଇ କୋର୍ଟ କାର୍ଯ୍ୟ ପାଇଁ ସମ୍ବଲପୁରରେ ସମସ୍ତ ଆବଶ୍ୟକ ସୁବିଧା ରହିଛି ବୋଲି କହିଥିଲେ। ସମ୍ବଲପୁର ଜିଲା ଜଜ୍ ବିରଞ୍ଚି ନାରାୟଣ ମହାନ୍ତି ଅଧ୍ୟକ୍ଷତା କରିଥିବାବେଳେ କୋର୍ଟରେ ସମସ୍ତ ବିଚାରପତି ଉପସ୍ଥିତ ଥିଲେ। ଜିଲା ଓକିଲ ସଂଘ ସଭାପତି ଡ. ପ୍ରମୋଦ ରଥ କହିଥିଲେ, ଆଜି ସମ୍ବଲପୁର ପାଇଁ ଏକ ଐତିହାସିକ ଦିନ। ରାଜ୍ୟର ପ୍ରଥମ କମର୍ସିଆଲ କୋର୍ଟ ଉଦ୍‌ଘାଟିତ ହୋଇଥିବାରୁ ଏହା ଦ୍ୱାରା ସମ୍ବଲପୁର ସହିତ ବରଗଡ଼, ଦେବଗଡ଼, ଝାରସୁଗୁଡ଼ା ଜିଲାବାସୀ ଉପକୃତ ହେବେ। ଏଠାରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବାଣିଜ୍ୟିକ ସମ୍ବନ୍ଧୀୟ ଠକେଇ ମାମଲାର ବିଚାର କରାଯିବ। ଫଳରେ ଅନ୍ୟ କୋର୍ଟରେ ମାମଲାର ବୋଝ ରହିବ ନାହିଁ। ଅନ୍ୟପଟେ ଦ୍ୱିତୀୟ ସିନିୟର ସିଭିଲ କୋର୍ଟ ଆରମ୍ଭ ହୋଇଥିବାରୁ ଜମି ଅଧିଗ୍ରହଣ ସମ୍ବନ୍ଧୀୟ ମାମଲାର ବିଚାର ହୋଇପାରିବ। ଡିଜିଟାଲ ରେକର୍ଡ ରୁମ୍ ଉଦ୍‌ଘାଟନ ହେବା ଫଳରେ ଲୋକମାନଙ୍କ କାମ ଶୀଘ୍ର ହେବ। ଏହା ଆଇନଜୀବୀମାନଙ୍କୁ ମଧ ସହାୟତା ହେବ।

ସେହିପରି କଟକ, ଗଞ୍ଜାମ, ବାଲେଶ୍ୱର ଜିଲାରେ ଜିଲା କୋର୍ଟ ଡିଜିଟାଇଜେଶନ ସେଣ୍ଟର ଶୁକ୍ରବାର ଉଦ୍‌ଘାଟିତ ହୋଇଥିଲା। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଭର୍ଚୁଆଲ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ସେଣ୍ଟର ମାଧ୍ୟମରେ ଶେଷ ହୋଇଥିବା ମାମଲାଗୁଡିକର ସମସ୍ତ ରେକର୍ଡ ସ୍କାନିଂ ଓ ଡିଜିଟାଇଜେଶନ କରାଯିବ। ଗତ ୪ ମାସରେ ବିଭିନ୍ନ କୋର୍ଟରେ ୯୩ ହଜାର ୬୫ ମାମଲା ସମ୍ପର୍କିତ ୭୧ ଲକ୍ଷ ୯୮ ହଜାର ୨୩ ପୃଷ୍ଠାର ରେକର୍ଡ ସ୍କାନ କରାଯାଇଛି। ସେହିପରି ହାଇକୋର୍ଟରେ ୨ ଲକ୍ଷ ୮୯ ହଜାର ୨୭୨ ମାମଲା ସମ୍ପର୍କିତ ୨ କୋଟି ୨୪ ଲକ୍ଷ ୮୬ ହଜାର ୭୧୭ ପୃଷ୍ଠାର ରେକର୍ଡ ସ୍କାନ କରାଯାଇଛି। ହାଇକୋର୍ଟ କମ୍ପ୍ୟୁଟର କମିଟି ଅଧ୍ୟକ୍ଷ ତଥା ବିଚାରପତି ଶତ୍ରୁଘ୍ନ ପୂଜାହାରୀ ଭବିଷ୍ୟତରେ ଡିଜିଟାଇଜେଶନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଓସିଏସିର ମୁଖ୍ୟ ନିର୍ବାହୀ ଅଧିକାରୀ ମନୋଜ ପଟ୍ଟନାୟକ ଉପସ୍ଥିତ ଥିଲେ।

## ଦୋକାନ ସିଲ୍, ୩୨୦ ଜଣ ଦେଲେ ଜରିମାନା

**ସାକ୍ଷୀଗୋପାଳ,୩୦।୪ (ଡି.ଏନ.ଏ./ସ୍ୱ.ପ୍ର.)**

ପୁରୀ ଜିଲା ସତ୍ୟବାଦୀ ବ୍ଲକରେ କରୋନା ସଂକ୍ରମଣଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ସ୍ଥାନୀୟ ପ୍ରଶାସନ କଡ଼ା ପଦକ୍ଷେପ ନେଇଛି। ଶୁକ୍ରବାର ଜନଗହଳିପୂର୍ଣ୍ଣ ସ୍ଥାନ ଓ ଦୋକାନରେ ପ୍ରଶାସନ ପକ୍ଷରୁ ଚଢ଼ାଉ କରି ଏକ ହୋଟେଲ, ତେଜରାତି ଦୋକାନ ଓ ବସ୍ତ୍ରାଳୟ ସିଲ୍ କରିଦିଆଯାଇଛି। ସେହିପରି ମାସ୍କ ନ ପିନ୍ଧିଥିବା ଓ ଦୋକାନ ଖୋଲିଥିବା ୩୨୦ଜଣ ଅମାନିଆ ବ୍ୟକ୍ତିଙ୍କଠାରୁ ୩ହଜାର ୨ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି।

# ସୁବର୍ଣ୍ଣପୁର ଏନ୍‌ଏଚ୍‌ଏମ୍ ଆକାଉଣ୍ଟରୁ ୫ କୋଟି ଗାଏବ

## ରାଉରକେଲାର ଏକ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର ହୋଇଛି

**ସୋନପୁର,୩୦।୪(ନି.ପ୍ର.)**

**କ୍ରାଇମବ୍ରାଞ୍ଚର ତନାଘନା**

ସୁବର୍ଣ୍ଣପୁର ଜିଲା ସ୍ୱାସ୍ଥ୍ୟ ବିଭାଗର ଏନ୍‌ଏଚଏମ୍(ଜାତୀୟ ସ୍ୱାସ୍ଥ୍ୟ ମିଶନ) ଆକାଉଣ୍ଟରୁ ୫କୋଟି ୧ଲକ୍ଷ ୫୦ହଜାର ଟଙ୍କା ଗାଏବ ହୋଇଛି। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମ୍‌ପିଏଚଓ)ଙ୍କ ଅଜାଣତରେ ଏହି ଟଙ୍କା ରାଉରକେଲା ସେଣ୍ଟ୍ରାଲ ବ୍ୟାଙ୍କର ଏକ ଆକାଉଣ୍ଟକୁ ଟ୍ରାନ୍ସଫର ହୋଇଥିବା ଜଣାପଡିଛି। ସୋନପୁରସ୍ଥିତ ଏସ୍‌ବିଆଇର ମୁଖ୍ୟ ଶାଖାରୁ ମାସିକିଆ ଆକାଉଣ୍ଟ ଷ୍ଟେଟ୍‌ମେଣ୍ଟ ଅଣାଯିବା ପରେ ଏହି ଘଟଣା ସ୍ୱାସ୍ଥ୍ୟ ବିଭାଗର ଦୃଷ୍ଟିକୁ ଆସିଛି। ସିଡିଏମ୍‌ପିଏଚଓ ଡା. ଦିଲୀପ କୁମାର ପଣ୍ଡା କଟକ କ୍ରାଇମବ୍ରାଞ୍ଚ ଓ ସୁବର୍ଣ୍ଣପୁର ଏସ୍‌ପିଙ୍କୁ ଶୁକ୍ରବାର ଘଟଣା ସମ୍ପର୍କରେ ଲିଖିତ ଭାବେ ଜଣାଇବା ସହିତ ସମସ୍ତ ତଥ୍ୟ ପ୍ରଦାନ କରିଛନ୍ତି। ଏ ନେଇ କ୍ରାଇମବ୍ରାଞ୍ଚରେ ଏକ ମାମଲା ରୁଜୁ ହୋଇଛି। ତେବେ ଏତେଗୁଡିଏ ଟଙ୍କା କିଭଳି କର୍ତ୍ତୃପକ୍ଷଙ୍କ ଅଜାଣତରେ ଅନ୍ୟ ଏକ ଆକାଉଣ୍ଟକୁ ଡିବିଟି ଜରିଆରେ ଟ୍ରାନ୍ସଫର ହେଲା ତାହା ଆଶ୍ଚର୍ଯ୍ୟାନ୍ୱିତ କରିଛି। ଅନ୍ୟପକ୍ଷେ ରହସ୍ୟ ଉନ୍ମୋଚନ କରିବା ପାଇଁ କ୍ରାଇମବ୍ରାଞ୍ଚ ତନାଘନା ଜାରି ରଖିଛି।

ସୂଚନା ଅନୁଯାୟୀ, ୨୦୧୨ରେ ସୋନପୁର ଏସ୍‌ବିଆଇର ମୁଖ୍ୟ ଶାଖାରେ ସୁବର୍ଣ୍ଣପୁର ଜିଲା ସ୍ୱାସ୍ଥ୍ୟ ସମିତିର ଜାତୀୟ ସ୍ୱାସ୍ଥ୍ୟ ମିଶନ ଆକାଉଣ୍ଟ ଖୋଲାଯାଇଥିଲା। ନିୟମ ଅନୁଯାୟୀ ଜିଲାପାଳ ଓ ସିଡିଏମ୍‌ପିଏଚଓଙ୍କ ମିଳିତ ସ୍ୱାକ୍ଷରରେ ଏହି ଆକାଉଣ୍ଟରୁ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଥାଏ। କିନ୍ତୁ ଗତ ଏପ୍ରିଲ ୭ ତାରିଖରେ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଜିଲାପାଳ ଓ ସିଡିଏମ୍‌ପିଏଚଓଙ୍କ ବିନା ଦସ୍ତଖତରେ ଟ୍ରାନ୍ସଫର ହୋଇଛି। ପିଏଫ୍‌ଏମ୍‌ଏସ (ପବ୍ଲିକ୍ ଫଣ୍ଡ ମ୍ୟାନେଜମେଣ୍ଟ ସିଷ୍ଟମ) ଜରିଆରେ ଏନ୍‌ଏଚଏମ୍‌ର ଏସ୍‌ବିଆଇ ଆକାଉଣ୍ଟ ନଂ. ୩୨୩୩୩୧୪୬୩୨୧ରୁ ୫କୋଟି ୧ଲକ୍ଷ ୫୦ହଜାର ଟଙ୍କା ରାଉରକେଲାର ଏକ ଆକାଉଣ୍ଟକୁ ଟ୍ରାନ୍ସଫର ହୋଇଛି। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ କହିବା ଅନୁଯାୟୀ ଆଇଡି ପାସ୍‌ୱାର୍ଡ ସୁବର୍ଣ୍ଣପୁର ସ୍ୱାସ୍ଥ୍ୟ ବିଭାଗ ନିକଟରେ ଅଛି। ଟଙ୍କା ଟ୍ରାନ୍ସଫର ସମୟରେ ଓଟିପି ମେସେଜ୍ ଯାଇଥିବ। ତେଣୁ ଅଜାଣତରେ ଏତେଗୁଡିଏ ଟଙ୍କା ଟ୍ରାନ୍ସଫର ହେବା ଓ ୨୨ ଦିନ ପରେ କର୍ତ୍ତୃପକ୍ଷ ଜାଣିବା ରହସ୍ୟ ଘେରରେ ରହିଛି। ଏ ସମ୍ପର୍କରେ ସୁବର୍ଣ୍ଣପୁର ଏସ୍‌ପି ସୀତାରାମ ଶତପଥୀ କୁହନ୍ତି କ୍ରାଇମବ୍ରାଞ୍ଚ ମାମଲାର ତଦନ୍ତ କରୁଛି। ଆମେ ସହଯୋଗ କରୁଛୁ। ଖୁବ୍‌ଶୀଘ୍ର ରହସ୍ୟ ଉନ୍ମୋଚିତ ହେବ।

**ଆଜିର ମନ୍ତବ୍ୟ**
ଦେଶରେ ଭୟଙ୍କର କରୋନା ସ୍ଥିତିର ମୁକାବିଲା ଲାଗି ସରକାରଙ୍କ ସମସ୍ତ ବିଭାଗ ମିଳିତ ଭାବେ ଓ ତ୍ୱରିତ୍ କାର୍ଯ୍ୟ କରୁଛନ୍ତି। -ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ସିଦ୍ଧି
ପରିବାରବର୍ଗ


ଚନ୍ଦ୍ରିକା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଟଙ୍କା ପାଇଁ ହତ୍ୟା ଅଭିଯୋଗ କଲେ ପୁଅ

**ଝାରସୁଗୁଡ଼ା ଅଫିସ,୩୦।୪**

ଝାରସୁଗୁଡ଼ା କୋଭିଡ୍ ହସ୍ପିଟାଲ୍‌ରେ କନକତୋରା ଗ୍ରାମର ନନ୍ଦଲାଲ୍ ବିଶ୍ୱାଳ କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ମୃତ୍ୟୁବରଣ କରିଛନ୍ତି। ଟଙ୍କା ପାଇଁ ତାଙ୍କୁ ହତ୍ୟା କରାଯାଇଥିବା ମୃତକଙ୍କ ପୁଅ ପ୍ରଶାନ୍ତ ବିଶ୍ୱାଳ ଅଭିଯୋଗ ଆଣିଛନ୍ତି। ସେ ଦର୍ଶାଇଛନ୍ତି, ତାଙ୍କ ବାପା ଗତ ଗୁରୁବାର ରାତି ୯ଟାରେ ଫୋନ୍‌ରେ କଥା ହୋଇ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା କହିଥିଲେ। କିନ୍ତୁ ଶୁକ୍ରବାର ସକାଳୁ ଡାକ୍ତର ଫୋନ୍‌କରି ତୁମ ବାପା ଆଉ ନାହାନ୍ତି ବୋଲି କହିଥିଲେ। ଏଥିରେ ପ୍ରଶାନ୍ତ ଆଶ୍ଚର୍ଯ୍ୟ ହୋଇ ରାତିରେ ଭଲଥିଲେ, ହଠାତ୍ ସକାଳୁ କେମିତି ମଲେ ବୋଲି ପ୍ରଶ୍ନ କରିଥିଲେ। ଏହାସହ ବାପାଙ୍କ ନିକଟରେ ଥିବା ୧୦ହଜାର ଟଙ୍କା, ସୁନାଚେନ, ସୁନାମୁଦି ଓ ମୋବାଇଲ୍ ନ ଥିଲା ବୋଲି ଦର୍ଶାଇଥିଲେ। ବୁଝାବୁଝି କଲାପରେ ଜଣେ ପଡୋଶୀ ଶଯ୍ୟାରେ ଥିବା ରୋଗୀଙ୍କ ନିକଟରେ ମୋବାଇଲ୍ ରହିଥିଲା। ହେଲେ ସୁନାଚେନ, ମୁଦି ଓ ୧୦ହଜାର ଟଙ୍କା ଆଉ ମିଳି ନ ଥିଲା। ହସ୍ପିଟାଲ୍‌ରେ କାର୍ଯ୍ୟ କରୁଥିବା ସ୍ୱାସ୍ଥ୍ୟକର୍ମୀମାନେ ରୋଗୀଙ୍କୁ ସବୁବେଳେ ଟଙ୍କା ମାଗୁଛନ୍ତି। ଟଙ୍କା ନ ଦେଲେ ସେମାନେ ରୋଗୀ ସେବା କରୁନାହାନ୍ତି ବୋଲି ବାପା କହିବାରୁ ସେ ୧୦ ହଜାର ଟଙ୍କା ପଠାଇଥିଲେ। ଏହି ଟଙ୍କା ଓ ସୁନା ଅଳଙ୍କାର ହାତେଇବା ପାଇଁ ତାଙ୍କ ବାପାଙ୍କୁ ହସ୍ପିଟାଲ୍ ଭିତରେ ହତ୍ୟା କରାଯାଇଛି। ତାଙ୍କର ସ୍ୱାଭାବିକ ମୃତ୍ୟୁ ହୋଇନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ ସହ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏ ନେଇ ହସ୍ପିଟାଲ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ କହିଛନ୍ତି, ହସ୍ପିଟାଲ୍ ଭିତରେ ସିସିଟିଭି ଲାଗିଛି। ଯଦି ଏଭଳି ଅଭିଯୋଗ ଆସୁଛି ତା'ହେଲେ ଏହାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କୋଭିଡ୍ ହସ୍ପିଟାଲ୍ ଦାୟିତ୍ୱରେ ଥିବା ମୁଖ୍ୟ ଚିକିତ୍ସକ ଡା. ହୃଷୀକେଶ ନାୟକ ମଧ୍ୟ ସିସିଟିଭି ଫୁଟେଜକୁ ନେଇ ତଦନ୍ତ କରାଯିବ ବୋଲି କହିଛନ୍ତି।



ପୁରୀ ବେଳାଭୂମିରେ ଶୁକ୍ରବାର କରୋନା ସଚେତନତା ସଂକ୍ରାନ୍ତ ବାଲୁକା କଳା।



# ଢଗଢମାଳି

**(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)**

**ଅପସନ୍ଦ କଥା ଶୁଣ ମାଇପେ,
ଧାନ ଶୁଖୁଥିଲା ବିଞ୍ଚଣାଟାକେ।**

କିଛି ବ୍ୟକ୍ତି ଏପରି କଥା କହିଥାନ୍ତି ଯେ ଶୁଣିବା ଲୋକ ତଟସ୍ଥ ହୋଇଯାଏ। ଅଯୌକ୍ତିକ ତଥା ଅବାସ୍ତବ କଥା ଶୁଣି କାନକୁ ବିଶ୍ୱାସରେ ନେବା କାଠିକର ପାଠ ହୋଇଯାଏ। ଏହି ଧରଣର କଥା ଆଦୌ ଫଳପ୍ରଦ ହୋଇ ନ ଥାଏ, ଏସବୁ ମୂଲ୍ୟହୀନ କଥା। ଧାନ ବିଞ୍ଚଣାରେ ଶୁଖାଯିବା ଭଳି ନିହାତି ଅବାନ୍ତର କଥା କହୁଥିବା ବ୍ୟକ୍ତି ପ୍ରତି ଏପରି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଜା, ମୁଢ଼ି କି ନଡ଼ିଆ କେମିତି ମଜା।**

ମୁଢି ଓ ନଡ଼ିଆର ମିଶ୍ରଣ ପାଟିକୁ ଖୁବ୍ ସୁଆଦିଆ ଲାଗିଥାଏ। ସାଧାରଣତଃ ବୟସ ଅଧିକ ହୋଇଗଲେ ଦାନ୍ତ ଝଡି ଯାଇଥାଏ। ମୁଢି ନଡ଼ିଆ ଚୋବେଇବା ପାଇଁ ଦାନ୍ତର ଆବଶ୍ୟକତା ରହିଥାଏ। ଦାନ୍ତ ନ ଥିଲେ ମୁଢି ନଡ଼ିଆ ଚୋବେଇବା ସମ୍ଭବ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ**

# କୋଭିଡ୍‌ରେ ବରିଷ୍ଠ ଖବରଦାତାଙ୍କ ଦେହାନ୍ତ



ସମ୍ବଲପୁର, ୩୦।୪(ବ୍ୟୁରୋ): ସମ୍ବଲପୁର ଜିଲାରେ କାର୍ଯ୍ୟରତ ଥିବା ବରିଷ୍ଠ ଖବରଦାତା ଦେବେନ୍ଦ୍ର ସାମନ୍ତରାୟଙ୍କ ଶୁକ୍ରବାର କୋଭିଡ୍‌ରେ ଦେହାନ୍ତ ହୋଇଛି। ପ୍ରାୟ ୧୫ଦିନ ହେଲା କୋଭିଡ୍‌ରେ ଆକ୍ରାନ୍ତ ହୋଇ ସେ କଟକର ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଥିଲେ। ସମ୍ବଲପୁରରେ ସେ ଏକ ଗଣମାଧ୍ୟମରେ ସାମ୍ବାଦିକତା କରିବା ସହ ପଶ୍ଚିମ ଓଡ଼ିଶାର ପରିଚାଳନା ଦାୟିତ୍ୱରେ ଥିଲେ। ଏହି ଖବର ପ୍ରଚାର ହେବା ପରେ ଜିଲାରେ ଶୋକର ଛାୟା ଖେଳିଯାଇଛି।

## ପ୍ରଥମ ପୃଷ୍ଠାରୁ...

# ସୋସିଆଲ ମିଡିଆରେ ...

ଅନୁଭବ କରିବା ପରେ ହୋଟେଲ, ମନ୍ଦିର, ଚର୍ଚ୍ଚ ଓ ଅନ୍ୟ ସ୍ଥାନଗୁଡ଼ିକୁ କୋଭିଡ୍ କେୟାର ସେଣ୍ଟରରେ ପରିବର୍ତ୍ତନ ଲାଗି ପ୍ରସ୍ତୁତ ରଖିବାକୁ କହିଛନ୍ତି। ଗରିବ ଲୋକେ ଟିକା ପାଇଁ ଅର୍ଥ ପୈଠ କରିବାକୁ ସମର୍ଥ ନ ଥିବାରୁ କେନ୍ଦ୍ର ସରକାର ଜାତୀୟ ଟିକାକରଣ ମଡେଲ ଆପଣାଇବାକୁ ସର୍ବୋଚ୍ଚ ଅଦାଲତ ପରାମର୍ଶ ଦେଇଛନ୍ତି। ବିଭିନ୍ନ ଟିକା ପାଇଁ ଜାତୀୟ ଟିକାକରଣ କାର୍ଯ୍ୟକ୍ରମକୁ ବିଚାରକୁ ନେଇ ସମସ୍ତଙ୍କୁ ମାଗଣାରେ ଟିକା ଯୋଗାଇଦେବା ସମ୍ପର୍କରେ ସରକାର ଚିନ୍ତା କରନ୍ତୁ। ସ୍ୱାସ୍ଥ୍ୟସେବା କ୍ଷେତ୍ର ଅତ୍ୟନ୍ତ ଚିନ୍ତାଜନକ ସ୍ଥିତିକୁ ଆସିଯାଇଥିବାରୁ ଏଭଳି ସଙ୍କଟ ସମୟରେ ଅବସରପ୍ରାପ୍ତ ଡାକ୍ତର କିମ୍ବା ଅଫିସରମାନଙ୍କୁ ପୁନଃ ନିଯୁକ୍ତି ଦିଆଯାଇପାରିବ ବୋଲି ଖଣ୍ଡପୀଠ କହିଛନ୍ତି।

ସେହିଭଳି କେଉଁ ରାଜ୍ୟ କେତେ ଟିକା ପାଇବା ଉଚିତ ସେ ସମ୍ପର୍କରେ ନିଷ୍ପତ୍ତି ନେବାର ଅଧିକାର ଘରୋଇ ଟିକା ଉତ୍ପାଦନକାରୀ କମ୍ପାନୀ ଉପରେ ଛଡ଼ା ନ ଯାଉ ବୋଲି ଖଣ୍ଡପୀଠ କହିବା ସହ ଜାତୀୟ ରାଜଧାନୀର କୋଭିଡ୍ ସ୍ଥିତିକୁ ନେଇ ଦିଲ୍ଲୀ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ରାଜନୈତିକ ବିବାଦ ନ କରି କେନ୍ଦ୍ର ସହ ସମନ୍ୱୟ ରଖି ପରିସ୍ଥିତିର ମୁକାବିଲା କରିବା ନିମନ୍ତେ ଖଣ୍ଡପୀଠ ଦିଲ୍ଲୀ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଦେଶରେ ମେଡିକାଲ ଅକ୍ସିଜେନର ଅଭାବ ନାହିଁ ଏବଂ ରାଜ୍ୟଗୁଡ଼ିକର ଆବଶ୍ୟକତାକୁ ଚାହିଁ ଯୋଗାଇ ଦିଆଯାଉଛି ବୋଲି କେନ୍ଦ୍ର ସରକାର କହିଥିଲେ। ଗତବର୍ଷ ଅଗଷ୍ଟରେ ଦୈନିକ ଅକ୍ସିଜେନ ଉତ୍ପାଦନ ୬,୦୦୦ ମେଟ୍ରିକ ଟନ୍ ଥିବାବେଳେ ଏବେ ତାହା ୯,୦୦୦ ମେଟ୍ରିକ ଟନ୍‌କୁ ବୃଦ୍ଧି ପାଇଛି। କରୋନା ସଂକ୍ରମଣ ଓ ମୃତ୍ୟୁ ସଂଖ୍ୟା ହଠାତ୍ ଅତ୍ୟଧିକ ବୃଦ୍ଧି ପାଇବା ପରେ ଗତ ୨୨ ତାରିଖରେ ସର୍ବୋଚ୍ଚ ଅଦାଲତ ନିଜ ଆଡୁ ଏହାକୁ ଶୁଣାଣି ପାଇଁ ଗ୍ରହଣ କରି ଅକ୍ସିଜେନ, ଔଷଧ ସମେତ ଜରୁରୀ ସେବା ପରିଚାଳନା ପାଇଁ କେନ୍ଦ୍ର ସରକାର ଜାତୀୟ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ଆଜି ଅଳ୍ପ କେତେକଙ୍କୁ ...

ବର୍ଗଙ୍କୁ ଟିକାକରଣ ଆରମ୍ଭ କରାଯିବ। ଟିକା କିଣା ବାବଦରେ ଗୁରୁବାର ଔଷଧ ନିଗମକୁ ୭୦୦ କୋଟି ଟଙ୍କା ଦିଆଯାଇଛି। ସମସ୍ତେ ଟିକା ପାଇଁ ପଞ୍ଜୀକରଣ କରନ୍ତୁ। ଟିକା ଆସିଲେ ଦିଆଯିବ। ପ୍ରଥମ ଡୋଜ୍ ନେଇଥିବା ବ୍ୟକ୍ତିଙ୍କୁ ୨ୟ ଡୋଜ୍ ପାଇଁ ଅଗ୍ରାଧିକାର ମିଳିବ ବୋଲି ସେ କହିଛନ୍ତି । ଦ୍ୱିତୀୟ ଲହର ଏତେ ଭୟାନକ ହେବ ବୋଲି ଆଶାକରି ନ ଥିଲୁ। ଏବେ ଦେଶର ୮୦ ପ୍ରତିଶତ କେସ୍ ୮-୯ଟି ରାଜ୍ୟରୁ ଆସୁଛି। କୋଭିଡ୍ ସଂକ୍ରମଣ କ୍ଷେତ୍ରରେ ଜାତୀୟ ହାରରେ ଓଡ଼ିଶା ପ୍ରାୟ ୧.୮% ରହିଛି। ଶୁକ୍ରବାର ସଂକ୍ରମଣରେ ସର୍ବକାଳୀନ ରେକର୍ଡ ୮୬୮୧ ରହିଛି। କୋଭିଡ୍ ନିୟମ ପାଳନ କଲେ ଆମେ ଏହାକୁ ନିୟନ୍ତ୍ରଣ କରିପାରିବା। କୋଭିଡ୍ ନିୟମ ମାନନ୍ତୁ, ମାସ୍କ ପିନ୍ଧନ୍ତୁ, ବଜାର ଗଲେ ସଚେତନ ରହନ୍ତୁ। ଆମେ ରାଜ୍ୟରେ ଟେଷ୍ଟିଂ ବଢ଼ାଇଛୁ। ଦୈନିକ ୨୫ ହଜାର ଆରଟିପିସିଆର ଟେଷ୍ଟ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଏସିଏସ୍ କହିଛନ୍ତି।

ସେ କହିଛନ୍ତି ଯେ ପଶ୍ଚିମବଙ୍ଗ ଏବଂ ଛତିଶଗଡ଼ ସୀମା ସିଲ୍ କରି ସଂକ୍ରମଣ ରୋକିବାକୁ ଚେଷ୍ଟା କରିଛୁ। ଦେଶର ସ୍ଥିତି କେଉଁଆଡ଼କୁ ଯିବ, କେହି ଆକଳନ କରିପାରୁ ନାହାନ୍ତି। ଯେତେ ପଦକ୍ଷେପ ନେଲେ ମଧ୍ୟ କୋଭିଡ୍ ଲହର ଏ ପର୍ଯ୍ୟନ୍ତ ନିୟନ୍ତ୍ରଣକୁ ଆସିନାହିଁ। ହସ୍ପିଟାଲ ବ୍ୟବସ୍ଥା ଅନୁଯାୟୀ ଏବେ ଠିକ୍ ଅବସ୍ଥାରେ ଅଛୁ। ଆଗକୁ ସ୍ଥିତି କ'ଣ ହେବ, କିଛି ଆକଳନ କରିହେଉନାହିଁ। ଏବେ ୩୩% ସାଧାରଣ ବେଡ୍, ୬୯% ଆଇସିୟୁ, ୩୫% ଭେଣ୍ଟିଲେଟର ବ୍ୟବହୃତ ହେଉଛି। ରାଜ୍ୟରେ ଅକ୍ସିଜେନର କୌଣସି ଅଭାବ ହେବ ନାହିଁ। କୌଣସି ହସ୍ପିଟାଲରେ ସିଲିଣ୍ଡର ଯେମିତି ଖାଲି ରହିବନି ସେଥିପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ପ୍ରଦୀପ୍ତ କହିଛନ୍ତି।

# ଜାତିସଂଘ ସହାୟତାକୁ ...

ମହାମାରୀର ମୁକାବିଲା ପାଇଁ ଆମ ସହଯୋଗୀମାନେ ଭାରତୀୟ କର୍ତ୍ତୃପକ୍ଷଙ୍କୁ ସହଯୋଗ କରୁଛନ୍ତି। ସେହିପରି ଜାତିସଂଘର ୭୫ତମ ସାଧାରଣ ଅଧିବେଶନ ଅଧ୍ୟକ୍ଷ ଭୋଲ୍‌କାନ ବୋଜ୍‌କିର ମଧ୍ୟ ଭାରତରେ କରୋନା ସ୍ଥିତିକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି। ଏବେ ଭାରତକୁ ସାରା ବିଶ୍ୱ ସହଯୋଗ କରିବା ସମୟ ଆସିଛି। ସମସ୍ତେ ସୁରକ୍ଷିତ ନ ରହିବା ଯାଏ କାହା ନିରାପତ୍ତା ସୁନିଶ୍ଚିତ ନୁହେଁ ବୋଲି କହିଛନ୍ତି। ଅନ୍ୟପକ୍ଷେ ଜାତିସଂଘରେ ଭାରତର ରାଷ୍ଟ୍ରଦୂତ ଟି.ଏସ୍. ତିରୁମୂର୍ତ୍ତି ବିଶ୍ୱ ସଙ୍ଗଠନର ସହଯୋଗ ମନୋଭାବକୁ ପ୍ରଶଂସା କରିଛନ୍ତି।


# classifieds Everyday
0674-2580101, 2549302



**SALE**

**Plot available in Shreekhetra Vihar (highly developed plotting project) near Mangalpur Bhubaneswar- Puri NH side project features:- gated community 30ft road, gharabari Plot, Park, Temple, Society room. Contact- 9777302825.** D-70847

ତମାଣ୍ଡୋ National highwayଠାରୁ 1.3mtrs ଦୂରରେ immediate ଘରକରି ରହିବା ପାଇଁ yellowzone plot ମିଳୁଛି। 9938756259. D-20646

**ଭୁବନେଶ୍ୱର-ପୁରୀ ରାସ୍ତାର ପିପିଲି NH side Gated Community Plotting Project 30' ରାସ୍ତା, electricity boundary, park, Temple, Entrancegate (Bank finance available) sqft.-670/-, 7327092999.** D-70846

**Residential plot at- Heart Complex, Brahmanjharilo, Cuttack, 12K.M. from Bhubaneswar, 18K.M. from Cuttack @500/- per sft. (Few plots available), (Nearest to School, Coleges/ Hospital). 7809525452, 8249851363.** D-70449

**ଭୁବନେଶ୍ୱର BDA ଏରିଆରେ ଅତିଶୀଘ୍ର ଘର କରିବା ପାଇଁ ଘରବାରି ପ୍ଲଟ୍ ଟଙ୍କପାଣି ରୋଡ୍ ବାଙ୍କୁଆଳରେ ବର୍ଗଫୁଟକୁ 1400/-, ସତ୍ୟଭାମାପୁର ପାଖରେ 650/-, ଗୁଡ଼ିଆପୋଖରୀ ପାଖରେ 650/- & 550/-. First possession then registration. 6372897984, 8144658008.** D-20643

Bhubaneswar ସୁନ୍ଦରପଦାରୁ ଓଇସି ରୋଡ୍‌ରେ ଘରବାରି ପ୍ଲଟ୍ sqft. 1500/-, 950/-, 380/- କାଟେଣୀରେ 630/- ଦିଆଯାଉଛି। Sonali- 9938016295. D-70845

**2/3BHK flat at Bhubaneswar booking open, Discount offer, limited period upto 5,00,000/-. 9040744989.** D-70836

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ପିତାପଲ୍ଲୀ bypass ପାଖରେ 4,80,000/- (outright). 9348232008, 9776974912. D-70842

**Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession ଅଗ୍ରିମ boundarywall, electricity with 30ft. road sqft.650/-ରେ ମିଳୁଛି। Contact: 7008045582, 7749800648.** D-20490

ଭୁବନେଶ୍ୱର ଜଟଣୀଗେଟ୍ Jupiter College ଲାଗି sqft.-399/-, 230/-, ନଖରା ତ୍ରିନାଥ ବଜାର ପାଖରେ ଘରବାରି ପ୍ଲଟ୍ sqft.- 460/- ବିକ୍ରିହେବ। 9658891108, 7894433357. D-70835

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ଭୁବନେଶ୍ୱର Hot location ପାହାଳ NH ଜଗନ୍ନାଥମନ୍ଦିର ପାଖରେ yellow zone plot sqft. 1850/-, ବାଲିଅନ୍ତାରେ ଘରବାରି boundary sqft. 1200/-, 7978230118, 8249477254.** D-70826

**Sum Hospital 4K.M. ଦୂରତାରେ R.I. Training Centre Frontରେ Plot Sqft. 850/- ମିଳୁଛି। 9090963952.** D-70830

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891.** D-20464

**Gharabari BDA yellowzone plot near Gandhi College sqft. 1250/- Jatani Niser 650/-. 7978230118, 8249477254.** D-70825

**1/2/3 BHK ready to move apartment for sale at DHPL Enclave 2 Kalarahanga. Contact 9937059891.** D-20642



Shoproom (10'x10') opposite BijuPatnaik College, Jayadev Vihar main road. Contact: 9938511622. D-20634

1st Floor and 2nd Floor space (Each floor 1670sqft.) available in Uttara main road. Contact: 7978097047. D-20640

Single room for Office/ Residence, separate Toilet and Kitchen, 3000/ month, 5,Kharvelnagar near Keshari Talkies Bhubaneswar. 9238647661. D-69394

100 sqft. ground floor space available for ATM or Office in Badashankha Square Puri town . Contact. 7978097047. D-20641



New Opening Saikrupa Panchakarma and Spa Joint Pain, Fullbody Massage. 8984068077. D-65917

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in



କ'ଣ ଆପଣ ଅସୁବିଧାରେ ଅଛନ୍ତି କି? ୨ଘଣ୍ଟାରେ ସମାଧାନ Myastron ଦ୍ୱାରା। କାମ ନହେଲେ ଟଙ୍କା ଫେରସ୍ତ। ବ୍ୟବସାୟରେ, ପ୍ରେମରେ, ବିବାହରେ, ଚାକିରି ସମାଧାନ Mobile/ Whatsapp No.- 07381297749, 09739501234. D-20592

**AFFIDAVIT**

ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ ଖୋର୍ଦ୍ଧାଙ୍କ ପାଖରେ ଶପଥ କରୁଅଛି କି ମୁଁ ମୀନା ବରାଳ, ସ୍ୱା- କାବୁଲି ବରାଳ, ଗ୍ରା- ତଇଲା, ପୋ- ରାଇଗୁରପୁର, ଥା- ଗଡିଶାଗୋଦା, ଜି- ପୁରୀ। ମୋ ଆଗ ନାମକୁ ବଦଳାଇ ମମତା ବରାଳ କରୁଅଛି। ଏହା ପ୍ରତ୍ୟେକ କାର୍ଯ୍ୟରେ ଆସିବ। ଧ-୨୦୬୪୪

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com


# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଯେତେ ସୁବିଧା ଥିଲେ ମଧ୍ୟ ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ର ହେତୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ସ୍ୱାସ୍ଥ୍ୟ, ଟଙ୍କା ନେଇଥିବା ଲୋକ ବିଷୟରେ କିମ୍ବା ବ୍ୟବସାୟିକ ବିଫଳତାରୁ ଚିନ୍ତିତ ରହିବେ। ପଡୋଶୀଙ୍କ ସହାୟତାରେ ବନ୍ଧୁ ସହ ମନୋମାଳିନ୍ୟ ଦୂର ହେବ। କୌଣସି ବିବାଦୀୟ ବିଷୟକୁ ନେଇ ପଡୋଶୀମାନେ ପରାମର୍ଶ ଲୋଡ଼ିପାରନ୍ତି।

**ବୃଷ**
ଘରେ ଟିକିଏ ଜୋର୍ ଦେଇ କଥା କହିବା କାରଣରୁ ଅନ୍ୟମାନେ ଭିନ୍ନ ଦୃଷ୍ଟି କୋଣରୁ ବିଚାର କରିବେ। ଯେତେ ଅନୁନୟ ତଥା ବିନୟର ସହ କହିଲେ ମଧ୍ୟ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ନାହିଁ। ଆନୁଷ୍ଠାନିକ କାର୍ଯ୍ୟରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଆଂଶିକ ସଫଳତା ପାଇବେ।

**ମିଥୁନ**
ଅସୁବିଧାରେ ପଡିଥିବା ଲୋକଟି ପ୍ରତି ଦୟାଭାବ ପୋଷଣ କରି ଅନ୍ୟମାନଙ୍କ ପ୍ରଶଂସା ଭାଜନ ହେବେ। ସହକର୍ମୀମାନଙ୍କ ସାହାଯ୍ୟ ବିନା କାମଟିକୁ ହାସଲ କରିବା କଷ୍ଟକର ହେବ। ଆନୁଷ୍ଠାନିକ କ୍ଷେତ୍ରରେ ଉଚ୍ଚବର୍ଗର ଲୋକଙ୍କ ସଂସ୍ପର୍ଶରେ ଆସି ପାରନ୍ତି। ବୃତ୍ତିଗତ ଧନ୍ଦା କିମ୍ବା ବ୍ୟବସାୟିକ କ୍ଷେତ୍ରରେ ଉନ୍ନତ ଫଳ ପାଇବେ।

**କର୍କଟ**
ପରିବର୍ତ୍ତିତ ପରିସ୍ଥିତିରେ ପଡି ଦୁଃସାହସିକ କାମକରିବେ ଓ ସଫଳତା ପାଇବେ। ଆଦୌ ପଢୁ ନ ଥିବା ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇ ପାରନ୍ତି। କର୍ମକ୍ଷେତ୍ର କିମ୍ବା ପରିବାରରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡା ଲାଗିପାରେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ ହେବ।

**ସିଂହ**
ସମସ୍ତ ସୁବିଧା ଥାଇ ମଧ୍ୟ ପାରିବାରିକ କ୍ଷେତ୍ରରେ ସମସ୍ୟା ମନକୁ ଆନ୍ଦୋଳିତ କରିବ। ବ୍ୟବସାୟ ଓ ପରିବହନରେ ସଫଳତା ମିଳିବ କିନ୍ତୁ ଋଣ ପରିଶୋଧର ଚିନ୍ତାରେ ମନ ଭାରାକ୍ରାନ୍ତ ରହିବ। ପାରିବାରିକ ଜୀବନରେ ବୃଥା ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ସମ୍ପର୍କରେ ତିକ୍ତତା ଦେଖାଦେଇପାରେ।

**କନ୍ୟା**
ପାରିବାରିକ ଅଶାନ୍ତିରୁ ମାନସିକ ସ୍ଥିତି ଭଲ ରହିବନାହିଁ। ପାଖ ଲୋକଟି ବହୁତ ଉପକାରରେ ଆସିବାର ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ପାଇବାରେ ସହକର୍ମୀଙ୍କ ଉଦାରତା ମୁଖ୍ୟ ଭୂମିକା ଗ୍ରହଣ କରିବ। ଆଲୋଚନା ପରିସରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡିବେ।

**ତୁଳା**
ନିଜର ଭୁଲ୍ ବୁଝାମଣାରୁ ଆକସ୍ମିକ ଭାବରେ ପାରିବାରିକ କଳହର ସମ୍ଭାବନା ରହିଛି। ଆଜିର ଯାତ୍ରା କାଳରେ କୌଣସି ଯୁବକ ବ୍ୟକ୍ତିଠାରୁ ଯଥେଷ୍ଟ ସହାୟତା ପାଇବେ। ଗୃହ ସଜ୍ଜାରେ ମନୋନିବେଶ କରିବା ସହ ବନ୍ଧୁଙ୍କ ଜରିଆରେ ଦ୍ରବ୍ୟଲାଭରୁ ଖୁସି ହେବେ। ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ବିଛା**
ଆପଣଙ୍କ ଚିନ୍ତାଧାରା ଅନୁଯାୟୀ ପାରିପାର୍ଶ୍ୱିକ ପରିସ୍ଥିତି ଅନୁକୂଳ ରହିବ। କୌଣସି ନୂତନ କାମରେ ବନ୍ଧୁମାନେ ସହଯୋଗର ହାତ ବଢାଇବେ। ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବା ପଛରେ ପାରିବାରିକ ମତାନ୍ତର ହିଁ ମୁଖ୍ୟ କାରଣ ହେବ। ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ**
ସମସ୍ୟା ଭିତର ଦେଇ ଗତି କରୁଥିବାରୁ ଅନ୍ୟମନସ୍କ ରହିବେ। ବିବାଦୀୟ ପରିସ୍ଥିତିରେ ଆପଣଙ୍କର ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ସ୍ତ୍ରୀଙ୍କ ପ୍ରେରଣା ଲାଭକରି ଉପକୃତ ହେବେ। ପଡୋଶୀମାନେ କଣ୍ଢାବାଡରେ ଲୁଗାଛାଟି କଳହ କରିବାର ଉପକ୍ରମ କରିପାରନ୍ତି। ସକାଳୁଆ ଯାତ୍ରାରେ ଲକ୍ଷ୍ୟ ପୂରଣ ଅବଶ୍ୟ ହୋଇପାରେ।

**ମକର**
ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେହି କ୍ଷେତ୍ରରେ କିଛି ଅସୁବିଧା ହେବ ନାହିଁ। ପରିବାରରେ ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ବାହାର ସ୍ଥାନରେ କାହାକୁ ଅପେକ୍ଷା କରି ବିରକ୍ତ ହେବେ ଏବଂ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ରୋଗ,ଋଣ ଓ ଶତ୍ରୁତା ହେତୁକ ଚିନ୍ତାରେ ସମୟ କାଟିବାକୁ ପଡିପାରେ।

**କୁମ୍ଭ**
ପ୍ରତ୍ୟେକ କାମରେ କିଛିନା କିଛି ଅସୁବିଧା ରହିଥିବାର ଉପଲବ୍ଧି କରିବେ। ଏପରିକି ସତର୍କତା ଅଭାବରୁ ବିଭିନ୍ନ ସମସ୍ୟା ଭିତରକୁ ଟାଣି ହୋଇ ପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ସାନ୍ତ୍ୱନା ମିଳିବା ସଙ୍ଗକୁ ନୂଆ ଯୋଜନା ଉପରେ ଗୁରୁତ୍ୱ ଦେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ମୀନ**
ଆଜିର କର୍ମକ୍ଷେତ୍ରରେ ଏବଂ ପରିବାର ମଧ୍ୟରେ ସାମାନ୍ୟ କଥାରୁ ମନାନ୍ତର ସୃଷ୍ଟି ହୋଇପାରେ। ଅପରାହ୍ନେ ବିଳାସ ବ୍ୟସନ ମଧ୍ୟରେ ସମୟ ଅତିବାହିତ ହେବ। ରାଜନୀତିରେ ଦୃଢ଼ ସାହାଯ୍ୟ ଓ ସମର୍ଥନ ଯୋଗୁଁ ଆଗେଇ ଯିବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇବା ଠିକ୍ ହେବନାହିଁ।

ଆଜି ବୈଶାଖ କୃଷ୍ଣ ୫ମୀ ଶନିବାର, ମଇ ୧ ତାରିଖ, ଶ୍ରମିକ ଦିବସ, ରାଶିନକ୍ଷତ୍ର-ଦିବା ଘ.୧୦.୧୬ମି. ଗତେ ପୂର୍ବାଷାଢା/ଧନୁ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୯.୩୬ମି. ଗତେ ଘ.୦୧.୦୦ମି. ମଧ୍ୟେ, ରାତ୍ରି ଘ.୦୮.୨୧ମି. ଗତେ ଘ.୧୦.୩୬ମି. ମଧ୍ୟେ ଅମୃତବେଳା। ସକାଳ ଘ.୦୮.୩୨ମି. ଗତେ ଘ.୧୦.୦୮ମି. ମଧ୍ୟେ ରାହୁକାଳ।

## ବୁଡାମାଲ ଗାଁ ଶଟ୍‌ଡାଉନ

ପଦ୍ମପୁର,(ଡି.ଏନ.ଏ): ରାଜବୋଡାସମ୍ବର ପଦ୍ମପୁର ବ୍ଲକର ବୁଡାମାଲ ଗ୍ରାମକୁ ସରପଞ୍ଚ ଚତୁର୍ଭୁଜ ମେହେର ଶଟ୍‌ଡାଉନ ଘୋଷଣା କରିଛନ୍ତି। କରୋନା ମହାମାରୀର ଦ୍ୱିତୀୟ ଲହରରେ ଗ୍ରାମରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ଯୋଗୁ ଭୟର ବାତାବରଣ ସୃଷ୍ଟି ହୋଇଛି । କରୋନା ଆକ୍ରାନ୍ତଙ୍କ ସଂଖ୍ୟା ମଧ ବୃଦ୍ଧି ପାଉଛି। ଏଭଳି ପରିସ୍ଥିତିରେ ସରପଞ୍ଚ ଗ୍ରାମବାସୀଙ୍କୁ ଭୟଭୀତ ନ ହୋଇ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। ଏହାସହ ଗାଁକୁ ତୁରନ୍ତ ସାନିଟାଇଜ ପାଇଁ ଅଗ୍ନିଶମ ବିଭାଗକୁ ଜଣାଇଛନ୍ତି । ଗାଁରେ ଟିକାକରଣ, ପାଟ୍ରୋଲିଂ, କୋଭିଡ ପରୀକ୍ଷା ପାଇଁ ଉପଜିଲାପାଳ, ବିଡିଓ, ବୁଡେନ ଥାନାଧିକାରୀଙ୍କୁ ନିବେଦନ କରାଯାଇଛି ।

**ଡିଏଚ୍‌ଏଚ୍ କୋଭିଡ୍ ମେଡିକାଲ**

# କଟକଣାକୁ ନେଇ ଅସନ୍ତୋଷ

ସମ୍ବଲପୁର, ୩୦।୪ (ବ୍ୟୁରୋ)



ସମ୍ବଲପୁର ଡିଏଚ୍‌ଏଚ୍ କୋଭିଡ୍ ହସ୍ପିଟାଲ ।

ଗତ ବୁଧବାର ରାତିରୁ ସମ୍ବଲପୁର ଜିଲା ସଦର ଡାକ୍ତରଖାନା ପରିସରରେ କୋଭିଡ୍ ମେଡିକାଲ ଆରମ୍ଭ ହୋଇଛି। ଅଶ୍ୱିନୀ ହସ୍ପିଟାଲ ପକ୍ଷରୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ଏବେ ଏହି କୋଭିଡ୍ ମେଡିକାଲକୁ ନେଇ ବିବାଦ ସୃଷ୍ଟି ହୋଇଛି। ଜିଲାପାଳ ଶୁଭମ୍ ସକ୍‌ସେନା ସମ୍ବଲପୁର ଜିଲା ସହ ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି ଜିଲାର ରୋଗୀ ଚିକିତ୍ସିତ ହୋଇପାରିବେ ବୋଲି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଭଳି ନିଷ୍ପତ୍ତିକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଉଛି। କୋଭିଡ୍ ସଂକ୍ରମିତଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଯେଉଁ କଟକଣା କରାଯାଇଛି ତାହାକୁ ସ୍ୱାଗତ କରାଯାଉଛି। ହେଲେ ଅବିଭକ୍ତ ସମ୍ବଲପୁର ଜିଲାରେ ଥିବା ଦେବଗଡ଼, ଝାରସୁଗୁଡ଼ା ଓ ବରଗଡ଼ ଜିଲାର ରୋଗୀଙ୍କୁ ଏହି ହସ୍ପିଟାଲରେ ଚିକିତ୍ସା ଦିଆଯାଉ ବୋଲି ଦାବି ହେଉଛି। ମୁଖ୍ୟତଃ ଝାରସୁଗୁଡା, ଦେବଗଡ ଜିଲା ସହ ସମ୍ବଲପୁର ଜିଲାର ସମ୍ପର୍କ ରହିଛି। ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ କାମରେ ସମ୍ବଲପୁର ଜିଲା ଉପରେ ଉକ୍ତ ଜିଲାର ଲୋକେ ନିର୍ଭର କରନ୍ତି। ଏହି ଜିଲାର କୋଭିଡ୍ ଆକ୍ରାନ୍ତଙ୍କୁ ଚିକିତ୍ସା ଯୋଗାଇ ଦେବାରେ ପ୍ରଶାସନ କଟକଣା ସୃଷ୍ଟି କରିଛି। ଝାରସୁଗୁଡା ଜିଲାବାସୀଙ୍କୁ ରାଉରକେଲାସ୍ଥିତ ଏକ ଘରୋଇ ମେଡିକାଲ ଓ ଦେବଗଡ ଜିଲାକୁ କେନ୍ଦୁଝର ଜିଲାର ଏକ ଘରୋଇ ମେଡିକାଲ ସହ ଟ୍ୟାଗ୍ କରାଯାଇଛି। ଏଥିରେ ଗୁରୁତର କୋଭିଡ୍ ସଂକ୍ରମଣ ରୋଗୀ ସମସ୍ୟାର ସମ୍ମୁଖୀନ ହେବେ। ଝାରସୁଗୁଡ଼ାଠାରୁ ସମ୍ବଲପୁର ୫୦ କି.ମି. ଦୂରତା ରହିଥିବା ବେଳେ ଝାରସୁଗୁଡାଠାରୁ ରାଉରକେଲା ଦୂରତା ପ୍ରାୟ ୧୨୦କି.ମି. ରହିଛି। ସେହିପରି ଦେବଗଡ ଜିଲାବାସୀ ସମ୍ବଲପୁର ଆସିବାକୁ ଆଗ୍ରହ ପ୍ରକାଶ କରନ୍ତି। ତେଣୁ ଏହି ଜିଲାଗୁଡ଼ିକୁ ସମ୍ବଲପୁର କୋଭିଡ୍ ମେଡିକାଲରେ ଚିକିତ୍ସା କରାଯାଉ ବୋଲି ଦାବି କରାଯାଉଛି। ଅନ୍ୟପଟେ କୋଭିଡ୍ ମେଡିକାଲ ଖୋଲିବା ଦିନରୁ ଏହି କଟକଣା ଲାଗୁ ହୋଇଥିଲା। ଝାରସୁଗୁଡା ଓ ବରଗଡ ଜିଲାର କେତେଜଣ ରୋଗୀ ଚିକିତ୍ସା ପାଇଁ ସମ୍ବଲପୁର ଆସିଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ ମନା କରାଯିବାରୁ ଏହି ଘଟଣା ଚର୍ଚ୍ଚାର ପରିସରକୁ ଆସିଥିଲା। ପରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ପାଖରେ ଅଭିଯୋଗ କରାଯାଇଥିଲା। ଏହାକୁ ନେଇ ମନ୍ତ୍ରୀ ଦାସ ଓ ସ୍ୱାସ୍ଥ୍ୟ ବିଭାଗର ସଚିବ ସ୍ତରରେ ଆଲୋଚନା ହୋଇଥିଲା। ଜିଲାପାଳ ସକ୍‌ସେନାଙ୍କ ସହ ସଚିବ ଆଲୋଚନା କରି ଶେଷରେ ଅତି ଗୁରୁତର ରୋଗୀମାନଙ୍କୁ ଚିକିତ୍ସା ସୁବିଧା ଦିଆଯିବ। କିନ୍ତୁ ଉକ୍ତ ରୋଗୀମାନେ ସ୍ଥାନୀୟ ଜିଲାପାଳଙ୍କ ଅନୁମୋଦନ ପତ୍ର ନେଇ ଆସିବାକୁ ପଡିବ ବୋଲି ସ୍ଥିର ହୋଇଛି। ହେଲେ ଜଣେ ସାଧାରଣ ପରିବାର ରୋଗୀ ଜିଲାପାଳ, ମନ୍ତ୍ରୀ, ନେତାଙ୍କ ପାଖରେ ପହଞ୍ଚି କିଭଳି ଅନୁମୋଦନ ଆଣିବ ବୋଲି ପ୍ରଶ୍ନ ଉଠୁଛି।

**ଦେବଗଡ଼, ଝାରସୁଗୁଡ଼ା ଜିଲାବାସୀଙ୍କୁ ଚିକିତ୍ସା ଦାବି**

# ଡିଏଚ୍‌ଏଚ୍‌ରେ ଏମ୍‌ପି ଅନୁଦାନରେ ୨ ଆମ୍ବୁଲାନ୍ସ


ଡିଏଚ୍‌ଏଚ୍‌ରେ ଆମ୍ବୁଲାନ୍ସ ଉଦ୍‌ଘାଟନ କରାଯାଉଛି ।

ସମ୍ବଲପୁର,୩୦।୪(ବ୍ୟୁରୋ)

ସମ୍ବଲପୁର ଜିଲା ସଦର ଡାକ୍ତରଖାନାକୁ ଏମ୍‌ପି ଅନୁଦାନରୁ ୨ଟି ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ଶୁକ୍ରବାର ଏମ୍‌ପି ନୀତେଶ ଗଙ୍ଗଦେବ ସବୁଜ ପତାକା ଦେଖାଇ ଏହାର ଲୋକାର୍ପଣ କରିଛନ୍ତି। କାର୍ଯ୍ୟକ୍ରମରେ ରେଙ୍ଗାଲି ବିଧାୟକ ତଥା ଭାଜପା ରାଜ୍ୟ ଉପସଭାପତି ନାଉରୀ ନାଏକ, ଭାଜପା ଜିଲା ସଭାପତି ଗିରିଶ ପଟେଲ, ଦେବେନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ମେହେର, ଗୋବିନ୍ଦ ଅଗ୍ରୱାଲ, ସମୀର ରଞ୍ଜନ ବାବୁ, ଅଶ୍ୱିନୀ ମାଝି, ମୋହନ ଦାସ, ଏଡିଏମ୍‌ଓ ଭରତ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତବର୍ଷ ୧ କୋଟି ୨୫ ଲକ୍ଷ ଟଙ୍କା କେବଳ ସମ୍ବଲପୁର ଜିଲାରେ ଖର୍ଚ୍ଚ କରିବା ପାଇଁ ଏମ୍‌ପି ଜିଲାପାଳଙ୍କୁ ଚିଠି ଲେଖିଥିଲେ। ଏହି ଅନୁଦାନରେ ୨ ଗୋଟି ଅତ୍ୟାଧୁନିକ ଭେଣ୍ଟିଲେଟର ଥିବା ଆମ୍ବୁଲାନ୍ସ କିଣାଯାଇଛି। ବଳକା ଟଙ୍କା କୋଭିଡ୍ ପରିଚାଳନାରେ ଖର୍ଚ୍ଚ କରାଯିବ ବୋଲି ସୂଚନା ଦିଆଯାଇଛି ।

# କୋଭିଡ୍ ପରିଚାଳନା: ସିଡିଏମ୍‌ଓଙ୍କୁ ଭେଟିଲେ ଭାଜପା ପ୍ରତିନିଧି


ସିଡିଏମ୍‌ଓଙ୍କ ସହିତ ଭାଜପା ପ୍ରତିନିଧି ମଣ୍ଡଳୀ ଆଲୋଚନା କରୁଛନ୍ତି।

ଝାରସୁଗୁଡ଼ା ଅଫିସ,୩୦।୪

ଝାରସୁଗୁଡ଼ା ଜିଲାରେ କରୋନା ସଂକ୍ରମଣ ଦିନକୁ ଦିନ ବଢି ଚାଲିଛି। ଏଥିମଧ୍ୟରୁ ପ୍ରତିଦିନ କେତେଜଣ ମୃତ୍ୟୁମୁଖରେ ପଡୁଛନ୍ତି। କୋଭିଡ୍ ପରିଚାଳନାକୁ ନେଇ ଜିଲା ଭାଜପାର ଏକ ପ୍ରତିନିଧି ଦଳ ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସକ ଡା. ଲାଲମୋହନ ରାଉତରାୟଙ୍କୁ ଭେଟି ଆଲୋଚନା କରିଛନ୍ତି। ଏଥିରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁନିଲ ପଣ୍ଡା, ମଣ୍ଡଳ ସଭାପତି ନେତାଜୀ ପଟ୍ଟନାୟକ ଓ ସମ୍ପାଦକ ପ୍ରେମସେନ୍ ରାୟ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଜିଲାରେ ଏକମାତ୍ର କୋଭିଡ୍ ହସ୍‌ପିଟାଲ୍ ରହିଛି । ଏଠାରେ ଶଯ୍ୟା, ଆଇସିୟୁ, ଭେଣ୍ଟିଲେଟର, କୋଭିଡ୍ ପରୀକ୍ଷା, ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ଆଦି ଆବଶ୍ୟକତାରୁ କମ୍ ରହିଛି। ଫଳରେ ଅନେକ ସମୟରେ କରୋନା ଆକ୍ରାନ୍ତ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ଏସବୁର ସମାଧାନ ପାଇଁ ଜିଲା ସେମାନେ ଦାବି କରିଥିଲେ। ସିଡିଏମ୍‌ଓ ଡା. ରାଉତରାୟ କହିଛନ୍ତି, ଜିଲା କୋଭିଡ୍ ହସ୍ପିଟାଲ୍‌ରେ ୧୨୦ଶଯ୍ୟା ରହିଛି। ଆହୁରି ଶହେ ଶଯ୍ୟା ବୃଦ୍ଧି କରାଯିବ। ଏହା ସହିତ ଆଉ ଏକ ଶହେ ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲ୍ ଓ କୋଭିଡ୍ କେୟାର ସେଣ୍ଟର ଖୋଲାଯିବ। ଜିଲାରେ ଦୈନିକ ୨ହଜାର ଲୋକଙ୍କ କୋଭିଡ୍ ପରୀକ୍ଷା କରାଯାଉଛି। ଏଥିମଧ୍ୟରେ ବିଭିନ୍ନ କମ୍ପାନୀର ୧୪ରୁ ୧୫ଶହ ଓ ୪ରୁ ୫ଶହ ସାଧାରଣ ଲୋକ ରହିଛନ୍ତି। ଭାଜପା ପ୍ରତିନିଧି ମଣ୍ଡଳୀ ଏଥିରେ ଅସନ୍ତୋଷ ବ୍ୟକ୍ତକରି କମ୍ପାନୀ କୋଭିଡ୍ ପରୀକ୍ଷାକୁ ବିରୋଧ କରିଥିଲେ । ଏହି ପରୀକ୍ଷା ଜିଲାର ସାଧାରଣ ଲୋକଙ୍କ ପାଇଁ ହେବା କଥା ବୋଲି ଦାବି କରିଥିଲେ।

# ଓଡ଼ିଶା ମୋ ପରିବାର ପକ୍ଷରୁ ଖୋଲିଲା ସହାୟତା କେନ୍ଦ୍ର

ସମ୍ବଲପୁର, ୩୦।୪ (ବ୍ୟୁରୋ)


ସମ୍ବଲପୁର ରାଜଘାଟଠାରେ ଖୋଲାଯାଇଥିବା ସହାୟତା କେନ୍ଦ୍ର ।

ସମ୍ବଲପୁର କମଳୀବଜାରସ୍ଥିତ ରାଜଘାଟ (ସ୍ୱର୍ଗଦ୍ୱାର)ରେ ପ୍ରତିଦିନ କୋଭିଡ୍ ଓ ଅଣକୋଭିଡ୍ ରୋଗୀଙ୍କ ମୃତଦେହ ସତ୍କାର କରାଯାଉଛି। ଅନେକ ସମୟରେ ଏଠାରେ ଭିଡ଼ ହେଉଥିବା ବେଳେ ମୃତଦେହ ସତ୍କାର ସମୟରେ ପରିବାର ବର୍ଗଙ୍କୁ ସମସ୍ୟା ସୃଷ୍ଟି ହେଉଛି। ଏପରି କି କେତେକ ମୃତଦେହ ସତ୍କାର ପାଇଁ କେହି ଆଗେଇ ଆସୁନାହାନ୍ତି। ଏଭଳି ସ୍ଥିତିରେ ଲୋକମାନଙ୍କୁ ସହାୟତା କରିବା ପାଇଁ ଓଡିଶା ମୋ ପରିବାର ପକ୍ଷରୁ ଏକ ସହାୟତା କେନ୍ଦ୍ର ଖୋଲା ଯାଇଛି। ଶୁକ୍ରବାର ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ, ଜିଲା ବିଜେଡି ସଭାପତି ସିଦ୍ଧାର୍ଥ ଦାସ, ଜିଲା ଯୁବ ବିଜେଡି ସଭାପତି ଲକ୍ଷ୍ମୀପ୍ରସାଦ ମହାପାତ୍ର, ଲିଙ୍ଗରାଜ ତ୍ରିପାଠୀ, ବିଜୟ ଆଜମେରିଆ, ଦେବାଶିଷ ନନ୍ଦ, ରମାକାନ୍ତ ସାହୁ, ସୁଶାନ୍ତ ପାଣିଗ୍ରାହୀ, ଅଶୋକ ମହାକୁର, ସୁବେଶ ମୁଣ୍ଡା, ପ୍ରମୋଦ ନାୟକ, ଆଶିଷ ମିଶ୍ର, ନିଶିଥ ଆକାଶ, ଶିବଶଙ୍କର ପ୍ରଧାନ, ଷ୍ଟିଫେନ୍ ତିର୍କୀ, ଶାନ୍ତନୁ ଦୀପ, ଭୋଳାନାଥ ଦୀପ ପ୍ରମୁଖ ଉପସ୍ଥିତ ଥିଲେ। ଦିଲୀପ ଦାସ, ସାମାଜିକ କର୍ମୀ ନିହାଲ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ମୃତଦେହ ସତ୍କାର ପାଇଁ କରିବେ ସହାୟତା**

# କୁଆଁରମୁଣ୍ଡାରେ ଚିନ୍ତା ବଢ଼ାଉଛି କରୋନା

କୁଆଁରମୁଣ୍ଡା,୩୦।୪(ଡି.ଏନ.ଏ.)

ଗୁରୁବାର ସୁନ୍ଦରଗଡ଼ ଜିଲାରେ ୪୭୪ କରୋନା ପଜିଟିଭ୍ ଚିହ୍ନଟ ହୋଇଛି। ଏହି ସମୟରେ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମୋଟ ୧୬ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଣ୍ଟିଜେନ ଟେଷ୍ଟ ଓ ଆରଟିପିସିଆର ଟେଷ୍ଟ ଚାଲୁଥିବା ବେଳେ ପ୍ରତ୍ୟେକ ଦିନ ୧୦ରୁ ୨୦ ମଧ୍ୟରେ କରୋନା ପଜିଟିଭ୍ ଚିହ୍ନଟ ହେଉଛନ୍ତି। ଶୁକ୍ରବାର ସୁଦ୍ଧା କୁଆଁରମୁଣ୍ଡା ଓ ଏହାର ଆଖପାଖ ଅଞ୍ଚଳରେ ମୋଟ୍ ୧୫୦ଜଣ ଊର୍ଦ୍ଧ୍ୱ କରୋନା ଆକ୍ରାନ୍ତ ଚିହ୍ନଟ ହେଲେଣି ବୋଲି କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷକ ଡା. ଶ୍ରୀମନ୍ତ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏପରିକି ଶୁକ୍ରବାର କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୩ କର୍ମଚାରୀ ପଜିଟିଭ୍ ଚିହ୍ନଟ ହେବା ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅନ୍ତର୍ବାସକୁ ଆସନ୍ତା ୪୮ ଘଣ୍ଟା ପାଇଁ ବନ୍ଦ ରଖାଯାଇଛି ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡା.ପଟ୍ଟନାୟକ ସୂଚନା ଦେଇଛନ୍ତି। ଅନ୍ୟ ପକ୍ଷରେ ଏହି ଅଞ୍ଚଳରେ କରୋନା ସଂକ୍ରମଣ ବୃଦ୍ଧିକୁ ଲକ୍ଷ୍ୟ କରି ଆସନ୍ତା ମଙ୍ଗଳବାର ସାପ୍ତାହିକ ହାଟରେ ମଧ୍ୟ କେବଳ ପନିପରିବା ବେପାରିମାନଙ୍କ ବ୍ୟତୀତ ଅନ୍ୟ ସମସ୍ତ ବ୍ୟବସାୟୀଙ୍କୁ ହାଟକୁ ଆସିବାକୁ ବାରଣ କରିଛି କୁଆଁରମୁଣ୍ଡା ପଞ୍ଚାୟତ ପ୍ରଶାସନ। ଏ ନେଇ କୁଆଁରମୁଣ୍ଡା ପଞ୍ଚାୟତ ସରପଞ୍ଚ ହାଟ ଓ ଅନ୍ୟାନ୍ୟ ସ୍ଥାନରେ ନୋଟିସ୍ ଲଗାଇବା ସହ ଗତପାଳି ହାଟରେ ମଧ୍ୟ ଡେଙ୍ଗୁରା ବଜାଇ ସଚେତନ କରାଇଛି। ସେହିପରି ଆଗାମୀ ଦିନରେ ମଧ୍ୟ କୁଆଁରମୁଣ୍ଡା ମେନ୍ ମାର୍କେଟ ସମେତ ଅନ୍ୟାନ ମାର୍କେଟ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପରିବର୍ତ୍ତେ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଖୋଲା ରହିବା ପାଇଁ ସରପଞ୍ଚଙ୍କ ସମେତ କୁଆଁରମୁଣ୍ଡା ସଚେତନ ନାଗରିକ ମଞ୍ଚ ନିଷ୍ପତି ନେବାକୁ ଯାଉଛି। ଏହା ସହ ମାର୍କେଟରେ ବେପାର କରୁଥିବା ପ୍ରତ୍ୟେକ ବ୍ୟବସାୟୀ ସାମାଜିକ ଦୂରତ୍ୱ ଓ ମାସ୍କ ବ୍ୟବହାର ଉପରେ ଗୁରୁତ୍ୱ ଦେବା ପାଇଁ ସଚେତନ ନାଗରିକ ମଞ୍ଚ ନିଷ୍ପତି ନେଇଛି।

**ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ପଞ୍ଚାୟତ ଏବଂ ବ୍ଲକ୍‌ରେ କାମକରିବା ପାଇଁ 7th to 10th, +2, +3, ITI Diploma Candidate ଆବଶ୍ୟକ ।
ଦରମା - 7,000/- ରୁ 42,000/-
8895029591

**WANTED**
Female full time **MAID CUM COOK** in Bhubaneswar. Accommodation will be provided.
Contact:
9132933333

DSPL - 29



**ଶ୍ରମିକ ଦିବସ ଉପଲକ୍ଷେ ବାର୍ତ୍ତା**

ଶ୍ରମିକ ଦିବସ ଉପଲକ୍ଷେ ଓଡ଼ିଶାର ଶ୍ରମଜୀବୀ ଭାଇ ଓ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ।

ରାଜ୍ୟରେ ଶିଳ୍ପ ପ୍ରତିଷ୍ଠାନର ସାମଗ୍ରିକ ବିକାଶ କ୍ଷେତ୍ରରେ ଶ୍ରମିକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଶ୍ରମିକମାନଙ୍କର ଶ୍ରମ, ନିଷ୍ଠା ଓ ଆନ୍ତରିକତା ରାଜ୍ୟକୁ ପ୍ରଗତି ପଥରେ ଆଗେଇନେବ ବୋଲି ମୋର ବିଶ୍ୱାସ ।

ସମ୍ପ୍ରତି କରୋନା ଦ୍ୱିତୀୟ ଲହରୀର ଭୟାବହତା ଓ ସଂକ୍ରମଣକୁ ରୋକିବା ପାଇଁ ସରକାରଙ୍କ ଦ୍ୱାରା ଜାରି ମାର୍ଗଦର୍ଶିକାର କଡ଼ାକଡ଼ି ଅନୁପାଳନ ସହିତ କାର୍ଯ୍ୟ କ୍ଷେତ୍ରରେ ଦୃଢ଼ ମନୋବଳ ନେଇ କୋଭିଡକୁ ପରାହତ କରିବା ଦିଗରେ ସମ୍ମିଳିତ ଉଦ୍ୟମ କରନ୍ତୁ ।

ମୁଁ ଏହି ଅବସରରେ ଶ୍ରମିକମାନଙ୍କର ସୁଖ, ସମୃଦ୍ଧି ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

(ସୁଶାନ୍ତ ସିଂହ)
ମାନ୍ୟବର ମନ୍ତ୍ରୀ, ଶ୍ରମ, କର୍ମଚାରୀ ରାଜ୍ୟ ବୀମା ଓ ଗ୍ରାମ୍ୟ ଉନ୍ନୟନ, ଓଡ଼ିଶା
OIPR-17001/13/0001/2122

**Bhubaneswar Development Authority**

Notice No. 18037
BDA, Date: 30/04/21

BDA invites application for e-auction of a large size plot at **Subudhipur** (in front of DN-Regalia) and **Gadakana** (Near Press Square). For details visit our website **www.bda.gov.in**

APPLICATION START DATE:- 03.05.2021 | APPLICATION END DATE:- 24.05.2021 | DATE OF E-AUCTION DATE:- 31.05.2021







**LOCATION**
Mouza : Subudhipur
Location : Adjacent to NH-16
Area : 2.586 ac (approximately)
Approach Road : 100 ft. wide
Landmark : Opposite to DN Regalia Mall
Lease Period : 82 years

**LOCATION**
Mouza : Gadakana
Location : Near Press Square
Area : 3.001 ac (approximately)
Approach Road : 100 ft. wide
Landmark : Middle point of NBCC Imperia & Unitech
Lease Period : 77 years

**SUBUDHIPUR** K-5 KALINGA NAGAR

| LOCATION OF PLOT | KHATA NO/ PLOT NO | TOTAL AREA OF PLOT (IN ACRE) | UPSET PRICE OF PLOT (IN RS.CR.) | FIXED EMD AMOUNT (IN RS.LAC.) |
|---|---|---|---|---|
| K-5 Kalinga Nagar | 95/24 110 (p) | 2.586 | 16.10 | 48.30 |

Hospital Availability : Within 2.2 kms radiation
Airport Availability : Within 11 kms radiation
School Availability : Within 3.7 kms radiation
Railway Station : Within 13.5 kms radiation

**GADAKANA** AT BHUBANESWAR

| LOCATION OF PLOT | KHATA NO/ PLOT NO | TOTAL AREA OF PLOT (IN ACRE) | UPSET PRICE OF PLOT (IN RS.CR.) | FIXED EMD AMOUNT (IN RS.CR.) |
|---|---|---|---|---|
| Unitech | 4689 (Hall) 7254 (pt) 7255 (pt) 7640 (pt) | 3.001 | 65.00 | 1.95 |

Hospital Availability : Within 1.5 kms radiation
Airport Availability : Within 7.8 kms radiation
School Availability : Within 1.5 kms radiation
Railway Station : Within 6.5 kms radiation

Bhubaneswar Development Authority
Akash Shova Building, Sachivalaya Marg, BBSR, Odisha 751001
| 0674 239 2801 | www.bda.gov.in

Sd/-
Secretary, Bhubaneswar Development Authority

# ୫-ଟିରେ ଅନ୍ତର୍ଭୁକ୍ତ ହେଲା ୪୦ ଉଚ୍ଚ ବିଦ୍ୟାଳୟ

**ଦେବଗଡ, ୩୦।୪(ଡି.ଏନ.ଏ):** ମୁଖ୍ୟମନ୍ତ୍ରୀଙ୍କର ୫-ଟି ଅନ୍ତର୍ଗତ ପଦକ୍ଷେପ ସ୍ୱରୂପ ରାଜ୍ୟରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟଗୁଡିକର ଭିତ୍ତିଭୂମିର ବିକାଶ ସହିତ ବିଦ୍ୟାଳୟଗୁଡିକରେ ଶୈକ୍ଷିକ ବାତାବରଣ ଯୋଗାଇଦେବାର ଲକ୍ଷ୍ୟ ରଖାଯାଇଛି। ଏହି ପରିପ୍ରେକ୍ଷୀରେ ଦେବଗଡ ଜିଲାକୁ ଏହି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଥିବା ଦେବଗଡ ଜିଲାପାଳ ସୁଧାଂଶୁ ମୋହନ ସାମଲ ସୂଚନା ଦେଇଛନ୍ତି। ଜିଲାପାଳ ସାମଲ କହିଛନ୍ତି ଯେ, ଜିଲାରେ ଥିବା ୮୩ଟି ସରକାରୀ ଉଚ୍ଚ ବିଦ୍ୟାଳୟ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୪୦ଟି ବିଦ୍ୟାଳୟକୁ ଏହି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ବିଦ୍ୟାଳୟଗୁଡିକରେ ଆବଶ୍ୟକୀୟ ଭିତ୍ତିଭୂମିର ବିକାଶ ସହିତ ଛାତ୍ରୀଛାତ୍ରମାନଙ୍କୁ ସ୍ମାର୍ଟ କ୍ଲାସ ରୁମ, ଇ-ଲାଇବ୍ରେରୀ, ବିଜ୍ଞାନ ଲାବ୍ରୋଟାରୀ , କ୍ରୀଡାର ଉନ୍ନତି ପାଇଁ ଆବଶ୍ୟକୀୟ ଉପକରଣ, ଖେଳ ପଡିଆ, ପାନୀୟଜଳର ଉପଯୁକ୍ତ ବ୍ୟବସ୍ଥା ଏବଂ ବିଦ୍ୟାଳୟଗୁଡିକର ସୌନ୍ଦର୍ଯ୍ୟକରଣ କରାଯିବ। ଏହା ବ୍ୟତୀତ ଛାତ୍ରୀଛାତ୍ର ମାନଙ୍କର ଏକ୍ସଟ୍ରା କରିକୁଲାର ଏକଟିଭିଟି ବଢାଇବା ପାଇଁ ମଧ ବ୍ୟବସ୍ଥା କରାଯିବ। ଉନ୍ନତମାନର ଶିକ୍ଷା ନିମନ୍ତେ ଅଭିଜ୍ଞ ଶିକ୍ଷକମାନଙ୍କ ଦ୍ୱାରା ଅଡିଓ ଭିଜୁଆଲ ଟିଚିଂର ବ୍ୟବସ୍ଥା କରାଯାଇ ପିଲାମାନଙ୍କର ବିଷୟ ଭିତ୍ତିକ ସନ୍ଦେହ ଦୂର କରାଯିବ। ଏଥିପାଇଁ ପ୍ରତି ବିଦ୍ୟାଳୟ ପିଛା ୭୦ ରୁ ୮୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ଧାର୍ଯ୍ୟ କରାଯାଇଛି ବୋଲି ଜିଲାପାଳ ସାମଲ ସୂଚନା ଦେଇଥିଲେ। ଜିଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ଯୋଜନାରେ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଉନ୍ନତମାନର ଶିକ୍ଷା ପ୍ରଦାନ ସହିତ ସେମାନଙ୍କୁ ଘରୋଇ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ସହିତ ସବୁ କ୍ଷେତ୍ରରେ ମୁକାବିଲା କରିବାରେ ସହାୟକ ହେବ ।

**ODISHA PUBLIC SERVICE COMMISSION**
**CUTTACK**
**NOTICE**
No.2912/ P.S.C., Dt.30.4.21
(IE-17-2020-21) (DR-II)
Website- www.opsc.gov.in

No.D-15:- It is for information of all concerned that on the basis of written examination held on 28.02.2021, for recruitment to the post of Assistant Executive Engineer (Electrical) under Department of Energy, pursuant to the Advertisement No. **10 of 2019-20, 64 (21-w)** candidates (List enclosed) have provisionally qualified & shortlisted for document verification. The candidatures of these candidates are purely provisional and subject to fulfillment of eligibility as per the terms & conditions of the Advertisement.

1. The physical verification of original certificates/ documents in respect of the concerned candidates will be held in the Office of the Commission **from 17.05.2021 to 19.05.2021**, the detail programme of which will be published in the website of the Commission later.
2. The concerned candidates are asked to be personally present and produce copy of all the relevant certificates and other documents along with original of the same in support of their eligibility for the aforesaid post as mentioned at **Para-10** of the Advertisement along with hard copy of the online application form & Aadhaar Card.
3. The concerned candidates are required to download "Attestation Form" and "Bio-data" from the website of the Commission and bring duly filled-in.
4. The participation in the document verification doesn't reserve any right for appointment in the service in the event the candidates fail to fulfill the eligibility criteria as per terms & conditions of the above advertisement. The candidates are advised to go through the website of the Commission at www.opsc.gov.in.

**Special instructions & guidelines for candidates in view of Covid-19**

a) Covid-19 test report (RT-PCR) showing "negative" (-ve) obtained from authorized laboratories of ICMR within 48 hours of the date of document verification to be brought by all candidates. No candidate shall be permitted for document verification, if Negative RT-PCR report not furnished.
b) Self declaration by the candidates that he/she has not physically interacted with any Covid patient in last 07 days.
c) The candidates should bring their own water bottles.
d) Each candidate should carry his/ her own sanitizer bottle and wear mask properly. No candidates shall be permitted to the document verification without proper masking.
e) Each candidate should maintain social distancing norm of 6 feet while coming to the verification process.
f) No candidate would be accompanied by any guardian or parent. Entry to the premises will be for candidates only.

**Sd./- Additional Secretary**

**ODISHA PUBLIC SERVICE COMMISSION**
**Recruitment to the Posts of Asst. Executive Engineer (Electrical), Pursuant to Advt. No.10 of 2019-20**
**Roll List of Candidates Selected for Documents Verification**

| | | | | | | | | |
|---|---|---|---|---|---|---|---|---|
| 100014 | 100681 | 101094 | 101341 | 102200 | 102510 | 200307 | 200701 | 300225 |
| 100120 | 100746 | 101141 | 101442 | 102264 | 102511 | 200335 | 200736 | 300299 |
| 100121 | 100752 | 101176 | 101493 | 102319 | 102691 | 200437 | 201211 | 300350 |
| 100364 | 100782 | 101244 | 101521 | 102322 | 102754 | 200546 | 201232 | 300376 |
| 100415 | 100810 | 101268 | 101532 | 102356 | 102760 | 200559 | 300039 | 300523 |
| 100468 | 100873 | 101294 | 101577 | 102367 | 200008 | 200608 | 300134 | 300544 |
| 100670 | 101068 | 101297 | 101778 | 102461 | 200114 | 200634 | 300148 | 300582 |
| | | | | | | | | 300586 |

OIPR-12002/11/0010/2122

କେତେବେଳେ ମଣିଷ ଓ ଈଶ୍ୱରଙ୍କର ସାକ୍ଷାତ ସମ୍ବନ୍ଧ ହୁଏ ? ଯେତେବେଳେ ଈଶ୍ୱର ମଣିଷ ଭିତରକୁ ତାଙ୍କ ଆଡୁ ପ୍ରବେଶ କରନ୍ତି ଏବଂ ମଣିଷ ବି ଯେତେବେଳେ ଈଶ୍ୱରଙ୍କ ଭିତରକୁ ଖସ ଦିଏ- ସେତିକି ବେଳେ। -ଶ୍ରୀଅରବିନ୍ଦ



# ଚିନ୍ତା ବଢ଼ିଯାଇଛି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସେଣ୍ଟ୍ରାଲ ଭିଜିଲାନ୍ସ କମିଶନ (ସିଭିସି) ବିଭିନ୍ନ ମାମଲାରେ ହେଉଥିବା ଅମଲାତାନ୍ତ୍ରିକ ଅବହେଳାକୁ ନେଇ ଚିନ୍ତିତ ହେବା ସହ ଏହା ବିରୋଧରେ ପଦକ୍ଷେପ ନେଇଛି। ବିଚାର ନ ହୋଇ ପଡ଼ିରହିଥିବା ମାମଲାଗୁଡ଼ିକର ସମାଧାନ କରିବା ଲାଗି ଏହା ଅଣ୍ଟା ଭିଡ଼ିଛି। ଦୁର୍ନୀତି ବିରୋଧୀ ସଂସ୍ଥା ଭାବେ ଏହା ବିଚାରାଧୀନ ମାମଲାଗୁଡ଼ିକର ନିୟମିତ ସମୀକ୍ଷା କରେ ଓ ଆଗକୁ ବଢ଼ିପାରୁ ନ ଥିବା ଦୁର୍ନୀତି ମାମଲାଗୁଡ଼ିକର ମଧ୍ୟ ତଦନ୍ତ ପାଇଁ ପଦକ୍ଷେପ ନେଇଥାଏ। କିନ୍ତୁ ସିଭିସି ଏଭଳି ପ୍ରୟାସରେ କମ୍ ସଫଳତା ପାଇବା ପରେ ଚଳିତ ବର୍ଷ ଜାନୁୟାରୀରେ ବିଚାର ନ ହୋଇ ପଡ଼ିରହିଥିବା ମାମଲାଗୁଡ଼ିକର ସମାଧାନ କରିବାକୁ ଏକ ସମୟସୀମା ସ୍ଥିର କରିଥିଲା। ଜାନୁୟାରୀ ୨୦୧୧ ଓ ଡିସେମ୍ବର ୨୦୧୮ ମଧ୍ୟରେ ଏଭଳି ମାମଲାଗୁଡ଼ିକର ସମାଧାନ ପାଇଁ ବିଭିନ୍ନ ସରକାରୀ ସଂସ୍ଥାରେ ରହିଥିବା ସମସ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଓ ଭିଜିଲାନ୍ସ ଅଧିକାରୀଙ୍କୁ ଏହା ନିର୍ଦ୍ଦେଶ ଦେଇଥିଲା। ନିର୍ଦ୍ଧାରିତ ସମୟସୀମା ପୂରଣ ହେବାକୁ ଆଉ ଏକ ମାସ ଥିବାବେଳେ ମୁଖ୍ୟ ଭିଜିଲାନ୍ସ କମିଶନ ସଞ୍ଜୟ କୋଠାରୀ ଏବେ ଏଥିରେ ସଫଳତା ପାଇବା ଓ କାର୍ଯ୍ୟଧାରାରେ ଉନ୍ନତି ଆଣିବା ଲାଗି ତତ୍ପରତା ପ୍ରକାଶ କରିଛନ୍ତି। ଅଧିକାରୀମାନଙ୍କ ବିରୋଧରେ ଗ୍ରହଣ କରାଯାଇଥିବା ଅଭିଯୋଗଗୁଡ଼ିକୁ ୩ ମାସ ମଧ୍ୟରେ ସମାଧାନ କରିବା ପାଇଁ ସେ କେନ୍ଦ୍ର ମନ୍ତ୍ରଣାଳୟଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ଏଥିପାଇଁ ସମୟସୀମା ମେ' ୩୧ ରହିଛି ବୋଲି ସେମାନଙ୍କୁ ସ୍ମରଣ କରାଇଦେଇଛନ୍ତି କୋଠାରୀ। ଅଭିଯୋଗ ଗ୍ରହଣ କରିବା ଦିନଠାରୁ ୩ ମାସ ଶେଷସୁଦ୍ଧା ଏହାକୁ ସମାଧାନ କରିବା ବାଧ୍ୟତାମୂଳକ ବୋଲି ସେ କହିଛନ୍ତି। କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ କ'ଣ ନିଷ୍ପତ୍ତି ନିଆଯାଇଛି ସମ୍ପୃକ୍ତ କର୍ମଚାରୀଙ୍କୁ ତାହା ୧୫ ଦିନ ମଧ୍ୟରେ ଜଣାଇବାର ବ୍ୟବସ୍ଥା କରିବାକୁ ମଧ୍ୟ କୁହାଯାଇଛି। ଭିଜିଲାନ୍ସ ମାମଲାକୁ ଆଗକୁ ବଢ଼ାଇବା ଲାଗି ଥରେ ଯଦି ନିଷ୍ପତ୍ତି ନିଆଯାଏ, ତେବେ ମାମଲା ପଞ୍ଜୀକରଣର ୩ ମାସ ମଧ୍ୟରେ ସମ୍ପୃକ୍ତ ସଂସ୍ଥା ପ୍ରଥମ ପର୍ଯ୍ୟାୟ ପରାମର୍ଶ ପାଇଁ ତା'ର ତଦନ୍ତ ରିପୋର୍ଟ ସିଭିସି କିମ୍ବା ମୁଖ୍ୟ ଭିଜିଲାନ୍ସ ଅଧିକାରୀଙ୍କ ନିକଟକୁ ପଠାଇବାକୁ ପଡ଼ିବ ବୋଲି କୋଠାରୀ କହିଛନ୍ତି।

### ନିଯୁକ୍ତି ବିବାଦ

କୋଭିଡ୍ ମହାମାରୀର ଭୟାବହତା ଲାଗିରହିଛି। ଏହାକୁ ଅଣଦେଖା କରି ପଞ୍ଜାବ ସରକାର ଏବଂ କେନ୍ଦ୍ର ମଧ୍ୟରେ ଚଣ୍ଡିଗଡ଼ ପ୍ରଶାସନରେ ରାଜସ୍ୱ ସଚିବ ଭାବେ ୨୦୦୨ ବ୍ୟାଚ୍ ଆଇଏଏସ୍ ଅଧିକାରୀ ବିଜୟ ନମଦେଓରାଓ ଜାଦେଙ୍କ ନିଯୁକ୍ତିକୁ ନେଇ ବିବାଦ ଉପୁଜିଛି। ଏହି ପଦବୀ ପାଇଁ ଜାଦେ ୟୁଟି ଆଡ୍‌ମିନିଷ୍ଟ୍ରେଶନ ବା କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନ ଦ୍ୱାରା ମନୋନୀତ ହୋଇଥିଲେ। ଉକ୍ତ ପଦବୀ ପଞ୍ଜାବ କ୍ୟାଡର ଲାଗି ସଂରକ୍ଷିତ। ୟୁଟି ଆଡ୍‌ଭାଇଜର ବା ପରାମର୍ଶଦାତା ଏବଂ ସ୍ୱରାଷ୍ଟ୍ର ସଚିବ ପଦବୀ ପରେ ଏହା ତୃତୀୟ ଗୁରୁତ୍ୱପୂର୍ଣ୍ଣ ପଦବୀ। ସୂତ୍ରରୁ ପ୍ରକାଶ ଯେ, ଏକ ୧୭ଟି ପଏଣ୍ଟ ଥିବା ପ୍ରୋଫର୍ମାରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ (ଏମ୍‌ଏଚ୍‌ଏ) ଜାଦେଙ୍କ ସମ୍ପୂର୍ଣ୍ଣ ବୃତ୍ତିଗତ ବିବରଣୀ ଓ ଅନ୍ୟାନ୍ୟ ତଥ୍ୟ ସମ୍ପର୍କରେ ଜାଣିବାକୁ ଚାହିଁଛନ୍ତି। କ୍ୟାଡରରେ ଜାଦେଙ୍କ ସେବା ସମ୍ପାଦନ ଓ ପ୍ରତିନିଯୁକ୍ତି ପଛର କାରଣ , ଭିଜିଲାନ୍ସ ଷ୍ଟାଟସ୍ ଏବଂ ଦାଖଲ କରିଥିବା ବାର୍ଷିକ ସମ୍ପତ୍ତି ବିବରଣୀ ଆଦି ବିଷୟରେ ଏଥିରେ ଉଲ୍ଲେଖ କରିବାକୁ କୁହାଯାଇଛି । ପୂର୍ବରୁ ଏମିତି କୌଣସି ପରମ୍ପରା ନ ଥିବାବେଳେ ପ୍ରଥମ ଥର ଲାଗି ମନ୍ତ୍ରଣାଳୟ ଏଭଳି ବିବରଣୀ ଦେବା ଲାଗି କହିଛି। ସେମାନଙ୍କର ସଂରକ୍ଷଣ ବ୍ୟବସ୍ଥା ରହିଥିବା ସତ୍ତ୍ୱେ, ପଞ୍ଜାବ ସରକାର ଏମ୍‌ଏଚ୍‌ଏର ନିର୍ଦ୍ଦେଶ ଗ୍ରହଣ କରି ଅଧିକାରୀଙ୍କ ସମ୍ପର୍କରେ ସମସ୍ତ ତଥ୍ୟ ଯୋଗାଇ ଦେଇଛନ୍ତି। ଏଠାରେ ସ୍ମରଣ ଯୋଗ୍ୟ ଯେ, ଜାଦେଙ୍କ ନିଯୁକ୍ତି ପାଇଁ ପଞ୍ଜାବ ସରକାର ଗତ ବର୍ଷ କେନ୍ଦ୍ରକୁ ସୁପାରିସ କରିଥିଲେ। କିନ୍ତୁ ଏହି ଘଟଣା ଉପରେ ପଦକ୍ଷେପ ନିଆଯିବାର କୌଣସି ସୂଚନା ମିଳୁନାହିଁ।

### ରାଜନୈତିକ ମନ୍ଥନ ଓ ପ୍ରଭାବିତ ବାବୁ

ପରମବୀର ସିଂଙ୍କ ଘୃଣ୍ୟ ଅଧ୍ୟାୟ ପରେ ବି ମହାରାଷ୍ଟ୍ରରେ ରାଜନୈତିକ ମନ୍ଥନ ଲାଗି ରହିଛି। ମହାରାଷ୍ଟ୍ର ବିକାଶ ଅଘାଡ଼ି(ଏମ୍‌ଭିଏ) ସରକାର ଏବଂ ବିରୋଧୀ ଭାଜପା ମଧ୍ୟରେ ଏବକାର ଝଗଡ଼ା ଯୋଗୁ ରାଜନୈତିକ ଗତିବିଧି ବି ବଢ଼ିଯାଇଛି। ରାଜ୍ୟ ପୋଲିସରେ ହୋଇଥିବା ଦୁର୍ନୀତି ସମ୍ପର୍କିତ ରିପୋର୍ଟ କେମିତି ପ୍ରଘଟ ହେଲା ଓ ଭାଜପା ନେତା ଦେବେନ୍ଦ୍ର ଫଡ଼ନବିସ ଜାଣିପାରିଲେ ତାକୁ ନେଇ ତଦନ୍ତ କରିବାକୁ ରାଜ୍ୟ ସରକାର ମୁମ୍ବାଇ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ରିପୋର୍ଟ ପୂର୍ବତନ ରାଜ୍ୟ ଗୋଇନ୍ଦା ମୁଖ୍ୟ ରଶ୍ମି ଶୁକ୍ଲାଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା ଓ ତାହା ଫଡ଼ନବିସଙ୍କ ହାତରେ ପଡ଼ିଲା। ମୁମ୍ବାଇ ପୋଲିସ ତଦନ୍ତ ଜାରି ରଖିଛି ଓ ମୁମ୍ବାଇ ସିଆରପିଏଫ୍‌ର ଏଡିଜି ଶୁକ୍ଲାଙ୍କୁ ତଦନ୍ତରେ ସହଯୋଗ କରିବାକୁ ସମନ ଜାରି କରିଛି। ଏହାର କାହାଣୀ ଭାରି ରୋଚକ। ରାଜ୍ୟ ମୁଖ୍ୟ ଶାସନ ସଚିବ ସୀତାରାମ କୁନ୍ତେଙ୍କ ନିର୍ଦ୍ଦେଶ କ୍ରମେ ଏଫ୍‌ଆଇଆର୍ ଦାୟର ହୋଇଥିଲା। ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେଙ୍କୁ କୁନ୍ତେ ପ୍ରଦାନ କରିଥିବା ରିପୋର୍ଟରେ ସନ୍ଦେହର ଅଙ୍ଗୁଳି ଶୁକ୍ଲାଙ୍କ ଆଡକୁ ଇଙ୍ଗିତ କରୁଥିବା ଏଥିରୁ ଜଣାପଡ଼ିଥିଲା। ତେବେ ଏହି ଅଧ୍ୟାୟକୁ କେନ୍ଦ୍ର କରି ବାବୁଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହୋଇଛି। ଉକ୍ତ ତଦନ୍ତ ନିଷ୍ପକ୍ଷ ହେବା ବଦଳରେ ଏହାକୁ ବ୍ୟକ୍ତିଗତ ସ୍ତରରେ ଏକ ଭୟଙ୍କର ଆକ୍ରମଣ ବୋଲି ଅନେକ ବାବୁ କହୁଛନ୍ତି। ମହାରାଷ୍ଟ୍ରରେ ରାଜନୈତିକ ପାଣି ସେମିତି ଗୋଳିଆ ରହିଛି ଓ ଏଥିରେ ଅଧିକ ସ୍ୱଚ୍ଛତା ଆଣିବା ଲାଗି ଏହା ରାସ୍ତା ପ୍ରସ୍ତୁତ କରିବାକୁ ଯାଉଥିବା ଜଣାପଡୁଛି।

Email: dilipcherian@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | 3 | | | 8 | 7 | | |
| 6 | | | | | 2 | | | 5 |
| | 1 | | 9 | | | 8 | | |
| | | | | | 7 | 5 | | |
| | | | | 8 | 3 | | | 4 |
| | | | | 1 | | | | |
| 1 | | | | | | 6 | | |
| | 6 | | 3 | | | 4 | | 9 |
| 2 | | 4 | 5 | | | | | 3 |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 5 | 3 | 4 | 8 | 9 | 7 | 1 |
| 1 | 8 | 4 | 6 | 9 | 7 | 2 | 5 | 3 |
| 3 | 7 | 9 | 5 | 1 | 2 | 6 | 8 | 4 |
| 4 | 1 | 7 | 8 | 2 | 9 | 3 | 6 | 5 |
| 9 | 3 | 6 | 1 | 5 | 4 | 8 | 2 | 7 |
| 8 | 5 | 2 | 7 | 3 | 6 | 4 | 1 | 9 |
| 7 | 9 | 3 | 2 | 8 | 1 | 5 | 4 | 6 |
| 5 | 2 | 1 | 4 | 6 | 3 | 7 | 9 | 8 |
| 6 | 4 | 8 | 9 | 7 | 5 | 1 | 3 | 2 |

ଗତକାଲିର ଉତ୍ତର

# ବିଶ୍ୱ ଶ୍ରମିକ ଦିବସ ଓ ଭାରତର ଶ୍ରମିକ ଶ୍ରେଣୀ



ଭାଲଚନ୍ଦ୍ର ଷଡ଼ଙ୍ଗୀ

"ଆଠ ଘଣ୍ଟା କାମ, ଆଠ ଘଣ୍ଟା ବିଶ୍ରାମ ଓ ଆଠ ଘଣ୍ଟା ମନୋରଞ୍ଜନ'' ଦାବିରେ ଆଜିକୁ ୧୩୪ ବର୍ଷ ତଳେ ଆମେରିକାର ଚିକାଗୋ ସହରର 'ହେ ମାର୍କେଟ' ଛକରେ ହୋଇଥିବା ଆନ୍ଦୋଳନ ବିଶ୍ୱର ଶ୍ରମିକ ଶ୍ରେଣୀର ଇତିହାସରେ ଏକ ମାଇଲଖୁଣ୍ଟ ଥିଲା। ସେଦିନ ନିଜର ନ୍ୟାୟସଙ୍ଗତ ଦାବି ନେଇ ଜମା ହୋଇଥିବା ହଜାର ହଜାର ଶ୍ରମିକଙ୍କ ଶାନ୍ତିପୂର୍ଣ୍ଣ ସମାବେଶ ଉପରେ ପୋଲିସ ଅତର୍କିତ ଗୁଳି ଚାଳନା ଫଳରେ ବହୁ ଶ୍ରମିକ ମୃତାହତ ହୋଇଥିଲେ। ଗୁଳିକାଣ୍ଡ ଓ ତତ୍ ପରବର୍ତ୍ତୀ ହିଂସାକାଣ୍ଡ ଘଟଣାରେ ଅନେକ ଶ୍ରମିକ ନେତାଙ୍କୁ ଗିରଫ କରାଯିବା ସହ ଚାରି ଜଣ ଶ୍ରମିକ ନେତାଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଆଣି ତାଙ୍କୁ ଫାଶୀଦଣ୍ଡ ଦିଆଯାଇଥିଲା। କିନ୍ତୁ ଚିକାଗୋର ଶ୍ରମିକଙ୍କ ସେଦିନର ବଳିଦାନଟି ବ୍ୟର୍ଥ ଯାଇ ନ ଥିଲା। ପୁଞ୍ଜିବାଦୀ ଶୋଷଣ ବିରୋଧରେ ପ୍ରଥମ ଥର ପାଇଁ ଶ୍ରମିକ ଶ୍ରେଣୀର ଏତେବଡ଼ ସଂଗଠିତ ତଥା ଲଢୁଆ ପ୍ରତିରୋଧ ପୁଞ୍ଜିପତିଙ୍କ ଭିତରେ ଏକ ରକମ ଆତଙ୍କ ଖେଳାଇଦେବା ସହ ଶ୍ରମିକ ଶ୍ରେଣୀକୁ ନିଜର ଅର୍ଥନୈତିକ ଓ ରାଜନୈତିକ ଅଧିକାର ପାଇଁ ଆଗକୁ ଲଢ଼େଇ କରିବା ଲାଗି ପ୍ରେରଣା ଦେଇଥିଲା। ଶ୍ରମିକଙ୍କ 'ଆଠଘଣ୍ଟାର ଶ୍ରମ ଦିବସ'ର ଦାବିକୁ ଶେଷରେ ପୁଞ୍ଜିପତି ଶ୍ରେଣୀ ମାନିବାକୁ ବାଧ୍ୟ ହୋଇଥିଲେ। ଭାରତ ସମେତ ବିଶ୍ୱର ସବୁ ଦେଶରେ ଏହା ଶ୍ରମିକଙ୍କ ଏକ ଆଇନସିଦ୍ଧ ଅଧିକାରରେ ପରିଣତ ହୋଇଥିଲା।

ଆମ ଦେଶରେ ନବ ଉଦାର ଅର୍ଥନୀତି ଲାଗୁ ହେବା ପରେ ଶ୍ରମିକଙ୍କ ଅବସ୍ଥା ପୂର୍ବାପେକ୍ଷା ଅଧିକ ଖରାପ ହୋଇଛି। ଅଧିକ ଲାଭ ପାଇଁ ମାଲିକ ଶ୍ରେଣୀ କଳ କାରଖାନାରେ ଅଧିକରୁ ଅଧିକ ଯନ୍ତ୍ରୀକରଣ କରିବା ଫଳରେ ନିଯୁକ୍ତିର ହାର କମିବା ସହିତ ଯାହା ବି ନିଯୁକ୍ତି ମିଳୁଛି ତାହା ନିୟମିତ ନିଯୁକ୍ତି ପରିବର୍ତ୍ତେ ପ୍ରାୟତଃ ଅସ୍ଥାୟୀ ହେଉଛି। ଦେଶରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ୍ ଆକାଶଛୁଆଁ ହେଉଥିବା ବେଳେ ସରକାରୀ ଘୋଷିତ ସର୍ବନିମ୍ନ ମଜୁରିଟି ପ୍ରତିବର୍ଷ ବଜାରର ଦର ଅନୁସାରେ ବଢୁନି। ଆଜି ବି ଅର୍ଥନୀତିର ଅସଙ୍ଗଠିତ କ୍ଷେତ୍ରରେ ନିୟୋଜିତ ଦେଶର ଶ୍ରମିକ ଶ୍ରେଣୀର ସିଂହଭାଗ ଅର୍ଥାତ୍ ପ୍ରାୟ ୯୨% ଶ୍ରମିକ ସରକାରୀ ଘୋଷିତ ଶ୍ରମ ଅଧିକାର ଓ ସାମାଜିକ ସୁରକ୍ଷାରୁ ବି ବଞ୍ଚିତ ରହିଛନ୍ତି । କୃଷି ପରେ ନିର୍ମାଣ କ୍ଷେତ୍ରରେ ଦେଶର ସର୍ବାଧିକ ଶ୍ରମିକ କାର୍ଯ୍ୟରତ ଥିବା ବେଳେ ସେମାନଙ୍କ ମଧ୍ୟରୁ ଅଧିକାଂଶ ପ୍ରବାସୀ ଶ୍ରମିକ ଭାବେ ମହାନଗର ଓ ସହରର ବସ୍ତିଗୁଡ଼ିକରେ ଅତ୍ୟନ୍ତ ଦୟନୀୟ ସ୍ଥିତିରେ ଜୀବନଯାପନ କରୁଛନ୍ତି। ସେମାନଙ୍କର ନା ରହିଛି କୌଣସି ଶ୍ରମ ଅଧିକାର ନା ସେମାନେ ସରକାରୀ ଘୋଷିତ ସାମାଜିକ ସୁରକ୍ଷାର ସୁବିଧା ପାଇପାରୁଛନ୍ତି। ସେମାନଙ୍କ ଏହି ଦୟନୀୟ ସ୍ଥିତି ଗତବର୍ଷ ଲକ୍‌ଡାଉନ୍ ସମୟରେ ଆମେ ସମସ୍ତେ ଅନୁଭବ କରିଛେ। ସେମାନଙ୍କ ବ୍ୟତୀତ ମନ୍‌ରେଗା, କେନ୍ଦୁପତ୍ର ସଂଗ୍ରହ, ବାଉଁଶ, ବିଡ଼ି, ଇଟାଭାଟି ଭଳି ଦେଶର ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଅଧିକାଂଶ ଶ୍ରମିକ ସରକାରୀ ଘୋଷିତ ସର୍ବନିମ୍ନ ମଜୁରି ଏବଂ ଶ୍ରମ ଅଧିକାରରୁ ବଞ୍ଚିତ ।

ଦେଶରେ ନବ-ଉଦାର ଅର୍ଥନୀତିର ଆରମ୍ଭ ପରଠାରୁ ରୋଜଗାରର ଠିକାକରଣ ଆମ ଶ୍ରମିକ ଶ୍ରେଣୀର ବଡ଼ ଶତ୍ରୁ ଭାବେ ମୁଣ୍ଡ ଟେକିଛି। ଏହାର ଫଳସ୍ୱରୂପ ଘରୋଇ କ୍ଷେତ୍ର ଏପରି କି ସରକାରୀ କ୍ଷେତ୍ରରୁ ବି ସ୍ଥାୟୀ ଏବଂ ନିୟମିତ ନିଯୁକ୍ତି ଧୀରେ ଧୀରେ ହ୍ରାସ ପାଉଥିବା ବେଳେ ଅସ୍ଥାୟୀ, ଠିକା ଏବଂ ଆଉଟସୋର୍ସିଂରେ ନିଯୁକ୍ତିର ହାର ବଢ଼ିବାରେ ଲାଗିଛି । ଦେଶର ମୋଟ ଶ୍ରମ ଶକ୍ତିର ଠିକା ଶ୍ରମିକଙ୍କ ଅଂଶ ୧୯୯୯-୨୦୦୦ରେ ୨୦% ଥିବାବେଳେ ତାହା ବୃଦ୍ଧି ପାଇ ୨୦୧୮-୧୯ରେ ୪୧%ରେ ପହଞ୍ଚି ଥିବା ବେଳେ ବର୍ତ୍ତମାନ ଦେଶର ଅନେକଗୁଡ଼ିଏ କ୍ଷେତ୍ରରେ ଠିକା ଓ ଆଉଟସୋର୍ସିଂ ଶ୍ରମିକ ଏବଂ କର୍ମଚାରୀଙ୍କ ସଂଖ୍ୟା ନିୟମିତ ଶ୍ରମିକଙ୍କ ସଂଖ୍ୟାକୁ ବି ଟପି ସାରିଲାଣି। ଆଶା, ଅଙ୍ଗନୱାଡ଼ି, ମଧ୍ୟାହ୍ନଭୋଜନ ପାଚିକା-ସହାୟିକା ପରି ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଯୋଜନାରେ ନିଯୁକ୍ତ ସ୍କିମ୍ କର୍ମଚାରୀମାନଙ୍କୁ ସରକାର ନିଜର ନିୟମିତ କାମରେ ନିୟୋଜିତ କରୁଥିଲେ ମଧ୍ୟ ସେମାନଙ୍କୁ ଯଥାର୍ଥ ଦରମା କିମ୍ବା ସରକାରୀ କର୍ମଚାରୀର ମାନ୍ୟତା ମିଳୁନି। ପ୍ରତିଦିନ ନୂଆ ନୂଆ ସରକାରୀ ଯୋଜନାରେ ନିଯୁକ୍ତି ପାଉଥିବା ଏହି ସ୍କିମ୍ କର୍ମଚାରୀମାନେ କିଛି ବର୍ଷ ପରେ ସେସବୁ ଯୋଜନା ବନ୍ଦ ହେବା ପରେ ନିଜର ଚାକିରି ହରାଉଛନ୍ତି।

ସରକାରୀ ଓ ବେସରକାରୀ ଉଭୟ କ୍ଷେତ୍ରରେ ବର୍ଷ ବର୍ଷ ଧରି ନିୟମିତ କାମ କରୁଥିବା ଲକ୍ଷ ଲକ୍ଷ ଶ୍ରମିକ-କର୍ମଚାରୀଙ୍କୁ ସିଧାସଳଖ ଓ ସ୍ଥାୟୀ ନିଯୁକ୍ତି ଦେବା ପରିବର୍ତ୍ତେ ଅଧିକ ମୁନାଫା ପାଇଁ କମ୍ ପାରିଶ୍ରମିକରେ ଠିକା ଓ ଆଉଟ୍‌ସୋର୍ସିଂରେ ନିଯୁକ୍ତି ଦିଆଯାଉଛି। ବିଭିନ୍ନ କଳ କାରଖାନା ଓ ସେବାରେ ଠିକା ଏବଂ ଆଉଟସୋର୍ସିଂରେ ନିଯୁକ୍ତ ଥିବା ଏହି କୋଟି କୋଟି ଶ୍ରମିକ ତଥା କର୍ମଚାରୀ ସ୍ୱଳ୍ପ ବେତନ ସହ ସମସ୍ତ ପ୍ରକାର ଶ୍ରମ ଅଧିକାର ଓ ସାମାଜିକ ସୁରକ୍ଷାରୁ ବଞ୍ଚିତ ହେଉଛନ୍ତି। ଆମ ରାଜ୍ୟରେ ବି ଆଉଟସୋର୍ସିଂ କର୍ମଚାରୀ ଭାବେ ପରିଚିତ ଲକ୍ଷ ଲକ୍ଷ ଶିକ୍ଷିତ ଯୁବତୀ ଯୁବକ ସରକାରୀ ସେବାରେ ବର୍ଷ ବର୍ଷ ଧରି ନିୟୋଜିତ ଥିଲେ ମଧ୍ୟ ସରକାର ସେମାନଙ୍କୁ ନିଜର କର୍ମଚାରୀ ବୋଲି ମାନୁନାହାନ୍ତି କି ସେମାନଙ୍କୁ ସରକାରୀ କର୍ମଚାରୀ ପରି କୌଣସି ସୁବିଧା ଓ ଅଧିକାର ଦେଉନାହାନ୍ତି।

ଚଳିତବର୍ଷର ଐତିହାସିକ ୧୩୫ତମ ବିଶ୍ୱ ଶ୍ରମିକ ଦିବସ ଏଭଳି ଏକ ସମୟରେ ହେଉଛି, ଯେତେବେଳେ ଶ୍ରମିକ ଶ୍ରେଣୀ କୋଭିଡ୍ ମହାମାରୀର ଭୟଙ୍କର ସଙ୍କଟ ମଧ୍ୟରେ ଗତି କରୁଛନ୍ତି। ମହାମାରୀର ମୁକାବିଲା ନାଁରେ ଶାସକ ଶ୍ରେଣୀ ସେମାନଙ୍କ ଗଣତାନ୍ତ୍ରିକ ଅଧିକାର ଉପରେ ଆକ୍ରମଣକୁ ତୀବ୍ର କରିଛି। ଗତବର୍ଷ ଠିକ୍ ଏହି ସମୟରେ କୋଭିଡ୍‌ର ମୁକାବିଲା କରିବା ନାଁରେ କଠୋରତମ ଲକ୍‌ଡାଉନ୍ ଲାଗୁ କରାଯାଇଥିଲା। ଫଳସ୍ୱରୂପ ୧୫ କୋଟିରୁ ଅଧିକ ପ୍ରବାସୀ ଶ୍ରମିକ ନିଜର ରୋଜଗାର ହରାଇ ଭୋକଶୋଷରେ କେଉଁଭଳି ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ ତାହା ଦେଶର ଇତିହାସରେ ଏକ କଳା ଫର୍ଦ୍ଦ ହୋଇ ରହିବ।

ଦେଶୀ ବିଦେଶୀ କର୍ପୋରେଟ୍‌ଙ୍କ ସୁପର ମୁନାଫା ପାଇଁ ଶ୍ରମ ସଂସ୍କାର ନାଁରେ ଦେଶର ଶ୍ରମ ଆଇନଗୁଡ଼ିକୁ ଦୁର୍ବଳ ଓ ପ୍ରଭାବହୀନ କରିବାକୁ ବିଶ୍ୱବ୍ୟାଙ୍କ୍, ଆଇଏମ୍‌ଏଫ୍ ପରି ସାମ୍ରାଜ୍ୟବାଦୀ ସଂସ୍ଥାମାନେ ଅନେକ ଦିନ ଧରି ଦେଶର ଶାସକ ଶ୍ରେଣୀ ଉପରେ ଚାପ ପକାଇ ଆସିଛନ୍ତି। କିନ୍ତୁ ଶ୍ରମିକମାନଙ୍କ ଏହି କଷ୍ଟାର୍ଜିତ ଶ୍ରମ ଅଧିକାରକୁ ସମାପ୍ତ କରିବାକୁ ଦୀର୍ଘ ୨୦ ବର୍ଷ ଧରି ସାହସ ଜୁଟାଇ ପାରି ନ ଥିବା ଶାସକ ଶ୍ରେଣୀ ଗତବର୍ଷ କୋଭିଡ୍ ମହାମାରୀର ଆଳରେ ତାକୁ ଲାଗୁ କରିବାରେ ସଫଳ ହୋଇଛି। ବ୍ରିଟିଶ ସମୟରୁ ଲଗାତର ସଂଘର୍ଷ ଜରିଆରେ ଦେଶର ଶ୍ରମିକ ଶ୍ରେଣୀ ହାସଲ କରିଥିବା ୪୪ଟି ଶ୍ରମ ଆଇନକୁ କେନ୍ଦ୍ର ସରକାର କର୍ପୋରେଟ୍‌ଙ୍କ ସ୍ୱାର୍ଥରେ ସମାପ୍ତି କରି ତାରି ସ୍ଥାନରେ ଚାରୋଟି ଶ୍ରମ କୋଡ୍ ତିଆରି କରିଛନ୍ତି। ଏହାଦ୍ୱାରା ଦେଶର ଶ୍ରମିକମାନଙ୍କୁ ଶ୍ରମ ଅଧିକାରରୁ ବଞ୍ଚିତ କରି ସେମାନଙ୍କୁ ଶୋଷଣ ଓ ଲୁଟ୍ କରିବାକୁ ମାଲିକମାନଙ୍କୁ ଅବାଧ କ୍ଷମତା ଦିଆଯାଇଛି। ଦେଶର ଅନେକ ରାଜ୍ୟରେ ଆଠ ଘଣ୍ଟିଆ ଶ୍ରମ ଦିବସକୁ ସମାପ୍ତି କରି ତାକୁ ବାରଘଣ୍ଟିଆ କରାଯାଇଛି।

ଆଜି ଦେଶର ଶ୍ରମିକ ଶ୍ରେଣୀ ଆକାଶଛୁଆଁ ମୂଲ୍ୟବୃଦ୍ଧି, ବେରୋଜଗାରୀ, ମଜୁରି ହ୍ରାସର ସାମନା କରୁଥିବା ବେଳେ ମହାମାରୀର ମୁକାବିଲା ନାଁରେ ସରକାର ସେମାନଙ୍କ ଉଭୟ ଶ୍ରମ ଅଧିକାର ଓ ଗଣତାନ୍ତ୍ରିକ ଅଧିକାର ଉପରେ ଆକ୍ରମଣକୁ ବଢ଼ାଇଛନ୍ତି। ନବ ଉଦାର ଆର୍ଥିକ ନୀତିକୁ ଅନୁସରଣ ଫଳରେ ସମାଜର ସବୁ ମେହନତୀ ମଣିଷଙ୍କ ଶୋଷଣ ତୀବ୍ର ହେବାରେ ଲାଗିଛି । ସମାଜରେ ଅର୍ଥନୈତିକ ବୈଷମ୍ୟ ବୃଦ୍ଧି ପାଇ ଅଳ୍ପକିଛି ଧନକୁବେରଙ୍କ ହାତରେ ସମାଜର ଅଧିକାଂଶ ସମ୍ପତ୍ତି ଠୁଳ ହେବାରେ ଲାଗିଥିବା ବେଳେ ଶ୍ରମିକ ଓ କୃଷକଙ୍କ ଆର୍ଥିକ ସ୍ଥିତି ଖରାପ ହେବାରେ ଲାଗିଛି। ଦେଶରେ ବର୍ତ୍ତମାନ ବେରୋଜଗାରୀର ହାର ଗତ ୪୫ ବର୍ଷ ମଧ୍ୟରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି । ଦେଶୀ ବିଦେଶୀ କର୍ପୋରେଟ୍‌ମାନଙ୍କୁ ଲକ୍ଷ ଲକ୍ଷ କୋଟିର ବିଭିନ୍ନ ରିହାତି ଦିଆଯାଉଥିବା ବେଳେ ସାମାଜିକ କ୍ଷେତ୍ରରେ ସରକାରୀ ବିନିଯୋଗ କମିବାରେ ଲାଗିଛି । ବ୍ୟାଙ୍କ୍, ବୀମା, ପ୍ରତିରକ୍ଷା ଉତ୍ପାଦନ, ରେଳ, ବିମାନ ଚଳାଚଳ, କୋଇଲା, ଇସ୍ପାତ ପରି ଦେଶର ସରକାରୀ କ୍ଷେତ୍ରରେ ରହିଥିବା ବିଭିନ୍ନ ଲାଭଜନକ ସଂସ୍ଥା ଓ କାରଖାନାକୁ ମୋଦି ସରକାର ଘରୋଇକରଣ ନାଁରେ ଦେଶୀ ବିଦେଶୀ କର୍ପୋରେଟ୍‌ଙ୍କୁ ବିକ୍ରି କରିବାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହାଫଳରେ ଦେଶର ସରକାରୀ ସମ୍ପତ୍ତି ପୁଞ୍ଜିପତିଙ୍କ ହାତକୁ ଚାଲିଯିବା ସହିତ ସେଥିରେ କାର୍ଯ୍ୟରତ ଲକ୍ଷ ଲକ୍ଷ ଶ୍ରମିକ କର୍ମଚାରୀ ଛଟେଇ ଓ ଶୋଷଣର ଶିକାର ହେବେ।

ଏଭଳି ପରିସ୍ଥିତିରେ ଦେଶର ଶାସକ ପୁଞ୍ଜିପତି ଶ୍ରେଣୀ ଦ୍ୱାରା ଶ୍ରମିକଙ୍କ ଉପରେ ବର୍ଦ୍ଧିତ ଆକ୍ରମଣର ଦୃଢ଼ତାର ସହିତ ପ୍ରତିରୋଧ କରିବା ସଙ୍ଗେ ସଙ୍ଗେ ଏକ ଉତ୍ତମ ଓ ସମ୍ମାନଜନକ ଜୀବନ ପାଇଁ ଶ୍ରମିକ ଶ୍ରେଣୀ ନିଜର ଲଢ଼େଇକୁ ତେଜିଆନ କରିବା ଜରୁରୀ ହୋଇପଡ଼ିଛି। ଭାରତ ସମେତ ବିଶ୍ୱର ବିଭିନ୍ନ ଦେଶରେ ଶ୍ରମିକ ଶ୍ରେଣୀ ନିଜର ଅଧିକାର ପାଇଁ ତଥା ଶାସକ ଶ୍ରେଣୀର ଶୋଷଣ ଏବଂ ଅତ୍ୟାଚାର ବିରୋଧରେ ସଂଘର୍ଷରେ ସର୍ବଦା ଆଗରେ ରହି ଆସିଛନ୍ତି। ମଇ ଦିବସ କେବଳ ଆଠ ଘଣ୍ଟିଆ ଶ୍ରମ ଦିବସର କଥା କହୁନାହିଁ ବରଂ ପୁଞ୍ଜି ଦ୍ୱାରା ଶ୍ରମର ଶୋଷଣ ବିରୋଧରେ ଅବିରାମ ସଂଘର୍ଷର ଶିକ୍ଷା ଦେଇ ଆସିଛି। ଅତଏବ ଏହି ମହାନ୍ ଦିବସ ଅବସରରେ ସମାଜର ପ୍ରତ୍ୟେକ ଶ୍ରମଜୀବୀ ମଣିଷ ନିଜର ଅର୍ଥନୈତିକ ତଥା ରାଜନୈତିକ ଦାବି ହାସଲ ପାଇଁ ଲଢ଼େଇ କରିବାକୁ ଶପଥ ନେବା ଆବଶ୍ୟକ। ସମାଜରୁ ମଣିଷ ଦ୍ୱାରା ମଣିଷର ଶୋଷଣକୁ ହଟାଇ ତାରି ସ୍ଥାନରେ ଏକ ନ୍ୟାୟପୂର୍ଣ୍ଣ ବିକଳ୍ପ ସମାଜବାଦୀ ବ୍ୟବସ୍ଥାର ନିର୍ମାଣ ପାଇଁ ଲଢ଼େଇରେ ସାମିଲ ହେବାକୁ ପଡ଼ିବ, ଏହା ହିଁ ଅନ୍ତର୍ଜାତୀୟ ଶ୍ରମିକ ଦିବସର ଆହ୍ୱାନ ହେବା ଉଚିତ।

bhalachandra.odisha@gmail.com

# ବଦଳିଛି ସମାଜର ଚିତ୍ର ଆଉ ମଣିଷ ଚରିତ୍ର



ଇବ୍ରାର ଖାଁ

ସମାଜର ବାସ୍ତବ ସ୍ଥିତିକୁ ଅନୁଧ୍ୟାନ କରିବାକୁ ହେଲେ ଆମକୁ ସହରୀ ସଭ୍ୟତାଠାରୁ ଦୃଷ୍ଟି ଫେରାଇ ଗ୍ରାମ୍ୟ ଜୀବନକୁ ଅନୁଶୀଳନ କରିବାକୁ ପଡ଼ିବ। କାରଣ ଦେଶର ସିଂହଭାଗ ଲୋକ ଆଜି ବି ଗ୍ରାମାଞ୍ଚଳରେ ବସବାସ କରୁଛନ୍ତି। ଗ୍ରାମାଞ୍ଚଳର ଜୀବନ ଯେତେ ସ୍ୱଚ୍ଛ, ତାହା ସହରୀ ସମାଜରେ ପରିଦୃଷ୍ଟ ହୁଏନାହିଁ। ଦିନଥିଲା, ସମାଜରେ ଲୋକମାନେ ନିଜକୁ ଗୋଟିଏ ପରିବାରର ସଦସ୍ୟ ରୂପେ ବିବେଚନା କରୁଥିଲେ। ସେମାନେ ପରସ୍ପର ସୁଖଦୁଃଖରେ ସହଭାଗୀ ହେବା ସହ ମିଳିମିଶି ଚଳୁଥିଲେ। କେହି କାହା ପ୍ରତି ଅସୂୟା ମନୋଭାବ ପୋଷଣ ନ କରି ବରଂ କର୍ମରେ ପରସ୍ପରକୁ ସାହାଯ୍ୟ ସହଯୋଗ କରୁଥିଲେ। ଗୁରୁଜନମାନଙ୍କ ପ୍ରତି ଭକ୍ତି, ଭୟ, ଶ୍ରଦ୍ଧା ଓ ସମ୍ମାନ ରହୁଥିବାରୁ ସମାଜରେ ଶାନ୍ତି ଶୃଙ୍ଖଳା ବିରାଜମାନ କରୁଥିଲା। କୌଣସି ବିଷୟକୁ ନେଇ ମତଭେଦ କିମ୍ବା ମନୋମାଳିନ୍ୟର ସୂତ୍ରପାତ ହେଲେ ତାହା ପଞ୍ଚ ପରମେଶ୍ୱରଙ୍କ ଦ୍ୱାରା ନିରପେକ୍ଷ ଭାବେ ସମାଧାନ କରାଯାଉଥିଲା। ଜୀବନର ସାୟାହ୍ନରେ ଉପନୀତ ମାତାପିତାଙ୍କ ସହାୟକ ହେବା ସଙ୍ଗେ ସଙ୍ଗେ ସନ୍ତାନମାନେ ସେମାନଙ୍କ ଉପଯୁକ୍ତ ସେବାଯତ୍ନକୁ ନିଜର ପରମଧର୍ମ ଓ ଶ୍ରେଷ୍ଠ କର୍ତ୍ତବ୍ୟ ବୋଲି ବିଚାରୁଥିଲେ। ସ୍ନେହ, ପ୍ରେମ, ଆଉ ମମତା ରଜ୍ଜୁରେ ବନ୍ଧା ଯୁବସମାଜ ଯେଉଁ କାର୍ଯ୍ୟମାନ ସଂପାଦନ କରୁଥିଲା ; ସେଥିରେ ନିଜର ପରିବାର ସର୍ବୋପରି ସମାଜର ଉତ୍ତରୋତ୍ତର ଉନ୍ନତି ସଂଗଠିତ ହେଉଥିଲା।

ନାରୀମାନେ ଶାଳୀନତା ଓ ସମ୍ଭ୍ରମତାର ବଳୟ ଭିତରେ ରହୁଥିବାରୁ ସମାଜ ସେମାନଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲା। ଫଳରେ ସମାଜରେ ଶାନ୍ତି ସହାବସ୍ଥାନ ସମ୍ଭବ ହେବା ସହ ଦୃଢ଼ ଭାଇଚାରା ପ୍ରତିଷ୍ଠିତ ହୋଇ ଜାତି, ଧର୍ମ, ବର୍ଣ୍ଣର ସବୁ ବର୍ଗ ବିଶେଷଙ୍କୁ ଏକତା ଡୋରିରେ ସନ୍ନିବେଶିତ କରି ରଖିଥିଲା। ସାମାଜିକ ସୌହାର୍ଦ୍ଦ୍ୟ ଏବଂ ଏକତାକୁ ଆହୁରି ସୁଦୃଢ଼ କରିବା ପାଇଁ ସମୂହ ଉଦ୍ୟମରେ ବିଭିନ୍ନ ସମୟରେ ମେଳାମହୋତ୍ସବ, ଯାନିଯାତ୍ରାର ଆୟୋଜନ କରାଯାଇ ସାଧାରଣ ଜୀବନରେ ଖୁସିର ଅଫୁରନ୍ତ ଆନନ୍ଦ ଭରି ଦିଆଯାଉଥିଲା। ଆଧ୍ୟାତ୍ମିକ ଚିନ୍ତାକୁ ଜୀବନର ଉପଜୀବ୍ୟ ରୂପେ ଗ୍ରହଣ କରାଯାଉଥିବାରୁ ଜନଜୀବନରେ ଆଦର୍ଶ ଚରିତ୍ର ଗଠନ ସହ ଉତ୍ତମ ଶିକ୍ଷା ଓ ସୁସଂସ୍କାର ପରିଲକ୍ଷିତ ହେଉଥିଲା। ଏକାନ୍ନବର୍ତ୍ତୀ ପରିବାରରେ ଅନାବିଳ ସଂପର୍କର ମଧୁରତାକୁ ସମସ୍ତେ ଅନୁଭବ କରୁଥିଲେ।

କିନ୍ତୁ ଆଜିର ସାମାଜିକ ଦୃଶ୍ୟପଟକୁ ଅବଲୋକନ କଲେ ସମାଜର ଯେଉଁ ବୀଭତ୍ସ ଚିତ୍ର ପରିଦୃଷ୍ଟ ହୁଏ, ତାହା ଯେତିକି କଦର୍ଯ୍ୟ ସେତିକି ଅମାନବୀୟ କହିଲେ ଅତ୍ୟୁକ୍ତି ହେବନାହିଁ। ଯୌଥ ପରିବାର ଆଜି ଖଣ୍ଡବିଖଣ୍ଡିତ ହୋଇ ଯେଉଁ ସ୍ୱାର୍ଥକୈନ୍ଦ୍ରିକ ଜୀବନ ଅଭ୍ୟୁଦୟ ଘଟୁଛି, ତାହାହିଁ ସାମାଜିକ ଅଧଃପତନର ମୂଳ କାରଣ । ଦିନରାତି ଲୁହଲହୁକୁ ଏକ କରି ମଣିଷ କରିଥିବା ମା'ବାପାଙ୍କୁ ଆଜିର ଶିକ୍ଷିତ ରୋଜଗାରିଆ ପୁଅ ଅବହେଳିତ, ଅସହାୟ ଅବସ୍ଥାରେ ଯେପରି ଗାଁରେ ଛାଡ଼ିଦେଇ ସହରରେ ରହି ବିଳାସମୟ ଜୀବନଯାପନ କରୁଛି, ତାହା ନିଶ୍ଚୟ ଦୁଃଖଦାୟକ। ଭଉଣୀ-ଭାଇର ଅତୁଟ ବନ୍ଧନ ଓ ଅନାବିଳ ସ୍ନେହ ସମାଜର ଭିଡ଼ ଭିତରେ ହଜି ଯାଉଥିବାରୁ ରକ୍ତ ସମ୍ପର୍କର ମଧୁରତା ଆଉ ଦୃଷ୍ଟିଗୋଚର ହେଉନି। ସହରୀ ସଭ୍ୟତାର ଚାକଚକ୍ୟରେ ବିମୋହିତ ଯୁବପିଢ଼ି ଭିଟାମାଟି ଛାଡ଼ି ସହରମୁହାଁ ହେବାରେ ଲାଗିଛି। ଗାଁରେ ଚାଷବାସ ଛାଡ଼ି ରାତାରାତି ବଡ଼ଲୋକ ହେବାର ସ୍ୱପ୍ନ ନେଇ ସହରକୁ ଚାଲିଯାଉଥିବା ଆହୁରି ଅନେକ ନିଯୁକ୍ତି ସୁଯୋଗ ନ ପାଇ ବେକାର ଜୀବନର କଷାଘାତରେ ଜର୍ଜରିତ ହୋଇ ଛୋଟବଡ଼ ଅପରାଧରେ ଯେପରି ଜଡ଼ିତ ହେଉଛନ୍ତି, ତାହା ନିଶ୍ଚୟ ଉଦ୍‌ବେଗଜନକ। ସମାଜରେ ସର୍ବତ୍ର ମଦର ପ୍ରାବଲ୍ୟ ଉଚ୍ଛୃଙ୍ଖଳ ଯୁବଗୋଷ୍ଠୀକୁ ଆହୁରି ବିଶୃଙ୍ଖଳିତ କରି ଦେଉଥିବାରୁ ପ୍ରତିଦିନ ଅପରାଧ ଘଟଣା ବଢ଼ିଚାଲିଛି । ଭୋଟ ରାଜନୀତି ପାଇଁ ଜାତି ଆଉ ଧର୍ମକୁ ନେଇ ଯେପରି ଧ୍ରୁବୀକରଣ କରାଯାଉଛି, ସେଥିରେ ଘୃଣା ଏବଂ ଦ୍ୱେଷ ବୃଦ୍ଧି ପାଇ ସାମାଜିକ ଜନଜୀବନକୁ ଭାଗ ଭାଗ କରିଦେଉଛି, ଯାହା ଫଳରେ ଆଜି କେହି କାହାରିକୁ ବିଶ୍ୱାସ କରିବା ଅବସ୍ଥାରେ ନାହାନ୍ତି। ତେଣୁ ସମାଜରେ ଶାନ୍ତି ସହାବସ୍ଥାନ ଗୁରୁତର ଭାବେ ବ୍ୟାହତ ହେଲାଣି।

ସଭ୍ୟତାର ଉପରଠାଉରିଆ ଚାକଚକ୍ୟରେ ପ୍ରଲୁବ୍ଧ ହୋଇ ଶାଳୀନତା ଏବଂ ସମ୍ଭ୍ରମତାର ଚଉହଦି ଡେଇଁ ପୁରୁଷପ୍ରଧାନ ସମାଜରେ ନାରୀ ନିଜକୁ ଆଧୁନିକା ରୂପେ ଉପସ୍ଥାପନ କରିବାକୁ ଯାଇ ଯେଉଁଭଳି ଭାବେ ଅସାମାଜିକତାର ଶିକାର ହେଉଛି, ତାହା କାହାରିକୁ ଅଛପା ନୁହେଁ। ଦକ୍ଷତା ଓ ଯୋଗ୍ୟତା ଦୃଷ୍ଟିରୁ ସମାଜର ସବୁ କ୍ଷେତ୍ରରେ ନାରୀ ପୁରୁଷ ସହ ସମକକ୍ଷ, ଏଥିରେ ଦ୍ୱିମତର ଅବକାଶ ନାହିଁ। କିନ୍ତୁ ସୃଷ୍ଟିର ନିୟମ ଦୃଷ୍ଟିରୁ ନାରୀ- ପୁରୁଷ ମଧ୍ୟରେ ଥିବା ପାର୍ଥକ୍ୟକୁ ଉପେକ୍ଷା କରାଯିବା ମଧ୍ୟ ଯଥାର୍ଥ ନୁହେଁ। ତେଣୁ ଆମ ମହାନ୍ ସଂସ୍କୃତି ଓ ଆଦର୍ଶ ମୂଲ୍ୟବୋଧଭିତ୍ତିକ ପରମ୍ପରାରେ ଉଦ୍‌ବୁଦ୍ଧ ହୋଇ ସମାଜରେ ନାରୀ ନିଜକୁ ପ୍ରତିପାଦିତ କରିପାରିଲେ ସମୂହ ଦୃଷ୍ଟିରେ ନମସ୍ୟା ହୋଇପାରିବେ। ସୌଖୀନ ସାମଗ୍ରୀର ବିଜ୍ଞାପନ ନାଁରେ ହେଉ କିମ୍ବା ରୁପେଲି ପର୍ଦ୍ଦା ଅଥବା ଆଲ୍‌ବମ ଆଇଟମ୍‌ରେ କଳାକାରର ମୁଖା ପିନ୍ଧି ହେଉ ନାରୀର ଅଶୋଭନୀୟ ଆଚରଣ ନୈତିକତା ଦୃଷ୍ଟିରୁ କେତେଦୂର ଯଥାର୍ଥ ତାହାହିଁ ବିଚାର୍ଯ୍ୟ। ତେଣୁ ସାମାଜିକ ସ୍ତରରେ ଯେପରି ସବୁରି ଆଦରଣୀୟା ହୋଇପାରିବେ, ସେଥିପାଇଁ ଆଜିର ନାରୀ ଯତ୍ନବାନ୍ ହେବା ସହ ସଚେତନ ହେବା ନିହାତି ଆବଶ୍ୟକ।

ଏବେବି ସମୟ ଅଛି। ସୁସ୍ଥ ସମାଜ ଗଠନ ପାଇଁ ପ୍ରଥମେ ଆମ ନିଜ ଘରକୁ ସଜାଡ଼ିବାକୁ ପଡ଼ିବ। ଘରେ ଶାନ୍ତ ପରିବେଶ ସୃଷ୍ଟି ହେଲେ ତାହା ସମାଜରେ ପ୍ରତିଫଳିତ ହେବ। ଘର, ପରିବାର ହେଉଛି ସମାଜର ପ୍ରାଣକେନ୍ଦ୍ର। ଆମର ଆଚରଣ, ଉଚ୍ଚାରଣରେ ସୁଧାର ଆସିଗଲେ ସାମାଜିକ ଜୀବନ ସୁଖମୟ ହୋଇଉଠିବ। ସବୁଧର୍ମକୁ ସମ୍ମାନ ଦେଇ ଆଧ୍ୟାତ୍ମିକ ଚିନ୍ତାକୁ ଜୀବନର ଉପଜୀବ୍ୟ ରୂପେ ଗ୍ରହଣ କଲେ ସମାଜରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଫେରିଆସିବ। ସମାଜରେ ବିଷମଞ୍ଜି ବୁଣୁଥିବା ଅସାମାଜିକ ତତ୍ତ୍ୱଙ୍କୁ ଚିହ୍ନଟ କରି ଦୃଢ଼ ପ୍ରତିରୋଧ ଦ୍ୱାରା ସେମାନଙ୍କୁ ପରାହତ କରିବାକୁ ପଡ଼ିବ। ଗୁରୁଜନଙ୍କୁ ଉପଯୁକ୍ତ ସମ୍ମାନ ଓ ଲଘୁଜନଙ୍କୁ ଆନ୍ତରିକ ସ୍ନେହ, ଆଦର ଦେଇ ଜାଣିଲେ ଆମେ ସମାଜରେ ନିଶ୍ଚୟ ସମ୍ମାନ ପାଇବା। ନିଜ କର୍ତ୍ତବ୍ୟ ଓ ଦାୟିତ୍ୱବୋଧକୁ ବୁଝି ନିଜ କର୍ମ ସମାପନ କଲେ ସାମାଜିକ ଜୀବନ ନିଶ୍ଚୟ ହସି ଉଠିବ। ତା' ନହେଲେ ସମଗ୍ର ସମାଜ କଳଙ୍କିତ ହେବା ସହ ଆମେ ନିଜେ ନିଜ ଧ୍ୱଂସର କାରଣ ହେବା, ଏଥିରେ ସନ୍ଦେହ ନାହିଁ।

ବରଦାପଡ଼ା, ବିଶ୍ୱାଳପଡ଼ା, ରେଞ୍ଚ, ଖୋର୍ଦ୍ଧା, ମୋ-୯୩୩୭୬୦୧୭୦୫

## ଏଇ ଭାରତରେ

କିଶୋର ବୟସରେ ସ୍ୱପ୍ନକୁ ସାକାର କରିବାରେ ଅରଣ୍ୟୋ ରାୟ ଏକ ଦୃଷ୍ଟାନ୍ତ। ତାଙ୍କ ଦ୍ୱାରା ପ୍ରସ୍ତୁତ କୀଟନାଶକ କୃଷି ଓ କୃଷକଙ୍କୁ ବେଶ୍ ଲାଭ ପହଞ୍ଚାଇଛି। ଅରଣ୍ୟୋଙ୍କ ବୟସ ୧୬ ଓ ସେ ହାଇସ୍କୁଲରେ ପଢୁଛନ୍ତି। ରହୁଛନ୍ତି କୋଲକାତା ନିକଟସ୍ଥ ବରସାତ ସହରରେ। ସେ ଖୋଟ ଚାଷୀମାନଙ୍କ ପାଇଁ ପ୍ରସ୍ତୁତ କରିଛନ୍ତି ଏକ ପ୍ରକାର କୀଟନାଶକ (ନାନୋ ପେଷ୍ଟିସାଇଡ୍‌ସ)। ଏହା ପରିବେଶକୁ ପ୍ରଭାବିତ କରୁନାହିଁ କି କୃଷକମାନଙ୍କର କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରୁନାହିଁ। ଏହି ପରିବେଶ ଉପଯୋଗୀ କୀଟନାଶକ ଉପଯୋଗ କରି ୧,୦୦୦ ଖୋଟ ଚାଷୀ ଉପକୃତ ହେଉଛନ୍ତି। ଉକ୍ତ କୀଟନାଶକ ଦ୍ୱାରା ସେମାନେ ଅଧିକ ଅମଳ କରୁଛନ୍ତି, ଯାହାଦ୍ୱାରା ସେମାନଙ୍କ ଆର୍ଥିକ ସ୍ଥିତି ମଜଭୁତ ହୋଇପାରିଛି। ଅରଣ୍ୟୋ ମଧ୍ୟ 'ନାନୋସାଇଡ' ସଂସ୍ଥା ପ୍ରତିଷ୍ଠା କରି ଏହା ମାଧ୍ୟମରେ କୃଷକମାନଙ୍କୁ ଅନ୍ୟାନ୍ୟ ସହାୟତା ଯୋଗାଇ ଦେଉଛନ୍ତି। ସେ ସାମାଜିକ ଗଣମାଧ୍ୟମ ଜରିଆରେ ଚାଷୀମାନଙ୍କୁ କୀଟନାଶକର ପ୍ରଭାବ ସମ୍ପର୍କରେ ସଚେତନ କରୁଛନ୍ତି। ପ୍ରାୟ ୨୦୦ କୃଷକ ପରିବାର 'ନାନୋସାଇଡ' ସହ ଯୋଡ଼ି ହୋଇସାରିଲେଣି। ୨୦୧୯ରେ ତାଙ୍କ ପ୍ରସ୍ତୁତ କୀଟନାଶକର କ୍ଷେତ୍ର ପରୀକ୍ଷା ଶେଷ ହେବା ପରେ ତାହାକୁ ବ୍ୟବହାର ଯୋଗ୍ୟ ବୋଲି ଘୋଷଣା କରାଯାଇଥିଲା।

## ୨୫ ବର୍ଷ ତଳର ଧରିତ୍ରୀ

୧ ମେ ୧୯୯୬

- ଦକ୍ଷିଣ ଆଫ୍ରିକାର ନୂତନ ସମ୍ବିଧାନରେ କେତେକ ଧାରାକୁ ବିରୋଧ କରି ବୃହତ ଶ୍ରମିକ ସଙ୍ଗଠନ ଦକ୍ଷିଣ ଆଫ୍ରିକା ଟ୍ରେଡ୍ ୟୁନିୟନ କ୍ରସର ସଦସ୍ୟ ପକ୍ଷରୁ ଦିନିକିଆ ବିକ୍ଷୋଭ ପ୍ରଦର୍ଶନ।
- ଆଫଗାନିସ୍ତାନରେ ଚାଲିଥିବା ଗୃହଯୁଦ୍ଧର ଅବସାନ ଘଟାଇବା ସହ ଯୁଦ୍ଧରତ ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଶାନ୍ତି ସ୍ଥାପନ ପାଇଁ ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ଆଫଗାନିସ୍ତାନ ପକ୍ଷରୁ ମାଲେସିୟାକୁ ଅନୁରୋଧ କରାଯାଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ମ୍ୟାଲେରିଆ ଗବେଷଣା କେନ୍ଦ୍ର ଉଠି ନ ଯାଉ

ମହାଶୟ,

ଓଡ଼ିଶାର ରାଉରକେଲାଠାରେ ମ୍ୟାଲେରିଆ ଗବେଷଣା କେନ୍ଦ୍ର ରହିଛି। ମ୍ୟାଲେରିଆ ନିରାକରଣ ଉଦ୍ଦେଶ୍ୟରେ ଏହାକୁ ପ୍ରତିଷ୍ଠା କରାଯାଇଛି। କିନ୍ତୁ କେନ୍ଦ୍ର ସରକାର ଅନ୍ୟାୟ ଭାବରେ ଏହାକୁ ବିହାରର ରାଞ୍ଚିକୁ ଉଠାଇବାକୁ ମସୁଧା ଚଳାଉଥିବା ଶୁଣିବାକୁ ମିଳୁଛି। ଏଥିପାଇଁ ରାଜ୍ୟ ସରକାର ତଥା ବୁଦ୍ଧିଜୀବୀ ମହଲ ସ୍ୱର ଉତ୍ତୋଳନ କରିବା ଆବଶ୍ୟକ। ଦେଶର ପ୍ରତି ରାଜ୍ୟରେ କେନ୍ଦ୍ର ରହିଲେ ମ୍ୟାଲେରିଆର ମୁକାବିଲାରେ ସହାୟକ ହୋଇପାରିବ। ଏହାର ପୁନର୍ବିଚାର ପ୍ରତି ଧ୍ୟାନ ଦେବା ଆବଶ୍ୟକ। ନୂତନ ମ୍ୟାଲେରିଆ କେନ୍ଦ୍ର ଖୋଲିବା ଜରୁରୀ।

-ରମେଶଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଜଳିଉଠେ ବିଶ୍ୱକ୍ରୋଡ଼େ ପୁଣି କାହିଁ ଜୀବନର
ନବ ନବ କେତେ ଦୀପାବଳି,
ରଜନୀ-ଦିବସ ସମ ଜୀବନ-ମରଣ ଖେଳ
ସହଜରେ ଯାଏ ସେ ଯେ ଚଳି। (ଜଡ଼-ଦର୍ଶନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ମାସ୍କ, ହେଲମେଟ ଯାଞ୍ଚ କଡ଼ାକଡ଼ି

ଲୋଇସିଂହା (ଡି.ଏନ.ଏ.): ବଲାଙ୍ଗୀର ଜିଲାରେ ଗତ କିଛିଦିନ ହେଲା କରୋନା ସଂକ୍ରମଣ ଓ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ବଢ଼ିଛି। ଏହି ପରିପ୍ରେକ୍ଷୀରେ ଲୋଇସିଂହା ପୋଲିସ ପକ୍ଷରୁ ମାସ୍କ ଓ ହେଲମେଟ ଯାଞ୍ଚକୁ କଡ଼ାକଡ଼ି କରାଯାଇଛି। ଅମାନିଆଙ୍କ ଠାରୁ ୧୮ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିବା ଥାନା ସୂତ୍ରରୁ ଜଣାଯାଇଛି। ଶୁକ୍ରବାର ଆଇଆଇସି ଲଳିତା ଲାକ୍ରାଙ୍କ ନିର୍ଦ୍ଦେଶକ୍ରମେ ଥାନା ସମ୍ମୁଖ ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥରେ ଏସଆଇ ନବୀନ ଭୋଇ ଓ ରୀନାକାନ୍ତି ଡୁମଡୁମଙ୍କ ନେତୃତ୍ୱରେ ଯାଞ୍ଚ କରାଯାଇଥିଲା। ଏହି ସମୟରେ ୩୬ ବାଇକ୍ ଆରୋହୀଙ୍କ ଠାରୁ ୧୮ ହଜାର ଟଙ୍କାର ଜରିମାନା ଆଦାୟ ହୋଇଥିଲା।

## ସଂକ୍ଷେପରେ

### ଓଏଚ୍ଆର୍‌ସି ୩ରୁ ୧୩ ତାରିଖ ଯାଏ ବନ୍ଦ

ଭୁବନେଶ୍ୱର,୩୦।୪(ବ୍ୟୁରୋ): ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ତୋଷାଳୀ ଭବନସ୍ଥିତ ରାଜ୍ୟ ମାନବାଧିକାର ଆୟୋଗ (ଓଏଚ୍ଆର୍‌ସି) ଆସନ୍ତା ମେ ୩ରୁ ୧୩ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ। ଏନେଇ ଶୁକ୍ରବାର ଆୟୋଗଙ୍କ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି। ଆୟୋଗର କାର୍ଯ୍ୟ ବନ୍ଦ ରହିଲେ ମଧ ସମସ୍ତ କର୍ମଚାରୀ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ସଦର ମହକୁମା ଛାଡିବେ ନାହିଁ। ଯେ କୌଣସି ସମୟରେ ଆବଶ୍ୟକ ପଡିଲେ ନିଜ କାର୍ଯ୍ୟ ସମ୍ପାଦନ କରିବେ। ଏହି ସମୟରେ ଅତି ଜରୁରୀ ମାମଲାଗୁଡ଼ିକର ଶୁଣାଣି କରାଯିବ। ଇମେଲ-ohrc@nic.in ମାଧମରେ ଅଭିଯୋଗ ଦାଖଲ କରାଯାଇପାରିବ। ଜରୁରୀ ଶୁଣାଣି ପାଇଁ କାର୍ଯ୍ୟାଳୟ ସହକାରୀ ରେଜିଷ୍ଟ୍ରାରଙ୍କୁ ମୋବାଇଲ୍ ନଂ.୮୭୬୩୭୪୨୦୮୦ରେ ମଧ ଯୋଗାଯୋଗ କରାଯାଇପାରିବ। ଅତ୍ୟଧିକ ଜରୁରୀ କାର୍ଯ୍ୟପାଇଁ ସମ୍ପୃକ୍ତ ପକ୍ଷ ନିଜର ମୋବାଇଲ ନମ୍ବର ଏବଂ ଇମେଲ ଆଇଡି ଦେଇ ଓଏଚ୍ଆର୍‌ସି ଅଧକ୍ଷଙ୍କ ଅନୁମତିକ୍ରମେ ଭର୍ଚୁଆଲ ମାଧମରେ ପିଟିଶନ ଦାଖଲ କରିପାରିବେ।

### ଟେଷ୍ଟିଂ କିଟ୍ ଅଭାବ, ହସ୍ପିଟାଲରୁ ଫେରୁଛନ୍ତି ଲକ୍ଷଣ ଥିବା ବ୍ୟକ୍ତି

ବଲାଙ୍ଗୀର ଅଫିସ, ୩୦।୪: ବଲାଙ୍ଗୀର ଜିଲାରେ କିଛିଦିନ ହେଲା କରୋନା ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇଚାଲିଛି। ଏଭଳି ସ୍ଥିତିରେ ଜିଲା ପ୍ରଶାସନ ପକ୍ଷରୁ ଜିଲାର ୫ଟି ସହରାଞ୍ଚଳରେ ଘରକୁ ଘର ବୁଲି ଟ୍ରାକିଂ, ଟ୍ରେସିଂ ଏବଂ ଟେଷ୍ଟିଂ ଅଭିଯାନ ଆରମ୍ଭ କରାଯାଇଥିଲା। ତେବେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସପିଟାଲକୁ ପ୍ରତିଦିନ କରୋନା ଟେଷ୍ଟିଂ ପାଇଁ ଯାଉଥିବା ଲକ୍ଷଣ ଥିବା ଲୋକମାନେ କିଟ୍ ଅଭାବରୁ ଟେଷ୍ଟିଂ କରି ନ ପାରି ଫେରି ଆସୁଥିବା ଜଣାପଡିଛି। ହସ୍ପିଟାଲରେ ଏବେ ଏପରି ଅବସ୍ଥା ହୋଇଛି ଯେ, ଦିନକ ଆଗରୁ ରେଜିଷ୍ଟ୍ରେସନ କରୁଥିବା ଲୋକମାନେ ମଧ ସେହିଦିନ ପରୀକ୍ଷା କରି ନ ପାରି ଗୋଟିଏ ଦିନ ପରେ ଯାଇ ସେଠାରେ ଟେଷ୍ଟିଂ ପାଇଁ ଲମ୍ବାଧାଡିରେ ଅପେକ୍ଷା କରୁଥିବା ଜଣାପଡିଛି। ଟେଷ୍ଟିଂ କିଟ୍ ଅଭାବରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡିଛି। ଏନେଇ ସିଡିଏମ୍‌ଓ ଡା. ଭୀମ ସାହୁଙ୍କୁ ପଚରାଯିବାରୁ ସବୁ ଜିଲାକୁ ଟେଷ୍ଟିଂ ଟାର୍ଗେଟ ଦିଆଯାଇଛି। ଦୈନିକ ଟାର୍ଗେଟ ଅନୁସାରେ ଟେଷ୍ଟିଂ କରାଯାଉଛି। ଟେଷ୍ଟିଂ କିଟ୍ ଅଭାବ ମଧ ରହିଛି ବୋଲି ସେ କହିଛନ୍ତି। ଏବେ ବଲାଙ୍ଗୀର ଜିଲାରେ ଦୈନିକ ୧୩୫୦ ଆଣ୍ଟିଜେନ୍ ଏବଂ ୩୦୦ ଆରଟିପିସିଆର ଟେଷ୍ଟିଂ ଟାର୍ଗେଟ ରହିଛି। ଏହାସତ୍ତ୍ୱେ କିଛିଦିନ ହେଲା ଅଧିକ ସଂକ୍ରମଣକୁ ଆଖି ଆଗରେ ରଖି ଜିଲାରେ ୨ ହଜାରରୁ ଉର୍ଦ୍ଧ୍ୱ ଟେଷ୍ଟିଂ କରାଯାଉଛି ବୋଲି ସେ କହିଛନ୍ତି। ବଲାଙ୍ଗୀର ଜିଲାରେ ଶୁକ୍ରବାର ଦିନକରେ ୪୫୯ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେଥିରୁ କେବଳ ବଲାଙ୍ଗୀର ସହରରେ ୮୧ଜଣ ବୋଲି ଦର୍ଶାଯାଇଛି।

### କରୋନା ଆକ୍ରାନ୍ତଙ୍କ ମୃତ୍ୟୁ

ବାଲିଅନ୍ତା,୩୦।୪(ଡି.ଏନ.ଏ.): କରୋନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିବା ବାଲିଅନ୍ତା ବ୍ଲକ କାକରୁଦ୍ରପୁର ଅଞ୍ଚଳର ଜଣେ ୪୫ବର୍ଷୀୟ ଯୁବକଙ୍କ ମୃତ୍ୟୁ ଘଟିଛି। ସେ କୋଲକତାରେ ବିଦ୍ୟୁତ୍ ବିଭାଗରେ ଚାକିରି କରୁଥିଲେ। ବୁଧବାର ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

# ଆଇପିଏଲ୍ ବେଟିଂରେ ପୋଲିସର ସେଟିଂ



ଜବତ ଟଙ୍କା ସହ ଗିରଫ ଅଭିଯୁକ୍ତ।

ସମ୍ବଲପୁର,୩୦।୪(ବ୍ୟୁରୋ)

- ୧୦ଲକ୍ଷ ଟଙ୍କାର ମୂଲଚାଲ
- ରାଜନେତାଙ୍କ ପୁଅଙ୍କୁ ପଚରାଉଚରା
- ଦୁଇ ବୁକିଙ୍କ ବିବାଦରୁ ପୋଲିସକୁ ଫାଇଦା

ପ୍ରାୟ ୬୦ ଦିନିଆ ଆଇପିଏଲ୍ ମ୍ୟାଚରେ ଦେଶ ତଥା ଦେଶ ବାହାରେ ବେଟିଂ ଚାଲୁଛି। ସମ୍ବଲପୁର ଜିଲାରେ ମଧ ପ୍ରତିଦିନ ପ୍ରାୟ ୨ କୋଟି ଟଙ୍କା କାରବାର ହେଉଥିବା ଜଣାପଡିଛି। ଅନ୍‌ଲାଇନ ଓ ଅଫ୍‌ଲାଇନ ଜରିଆରେ ହେଉଥିବାରୁ ସହର ଓ ଗ୍ରାମାଞ୍ଚଳ ସବୁଠାରେ ଖେଳ ଚାଲିଛି। ଅନ୍‌ଲାଇନ ଯୋଗୁ ଏବେ ବୁକି ଓ ଖେଳୁଥିବା ବ୍ୟକ୍ତିଙ୍କୁ ସୁବିଧା ହେଉଛି। ବାଜି ଜିତିବା ପରେ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ଟଙ୍କା ମିଳିପାରୁଛି। ପୂର୍ବରୁ ଧନୁପାଲି ଥାନା ଅଞ୍ଚଳର ଜଣେ ବୁକି ରହିଥିବା ବେଳେ ଏବେ ଟାଉନ ଥାନା ଅଞ୍ଚଳର ଜଣେ ବୁକି ନୂତନ ଭାବେ କାମ କରୁଛନ୍ତି। ଦୁଇଜଣ ବୁକିଙ୍କ ବିବାଦ ଯୋଗୁ ଏବେ ପୋଲିସକୁ ଫାଇଦା ହୋଇଛି ବୋଲି ଅଭିଯୋଗ ହେଉଛି। ଚଢ଼ାଉ ପୂର୍ବରୁ ପୋଲିସ ସୂଚନା ଦେବାରୁ ଜଣେ ବୁକି ରାଜ୍ୟ ବାହାରକୁ ଯାଇ ବେଟିଂ କରୁଛନ୍ତି। ଅନ୍ୟପଟେ ଏପ୍ରିଲ ୨୫ ବିଳମ୍ବିତ ରାତିରେ ପୋଲିସ ଚଢାଉ କରି ଅନ୍ୟ ବୁକି ଗୋଷ୍ଠୀର ଦୁଇଜଣ ଯୁବକଙ୍କୁ ଅଟକ ରଖିଥିଲା। ସେମାନଙ୍କ ମଧ୍ୟରେ ଜଣେ ଅଇଁଠାପାଲି ଥାନା ଅଞ୍ଚଳର ଡାକ୍ତରଙ୍କ ପୁଅ ଓ ଅନ୍ୟଜଣେ ଟାଉନ ଥାନା ମାରୱାଡି ପଡାର ଜଣେ ପ୍ରତିଷ୍ଠିତ ବ୍ୟବସାୟୀଙ୍କ ପୁଅ ରହିଥିଲେ। ଏମାନେ ୪ଦିନ ଅଟକ ରହିଥିବା ନେଇ ବିଭିନ୍ନ ଗଣମାଧମରେ ଖବର ପ୍ରକାଶ ପାଇବା ପରେ ପୋଲିସ ଡାକ୍ତରଙ୍କ ପୁଅ ଶୁଭମ୍ ସାହୁ ଓ ଝାରସୁଗୁଡ଼ା ଜିଲା ରେଳଫାଟକ ଅଞ୍ଚଳର ହରିଶ ସାହୁଙ୍କୁ କୋର୍ଟ ଚାଲାଣ କରିଥିଲା। ଅଭିଯୁକ୍ତଙ୍କ ନିକଟରୁ ୧ଲକ୍ଷ ୯୨ହଜାର ଟଙ୍କା, ବ୍ରେସ୍‌ଲେଟ, ଏକ କାର୍ (ଓଆର୍୧୫ଆର୍-୩୬୧୭) ଜବତ କରିଛି। ଏହାସହ ୭ଟି ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍ କରାଯାଇଛି, ଯେଉଁଥିରେ ୪୦ଲକ୍ଷ ୧୦,୭୪୬ଟଙ୍କା ରହିଥିବା ପୋଲିସ କହିଛି। ଏ ନେଇ ଥାନାରେ ଦଫା ୪୨୦, ୪୬୫, ୪୬୮, ୪୭୧, ୧୨୦/ବିରେ ମାମଲା (ନଂ.୧୯୮/୨୧) ରୁଜୁ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ୨ଜଣଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ହେଲେ ପୋଲିସ ବ୍ୟବସାୟୀଙ୍କ ପୁଅଙ୍କୁ ଛାଡିଦେଇଛି। ଏହାକୁ ନେଇ ଏବେ ପୋଲିସର କାର୍ଯ୍ୟକଳାପ ଉପରେ ସନ୍ଦେହ କରାଯାଉଛି। ୧୦ ଲକ୍ଷ ଟଙ୍କାର ମୂଲଚାଲ କରି ବେଟିଂରେ ପୋଲିସ ସେଟିଂ କରି ଛାଡିଦେଇଥିବା ଅଭିଯୋଗ ହୋଇଛି। ଜଣେ ପ୍ରତିଷ୍ଠିତ ତଥା ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ୍ ସହିତ ସୁସମ୍ପର୍କ ରଖିଥିବା ବ୍ୟକ୍ତି ଏଥିରେ ମଧ୍ୟସ୍ଥ କରିଥିବା ଜଣାପଡିଛି।

ଅଟକ ବ୍ୟବସାୟୀଙ୍କ ପୁଅଙ୍କୁ ଜେରା କରାଯାଇଥିଲା। କୌଣସି ପ୍ରମାଣ ନ ମିଳିବାରୁ ଛାଡି ଦିଆଗଲା। ପ୍ରାୟ ସମସ୍ତ ଟ୍ରାଞ୍ଜାକ୍ସନ ଜମା ଖାତାରେ ହୋଇଥିଲା ବୋଲି ସଦର ଏସ୍‌ଡିପିଓ ତପନ କୁମାର ମହାନ୍ତି କହିଛନ୍ତି। ମୋବାଇଲ ଓ ଲାପଟପ୍ ଜରିଆରେ ଖେଳ ହୋଇଥାଏ। ହେଲେ ପୋଲିସ କିଭଳି ବ୍ୟବସାୟୀଙ୍କ ପୁଅ ବିରୋଧରେ ପ୍ରମାଣ ଯୋଗାଡ କରିପାରିଲା ନାହିଁ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଅନ୍ୟପଟେ ବେଟିଂ ମାମଲାରେ ଅନେକଙ୍କ ସମ୍ପୃକ୍ତି ଥିବା ପୋଲିସ ଜାଣିବାକୁ ପାଇଛି। କେତେଜଣ ଲୋକଙ୍କ ଜମାଖାତା ମଧ ଯାଞ୍ଚ କରାଯାଇଛି। ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଯାଞ୍ଚ ସମୟରେ ବିଭିନ୍ନ ଆକାଉଣ୍ଟରେ ପ୍ରାୟ ୨୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା କାରବାର ହୋଇଥିବା ପୋଲିସ ଜାଣିବାକୁ ପାଇଛି। ଏହି ଘଟଣାରେ ଜଣେ ରାଜନେତାଙ୍କ ପୁଅଙ୍କୁ ମଧ ପୋଲିସ ଡାକି ପଚରାଉଚରା କରିଛି। ଏ ସମ୍ପର୍କରେ ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧର କହିଛନ୍ତି, ଘଟଣାର ତଦନ୍ତ ଜାରି ରହିଛି। ୨ ଜଣ ଯୁବକଙ୍କୁ ଗିରଫ କରାଯାଇଛି। ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତ ରାଜ୍ୟ ବାହାରକୁ ଚାଲିଯାଇଛନ୍ତି। ରାଜ୍ୟ ବାହାରୁ ବୁକିମାନେ ରହି ଖେଳ ଚଳାଉଛନ୍ତି।

# ମୁଖ୍ୟ ଶାସନ ସଚିବଙ୍କ ସହ ଭାଜପାର ଭର୍ଚୁଆଲ ବୈଠକ

ଭୁବନେଶ୍ୱର, ୩୦।୪(ବ୍ୟୁରୋ)



ରାଜ୍ୟରେ କରୋନା ଦ୍ୱିତୀୟ ଲହର କାୟା ବିସ୍ତାର କରୁଛି। ଭୂତାଣୁର ବାରମ୍ବାର ମ୍ୟୁଟେଶନ କାରଣରୁ ସଂକ୍ରମଣର ଗତି ତୀବ୍ର ଓ ଘାତକ ହେଉଛି। ଏହାର ମୁକାବିଲା ପାଇଁ ଆମ ସମସ୍ତଙ୍କୁ ଏକାଠି ଲଢ଼ିବାକୁ ପଡ଼ିବ। ରାଜ୍ୟରେ ଅଧିକାଂଶ ଜିଲା ଆଜି ରେଡ୍ ଜୋନ୍‌ରେ ପରିଣତ ହୋଇଛି। ସହରାଞ୍ଚଳଗୁଡ଼ିକରେ ଏହାର ଭୟାଭୟ ବେଶି ଅନୁଭୂତ ହେଉଛି। ଏହି ଲଢେଇରେ ଜିତିବା ପାଇଁ ସମସ୍ତ ଯଥାଯୋଗ୍ୟ ଓ ଠିକ୍ ପଦକ୍ଷେପରେ ଭାଜପା ତରଫରୁ ରାଜ୍ୟ ସରକାରଙ୍କ ସହ ଛିଡ଼ା ହେବାର ନିଷ୍ପତ୍ତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ ଭାଜପାର ଏକ ପ୍ରତିନିଧି ଦଳ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ଭର୍ଚୁଆଲ ମିଟିଂ ଜରିଆରେ ଭେଟି ଇ-ମେଲ୍ ଜରିଆରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ମୁଖ୍ୟ ଶାସନ ସଚିବଙ୍କୁ ଅବଗତକରି ଭାଜପା ପକ୍ଷରୁ କୁହାଯାଇଛି ଯେ, ଯେଉଁଠାରେ ମନୁଷ୍ୟକୃତ ପରିଚାଳନାଗତ ଅବ୍ୟବସ୍ଥା ଦେଖାଯାଉଛି, ତାହା ରାଜ୍ୟ ସରକାରଙ୍କ ନଜରକୁ ଆଣିଛୁ ଏବଂ ଆଣିବୁ। ଏହାଦ୍ୱାରା ସରକାରଙ୍କ କୋଭିଡ୍ ମୁକାବିଲା ପ୍ରକ୍ରିୟାରେ କ୍ଷିପ୍ରତା ଆସିବ ଏବଂ ତ୍ରୁଟିଶୂନ୍ୟ ଭାବେ ରଣକୌଶଳ ହେଲେ ଆମେ ସଂକ୍ରମଣକୁ ଜିତିପାରିବା। ଭାଜପା ପକ୍ଷରୁ ସମସ୍ତ ଜିଲା ଓ ବ୍ଲକରେ କୋଭିଡ୍ ପରିଚାଳନା ସଞ୍ଚାଳନ ସମିତି ତିଆରି ହୋଇଛି। ସହାୟତା ପାଇଁ ହେଲ୍ପଲାଇନ ନମ୍ବର ମଧ ଜାରି ହୋଇଛି। ସଂକ୍ରମିତ ଲୋକଙ୍କ ଡାକ୍ତରଖାନା ଯିବାଠାରୁ ଆଇସୋଲେଶନରେ ଥିବା ଲୋକଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା, ଅକ୍ସିଜେନ ଯୋଗାଣ, କରୋନା କିଟ୍ ଯୋଗାଣ ପର୍ଯ୍ୟନ୍ତ ଗୁଡ଼ିଏ କାମ ଆରମ୍ଭ କରିଛୁ। ସରକାରଙ୍କ ଅନୁମତି ମିଳିଲେ କୋଭିଡ୍ କେୟାର ସେଣ୍ଟର ଖୋଲିବାକୁ ମଧ ଆମେ ଉଦ୍ୟମ କରିବୁ ବୋଲି ଭାଜପା ଅବଗତ କରିଛି।

## କରୋନା ସଂକ୍ରମଣ ରେକର୍ଡ ଭାଙ୍ଗୁଛି: ତଥାପି ଚେତା ପଶୁନି



ଶନିବାର ଏବଂ ରବିବାର ସପ୍ତାହାନ୍ତ ଶଟ୍‌ଡାଉନ ଥିବାରୁ ଶୁକ୍ରବାର ଭୁବନେଶ୍ୱର ୟୁନିଟ୍-୧ ପରିବା ହାଟରେ ପ୍ରବଳ ଭିଡ଼।

## ଆଜିଠୁ ପ୍ରାଣୀ ଚିକିତ୍ସକଙ୍କ କଲମ ଛାଡ଼ ଆନ୍ଦୋଳନ

ଭୁବନେଶ୍ୱର, ୩୦।୪(ବ୍ୟୁରୋ): ପ୍ରଥମ ଶ୍ରେଣୀରେ ପ୍ରାରମ୍ଭିକ ନିଯୁକ୍ତି ଦାବି ନେଇ ଓଡ଼ିଶାର ପ୍ରାଣୀ ଚିକିତ୍ସକମାନେ ଗତ ୫ ମାସ ଧରି କଳାବ୍ୟାଜ୍ ପରିଧାନ କରିବା ସହିତ ଗତ ୨୫ ତାରିଖରୁ ଡିଜିଟାଲ କାର୍ଯ୍ୟ ବର୍ଜନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଗତ ୨୭ ତାରିଖରେ କୃଷିମନ୍ତ୍ରୀ ଅରୁଣ ସାହୁ ଓ ବିଭାଗୀୟ ସଚିବ ଆର୍. ରଘୁପ୍ରସାଦ ପ୍ରାଣୀ ଚିକିତ୍ସକଙ୍କ ପ୍ରତିନିଧି ମଣ୍ଡଳୀ ସହ ଆଲୋଚନାବେଳେ ଦାବି ଯଥାର୍ଥ ବୋଲି ହୃଦ୍‌ବୋଧ କରିବା ସହିତ ସକାରାତ୍ମକ ବିଚାର କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ହେଲେ ପୂର୍ବରୁ ବାରମ୍ବାର ପ୍ରତିଶ୍ରୁତିପାଇ ନିରାଶ ହୋଇଥିବା ପ୍ରାଣୀ ଚିକିତ୍ସକମାନେ ସେଥିରେ ସନ୍ତୁଷ୍ଟ ହୋଇନାହାନ୍ତି। ୧ ତାରିଖରୁ ସେମାନେ କଲମ ଛାଡ଼ ଆନ୍ଦୋଳନ କରିବାକୁ ଯାଉଥିବା ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମେ ୧୫ ଭିତରେ ହସ୍ତକ୍ଷେପ କରନ୍ତୁ, ନଚେତ ସମୂହ ଛୁଟିରେ ଯିବେ ବୋଲି ସେମାନେ ସୂଚନା ଦେଇଛନ୍ତି।

## ଅନ୍‌ଲାଇନରେ ଯୁବ ରେଡକ୍ରସ୍ ସମୀକ୍ଷା ବୈଠକ

ଭବାନୀପାଟଣା, ୩୦।୪ (ଡି.ଏନ.ଏ.)

କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଅନୁକୂଲ୍ୟରେ ଯୁବ ରେଡକ୍ରସ ବିଭାଗର ୨୦୨୦-୨୦୨୧ ଶିକ୍ଷା ବର୍ଷ ପାଇଁ ଏକ ସମୀକ୍ଷା ବୈଠକ ଅନ୍‌ଲାଇନ୍ ମାଧମରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶ୍ୱବିଦ୍ୟାଳୟ ଅଧୀନ କଳାହାଣ୍ଡି ଓ ନୂଆପଡା ଜିଲା ଯୁବରେଡକ୍ରସ ପରାମର୍ଶଦାତା ଓ ବିଭିନ୍ନ କଲେଜ ଅଧକ୍ଷମାନେ ଅଂଶଗ୍ରହଣ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବ ରେଡକ୍ରସ କାର୍ଯ୍ୟକ୍ରମକୁ ଆହୁରି ଅଧିକ କାର୍ଯ୍ୟକ୍ଷମ କରିବା ସହ ମହାମାରୀ କୋଭିଡ୍ ସମୟରେ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଓଡିଶା ରାଜ୍ୟ ଶାଖା ଯୁବରେଡକ୍ରସ ଅଧିକାରୀ ଡ. ଅଜୟ ତ୍ରିପାଠୀ ମୁଖ୍ୟବକ୍ତା, ଉପକୁଳସଚିବ କ୍ୟାପଟେନ ଜୟଦେବ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଯୁବ ରେଡକ୍ରସ କଳାହାଣ୍ଡି ଜିଲା ଆବାହକ ସମ୍ପାଦକ ସଞ୍ଜୀବ ସାହୁଙ୍କ ସଂଯୋଜନାରେ ଜିଲା ସଂଯୋଜକ ଶାନ୍ତନୁ ପରିଡା ଓ ନୂଆପଡା ଜିଲା ସଂଯୋଜକ ଅଶ୍ୱିନୀ ଓତା ୨୦୨୦-୨୧ ଶିକ୍ଷାବର୍ଷର ନିଜ ଜିଲାର ରିପୋର୍ଟ ପ୍ରଦାନ କରିଥିଲେ। ନୂଆପଡା ଜିଲା ଆବାହକ ସମ୍ପାଦକ ଭୂଖନରାମ ଅହିର ଜିଲା ରେଡକ୍ରସ କାର୍ଯ୍ୟକ୍ରମ ଅଗ୍ରଗତି ବିଷୟରେ ମତବ୍ୟକ୍ତ କରିଥିଲେ। ଲକ୍ଷୀରାମ କଲେଜର ଯୁବ ରେଡକ୍ରସ ପରାମର୍ଶଦାତା ମୋହନ ଚରଣ ବିଶି ଧନ୍ୟବାଦ ଦେଇଥିଲେ।

PARADIP PORT TRUST
e-TENDER CALL NOTICE
Name of the work **"Revamping of 11 KV HT electrical distribution systems at different locations of Paradip Port"** Estimated cost : **Rs. 4,03,08,400/-.** Last date & time of submission of bid : **dt. 01.06.2021 up to 18:00 Hrs.** Refer our website for details **https://eprocure.gov.in/eprocure/app.**
**Executive Engineer (PED-II)**
**PPT/PR/25/2021-22, Dt.30.04.2021**

# ମୋ ସ୍କୁଲ ଅଭିଯାନ: ୧୨୧ କୋଟିର ପ୍ରକଳ୍ପକୁ ଅନୁମୋଦନ

ଭୁବନେଶ୍ୱର, ୩୦।୪(ବ୍ୟୁରୋ)

ମୋ ସ୍କୁଲ ଅଭିଯାନର ୨୪ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ଶୁକ୍ରବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କୋଭିଡ୍ ପରିସ୍ଥିତିକୁ ଦୃଷ୍ଟିରେ ରଖି ଅନୁଷ୍ଠିତ ରାଜ୍ୟର ୨୪ଟି ଜିଲାର ମୋଟ ୧୨୧ କୋଟି ୨୬ ଲକ୍ଷ ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଗତ ମାସକ ମଧ୍ୟରେ ୩୬ ହଜାରରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ମୋ ସ୍କୁଲ ଅଭିଯାନ ସହ ଯୋଡ଼ି ହୋଇଥିବା ବେଳେ ସେମାନେ ନିଜ ବିଦ୍ୟାଳୟର ବିକାଶ ଲାଗି ୫ କୋଟି ୨୦ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ବାଲେଶ୍ୱରରେ ସର୍ବାଧିକ ୧.୭୭ କୋଟି, କଟକରେ ୫୩ ଲକ୍ଷ ୫୪ ହଜାର, ଭଦ୍ରକରେ ୩୬ ଲକ୍ଷ ୩୩ ହଜାର, ଅନୁଗୋଳରେ ୩୩ ଲକ୍ଷ ୧୮ ହଜାର, ଅନୁଗୋଳରେ ୩୩ ଲକ୍ଷ୧୮ ହଜାର ଏବଂ ବରଗଡ଼ରେ ୧୮ ଲକ୍ଷ ୫୪ ହଜାର ଟଙ୍କା ପୁରାତନ ଛାତ୍ରୀଛାତ୍ରମାନେ ପ୍ରଦାନ କରିଛନ୍ତି। ପୁରାତନ ଛାତ୍ରୀଛାତ୍ର ଏବଂ ସିଏସ୍‌ଆର୍ ପାଣ୍ଠି ଅନୁଦାନ ସହ ରାଜ୍ୟ ସରକାରଙ୍କ ୨ ଗୁଣା ଆର୍ଥିକ ସହାୟତାକୁ ମିଶାଇ ମୋଟ ୧୨୧ କୋଟି ୨୬ ଲକ୍ଷ ଟଙ୍କାର ପ୍ରକଳ୍ପକୁ କାର୍ଯ୍ୟନିର୍ବାହୀ ପରିଷଦ ଅନୁମୋଦନ ପ୍ରଦାନ କରିଛି। ବାଲେଶ୍ୱର ଜିଲାରେ ଲଗାତାର ୫ମ ଥର ପାଇଁ ପୂରାତନ ଛାତ୍ରୀଛାତ୍ର ସର୍ବାଧିକ ଆର୍ଥିକ ଅନୁଦାନ ପ୍ରଦାନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ୫ ଲକ୍ଷ ୬ ହଜାର ପୂରାତନ ଛାତ୍ରୀଛାତ୍ର ମୋ ସ୍କୁଲ ଅଭିଯାନରେ ସାମିଲ ହୋଇଥିବା ବେଳେ ରାଜ୍ୟରେ ସମସ୍ତ ଜିଲାର ୩୩ ହଜାରରୁ ଅଧିକ ବିଦ୍ୟାଳୟ ଏଥିରେ ସାମିଲ ହୋଇଛନ୍ତି। ସମସ୍ତ ପୂରାତନ ଛାତ୍ରୀଛାତ୍ରଙ୍କୁ ଆସନ୍ତା ମେ ୧୫ ତାରିଖ ସୁଦ୍ଧା ମୁଖ୍ୟମନ୍ତ୍ରୀଙ୍କ ଧନ୍ୟବାଦ ପ୍ରସ୍ତାବ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ସେଣ୍ଟର ଫର ଏନ୍‌ଭାଇରନ୍‌ମେଣ୍ଟ ଷ୍ଟଡିଜ ସହଯୋଗରେ ୧ ହଜାର ସ୍କୁଲରେ ଏନର୍ଜି କ୍ଲବ ପ୍ରତିଷ୍ଠା କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା।

# ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ୨ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, ୩୦।୪ (ବ୍ୟୁରୋ)



ମନ୍ତ୍ରୀ ପଦ୍ମନାଭ ବେହେରା ଓ ଅଧିକାରୀମାନେ ୨ ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଉପନିର୍ଦ୍ଦେଶକ ତପନ ମିଶ୍ରଙ୍କ ଦ୍ୱାରା ଲିଖିତ ଦୁଇଟି ପୁସ୍ତକ 'ଓଡ଼ିଶାରେ ସଡ଼କ ଦୁର୍ଘଟଣା-୨୦୧୯' (Road Accidents in Odisha-2019' ଓ ସମନ୍ୱିତ ସଡ଼କ ସୁରକ୍ଷା କାର୍ଯ୍ୟ ଯୋଜନା' (Integrated Road Safety Action Plan) ଉନ୍ମୋଚିତ ହୋଇଯାଇଛି। ବିଭାଗୀୟ ମନ୍ତ୍ରୀ ପଦ୍ମନାଭ ବେହେରା ଏହାକୁ ଉନ୍ମୋଚନ କରିଥିବାବେଳେ ପ୍ରମୁଖ ଶାସନ ସଚିବ ମଧୁସୂଦନ ପାଢ଼ୀ, କମିଶନର ସଞ୍ଜୀବ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ପୁସ୍ତକରେ ରାଜ୍ୟର ଜିଲାୱାରୀ ସଡ଼କ ଦୁର୍ଘଟଣା ଘଟିବାର କାରଣ, ବିଭିନ୍ନ ବ୍ଲାକ୍ ସ୍ପଟ୍‌ର ତାଲିକା, ସର୍ବାଧିକ ଦୁର୍ଘଟଣା ଘଟୁଥିବା ସମୟ ଇତ୍ୟାଦି ତଥ୍ୟ ପ୍ରଦାନ କରାଯାଇଛି। ସଡ଼କ ଦୁର୍ଘଟଣା ହ୍ରାସ କରିବା ନିମନ୍ତେ ଯୋଜନା ପ୍ରସ୍ତୁତ କରିବା ପାଇଁ ଏହି ପୁସ୍ତକ ବେଶ୍ ସହାୟକ ହେବ। ସେହିପରି ସଡ଼କ ଦୁର୍ଘଟଣାକୁ ପ୍ରତିବର୍ଷ ପ୍ରାୟ ୨୦ ଶତାଂଶ ହ୍ରାସ କରିବା ଲକ୍ଷ୍ୟ ନେଇ 'Integrated Road Safety Action Plan' ପୁସ୍ତକ ପ୍ରସ୍ତୁତ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ, ସଡ଼କ ନିର୍ମାଣକାରୀ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓ ପୋଲିସ ବିଭାଗର ଆଗାମୀ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଏହି ପୁସ୍ତକରେ ଉପାଦେୟ ତଥ୍ୟ ଓ ପରାମର୍ଶ ରହିଛି।

अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
(A Statutory Body under aegis of Ministry of Health and Family Welfare, Govt. of India)
Engineering Branch (Civil), Sijua (Patrapada), Bhubaneswar(Odisha)-751019
www.aiimsbhubaneswar.nic.in
File No. : AIIMS/BBSR/Engg./ 612/ NIT-002/ 2021-22 Dated : 30th April 2021
NOTICE INVITING E-TENDER
The All India Institute of Medical Sciences (AIIMS), Bhubaneswar invites e-Tender for the Work(s) for **Mechanized Cleaning & Disinfection of U/G sump, overhead tanks & replacement water storage tank of Hospital Complex at AIIMS, Bhubaneswar** *(NIT No. : AIIMS/BBSR/Engg./ 002 /2021-22).* The detailed Tender Document along with Last Date & Time of Submission of Tender can be viewed & downloaded from the website **www.aiimsbhubaneswar.nic.in, www.tenderwizard.com/AIIMSBBSR & CPP Portal www.eprocure.gov.in.**
Sd/-
Executive Engineer(Civil) I/C
AIIMS, Bhubaneswar

ତହସିଲ କାର୍ଯ୍ୟାଳୟ, କଣ୍ଟାବାଞ୍ଜି, ଜିଲ୍ଲା- ବଲାଙ୍ଗୀର
ଲଘୁ ଖଣିଜ ଲିଜ୍ ନିମନ୍ତେ ବିଜ୍ଞାପନ
ସଂଖ୍ୟା-1352 ତା 30.04.2021
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ କଣ୍ଟାବାଞ୍ଜି ତହସିଲ ଅଧୀନରେ ଥିବା ଗୋଟିଏ ସୈରାତ (ମହଖଣ୍ଡ ପଥର ଖାଦାନ-୧) ଉପର ଆଗାମୀ ୫ (ପାଞ୍ଚ) ବର୍ଷ ନିମନ୍ତେ ଲିଜ୍ ସୂତ୍ରେ ନେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି।
ସୈରାତ ଉପର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ବଲାଙ୍ଗୀର ଜିଲ୍ଲା ୱେବ୍‌ସାଇଟ୍ http://balangir.nic.inରେ ଉପଲବ୍ଧ। ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ସମ୍ପୃକ୍ତ ତହସିଲଦାରଙ୍କ କାର୍ଯ୍ୟାଳୟ ସହ ଯେକୌଣସି କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି।
ସ୍ୱା./- ତହସିଲଦାର, କଣ୍ଟାବାଞ୍ଜି

ODISHA HYDRO POWER CORPORATION LTD.
(A Government of Odisha Undertaking)
Regd. Office: ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANPATH, BHOI NAGAR, BHUBANESWAR - 751022
Tel.: 91-0674-2542983, 2542802, 2545526, Fax: 2542102, E-mail: ohpc.co@gmail.com
CIN: U40101OR1995SGC003963
No. OHPC:TECH:C&P:01/2021-22/2994 Dated: 28.04.2021
NOTICE INVITING TENDER No. 03/2021-22
No. CAD-208: Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelope from the Reputed Firms/ Suppliers having valid GST Registration Certificate, PAN with minimum three years of continuous relevant experience for the work as mentioned below.

| Description of Services | Cost of tender paper (Non-refundable) in Rs. |
| --- | --- |
| Supply of Office Stationeries for one year for OHPC Corporate Office, Bhubaneswar | Rs.2360.00 (Rs.2000.00+ 18% GST) |

For details of the tender documents, terms & conditions please visit our website www.ohpcltd.com from dt. 10.05.2021.
General Manager (C&P)
OIPR-04012/11/0004/2122

TPWODL
TP WESTERN ODISHA DISTRIBUTION LIMITED
(A Tata Power & Odisha Govt. Joint venture)
Corporate Office, Burla-768017
Corrigendum to Notice Inviting Tender (NIT)
1) TPWODL/MK/SER/003 – Rate Contract for 11 KV & 1.1KV associated work (Construction / augmentation).
2) TPWODL/MK/SER/005 – Rate Contract for 33 KV associated work (Construction/augmentation)
3) TPWODL/PN/SU/006 – SCADA/ADMS system at TPWODL.
The time period is hereby extended for Submission of Tender Participation Fee and Authorization Letter through e-mail till **8th May 2021, 1500Hrs**, after which link from e-Tender system shall be shared. A Corrigendum to the said notice has been uploaded in our website **www.tpwesternodisha.com**. Prospective bidders are requested to visit the website for detailed amendment and updated tender document.
Sd/- **Chief-Contracts and Stores**

ORISSA HYDRO POWER CORPORATION LTD.
O/o. THE EXECUTIVE ENGINEER, PODAGADA DAM DIVISION, UPPER INDRAVATI HYDRO ELECTRIC PROJECT
AT/P.O.- KHATIGUDA, DIST.- NABARANGPUR, ODISHA, PIN - 764085, Tel. No. 06858-224255, E-mail: eepodagadadam@gmail.com
NOTICE INVITATION FOR BIDS (NIFB)
e-PROCUREMENT
No. 461 Dated: 28.04.2021
NOTICE INVITATION FOR BIDS (NIFB)
No. CAD-210
BID IDENTIFICATION No. EEPDD-01/2021-22

| Sl. No. | Bid Identification No. | Name of the Work | Value of Work (in Rs.) | Cost of Participation in Online Bid including GST @ 18% (Non-refundable) (in Rs.) | EMD (Bid Security) (in Rs.) | Period of Completion | Eligible Class of Contractor | Name & address of the Division under which the work will be executed |
| --- | --- | --- | --- | --- | --- | --- | --- | --- |
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | EEPDD/ 01/2021-22 | Construction of Compound Wall at D/s of Podagada Earth Dam, UIHEP, Khatiguda | 9826162/- (Excluding GST) | Rs.10000 + GST @ 18% Rs.1800 = Rs.11800/- | 98,300/- | 11 (Eleven) Calendar Months | 'B' & 'A' Class Contractor | Executive Engineer, Podagada Dam Division, UIHEP, At/PO: Khatiguda, Dist: Nabarangpur, Odisha |

The Bid documents will be available in the Govt. website http/www.tendersodisha.gov.in & in the OHPC Website: www.ohpcltd.com from 11.00 AM of dt. 05.05.2021 to 5.00 PM of dt. 21.05.2021.
The details of the Tender Documents terms and conditions please refer our Website http/www.tendersodisha.gov.in & www.ohpcltd.com
OIPR-04027/11/0001/2122 EXECUTIVE ENGINEER, PODAGADA DAM DIVISION

## ବଡ଼ଗାଁ:କରୋନା ପୁଣି ମାରିଲା, ୩୯ ପଜିଟିଭ

ବଡ଼ଗାଁ, (ଡି.ଏନ.ଏ): ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳରେ କରୋନା ୯ଜଣଙ୍କ ଜୀବନ ନେଇଥିଲା ବେଳେ ଶୁକ୍ରବାର ମଧ୍ୟାହ୍ନରେ ଆଉ ଜଣଙ୍କୁ ମାରିଛି । ଦାଣ୍ଡଜମରା ପଞ୍ଚାୟତ ମୁନସୀପଡାର ଆଗୁସ୍ଟସ ଡୁଙ୍ଗଡୁଙ୍ଗ (୫୫)ଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ୯ଦିନ ପୂର୍ବେ ସୁନ୍ଦରଗଡ ଏନଟିପିସି ମେଡିକାଲରେ ଟେଷ୍ଟରୁ କରୋନା ପଜିଟିଭ ଜଣାପଡିଥିଲା । ସେଠାରେ ତାଙ୍କର ଚିକିତ୍ସା କରାଯାଉଥିଲା। ସଂକଟାପନ୍ନ ଅବସ୍ଥାରେ ଶୁକ୍ରବାର ବୁର୍ଲା ମେଡିକାଲ ନେଲାବେଳେ ରାସ୍ତାରେ ମୃତ୍ୟୁ ହୋଇଥିଲା। ବଡଗାଁ ଡେମୁପଡାର ଜଣେ ବ୍ୟକ୍ତି ଡାକ୍ତରୀ ପରୀକ୍ଷା ନକରି ଘରେ ମୃତ୍ୟୁ ହୋଇଥିବା ସୂତ୍ରରୁ ଜଣାପଡିଛି। ବଡଗାଁ ଡାକ୍ତରଖାନା ଉପରେ ଅଞ୍ଚଳର ଲୋକେ ନିର୍ଭର କରୁଥିବାରୁ ଏଠାରେ ସୁପରିଚାଳନା ଓ ସମସ୍ତ ପଞ୍ଚାୟତରେ ଆଣ୍ଟିଜେନ୍ ଟେଷ୍ଟ ବ୍ୟବସ୍ଥା କଲେ ସଂକ୍ରମଣ ରୋକିବାରେ ସହାୟକ ହେବ ।

### ସଂକ୍ଷେପରେ

## ସଙ୍ଗରୋଧରେ ଥିବା ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝୁଛନ୍ତି ରାପିଡ୍ ରେସପନ୍ସ ଟିମ୍

**ସୁନ୍ଦରଗଡ଼,୩୦।୪(ଡି.ଏନ୍.ଏ):** ସୁନ୍ଦରଗଡ଼ ଜିଲାରେ କୋଭିଡ୍ ସଂକ୍ରମଣ ନିୟନ୍ତ୍ରଣ ପାଇଁ ହୋମ ଆଇସୋଲେସନରେ ଥିବା ବ୍ୟକ୍ତିମାନଙ୍କର ସ୍ୱାସ୍ଥ୍ୟବସ୍ଥା ନିୟମିତ ଅନୁଧ୍ୟାନ କରିବା ପାଇଁ ରାପିଡ୍ ରେସପନ୍ସ ଟିମ୍ (ଆରଆରଟି) ଗଠନ କରାଯାଇଛି। ଏହି ଟିମଗୁଡ଼ିକ ସହର ଓ ଗ୍ରାମାଞ୍ଚଳରେ ଘରକୁ ଘର ବୁଲି ହୋମ୍ ଆଇସୋଲେସନରେ ଥିବା ବ୍ୟକ୍ତିମାନଙ୍କର ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରୁଛନ୍ତି। ସେମାନେ ଆଇସୋଲେସନରେ ଥିବା ବ୍ୟକ୍ତିଙ୍କର ଶରୀରର ତାପମାତ୍ରା ମାପିବା, ପଲ୍ସ ଅକ୍ସିମିଟର ସାହାର୍ଯ୍ୟରେ ଅମ୍ଳଜାନ ସ୍ତର ରେକର୍ଡ କରିବା, ଜ୍ୱର ଏବଂ ବିଭିନ୍ନ ଲକ୍ଷଣ ସମ୍ପର୍କରେ ପଚାରି ବୁଝିବା ସହ ଆବଶ୍ୟକ ଔଷଧ ଏବଂ ପରାମର୍ଶ ଦେଉଛନ୍ତି। ଯେଉଁମାନଙ୍କର ଅଧିକ ଲକ୍ଷଣ ରହିଛି ସେମାନଙ୍କୁ କୋଭିଡ୍ ଡାକ୍ତରଖାନାକୁ ପଠାଇ ଅଧିକ ଚିକିତ୍ସା ଲାଗି ବ୍ୟବସ୍ଥା କରାଯାଉଛି। କୋଭିଡ୍ ପଜିଟିଭ୍ ହୋଇ ଘରେ ରହି ଚିକିତ୍ସିତ ହେଉଥିବା ବ୍ୟକ୍ତି, କୋଭିଡ୍ ଲକ୍ଷଣ ଥିବା ବ୍ୟକ୍ତି ତଥା ବାହାରୁ ଆସିଥିବା ବ୍ୟକ୍ତିମାନଙ୍କୁ ହୋମ ଆଇସୋଲେସନ ଲାଗି ପରାମର୍ଶ ଦିଆଯାଉଛି। ରାଉରକେଲା ମହାନଗର ନିଗମ ଅଞ୍ଚଳରେ ଆରଆରଟି କାର୍ଯ୍ୟକୁ ବିଶେଷ ଭାବେ ତ୍ୱରାନ୍ୱିତ କରାଯାଉଛି। କୋଭିଡ୍ ସଂକ୍ରମଣ ନିୟନ୍ତ୍ରଣ ପାଇଁ ସୁନ୍ଦରଗଡ଼ ଜିଲାରେ ପ୍ରଶାସନ ପକ୍ଷରୁ ଟ୍ରେସିଂ, ଟ୍ରାକିଙ୍ଗ୍ ଏବଂ ଟ୍ରିଟମେଣ୍ଟ ଉପରେ ଗୁରୁତ୍ୱ ଦିଆଯାଉଛି। ଏହି କାର୍ଯ୍ୟ ସୁନିଶ୍ଚିତ କରିବା ଲାଗି ଉଭୟ ସହରାଞ୍ଚଳ ଏବଂ ବ୍ଲକସ୍ତରରେ ସ୍ୱତନ୍ତ୍ର ଆରଆରଟି ଗଠନ କରାଯାଇଛି। ପ୍ରତି ଟିମରେ ଜଣେ ଲେଖାଏଁ ଡାକ୍ତର, ଫାର୍ମାସିଷ୍ଟ, ଏଏନଏମ କର୍ମୀ, ଲାବୋରେଟୋରି ଟେକନିସିଆନ ଓ ପ୍ରଶାସନିକ କର୍ମଚାରୀ ରହିଛନ୍ତି। ଏହି ଟିମ୍‌କୁ ସହଯୋଗ କରିବା ଲାଗି ଗ୍ରାମାଞ୍ଚଳରେ ଗାଁ କଲ୍ୟାଣ ସମିତି ଏବଂ ସହରାଞ୍ଚଳ ବସ୍ତିରେ ମହିଳା ଆରୋଗ୍ୟ ସମିତିକୁ ଦାୟିତ୍ୱ ଦିଆଯାଇଛି। ଜିଲାର ସମସ୍ତ ୧୭ବ୍ଲକ, ରାଉରକେଲା ମହାନଗର ନିଗମ, ବୀରମିତ୍ରପୁର, ରାଜଗାଙ୍ଗପୁର ଏବଂ ସୁନ୍ଦରଗଡ଼ ପୌରପାଳିକା ଅଞ୍ଚଳରେ କୋଭିଡ୍ ସଂକ୍ରମଣ ନିୟନ୍ତ୍ରଣ କରିବା କ୍ଷେତ୍ରରେ ଏହି ଟିମ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

## ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଲହୁଣୀପଡା, ୩୦।୪ (ଡି.ଏନ.ଏ):** ଲହୁଣୀପଡା କ୍ଲଷ୍ଟର ତରଫରୁ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଲହୁଣୀପଡା ସ୍ଥିତ ଲଟେଇମୁଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କରୋନା କଟକଣା ନିୟମ ଅନୁଯାୟୀ ନିରାଡମ୍ବର ଭାବରେ ଏହି ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏବିଇଓ ଇମାକ୍ରିପା ମିଞ୍ଜ, ଏବିଇଓ ନରହରି କିଷାନ ଯୋଗଦେଇଥିଲେ। ସିଆରସିସି ଭଜମନ ମାହାନ୍ତଙ୍କ ଅଧକ୍ଷତାରେ ଓ ମଦନସୁନ୍ଦର ମାହାନ୍ତଙ୍କ ମଞ୍ଚ ପରିଚାଳନାରେ ଏହି ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଲହୁଣୀପଡା ବ୍ଲକ ଅନ୍ତର୍ଗତ ସୋନାହୁଳି ପ୍ରାଥମିକ ସ୍କୁଲର ଶିକ୍ଷକ ଚନ୍ଦ୍ରଶେଖର ପରିଡା ଶୁକ୍ରବାର ସରକାରୀ ଚାକିରୀରୁ ଅବସର ଗ୍ରହଣ କରୁଛନ୍ତି।

# ଉତ୍ତେଜନା, ସିଡିଏମ୍‌ଓ ଅଫିସ ଘେରାଉ


ଲୋକେ ସିଡିଏମ୍‌ଓ ଅଫିସ ସମ୍ମୁଖରେ ଜମା ହୋଇଛନ୍ତି।

**ପରିବାରବର୍ଗଙ୍କୁ ସୂଚନା ଦିଆ ନ ଯାଇ କରୋନା ସଂକ୍ରମିତ ରୋଗୀଙ୍କ ମୃତ୍ୟୁ ପରେ ପୋଡ଼ିଦିଆଯିବା ଘଟଣା**

**■ ଏନ୍‌ଟିପିସି କୋଭିଡ ହସ୍ପିଟାଲରେ ଅବ୍ୟବସ୍ଥା ଓ ଖାମ୍‌ଖିଆଲି ନୀତି**

**ସୁନ୍ଦରଗଡ଼, ୩୦।୪ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଏନ୍‌ଟିପିସି କୋଭିଡ୍ ହସ୍ପିଟାଲରେ ଅବ୍ୟବସ୍ଥା, ଦାୟିତ୍ୱରେ ଥିବା ଅଧିକାରୀମାନଙ୍କର ଖାମ୍‌ଖିଆଲି ଓ ଦାୟିତ୍ୱହୀନତା କାର୍ଯ୍ୟ ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଗତ କିଛି ଦିନ ମଧ୍ୟରେ ଏହି ହସ୍ପିଟାଲରେ ଚିକିତ୍ସିତ ହେଉଥିବା ରୋଗୀମାନଙ୍କୁ ଖାଦ୍ୟ ଓ ପିଇବା ପାଣିର ଅବ୍ୟବସ୍ଥା ଓ ଟିକା ନେବାକୁ ଯାଇଥିବା ଜଣେ ବ୍ୟକ୍ତିଙ୍କୁ ମାଡ଼ ମରାଯାଇଥିବା ନେଇ ଅଭିଯୋଗ ଆସିଥିବାବେଳେ ଏବେ ଆଉ ଏକ ଅବ୍ୟବସ୍ଥାର ସଙ୍ଗୀନ ଚିତ୍ର ପଦାକୁ ଆସିଛି। ଏହି ହସ୍ପିଟାଲରେ ସ୍ଥାନୀୟ ଅରଣ୍ୟ ନଗରର ଚନ୍ଦନଲାଲ ମୁଣ୍ଡା (୪୯) ନାମକ ଜଣେ ବ୍ୟକ୍ତି କରୋନା ସଂକ୍ରମିତ ହୋଇ ଗତ ୧୯ ତାରିଖରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ହେଲେ ଗତ ୨୫ ତାରିଖ ସନ୍ଧ୍ୟାରେ ଏହି ବ୍ୟକ୍ତିଙ୍କ ମୃତ୍ୟୁ ପରେ ପରିବାର ଲୋକଙ୍କୁ ନ ଜଣାଇ ହସ୍ପିଟାଲ କର୍ତ୍ତୃପକ୍ଷ ଶବ ସତ୍କାର କରିଦେଇଥିବା ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ମୃତ ବ୍ୟକ୍ତିଙ୍କ ପରିବାର ପକ୍ଷରୁ ଏନେଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ବିରୋଧରେ ଟାଉନ ଥାନାରେ ଏତଲା ଦେଇଥିବାବେଳେ ଶୁକ୍ରବାର ଏନେଇ ପୂର୍ବତନ କାଉନସିଲର ଡା. ହିମାଂଶୁ ଷଡଙ୍ଗୀଙ୍କ ନେତୃତ୍ୱରେ ଶତାଧିକ ମହିଳା ସିଡ଼ିଏମ୍‌ଓ ଅଫିସ ଘେରାଉ କରିଥିଲେ। ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ ଚନ୍ଦନଲାଲଙ୍କୁ ୧୯ ତାରିଖରେ ଡାକ୍ତରଖାନାରେ ଭର୍ତ୍ତିକଲା ପରେ ପ୍ରତିଦିନ ସକାଳେ ତାଙ୍କ ଭାଇ ସନ୍ତୋଷ ମୁଣ୍ଡା ନିୟମିତ ସକାଳ ଜଳଖିଆ ନେଇ ଯାଇଥାନ୍ତି। କୋଭିଡ୍ କଟକଣା ଯୋଗୁ ହସ୍ପିଟାଲରେ ଥିବା ରୋଗୀଙ୍କ ନିକଟକୁ ଯିବାର ଅନୁମତି ନ ଥିବାରୁ ସନ୍ତୋଷ ହସ୍ପିଟାଲ ଷ୍ଟାଫଙ୍କୁ ଭାଇଙ୍କ ପାଇଁ ଏହି ଜଳଖିଆ ଦେଇ ସ୍ୱାସ୍ଥ୍ୟବସ୍ଥା ପଚାରି ଆସିଥାଆନ୍ତି। ମାତ୍ର ୨୯ ତାରିଖ ତାଙ୍କ ଭାଇଙ୍କୁ ଦେଖାକରିବାର ଅନୁମତି ମାଗି ଭାଇଙ୍କ ଶଯ୍ୟା ନିକଟକୁ ଗଲାବେଳକୁ ସେଠାରେ ଭାଇଙ୍କ ବଦଳରେ ଅନ୍ୟଜଣେ ରୋଗୀ ଶୋଇଥିବା ଦେଖିବାକୁ ପାଇଥିଲେ। ଭାଇ କୁଆଡେ ଗଲେ ବୋଲି ପଚାରିବାରୁ ଡିଉଟିରେ ଥିବା କର୍ମଚାରୀମାନେ ତାଙ୍କର ଗତ ୨୫ ତାରିଖରେ ମୃତ୍ୟୁ ହୋଇଯାଇଛି। ତାଙ୍କ ମୃତଦେହକୁ ସତ୍କାର କରାଯାଇଛି ବୋଲି କହିଥିଲେ। ଏହା ଶୁଣି ସନ୍ତୋଷ ଓ ପରିବାରବର୍ଗ ଚକିତ ହୋଇ ଏନେଇ କିପରି ତାଙ୍କୁ ଖବର ଦିଆଗଲା ନାହିଁ ବୋଲି ପ୍ରଶ୍ନ ପଚାରିଥିଲେ ମଧ୍ୟ କୌଣସି ଉତ୍ତର ଦେଇ ନ ଥିଲେ। କୋଭିଡ ହସ୍ପିଟାଲରେ କୌଣସି ରୋଗୀଙ୍କ ମୃତ୍ୟୁ ପରେ ନିୟମାନୁଯାୟୀ ୪ଟି ଫର୍ମରେ ରୋଗୀର ସମସ୍ତ ବିବରଣୀ ରେକର୍ଡ କରାଯାଏ। ହେଲେ ଏଠାରେ ଏହାର ବ୍ୟତିକ୍ରମ କରାଯାଇ ରୋଗୀଙ୍କ ସମ୍ପର୍କୀୟଙ୍କୁ ନ ଜଣାଇ ସତ୍କାର କରି ଦିଆଯିବା ପଛର ରହସ୍ୟ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କୌଣସି ରୋଗୀଙ୍କର ସମ୍ପର୍କୀୟଙ୍କ ସହିତ ଯୋଗାଯୋଗ ନ ହେଲେ ୭୨ ଘଣ୍ଟା ପର୍ଯ୍ୟନ୍ତ ମର୍ଗ ହାଉସରେ ରଖାଯାଇ ପରେ ପୋଲିସକୁ ଜଣାଇ ଅନ୍ତିମ ସତ୍କାର କରାଯାଏ। ମାତ୍ର ତାହା ଏଠାରେ କରାଯାଇ ନାହିଁ। ମୃତ ବ୍ୟକ୍ତିଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ଓ ଦୋଷୀ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସକାଶେ ଦାବି କରାଯାଇଥିଲା। ସିଡିଏମଓ ଡା. ସରୋଜ କୁମାର ମିଶ୍ର ଏହି ଘଟଣାର ତଦନ୍ତ କରି ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ଜିଲା କ୍ରୀଡ଼ା ସଂସଦ ଷ୍ଟାଡିୟମ ପାଖ ଦୋକାନ ଉଚ୍ଛେଦ


ଷ୍ଟାଡିୟମ ପାଚେରିକୁ ଲାଗି ରହିଥିବା ଦୋକାନ ଭଙ୍ଗାଯାଉଛି।

**ସୁନ୍ଦରଗଡ଼, ୩୦।୪(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କ୍ରୀଡ଼ା ସଂସଦ ଷ୍ଟାଡିୟମ ପାଚେରୀକୁ ଲାଗି ରହିଥିବା ଦଶଟି ଦୋକାନ ଘରକୁ ଗୁରୁବାର ସଦର ଉପଜିଲାପାଳ ଅଭିମନ୍ୟୁ ବେହେରାଙ୍କ ଉପସ୍ଥିତିରେ ଉଚ୍ଛେଦ କରାଯାଇଛି। ଜିଲା ପ୍ରଶାସନର ସହାୟତାରେ ସୁନ୍ଦରଗଡ଼ କ୍ରୀଡ଼ା ସଂସଦର ଖେଳ ପଡ଼ିଆରେ ଅନେକ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ପ୍ରଗତିଶୀଳ ଅବସ୍ଥାରେ ଅଛି। ପଡ଼ିଆକୁ ଏକ ନବ କଳେବର ପ୍ରଦାନ କରିବା ପାଇଁ ଜିଲା ଖଣିଜ ପ୍ରତିଷ୍ଠାନ ତରଫରୁ ବ୍ୟାପକ ଆର୍ଥିକ ଅନୁଦାନରେ ବିଭିନ୍ନ ନିର୍ମାଣ କାମ ଆଗେଇ ଚାଲିଛି। ଜିଲାରେ ଏକ ଉନ୍ନତ ଓ ଆଧୁନିକ କ୍ରୀଡ଼ା ପ୍ରାଙ୍ଗଣ ନିର୍ମାଣ ପରିପ୍ରେକ୍ଷୀରେ କ୍ରୀଡ଼ା ସଂସଦକୁ ଲାଗି ରହିଥିବା ଦୋକାନଗୁଡ଼ିକ ବାଧା ସୃଷ୍ଟି କରୁଥିବା ଅନୁଭବ କରି ଉକ୍ତ ବ୍ୟବସାୟୀବୃନ୍ଦ ଏହି ଦୋକାନଗୁଡ଼ିକୁ ଭାଙ୍ଗିବାକୁ ନିଜ ତରଫରୁ ଏକ ଅନୁମତିପତ୍ର ଜିଲା କ୍ରୀଡ଼ା ସଂସଦକୁ ପ୍ରଦାନ କରିଥିଲେ। ବ୍ୟବସାୟୀମାନେ ସୁନ୍ଦରଗଡ଼ ଭଳି ଏକ କ୍ରୀଡ଼ା ଉତ୍କୃଷ୍ଟ ଜିଲାର କ୍ରୀଡାର ଆନୁସଙ୍ଗୀକ ଉନ୍ନତି ନିଜର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ସାମୂହିକ ସ୍ୱାର୍ଥ ସାଧନ ପାଇଁ ଆଗେଇ ଆସିଥିଲେ। ଉକ୍ତ ଦୋକାନଗୁଡିକରେ ଜୀବିକା ନିର୍ବାହ କରୁଥିବା ଦୋକାନୀଙ୍କ ଏହି ଆକୁଣ୍ଠିତ ସହଯୋଗ ପାଇଁ ଜିଲା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ଏବଂ ସଦସ୍ୟ ସେମାନଙ୍କୁ ସାଧୁବାଦ ପ୍ରଦାନ କରିଥିଲେ। ସୁନ୍ଦରଗଡ଼ ସଦର ଉପଜିଲାପାଳ ଅଭିମନ୍ୟୁ ବେହେରାଙ୍କୁ ତାଙ୍କର ସହଯୋଗ ପାଇଁ ସମସ୍ତେ ଧନ୍ୟବାଦ ଅର୍ପଣ କରିଛନ୍ତି। ଦୋକାନୀମାନଙ୍କ ଏହି ପଦକ୍ଷେପକୁ ସୁନ୍ଦରଗଡ଼ କ୍ରୀଡ଼ାପ୍ରେମୀ ଅତ୍ୟନ୍ତ ପ୍ରଶଂସା କରିଛନ୍ତି। ଏହି କ୍ରୀଡ଼ା ପ୍ରାଙ୍ଗଣର ନୂତନ ରୂପ ଖୁବଶୀଘ୍ର ଦେଖିବା ପାଇଁ ଆଶା ପ୍ରକାଶ କରିଛନ୍ତି।

# ଏନ୍‌ଟିପିସି କୋଭିଡ ହସ୍ପିଟାଲରେ ଅବ୍ୟବସ୍ଥା

**ସୁଧାରିବା ପାଇଁ ସିଡିଏମ୍‌ଓଙ୍କୁ ଦାବି ଜଣାଇଲା ବିଜେଡି ପ୍ରତିନିଧି ମଣ୍ଡଳୀ**

**ସୁନ୍ଦରଗଡ଼,୩୦।୪(ଡି.ଏନ.ଏ.)**

ସୁନ୍ଦରଗଡ଼ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ଗୁରୁବାର ପୂର୍ବତନ ବିଧାୟକ ତଥା ରାଜ୍ୟ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ଯୋଗେଶ କୁମାର ସିଂଙ୍କ ନେତୃତ୍ୱରେ ଯାଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସରୋଜ କୁମାର ମିଶ୍ରଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରିଥିଲେ। ରାଜ୍ୟ ସରକାର ବର୍ତ୍ତମାନ ଜିଲାରେ କୋଭିଡ ସଂକ୍ରମିତଙ୍କ ଚିକିତ୍ସା ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଜଣେ ସଚିବସ୍ତରିୟ ଅଧିକାରୀ ଓ ଅନ୍ୟ ତିନିଜଣ ଯୁଗ୍ମ ସଚିବସ୍ତରୀୟ ଅଧିକାରୀଙ୍କୁ ଦାୟିତ୍ୱ ଦେଇଛନ୍ତି, ଏହା ସତ୍ତ୍ୱେ ଏଠିକାର ଏନଟିପିସି କୋଭିଡ ହସ୍ପିଟାଲରେ ଲାଗି ରହିଥିବା ଅବ୍ୟବସ୍ଥା ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ସଂକ୍ରମିତଙ୍କୁ ଉପଯୁକ୍ତ ଚିକିତ୍ସା ସେବା ପ୍ରଦାନ କରିବାକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଜିଲା ଖଣିଜ ପାଣ୍ଠିରୁ (ଡିଏମ୍‌ଏଫ୍) ମଧ୍ୟ ଏ ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଏହା ସତ୍ତ୍ୱେ କୋଭିଡ଼ ହସ୍ପିଟାଲରେ ଚିକିତ୍ସା ହେଉଥିବା ଆକ୍ରାନ୍ତଙ୍କୁ କାହିଁକି ଠିକ୍ ସମୟରେ ଜଳଖିଆ, ମଧ୍ୟାହ୍ନ ଓ ରାତିର ଭୋଜନ ଦିଆଯାଉନାହିଁ ଏବଂ ଠିକ ପରିମାଣରେ ପିଇବା ପାଇଁ ପାଣି ଦିଆଯାଉନାହିଁ ବୋଲି ପଚାରିବା ସହିତ ଏଥିପ୍ରତି ଧ୍ୟାନ ଦେବାକୁ ଦାବି କରିଥିଲେ। ଏହା ସହିତ ନିକଟରେ ସୁନ୍ଦରଗଡ଼ର ଜଣେ ଆକ୍ରାନ୍ତ ଯୁବକଙ୍କ ଚିକିତ୍ସା ପାଇଁ କୋଭିଡ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଓ ତାର ମୃତ୍ୟୁ ପରେ ତାଙ୍କ ପରିବାରଙ୍କୁ ନ ଜଣାଇ ସତ୍କାର କରିଦେଇଥିବା ଏକ ଦୁର୍ଭାଗ୍ୟ ଓ ଚିନ୍ତାର ବିଷୟ। ଏହାର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସିଂ ଦାବି କରିବା ସହିତ କୋଭିଡ ହସ୍ପିଟାଲରେ ହେଉଥିବା ଅବ୍ୟବସ୍ଥା ଯଦି ଖୁବଶୀଘ୍ର ସୁଧୁରା ନ ଯାଏ ତା ହେଲେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବା ପାଇଁ ବାଧ୍ୟ ହେବି ବୋଲି କହିଥିଲେ। ସିଂଙ୍କ ଦାବିଗୁଡିକ ଶୁଣିବା ପରେ ଏହି ସବୁଗୁଡିକ ଜିଲାପାଳ ମଧ୍ୟ ଜାଣିବା ପରେ ମୋତେ ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇ ସାରିଛି ଓ ବହୁତ ଶୀଘ୍ର ଏହାର ସମାଧାନ ହୋଇଯିବ ବୋଲି ସିଡିଏମଓ କହିଥିଲେ। ଅନ୍ୟତମ ବିଜେଡିର ବରିଷ୍ଠ ନେତା ଜୟନାରାୟଣ ତ୍ରିପାଠୀ ସିଡିଏମଓଙ୍କୁ ପଚାରିଥିଲେ କିଛିଦିନ ପୂର୍ବରୁ ଦାବି କରାଯାଇଥିବା କୋଭିଡ ହସ୍ପିଟାଲରେ ଆଇସିୟୁ ରୁମ ସହିତ ଭେଣ୍ଟିଲେଟରର ସୁବିଧା କେବେଠୁ ଆରମ୍ଭ ହେଉଛି। ଏହି ଦାବି ପାଇଁ ଜିଲାପାଳ ୧୦ ଟି ଆଇସିୟୁ ଓ ଭେଣ୍ଟିଲେଟର ପାଇଁ ନିର୍ଦ୍ଦେଶ ଦେଇଛନ୍ତି ବର୍ତ୍ତମାନ ଖୁବ କମଦିନ ଭିତରେ ପ୍ରଥମେ ୨ ଟି ଆରମ୍ଭ ହେବାକୁ ଯାଉଛି ଓ ବାକି ୮ଟି ମଧ ଖୁବଶୀଘ୍ର ହେବ ବୋଲି କହିଥିଲେ। ଏଠାରେ ଅଧିକାଂଶ ଲୋକ ଗରିବ ହୋଇଥିବାରୁ ଡାକ୍ତରମାନେ ମନମୁଖି ଆଦାୟ କରୁଥିବା ଫିସକୁ ରୋକ ଲଗାଯାଉ ଏବଂ ଡାକ୍ତରମାନଙ୍କୁ ସରକାରଙ୍କ ସମୟ ମୁତାବକ ସକାଳ ୮ ରୁ ୧୨ ଓ ସନ୍ଧ୍ୟା ୪ ରୁ ୬ଟା ଯାଏ ଡାକ୍ତରଖାନାରେ ରହି ଜନସାଧାରଣଙ୍କ ଚିକିତ୍ସା କରିବାକୁ ତାଗିଦ କରାଯାଉ ବୋଲି ଦାବି କରିଥିଲେ। ଏହି ଦାବିଗୁଡିକ ସିଡିଏମଓ ଶୁଣିବା ସଙ୍ଗେ ସଙ୍ଗେ ଏଡିଏମଓ, ମେଡିକାଲଙ୍କୁ ଫୋନ କରି ଡାକ୍ତରଙ୍କ ରୋଗୀ ସେବାରେ ଅବ୍ୟବସ୍ଥାକୁ କଦାପି ବରଦାସ୍ତ କରାଯିବ ନାହିଁ ଏବଂ ଡାକ୍ତରମାନେ ତାଙ୍କ କାର୍ଯ୍ୟକୁ ସରକାରଙ୍କ ସମୟ ମୁତାବକ ଦୁଇ ଓଳି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ସୁନିଲ ମହାପାତ୍ର, ମାନସ ରଞ୍ଜନ ବେହେରା ଓ ଲୁଇସ କୁଲୁ ଉପସ୍ଥିତ ଥିଲେ।

## ଭୀମଭୋଇ ନଗର ଉନ୍ନୟନ କମିଟି ବୈଠକ

**ସମ୍ବଲପୁର, ୩୦।୪ (ବ୍ୟୁରୋ)**

ଭୀମଭୋଇ ନଗର ଉନ୍ନୟନ କମିଟିର ଜରୁରୀ ବୈଠକ ଶୁକ୍ରବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ୟକ୍ଷ ପ୍ରଦୀପ କୁମାର ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। ଭୀମଭୋଇ ଅଞ୍ଚଳରେ ଥିବା ଡୋରବନ୍ଧ ପୋଖରୀର ପୁନଃଉଦ୍ଧାର ଓ ଉନ୍ନତୀକରଣ କାର୍ଯ୍ୟ ନେଇ ସଭ୍ୟମାନେ ଆଲୋଚନା କରିଥିଲେ। ସମ୍ପ୍ରତି ପୋଖରୀ ଚତୁଃପାର୍ଶ୍ୱ ଜବରଦଖଲ କରାଯାଇଛି। ତେଣୁ ପ୍ରଶାସନ ଏହାକୁ ଉଚ୍ଛେଦ କରି ପୋଖରୀର ଉନ୍ନତୀକରଣ କରିବା ଆବଶ୍ୟକ। ଏତଦ୍‌ବ୍ୟତୀତ ଅଞ୍ଚଳର ରାସ୍ତା ଉପରେ ପାଣି ଜମି ନର୍ଦ୍ଦମା ସୃଷ୍ଟି ହୋଇଛି। ପାନୀୟ ଜଳ ମଧ୍ୟ ଆବଶ୍ୟକତା ମୁତାବକ ମିଳି ପାରୁନାହିଁ। ବିଦ୍ୟୁତ୍ ଖୁଣ୍ଟ ଠିକ୍ ସ୍ଥାନରେ ନ ଥିବାରୁ ଦୈନିକ ଛୋଟବଡ ଦୁର୍ଘଟଣା ଘଟୁଛି। ଏସବୁ ସମସ୍ୟା ବିଷୟରେ କର୍ମକର୍ତ୍ତା ଓ ସଭ୍ୟମାନେ ଆଲୋଚନା କରିଥିଲେ। ଏ ନେଇ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବାକୁ ସ୍ଥିର ହୋଇଛି। ପ୍ରଭାତ ହୋତା, ମନୋରଞ୍ଜନ ଦାଶ, ପୀତାମ୍ବର ବେହେରା, ବବ୍ରୁବାହନ ଭୋଇ, ଅଶୋକ ମିଶ୍ର, ମାନସ ଶତପଥୀ, ମିଲନ କୁମାର ମିଶ୍ର, ବାଲ୍ମିକୀ ଦାଶ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# କୋଭିଡ୍ କେନ୍ଦ୍ରରେ ଉଚ୍ଚସ୍ତରୀୟ ବୈଠକ


ଉଚ୍ଚସ୍ତରୀୟ ବୈଠକରେ ବିଧାୟିକା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଅନ୍ୟମାନେ।

**ସୁନ୍ଦରଗଡ଼, ୩୦।୪(ଡି.ଏନ୍.ଏ.)**

ଶୁକ୍ରବାର ଏନ୍‌ଟିପିସି କୋଭିଡ୍ କେନ୍ଦ୍ର ଭିତରେ ବିଧାୟିକା କୁସୁମ ଟେଟେଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନିର୍ଣ୍ଣୟ କରାଗଲା ପ୍ରତି ୪ଟି ମହଲାରେ ଅଧିକା ଚାରି ଚାରି ଜଣ ଷ୍ଟାଫ ରହିବେ। ଅଧିକା ୩୨ଜଣ ଷ୍ଟାଫ ନିଯୁକ୍ତି ଦିଆଯିବ। ଯେଉଁମାନେ ରୋଗୀଙ୍କ ସମସ୍ତ ସମସ୍ୟା ବୁଝିବେ। ଏକ ହେଲ୍ପ ଡେସ୍କ ମଧ କରାଯାଇ ଭିଡିଓ ମାଧ୍ୟମରେ ପ୍ରତ୍ୟେକ ରୋଗୀଙ୍କୁ ତାଙ୍କ ପରିଜନ ମାନଙ୍କୁ ଦେଖାଇବେ। ଏହା ସହିତ ଦିନ ୧ଟା ସୁଦ୍ଧା ସମସ୍ତଙ୍କୁ ମଧ୍ୟାହ୍ନଭୋଜନ ସହ ଠିକ ଠିକ୍ ସମୟରେ ଖାଦ୍ୟ ଓ ପିଇବା ପାଣି ଯୋଗେଇଦେବେ। ଏହା ବ୍ୟତୀତ ଅଧିକା ଡାକ୍ତର ନିଯୁକ୍ତି ଦିଆଯିବା ସହ ସ୍ୱାସ୍ଥ୍ୟ ସଚିବଙ୍କ ସହ କଥା ହୋଇ ପ୍ରଥମ ସପ୍ତାହରେ ଆଇସିୟୁ ଓ ଭେଣ୍ଟିଲେସନ ଚାଲୁ କରାଯିବ। ଏହି ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସରୋଜ କୁମାର ମିଶ୍ର, ଅତିରିକ୍ତ ଚିକିତ୍ସା ଅଧିକାରୀ ଡା: ପି. ସି ସାହୁ, କୋଭିଡ କେନ୍ଦ୍ର ନିର୍ଦ୍ଦେଶକ, ପାରା ମେଡିକାଲ ଷ୍ଟାଫ, ବରିଷ୍ଠ ଡାକ୍ତରମାନେ ଉପସ୍ଥିତ ରହିଥିଲେ।

# କୋଭିଡ ସମ୍ପର୍କରେ ସୂଚନା ପାଇବା ପାଇଁ ରାଉରକେଲା ମହାନଗର ନିଗମର ହେଲ୍ପଲାଇନ ନମ୍ବର

**ରାଉରକେଲା ଅଫିସ, ୩୦।୪**

କୋଭିଡ୍ ସମ୍ପର୍କରେ ରାଉରକେଲା ମହାନଗରବାସୀ କୌଣସି ସୂଚନା ପାଇବା ପାଇଁ ଏବେ ୧୮୦୦ ୩୪୫ ୭୪୬୮ନମ୍ବରରେ କଲ କରିପାରିବେ। ଲୋକଙ୍କ ସୁବିଧା ପାଇଁ ମହାନଗର ନିଗମ ପକ୍ଷରୁ ଏହି ୨୪ ଘଣ୍ଟିଆ ନିଃଶୁଳ୍କ ହେଲ୍ପଲାଇନ ସେବା ଆରମ୍ଭ କରାଯାଇଛି। କୋଭିଡ ଟେଷ୍ଟିଂ, ଚିକିତ୍ସା ତଥା ଟିକାକରଣ ବାବଦରେ ଲୋକମାନଙ୍କୁ ଏହି ହେଲ୍ପଲାଇନ ମାଧ୍ୟମରେ ଆବଶ୍ୟକ ସୂଚନା ଓ ପରାମର୍ଶ ଯୋଗାଇ ଦିଆଯିବ। ଏହାଛଡ଼ା ପ୍ରଶାସନ ପକ୍ଷରୁ ମଧ ଲୋକଙ୍କୁ କଲ ସେଣ୍ଟର ମାଧ୍ୟମରେ କୋଭିଡ ସମ୍ପର୍କରେ ବିଭିନ୍ନ ସୂଚନା, ପରାମର୍ଶ ଆଦି ଯୋଗାଇ ଦିଆଯାଉଛି। ଶୁକ୍ରବାର ଜିଲାପାଳ ନିଖିଲ ପବନ କଲ୍ୟାଣ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ପରିସରରେ ଥିବା ଏହି କଲ ସେଣ୍ଟର ବୁଲି ଦେଖିଥିଲେ। କୋଭିଡ ମହାମାରୀ ସମୟରେ ଏହା କିଭଳି ଲୋକଙ୍କୁ ସୂଚନା ଯୋଗାଇ ଦେବା ସହ ନାଗରିକଙ୍କ ବିଭିନ୍ନ ସମସ୍ୟା ସମାଧାନ କରିବାରେ ସହାୟକ ହେବ ସେଥିଲାଗି ଆବଶ୍ୟକ ପରାମର୍ଶ ଦେଇଥିଲେ। ଏହି ପରିଦର୍ଶନ ବେଳେ ରାଉରକେଲା ଅତିରିକ୍ତ ଜିଲାପାଳ ଆବୋଲି ସୁନିଲ ନରୱଣେ, ଆରଏମସି କମିଶନର ଦିବ୍ୟଜ୍ୟୋତି ପରିଡ଼ ପ୍ରମୁଖ ଉପସ୍ଥିତ ଥିଲେ।

# ସିଲେଇ ମେଶିନ ତାଲିମ୍ କେନ୍ଦ୍ର ଉଦ୍‌ଘାଟିତ

**ଟେନ୍‌ସା, ୩୦।୪(ଡ଼ି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୋଇଡ଼ା ମାଇନିଂ ସେକ୍ଟର ଅନ୍ତର୍ଗତ ରାଇକେଲା ଗ୍ରାମରେ ଥିବା ଗୀତାରାଣୀ ମହାନ୍ତି ଖଣି ପକ୍ଷରୁ ଡେଙ୍ଗୁଳା ଗ୍ରାମପଞ୍ଚାୟତର ରାଇକେଲା ଗ୍ରାମରେ ସିଲେଇ ମେଶିନ ତାଲିମ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଗୀତାରାଣୀ ଖଣି ସାମାଜିକ ଦାୟିତ୍ୱବୋଧ ପକ୍ଷରୁ ସରକାରଙ୍କ କରୋନା ନିୟମ ଅନୁଯାୟୀ କାର୍ଯ୍ୟକ୍ରମ ହୋଇଥିଲା। ଅତିଥି ଭାବେ ଡେଙ୍ଗୁଳା ସରପଞ୍ଚ ଅସମତୀ ମୁଣ୍ଡା, କୋଇଡା ବ୍ଲକ ଉପାଧ୍ୟକ୍ଷ ବାବୁଲି ମୁଣ୍ଡା, ୱାର୍ଡ଼ମେମ୍ବର ଅଜିତ ନାଏକ, ରାଇକେଲା ଗ୍ରାମବାସୀମାନେ ଉପସ୍ଥିତ ରହି ଉଦ୍‌ଘାଟନ ହୋଇଥିଲା। କମ୍ପାନୀ ପକ୍ଷରୁ ମୁଖ୍ୟ ଉପଦେଷ୍ଟା ସୁନିତ ପଟେଲ, ଗୀତାରାଣୀ ଖଣିର ଜେନେରାଲ ମ୍ୟାନେଜର ବି.ବି ସାହୁ, ପି.କେ ସାହୁ, ବିଧୂଭୂଷଣ ସାହୁ, ବିଭୂତିଭୂଷଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ରାଇକେଲା ଗ୍ରାମବାସୀଙ୍କ ପାଇଁ ଗୀତାରାଣୀ ଖଣି କର୍ତ୍ତୃପକ୍ଷ ଉକ୍ତ ସାମାଜିକ ଓ ଆର୍ଥିକ ବିକାଶ ପାଇଁ ସହଯୋଗ କରିଥିବାରୁ ଗ୍ରାମବାସୀ ଉତ୍ସାହିତ ହୋଇଥିଲେ। ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ଗ୍ରାମର ମହିଳା ଓ ଯୁବତୀମାନଙ୍କୁ ସ୍ୱାବଲମ୍ବୀ କରିବାରେ ସାହାଯ୍ୟ କରିବ ବୋଲି ଆଶାବ୍ୟକ୍ତ କରିଥିଲେ।



ସିଲେଇ ମେଶିନ ତାଲିମ କେନ୍ଦ୍ର ଉଦ୍‌ଘାଟନୀ ମୁହୂର୍ତ୍ତ।

# ଭୟଭୀତ ନ ହେବାକୁ ଜିଲାପାଳଙ୍କ ପରାମର୍ଶ

**କରୋନା ମୁକାବିଲା ପାଇଁ ଜିଲା ପ୍ରଶାସନ ପ୍ରସ୍ତୁତ**

**ଦେବଗଡ,୩୦।୪(ଡି.ଏନ.ଏ)**

ଜିଲାରେ କରୋନା ଦ୍ୱିତୀୟ ଲହରରେ ସଂକ୍ରମଣକୁ ଦୃଷ୍ଟିରେ ରଖି ଏହାର ମୁକାବିଲା ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ଆବଶ୍ୟକୀୟ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଜିଲାପାଳ ସୁଧାଂଶ ମୋହନ ସାମଲ ସ୍ଥାନୀୟ ଅସ୍ୱାନ ହଲଠାରେ ଆୟୋଜିତ ପ୍ରେସ୍‌ମିଟ୍‌ରେ ଉପସ୍ଥିତ ଗଣମାଧ୍ୟମର ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି। ଏହି ଅବସରରେ ସେ କହିଲେ ଯେ, ପ୍ରଥମ ଲହର ଅପେକ୍ଷା ଦ୍ୱିତୀୟ ଲହରରେ ସଂକ୍ରମଣର କ୍ଷୀପ୍ରତା ଅଧିକ ଥିବାରୁ ବେଶୀ ଲୋକ ସଂକ୍ରମିତ ହେଉଛନ୍ତି। କିନ୍ତୁ ଏଥିପାଇଁ ଲୋକମାନେ ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ। ସଂକ୍ରମିତ ହେଉଥିବା ୯୫ ପ୍ରତିଶତ ଲୋକ ଗୃହ ସଙ୍ଗରୋଧରେ ରହି ଆବଶ୍ୟକୀୟ ଔଷଧ ସେବନ କରି ସୁସ୍ଥ ହେଉଛନ୍ତି। କେବଳ ୫ ପ୍ରତିଶତ କ୍ଷେତ୍ରରେ ହସ୍ପିଟାଲରେ ଆଡମିଟ୍ ହେବାକୁ ପଡୁଛି। ଅଧିକ ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଏବଂ ଲୋକମାନଙ୍କୁ ଆବଶ୍ୟକୀୟ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ପ୍ରଶାସନ ପକ୍ଷରୁ ପର୍ଯ୍ୟାପ୍ତ ପ୍ରସ୍ତୁତି କରାଯାଇଛି। ଲୋକମାନେ ଠିକ୍ ଭାବରେ କୋଭିଡ ନିୟମଗୁଡିକୁ ପାଳନ କଲେ, ଆମେ କୋଭିଡ ସଂକ୍ରମଣକୁ ରୋକିବାରେ ସଫଳ ହୋଇପାରିବା ବୋଲି ସେ ମତ ପ୍ରକାଶ କରିଥିଲେ । ଜିଲା ପ୍ରଶାସନର ପ୍ରସ୍ତୁତି ସମ୍ପର୍କରେ ଜିଲାପାଳ ସାମଲ କହିଲେ ଯେ, କୋଭିଡର ଉପଯୁକ୍ତ ପରିଚାଳନା ପାଇଁ ପୌରାଂଚଳ ଏବଂ ବ୍ଲକସ୍ତରରେ ୩ଟି ଲେଖାଏଁ ସର୍ଭାଇଲେନ୍ସ ଏବଂ ଏନଫୋର୍ସମେଣ୍ଟ ଟିମ୍ ଗଠନ କରାଯାଇ ନୋଡାଲ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି । ଏହି ଟିମ୍‌ଗୁଡିକ ଜନସାଧାରଣଙ୍କୁ କୋଭିଡ ପ୍ରୋଟୋକଲ ପାଳନ ସମ୍ପର୍କରେ ସଚେତନ କରିବା ସହ ପଜିଟିଭ ଚିହ୍ନିତ ବ୍ୟକ୍ତିଙ୍କ ଗୃହ ସଙ୍ଗରୋଧକୁ ନିଶ୍ଚିତ କରୁଛନ୍ତି। ଏହା ବ୍ୟତୀତ ରାଜ୍ୟ ବାହାରୁ ଏବଂ ହଟସ୍ପଟ ଜିଲାରୁ ଫେରୁଥିବା ଲୋକଙ୍କ ସମ୍ପର୍କରେ ମଧ ସୂଚନା ସଂଗ୍ରହ କରୁଛନ୍ତି। ଏହି କାର୍ଯ୍ୟରେ ସେମାନଙ୍କୁ ଆଶାକର୍ମୀ, ଅଙ୍ଗନୱାଡିକର୍ମୀ, ସ୍ୱାସ୍ଥ୍ୟକର୍ମୀ, ବନସୁରକ୍ଷା ସମିତି ସଦସ୍ୟମାନଙ୍କ ସହିତ ୱାର୍ଡସ୍ତରୀୟ ଓ ପଞ୍ଚାୟତସ୍ତରୀୟ କମିଟି ସଦସ୍ୟମାନେ ମଧ୍ୟ ସହଯୋଗ କରୁଛନ୍ତି। ଅଧିକ ସଂକ୍ରମଣ ଦେଖାଯାଉଥିବା ଅଞ୍ଚଳକୁ ମାଇକ୍ରୋ କଣ୍ଟେନମେଣ୍ଟ ଅଞ୍ଚଳ ଭାବେ ପ୍ରଶାସନ ପକ୍ଷରୁ ଘୋଷଣା କରାଯାଉଛି। ଲୋକଙ୍କୁ ଆବଶ୍ୟକୀୟ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାପାଇଁ ଦେବଗଡ ସରକାରୀ ପଲ୍ଲୀଟେକନିକ ମହାବିଦ୍ୟାଳୟଠାରେ ୧୪୦ ଶଯ୍ୟା ବିଶିଷ୍ଟ କୋଭିଡ ହସ୍ପିଟାଲ କାର୍ଯ୍ୟ କରୁଛି। ଏହି ହସ୍ପିଟାଲରେ ଯଥେଷ୍ଟ ପରିମାଣର ଅକ୍ସିଜେନ ସିଲିଣ୍ଡର ସହିତ ଆବଶ୍ୟକୀୟ ଔଷଧ ସାନିଟାଇଜ ଉପକରଣ ରହିଛି । ଗୁରୁତର ରୋଗୀମାନଙ୍କୁ ଚିକିତ୍ସା ନିମନ୍ତେ ଏହି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଉଛି । ଏହା ବ୍ୟତୀତ ସେହି ମହାବିଦ୍ୟାଳୟ ପରିସରରେ ୧୬୦ ଶଯ୍ୟା ବିଶିଷ୍ଟ ଏବଂ ଦେବଗଡ ମହାବିଦ୍ୟାଳୟ ଛାତ୍ରୀ ନିବାସରେ ୫୦ଶଯ୍ୟା ବିଶିଷ୍ଟ କୋଭିଡ କେୟାର ସେଣ୍ଟର ପ୍ରସ୍ତୁତ କରି ରଖାଯାଇଛି। ଏଥିସହିତ ଦେବଗଡ ମହିଳା ମହାବିଦ୍ୟାଳୟ, କଲ୍ୟାଣ ମଣ୍ଡପ ଏବଂ ମୋଡେଲ ଡିଗ୍ରୀ କଲେଜରେ କୋଭିଡ କେୟାର ହୋମ ପ୍ରସ୍ତୁତ କରି ରଖାଯାଇଛି। ଜିଲାରେ ଯଥେଷ୍ଟ ପରିମାଣର ଅକ୍ସିଜେନ ସିଲିଣ୍ଡର, କନସେନଟ୍ରେଟର ଏବଂ ଆବଶ୍ୟକୀୟ ଔଷଧ ମହଜୁଦ୍ ରହିଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରାପିଡ ରେସପୋନ୍ସ ଟିମ ଗଠନ କରାଯାଇ ଗୃହ ସଙ୍ଗରୋଧରେ ଥିବା ଲୋକମାନଙ୍କ ଯୋଗାଯୋଗ କରାଯାଇ ଆବଶ୍ୟକୀୟ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ଜିଲାରେ ରାପିଡ୍ ଆଣ୍ଟିଜେନ ଟେଷ୍ଟ ଏବଂ ଆରଟିପିସିଆର ଟେଷ୍ଟ ମଧ ଜାରି ରହିଛି ବୋଲି ପ୍ରେସମିଟ୍‌ରେ ଉପସ୍ଥିତ ଜିଲା ମୁଖ୍ୟ ଚିକିତ୍ସା ଅଧିକରୀ ଡ. ମନୋଜ କୁମାର ଉପାଧ୍ୟାୟ ସୂଚନା ଦେଇଥିଲେ।

## ସଂକ୍ଷେପରେ

### ରିଲାଏନ୍ସର ନେଟ୍ ଲାଭ ୨ ଗୁଣ ବଢ଼ିଲା



**ନୂଆଦିଲ୍ଲୀ,୩୦।୪:** ମୁକେଶ ଅମ୍ବାନୀଙ୍କ ନେତୃତ୍ୱାଧୀନ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍(ଆର୍ଆଇଏଲ୍) ପକ୍ଷରୁ ଶୁକ୍ରବାର ଏହାର ଆର୍ଥିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ୨୦୨୦-୨୧ ଆର୍ଥିକ ବର୍ଷ ଚତୁର୍ଥ ତ୍ରୈମାସରେ କମ୍ପାନୀର ନେଟ୍ ଲାଭ ୨ ଗୁଣରୁ ଊର୍ଦ୍ଧ୍ୱ ବଢ଼ି ୧୪,୯୯୫ କୋଟି ଟଙ୍କା ଛୁଇଁଛି। ୨୦୧୯-୨୦ର ସମାନ ଅବଧିରେ ଏହା ୬୩୪୮ କୋଟି ଟଙ୍କା ଥିବା ବେଳେ ଏଥିରେ ୧୦୮% ବୃଦ୍ଧି ଦେଖିବାକୁ ମିଳିଛି। ସେହିଭଳି ଏହି ତ୍ରୟ ମାସରେ କମ୍ପାନୀର ମୋଟ ଆୟ ୧.୭୨ ଲକ୍ଷ କୋଟି ଟଙ୍କା ରହିଛି। ଗତବର୍ଷ ଏହି ଅବଧିରେ ଆୟ ୧.୫୧ ଲକ୍ଷ କୋଟି ଥିଲା। ଡାଟା ସର୍ଭିସ ବିଜ୍‌ନେସ, ରିଟେଲ ସେଗ୍‌ମେଣ୍ଟ ଓ ଟୁସିରେ ସୁଧାର ଯୋଗୁ ଅଭିବୃଦ୍ଧି ହାସଲ କରିବାକୁ ସକ୍ଷମ ହୋଇଥିବା କମ୍ପାନୀର ଅଧକ୍ଷ ମୁକେଶ ଅମ୍ବାନୀ କହିଛନ୍ତି।

### ୟେସ୍ ବ୍ୟାଙ୍କର କ୍ଷତି ୩୭୮୮ କୋଟି

**ନୂଆଦିଲ୍ଲୀ,୩୦।୪:** ଘରୋଇ କ୍ଷେତ୍ର ୟେସ୍ ବ୍ୟାଙ୍କର ମାର୍ଚ୍ଚ ତ୍ରୈମାସ କ୍ଷତି ୩୭୮୮ କୋଟି ଟଙ୍କା ରହିଛି। ଗୋଟିଏ ବର୍ଷ ତଳେ ସମାନ ଅବଧିରେ ଏହି ବ୍ୟାଙ୍କ ୩୬୮୮ କୋଟି ଟଙ୍କା କ୍ଷତି ସହିଥିଲା। ଡିସେମ୍ବର ତ୍ରୈମାସରେ ବ୍ୟାଙ୍କ ୧୪୮କୋଟି ଟଙ୍କା ଲାଭ ହାସଲ କରିଥିଲା। ବାର୍ଷିକ ଭିତ୍ତିରେ ବ୍ୟାଙ୍କର ଜମା ୫୫% ବୃଦ୍ଧି ପାଇ ୧.୬୨ ଲକ୍ଷ କୋଟି ଟଙ୍କା ରହିଛି। ନେଟ୍ ସୁଧ ଜନିତ ଆୟ ୨୩% ହ୍ରାସ ହୋଇ ୯୮୭ କୋଟି ଟଙ୍କା ରହିଛି। ଏହା ଗୋଟିଏ ବର୍ଷ ତଳେ ୧୨୭୪ କୋଟି ଟଙ୍କା ରହିଥିଲା। କୋଭିଡ୍-୧୯ ଏବଂ ମୋରାଟୋରିୟମ ଘୋଷଣା ଯୋଗୁ କ୍ଷତି ବଢ଼ିଥିବା ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।

### ବ୍ୟାଙ୍କ ଋଣ ଅଭିବୃଦ୍ଧି ହ୍ରାସ

**ମୁମ୍ବାଇ,୩୦।୪:** ଆର୍ଥିକ ବର୍ଷ ୨୦୨୦-୨୧ରେ ବ୍ୟାଙ୍କ ଋଣ ଅଭିବୃଦ୍ଧି ୫%କୁ ହ୍ରାସ ଘଟିଛି। ୨୦୧୯-୨୦ରେ ଏହା ୬.୮% ସ୍ତରରେ ରହିଥିଲା। କୋଭିଡ୍ ମହାମାରୀ ଯୋଗୁ ଆର୍ଥିକ କାର୍ଯ୍ୟକଳାପ ପ୍ରଭାବିତ ହେବାରୁ ଋଣ ଅଭିବୃଦ୍ଧି କ୍ଷେତ୍ରରେ ଏଭଳି ପ୍ରଭାବ ଦେଖାଯାଇଛି। ଆର୍‌ବିଆଇ ଡାଟା ମୁତାବକ, ଶିଳ୍ପ, ସେବା କ୍ଷେତ୍ର ଏବଂ ରିଟେଲ ସେଗ୍‌ମେଣ୍ଟରେ ଋଣ ପ୍ରଦାନ ଧାରା ସ୍ୱାଭାବିକ ରହିଛି। କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରକୁ ଋଣ ଅଭିବୃଦ୍ଧି ୧୨.୧% ରହିଛି। ୨୦୧୯-୨୦ରେ ଏହି କ୍ଷେତ୍ରକୁ ଋଣ ପ୍ରଦାନ ଅଭିବୃଦ୍ଧି ୪.୧% ସ୍ତରରେ ରହିଥିଲା। ବାଣିଜ୍ୟିକ ବ୍ୟାଙ୍କଗୁଡିକର ଋଣ ପ୍ରଦାନ ବଢ଼ି ବର୍ତ୍ତମାନ ୧୭.୨୩ ଲକ୍ଷ କୋଟି ଟଙ୍କା ଛୁଇଁଛି। ଏହା ୨୦୨୦ ମାର୍ଚ୍ଚରେ ୧୨.୬୩ ଲକ୍ଷ କୋଟି ଟଙ୍କା ସ୍ତରରେ ରହିଥିଲା।

# ରାଜ୍ୟଗୁଡ଼ିକୁ ମିଳିବ ୧୫ ହଜାର କୋଟି

## ପୁଞ୍ଜି ଖର୍ଚ୍ଚ ବାବଦକୁ ସୁଧ ମୁକ୍ତ ଋଣ

**ନୂଆଦିଲ୍ଲୀ,୩୦।୪**




ରାଜ୍ୟଗୁଡ଼ିକୁ ୧୫ ହଜାର କୋଟି ଟଙ୍କାର ଅର୍ଥ ଯୋଗାଣ ଲାଗି କେନ୍ଦ୍ର ସରକାର ଶୁକ୍ରବାର ଘୋଷଣା କରିଛନ୍ତି। ପ୍ରକଳ୍ପଗୁଡ଼ିକରେ ଖର୍ଚ୍ଚ ଲାଗି ଏହି ପୁଞ୍ଜିକୁ ସରକାର ୫୦ ବର୍ଷ ଅବଧି ଲାଗି ସୁଧ ମୁକ୍ତ ଋଣ ଭାବେ ପ୍ରଦାନ କରିଥିବା ଜଣାପଡିଛି। ଆର୍ଥିକ ବର୍ଷ ୨୦୨୧-୨୨ ଲାଗି କେନ୍ଦ୍ର ସରକାରଙ୍କ ବ୍ୟୟ ବିଭାଗ ପକ୍ଷରୁ ନୂଆ ଗାଇଡ୍‌ଲାଇନ ଜାରି କରାଯାଇଛି। ଏଭଳି ଅର୍ଥ ଖର୍ଚ୍ଚ ଦ୍ୱାରା ନିଯୁକ୍ତି ସୃଷ୍ଟି ଉପରେ ମଧ୍ୟ ଧ୍ୟାନ ରଖାଯିବ। ବିଶେଷକରି ଗରିବ ଏବଂ ଅଣକୁଶଳୀ ଶ୍ରମିକଙ୍କୁ କାମ ଯୋଗାଣ ଦ୍ୱାରା ନିଯୁକ୍ତି ସୃଷ୍ଟି ଏବଂ ଅର୍ଥ ବ୍ୟବସ୍ଥାରେ ବିଭିନ୍ନ ପ୍ରକଳ୍ପ ଦ୍ୱାରା ଅଭିବୃଦ୍ଧିକୁ ଗୁରୁତ୍ୱ ଦିଆଯିବ।

କୋଭିଡ୍ ଯୋଗୁ ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ଆର୍ଥିକ ସ୍ଥିତି ବିଗିଡ଼ିଛି। ଏହା ସତ୍ତ୍ୱେ ମଧ୍ୟ ରାଜ୍ୟଗୁଡିକୁ ପୁଞ୍ଜି ଖର୍ଚ୍ଚ ଯୋଗାଣ ଲାଗି କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିଲେ। ୨୦୨୦-୨୧ରେ ସରକାର ଏହି ବାବଦକୁ ୧୨ ହଜାର କୋଟି ଟଙ୍କା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହା ମଧ୍ୟରେ ୧୧,୮୮୩ କୋଟି ଟଙ୍କା ରାଜ୍ୟଗୁଡିକ ଅଦ୍ୟାବଧି ଲାଭ କରିଛନ୍ତି। ଏହି ଯୋଜନା ଚାଲୁ ରଖିବା ଲାଗି କେନ୍ଦ୍ର ସରକାରଙ୍କୁ ରାଜ୍ୟଗୁଡିକ ପକ୍ଷରୁ ଅନୁରୋଧ କରାଯାଇଥିଲା। ଏହାକୁ ବିଚାରକରି କେନ୍ଦ୍ର ସରକାର ପୁଣି ଥରେ ଅର୍ଥ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି।

ଯୋଜନାର ପୂର୍ବ ଭାଗରେ ଉତ୍ତର ପୂର୍ବ ଏବଂ ପାହାଡ଼ିଆ ଅଞ୍ଚଳରେ ଥିବା ରାଜ୍ୟଗୁଡିକୁ ୨୬୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଆସାମ, ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡ ଭଳି ରାଜ୍ୟ ପ୍ରତ୍ୟେକେ ୪୦୦ କୋଟି ଏବଂ ଏହି ଗ୍ରୁପ୍‌ରେ ଥିବା ଅନ୍ୟ ରାଜ୍ୟଗୁଡିକ ୨୦୦ କୋଟି ଟଙ୍କା ଲେଖାଏ ଲାଭ କରିବେ। ଯୋଜନାର ଦ୍ୱିତୀୟ ଭାଗରେ ଅନ୍ୟ ରାଜ୍ୟଗୁଡିକ ୭୪୦୦ କୋଟି ଟଙ୍କା ପାଇଛନ୍ତି। ପଞ୍ଚଦଶ ଅର୍ଥ କମିଶନଙ୍କ ସୁପାରିସ ଆଧାରରେ କେନ୍ଦ୍ରୀୟ ଟିକସରୁ ରାଜ୍ୟଗୁଡ଼ିକର ଅଂଶ ବାବଦ ଏହି ଅର୍ଥ ପ୍ରଦାନ କରାଯାଇଛି। ଯୋଜନାର ତୃତୀୟ ଭାଗରେ ଭିତ୍ତିଭୂମି ଆସେଟ ମନିଟାଇଜେଶନ ଏବଂ ରିସାଇକେଲିଂ ଲାଗି ୫୦୦୦ କୋଟି ଟଙ୍କା ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି।

# କିଆର ନୂଆ ବ୍ରାଣ୍ଡ ପଦକ୍ଷେପ ଘୋଷଣା




**ନୂଆଦିଲ୍ଲୀ,୩୦।୪**

କିଆ ଇଣ୍ଡିଆ ପକ୍ଷରୁ ଭାରତରେ ଏହାର ନୂତନ ବ୍ରାଣ୍ଡ ପରିଚୟର ଶୁଭାରମ୍ଭ ଘୋଷଣା କରାଯାଇଛି। କମ୍ପାନୀ ଏହାର ନୂତନ କର୍ପୋରେଟ୍ ଲୋଗୋ ଓ ବ୍ରାଣ୍ଡ ସ୍ଲୋଗାନ 'ମୁଭମେଣ୍ଟ ଦାଟ୍ ଇନ୍‌ସ୍ପାୟାର୍ସ'ର ଆରମ୍ଭ କରିଛି। କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଓ ଚିଫ୍ ଏକଜିକ୍ୟୁଟିଭ୍ ଅଫିସର, କୁଖ୍ୟୁନ ସିମ୍ କିଆ ଇଣ୍ଡିଆ ରିପ୍ରେସଡ୍ ସେଲ୍ଟସର ନୂତନ କିଆ ଲୋଗୋକୁ ଉନ୍ମୋଚନ କରିଛନ୍ତି। ହୋମ୍ କଂଟ୍ରି ସାଉଥ କୋରିଆ ପରେ ଭାରତ ହେଉଛି ପ୍ରଥମ ଦେଶ ଯେଉଁଠାରେ କିଆ ନୂତନ ବ୍ରାଣ୍ଡ ପରିଚୟର ଉନ୍ମୋଚନ କରିଛି। କମ୍ପାନୀ ମଧ୍ୟ ଏହା ଘୋଷଣା କରିଛି ଯେ ଏହାର ଆଗାମୀ ଉତ୍ପାଦ ଗୁଡ଼ିକୁ ନୂତନ ଲୋଗୋ ସହିତ ଉପସ୍ଥାପନା କରିବ ନୂତନ ସେଲ୍ଟସ ଓ ସୋନେଟ। ଏହା ମେ ୨୦୨୧ ର ପ୍ରଥମ ସପ୍ତାହରେ ପ୍ରବେଶ କରାଯିବ। ନୂତନ ବ୍ରାଣ୍ଡ ଉଦ୍ଦେଶ୍ୟ 'ମୁଭମେଣ୍ଟ ଦାଟ୍ ଇନ୍‌ସ୍ପାୟାର୍ସ' କିଆର ଭବିଷ୍ୟତ ଉପଯୋଗୀ ଯୋଜନାକୁ ଗୁରୁତ୍ୱ ପ୍ରଦାନ କରୁଛି। ଏହାର ପ୍ରିମିୟମ ଉତ୍ପାଦ ସହିତ ସ୍ୱତନ୍ତ୍ର ଡିଜାଇନ ଓ ସେଗ୍‌ମେଣ୍ଟ ଫାଷ୍ଟ ବୈଶିଷ୍ଟ୍ୟ ଡିଜିଟାଇଜ୍ ସେବା ସହିତ ଏହାର ଏକ ବିଶାଳ ନେଟ୍‌ୱର୍କ ରହିଛି। ଏହି ପରିବର୍ତ୍ତନ ସହିତ ଏହାର ନିର୍ମାଣ କେନ୍ଦ୍ର ଅନନ୍ତପୁରଠାରେ ରହିଛି। ଏହାର ନୂତନ ରୂପାନ୍ତରଣ ସହିତ ଗାଡ଼ିର ଦ୍ରୁତ ଡେଲିଭରି କରୁଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ହୋଣ୍ଡା ଟୁହ୍ୱିଲର୍ସ ଉତ୍ପାଦନ ସାମୟିକ ସ୍ଥଗିତ

**ନୂଆଦିଲ୍ଲୀ,୩୦।୪:** କୋଭିଡ୍-୧୯ ଲକ୍‌ଡାଉନକୁ ନଜରରେ ରଖି ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍‌ଲିମିଟେଡ୍(ଏଚ୍ଏମ୍ଏସ୍ଆଇ) ପକ୍ଷରୁ ଏହାର ସମସ୍ତ ୪ କାରଖାନାରେ ଚଳିତ ବର୍ଷ ମେ'୧ରୁ ୧୫ ଯାଏ ଉତ୍ପାଦନକୁ ସାମୟିକ ସ୍ଥଗିତ ରଖାଯିବ ବୋଲି ଘୋଷଣା କରାଯାଇଛି। ଏହି ସମୟରେ ବାର୍ଷିକ କାରଖାନା ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯିବ। କୋଭିଡ୍ ସ୍ଥିତି ହେବାକୁ ଥିବା ପରିବର୍ତ୍ତନ ଏବଂ ବଜାରରେ ସୁଧାର ଅନୁସାରେ ହୋଣ୍ଡା ଏହାର ଉତ୍ପାଦନ ଯୋଜନାକୁ ପରବର୍ତ୍ତୀ ମାସଗୁଡ଼ିକରେ ସମୀକ୍ଷା କରିବ। ଶୃଙ୍ଖଳକୁ ଭାଙ୍ଗିବା ଲାଗି ସମାନ୍ତରାଳ ଭାବେ ହୋଣ୍ଡାର ସମସ୍ତ କାର୍ଯ୍ୟାଳୟ ସହଯୋଗୀମାନେ ବ୍ୟବସାୟ ଜାରି ରଖିବା ପାଇଁ ୱାର୍କ ଫ୍ରମ୍ ହୋମ୍ ଜାରି ରଖିବେ ଏବଂ ଗ୍ରାହକ ଏବଂ ବ୍ୟବସାୟ ସହଯୋଗୀମାନଙ୍କୁ ଯଥା ସମ୍ଭବ ସମର୍ଥନ ପ୍ରଦାନ କରିବେ। କେବଳ ଅତ୍ୟାବଶ୍ୟକ ଷ୍ଟାଫ୍‌ମାନେ କାରଖାନା ଏବଂ ଦେଶର ବିଭିନ୍ନ କାର୍ଯ୍ୟାଳୟରେ କାମ କରିବେ। ଏକ ଦାୟିତ୍ୱବାନ କର୍ପୋରେଟ୍ ନାଗରିକ ଭାବେ ହୋଣ୍ଡା ସମସ୍ତ ଅଂଶୀଦାରଙ୍କ ନିରାପତ୍ତା ଓ ସୁରକ୍ଷା ଲାଗି ପ୍ରତିବଦ୍ଧ ବୋଲି କମ୍ପାନୀ କହିଛି।

# ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଆର୍ଥିକ ଫଳାଫଳ

**ନୂଆଦିଲ୍ଲୀ,୩୦।୪**

ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପକ୍ଷରୁ ୨୦୨୧ ମାର୍ଚ୍ଚ ୩୧ରେ ଶେଷ ହୋଇଥିବା ତ୍ରୈମାସ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅବଧିରେ ବ୍ୟାଙ୍କର ନେଟ୍ ଲାଭ ୧୮.୧% ବୃଦ୍ଧି ପାଇ ୮୧୮୬.୫୧ କୋଟି ଟଙ୍କା ରହିଛି। ଗୋଟିଏ ବର୍ଷ ତଳେ ସମାନ ଅବଧିରେ ବ୍ୟାଙ୍କ ୬୯୨୭.୬୯ କୋଟି ଟଙ୍କା ଲାଭ କରିଥିଲା। ବ୍ୟାଙ୍କର ନେଟ୍ ସୁଧଜନିତ ଆୟ ୧୨.୬% ବଢ଼ି ୧୭,୧୨୦ କୋଟି ଟଙ୍କା ରହିଛି। ମୋଟାମୋଟି ଭାବେ ବ୍ୟାଙ୍କର ନେଟ୍‌ଲାଭ ଡିସେମ୍ବର ତ୍ରୈମାସରେ ହ୍ରାସ ପାଇଥିଲା। ଏହାର ମୋଟ ଏନ୍‌ପିଏ ବର୍ତ୍ତମାନ ୧.୩୨%କୁ ବୃଦ୍ଧି ପାଇଛି। ସେହିଭଳି ନେଟ୍ ଏନ୍‌ପିଏ ୦.୪୦% ସ୍ତରରେ ଥିଲା। ନେଟ୍ ସୁଧ ଜନିତ ମାର୍ଜିନ ୪.୨% ରହିଛି। ଜମା ୧୬.୩% ବୃଦ୍ଧି ପାଇଥିବା ବେଳେ ଅଗ୍ରିମ ୧୪% ଊର୍ଦ୍ଧ୍ୱରେ ରହିଛି। କାସା ଅନୁପାତ ୪୬.୧%, ପ୍ରୋଭିଜନ ୨୪% ଊର୍ଦ୍ଧ୍ୱରେ ରହି ୪,୬୯୩ କୋଟି ଟଙ୍କା ଛୁଇଁଛି। କରୋନାର ଦ୍ୱିତୀୟ ଲହର ବଢିଥିବା ବେଳେ ଡିଭିଡେଣ୍ଡ ଦେବା ବନ୍ଦ କରିବାକୁ ବ୍ୟାଙ୍କର ବୋର୍ଡ ନିଷ୍ପତ୍ତି ନେଇଛି। ମହାମାରୀ ଦେଶର ବିତ୍ତ ବଜାର ଉପରେ ଚାପ ପକାଇବ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ମିଳିଛି।

# କୋର୍ ସେକ୍ଟର ଉତ୍ପାଦନ ୬.୮% ବୃଦ୍ଧି



**ମୁମ୍ବାଇ,୩୦।୪:** ଚଳିତ ବର୍ଷ ମାର୍ଚ୍ଚ ମାସରେ ଦେଶର ୮ କୋର୍ ସେକ୍ଟର କ୍ଷେତ୍ରର ଉତ୍ପାଦନ ୬.୮% ବୃଦ୍ଧି ପାଇଛି। ଏହା ଗତ ୩୨ ମାସ ମଧ୍ୟରେ ସର୍ବାଧିକ ସ୍ତରରେ ରହିଛି। ପ୍ରାକୃତିକ ବାଷ୍ପ, ଇସ୍ପାତ, ସିମେଣ୍ଟ ଏବଂ ବିଦ୍ୟୁତ୍ ଭଳି କ୍ଷେତ୍ରଗୁଡିକର ଉତ୍ପାଦନ ବଢ଼ିବା ଯୋଗୁ ଏଭଳି ସ୍ଥିତି ଦେଖାଯାଇଥିବା ସରକାରୀ ଡାଟାରୁ ସାମ୍ନାକୁ ଆସିଛି। ମାର୍ଚ୍ଚ ୨୦୨୦ରେ ୮ କୋର୍ ସେକ୍ଟରର ଅଭିବୃଦ୍ଧି -.୮୬% ରହିଥିଲା। ଏହି କ୍ଷେତ୍ରଗୁଡିକ ମଧ୍ୟରେ କୋଇଲା, ପ୍ରାକୃତିକ ବାଷ୍ପ, ଅଶୋଧିତ ତୈଳ, ରିଫାଇନେରି ପ୍ରଡକ୍ଟ, ସାର, ଇସ୍ପାତ, ସିମେଣ୍ଟ ଏବଂ ବିଦ୍ୟୁତ୍ ରହିଛି। ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ଡାଟା ମୁତାବକ ପ୍ରାକୃତିକ ବାଷ୍ପ, ଇସ୍ପାତ, ସିମେଣ୍ଟ ଏବଂ ବିଦ୍ୟୁତ୍ ଉତ୍ପାଦନ ଯଥାକ୍ରମେ ୧୨.୩%, ୨୩%, ୩୨.୫% ଏବଂ ୨୧.୬% ଲେଖାଏ ବଢ଼ିଛି। ଏହା ଗତ ବର୍ଷ ମାର୍ଚ୍ଚରେ -୧୫.୧%, -୨୧.୯%, -୨୫.୧% ଏବଂ -୮.୨% ସ୍ତରରେ ରହିଥିଲା। ଚଳିତ ବର୍ଷ ମାର୍ଚ୍ଚରେ କୋଇଲା, ଅଶୋଧିତ ତୈଳ ଏବଂ ରିଫାଇନେରି ଉତ୍ପାଦ ନକାରାତ୍ମକ ଅଭିବୃଦ୍ଧି ହାସଲ କରିଛି। ୨୦୨୦-୨୧ ଏପ୍ରିଲ-ମାର୍ଚ୍ଚ ଅବଧିରେ କୋର୍ ସେକ୍ଟର ଅଭିବୃଦ୍ଧି ୭% ନିମ୍ନରେ ରହିଛି। ଏହା ୨୦୧୯-୨୦ରେ ୦.୪% ଅଭିବୃଦ୍ଧି ହାସଲ କରିଥିଲା।

# ଏଏମ୍-ଏନ୍ଏସ୍ ପକ୍ଷରୁ ୧୦୦୦ଶଯ୍ୟାର କୋଭିଡ୍ ହସ୍ପିଟାଲ

**ନୂଆଦିଲ୍ଲୀ,୩୦।୪**



ମହାମାରୀ କରୋନାର ମୁକାବିଲା କରିବା ପାଇଁ ଆର୍ସେଲର ମିତ୍ତଲ ନିପନ୍ ଷ୍ଟିଲ(ଏଏମ୍ଏନ୍ଏସ୍ ଇଣ୍ଡିଆ) ପକ୍ଷରୁ ଗୁଜରାଟର ହାଜିରାଠାରେ ମାତ୍ର ୭୨ଘଣ୍ଟା ମଧ୍ୟରେ ୨୫୦ ଶଯ୍ୟା ବିଶିଷ୍ଟ ଏକ କୋଭିଡ୍ ହସ୍ପିଟାଲର ଶୁଭାରମ୍ଭ କରାଯାଇଛି। ଏହି ହସ୍ପିଟାଲର ଶଯ୍ୟା ସଂଖ୍ୟା ଶୀଘ୍ର ୧୦୦୦କୁ ବୃଦ୍ଧି କରାଯିବ। ଏହାକୁ ନିରବଚ୍ଛିନ୍ନ ଭାବେ ଅମ୍ଳଜାନ ଯୋଗାଣ ଜାରି ରହିବ। ହସ୍ପିଟାଲକୁ ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ ଭର୍ଚୁଆଲ ଭାବେ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସାଂସଦ ସି.ଆର୍. ପାଟିଲ, ସ୍ୱାସ୍ଥ୍ୟମନ୍ତ୍ରୀ କିଶୋର କନାନୀ, ଏଏମ୍ଏନ୍ଏସ୍ ଇଣ୍ଡିଆର ସିଇଓ ଦିଲୀପ ଓମେନ୍ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଭର୍ଚୁଆଲ ଭାବେ ଆର୍ସେଲ ମିତ୍ତଲର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଲକ୍ଷ୍ମୀ ନିୱାସ ମିତ୍ତଲ ଯୋଗଦେଇଥିଲେ।

# ସରକାରଙ୍କୁ ୧୫୦ କୋଟି ଦେଲା ବେଦାନ୍ତ

**ନୂଆଦିଲ୍ଲୀ,୩୦।୪:** କରୋନା ମହାମାରୀ ମୁକାବିଲା ପାଇଁ ବେଦାନ୍ତର ଅଧକ୍ଷ ଅନିଲ ଅଗ୍ରୱାଲ ସରକାରଙ୍କୁ ୧୫୦ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଥିବା ଜଣାପଡ଼ିଛି। ଦେଶରେ ବଢୁଥିବା ରୋଗୀଙ୍କ ଚିକିତ୍ସା ଲାଗି ବେଦାନ୍ତ ପକ୍ଷରୁ ଭାରତର ୧୦ଟି ସହରରେ ୧୦୦୦ କ୍ଷମତା ବିଶିଷ୍ଟ କ୍ରିଟିକାଲ କେୟାର ଶଯ୍ୟାର ବ୍ୟବସ୍ଥା କରାଯିବ ବୋଲି ସୂଚନା ମିଳିଛି। ରାଜସ୍ଥାନ, ଓଡ଼ିଶା, ଛତିଶଗଡ଼, ଝାଡ଼ଖଣ୍ଡ, ଗୋଆ, କର୍ନାଟକ ଓ ଦିଲ୍ଲୀ ଏନ୍‌ସିଆର୍ ଭଳି ଅଞ୍ଚଳରେ ଏହା ସ୍ଥାପନ କରାଯିବ। କମ୍ପାନୀ ବର୍ତ୍ତମାନ ସମୟରେ ୭୦୦ ଶଯ୍ୟାରେ କୋଭିଡ୍ ରୋଗୀଙ୍କୁ ସହାୟତା ଦେଉଛି। ଏହି ସଂଖ୍ୟା ୧୦୦୦କୁ ବୃଦ୍ଧି କରାଯିବ ବୋଲି କମ୍ପାନୀ କହିଛି। ସେହିଭଳି ଏହାର ବିଭିନ୍ନ କାରଖାନାରୁ ମେଡିକାଲ୍ ଅକ୍ସିଜେନ୍ ଉତ୍ପାଦନ କରି ବିଭିନ୍ନ ହସ୍ପିଟାଲକୁ ମଧ୍ୟ ପଠାଯାଉଛି। ଏ ସମ୍ପର୍କରେ ଅଗ୍ରୱାଲ୍ କହିଛନ୍ତି, କୋଭିଡ୍-୧୯ର ଦ୍ୱିତୀୟ ଲହରର ପ୍ରଭାବ ଯୋଗୁ ଦେଶର ମୂଲ୍ୟବାନ ଜୀବନ ଅକାଳରେ ହାନି ହେଉଛି। ଏସବୁ ଘଟଣା ଦେଖି ମୁଁ ଗଭୀର ଭାବେ ଚିନ୍ତିତ ଏବଂ ମର୍ମାହତ। ଗତ ବର୍ଷ ବେଦାନ୍ତ ପକ୍ଷରୁ ସରକାରଙ୍କୁ ୨୦୧ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା।



ଅନିଲ ଅଗ୍ରୱାଲ

# ପିଏନ୍‌ବି କାର୍ଯ୍ୟନିର୍ବାହୀ କମିଟି ସଦସ୍ୟଙ୍କ ବୈଠକ

**ଭୁବନେଶ୍ୱର,୩୦।୪:** ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) କାର୍ଯ୍ୟନିର୍ବାହୀ କମିଟି ସଦସ୍ୟଙ୍କ ପକ୍ଷରୁ ଏକ ବୈଠକ ଆୟୋଜିତ ହୋଇଯାଇଛି। ଏଥିରେ କମିଟିର ନୂତନ କର୍ମକର୍ତ୍ତା ନିଯୁକ୍ତ କରାଯାଇଥିଲା। ବୈଲୋଚନ ସାହୁଙ୍କୁ ସଭାପତି, ହିମାଂଶୁ ମହାପାତ୍ର ସମ୍ପାଦକ ଏବଂ ସାରଙ୍ଗଧର ବେହେରା ପରିଚାଳନା ସମ୍ପାଦକ ରୂପେ ଆସୋସିଏଶନର ପରବର୍ତ୍ତୀ ନିର୍ବାଚନ ପର୍ଯ୍ୟନ୍ତ ଉକ୍ତ ପଦବୀରେ ରହିବାକୁ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ସର୍କଲ ସେକ୍ରେଟାରି ପ୍ରମୋଦ ମେକାପଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ମେକାପ ଏପ୍ରିଲ ମାସ ୩୦ ତାରିଖରେ ନିଜ କର୍ମମୟ ଜୀବନରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ପରିଚାଳନା ସମ୍ପାଦକ ତଥା ସଭାପତି ଏଚ୍. କେ. ପଟ୍ଟନାୟକଙ୍କୁ ମଧ୍ୟ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ୯୮୩ ପଏଣ୍ଟ ଖସିଲା ସେନ୍‌ସେକ୍ସ

**ମୁମ୍ବାଇ,୩୦।୪**



ଗତ ୪ଦିନ ଧରି ଭାରତୀୟ ପୁଞ୍ଜିବଜାରର କାରବାର ଉନ୍ନତ ରହିବା ପରେ ଶୁକ୍ରବାର ଏଥିରେ ବଡ ଧରଣର ହ୍ରାସ ଦେଖାଯାଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍ଇ) ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍ଏସ୍ଇ) ନିଫ୍ଟି କାରବାର ପ୍ରଭାବିତ ହୋଇଛି। ୩୦ ଶେୟାର ବିଶିଷ୍ଟ ସେନ୍‌ସେକ୍ସ ୯୮୩.୫୮ ପଏଣ୍ଟ ବା ୧.୯୮% ନିମ୍ନରେ ରହି ୪୮,୭୮୨.୩୬ ପଏଣ୍ଟରେ ବନ୍ଦ ହୋଇଛି। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ୨୬୩.୮୦ ପଏଣ୍ଟ ବା ୧.୭୭% ନିମ୍ନରେ ରହି ୧୪,୬୩୧.୧୦ ପଏଣ୍ଟରେ ବନ୍ଦ ହୋଇଛି। ସେନ୍‌ସେକ୍ସରେ ଏଚ୍‌ଡିଏଫ୍‌ସି ଟ୍ୱିନ କାରବାର ସବୁଠାରୁ ବେଶି ପ୍ରଭାବିତ ହୋଇଛି। ସେହିଭଳି ଆଇସିଆଇସିଆଇ ବ୍ୟାଙ୍କ, କୋଟାକ ବ୍ୟାଙ୍କ, ଏସିଆନ ପେଣ୍ଟସ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ଟିସିଏସ୍, ହିନ୍ଦୁସ୍ଥାନ ୟୁନିଲିଭର ଏବଂ ମାରୁତି ସୁଜୁକି କାରବାର ପ୍ରଭାବିତ ରହିଛି। କେବଳ ଓଏନ୍‌ଜିସି, ସନ୍‌ଫାର୍ମା, ଡ.ରେଡ୍ଡି ଏବଂ ବଜାଜ ଅଟୋ କାରବାର ଉନ୍ନତ ସ୍ଥିତିରେ ରହିଥିବା ଷ୍ଟକ୍ ବଜାର ପକ୍ଷରୁ ସୂଚନା ମିଳିଛି।

**OFFICE OF THE NOTIFIED AREA COUNCIL, KHALLIKOTE**
Letter No. 731 Date: 29.04.2021

**2nd CORRIGENDUM NOTICE**

No. C-193: The following changes have been made to the **Tender Reference No.- KIT-NAC-01/2021-22** which is available in the Govt. website **https://tendersorissa.gov.in**.
Availability of online bidding of tender is modified in the class of contractor B & A, instead of B & C mentioned in the DTCN Sl. No. 3.

| Sl. No. | Name of the Work | Estimated Cost in Rs. | Cost of Tender Paper | E.M.D. in Rs. | Time of Completion | Class of Contractor |
|---|---|---|---|---|---|---|
| 1 | Construction of Smart Park under Khallikote NAC | 4310536.00 | 6000.00 | 43105.00 | 90 days | B & A |

**Sd./- Executive Officer, NAC, Khallikote**
OIPR-13110/11/0001/2122

**Bhubaneswar Smart City Limited**
BMC- Bhawani Mall, Block - 1, 5th Floor
Saheed nagar, Bhubaneswar - 751007
E-mail Id: bbsr.bscl@gmail.com, CIN: U74990OR2016PLC020016

**INVITATION FOR BIDS**
**Bid Identification No. 2088/BSCL/28/2017 Dated: 30.04.2021**

No. C-191: Chief Executive Officer, BSCL on behalf of Bhubaneswar Samrt City Limited, Bhubaneswar (hereinafter also referred to as the "Employer" or as the "Authority") invites proposal from reputed and experienced firms, to be received on Online mode for **"Development of Lake Zone III including Lake Front Road, Water Body, Public Realm, Streetscapes, Beautification, Landscaping and Infrastructure & Utilities in Bhubaneswar's Town Centre District (ABD), Bhubaneswar, Odisha"** as per the details below on Engineering, Procurement, Construction (EPC) basis.

| | |
|---|---|
| Name of Work | Development of Lake Zone III including Lake Front Road, Water Body, Public Realm, Streetscapes, Beautification, Landscaping and Infrastructure & Utilities in Bhubaneswar's Town Centre District (ABD) under Smart Cities Mission on Engineering, Procurement and Construction (EPC) Mode |
| Bid Document Cost | INR 11,200 (including GST 12%) |
| Class of Contractor | Super Class |
| Period of availability of RFP Documents in the Website | From 04.05.2021 to 28.05.2021 (till 16.30 hours) |
| Time and date of Pre-bid Meeting | 12.05.2021 at 11.00 hours |
| Last date and time for receipt of Proposals | 28.05.2021 upto 17.00 hours |
| Last date of receipt of Original Documents (Hard Copy) | 04.06.2021 upto 17.00 hours |
| Time and Date of Opening of Technical proposals | 07.06.2021 at 11.00 hours |

The bidders have to participate in ONLINE bidding only. Further details can be seen from the website **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only.

**Sd./- Chief Executive Officer**
**Bhubaneswar Smart City Limited**
OIPR-13070/11/0001/2122

GOVERNMENT OF ODISHA e-mail: serw_kpd@yahoo.com
**OFFICE OF THE SUPERINTENDING ENGINEER**
**RURAL WORKS CIRCLE, KENDRAPARA - JAJPUR**
No. Tender Online RCK-08/21 Letter No. 1121 Date: 29.04.21
No. O-117
**e-Procurement Notice**

1. Name of the Work : Construction of MCS Building Works in the District of Kendrapara
2. Class of Contractor : A & Special Class as specified in the **Column 7 of the Annexure**
3. Time for Completion : As specified in the **Column 8 of the Annexure**
4. Details Projects : As per Annexure attached
5. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Kendrapara - Jajpur | Tender Online RCK - 08/21 | 03.05.21 At 11.00 A.M. | 17.05.21 At 5.00 P.M. | 13.05.21 Upto 5.00 P.M. | 18.05.21 At 12.00 P.M. | 27.05.21 At 12.00 P.M. |

Further details can be seen from the website **www.tendersorissa.gov.in**.
**Sd./- Superintending Engineer, Rural Works Circle, Kendrapara - Jajpur**
OIPR-25129/11/0005/2122

**OFFICE OF THE RAJGANGPUR MUNICIPALITY, RAJGANGPUR**
Dist.- Sundargarh (Odisha), Phone No.: 06624-220454
E-mail Id: rajgangpurmunicipality@gmail.com
No. 1394 Date: 30.04.21

**QUOTATION CALL NOTICE**

No. C-196: Sealed quotations are invited from the intending suppliers/reputed firms/authorized dealers having valid GST for supply of the following Public Health materials to this Municipality for the year 2021-22. The quotations should reach to the undersigned on or before **10.05.2021 by 12.30 P.M.** The quotations shall be opened on the same day at 1.00 P.M. in presence of the quotationers or their authorized representatives. The quotations received after due date will not be taken in to consideration.

| Sl. No. | Name of the Item | Quantity Per Unit | Rate |
|---|---|---|---|
| 1 | Malarial Oil | 200 Ltrs. Barrel | Per Barrel |
| 2 | Phenyl | 200 Ltrs. Barrel | Per Barrel |
| 3 | Bleaching Powder (Kanorial/DCM%) | 25 Kg. Bag | Per Bag |

The following term & conditions should be followed at the time of furnishing the quotations.
1. Copy of GST Certificate
2. Selection will be made after sample testing on the day of opening of quotation.
3. The materials in good condition/quality shall be delivered to the Municipality Office Godown.
4. EMD for Rs.5,000/- shall be deposited in shape of Cash/Bank Draft/Pay Order in favour of Executive Officer, Rajgangpur Municipality.

The undersigned reserves the right to cancel any or all the quotations without assigning any reason thereof.
OIPR-13094/11/0003/2122 **Sd./- Executive Officer, Rajgangpur Municipality**



କରୋନାରେ ସର୍ବାଧିକ ପ୍ରଭାବିତ ମହାରାଷ୍ଟ୍ର ଲୋକଙ୍କ ନିମନ୍ତେ ଅଧିକ ଆଇସିୟୁ ବେଡ୍ ସ୍ଥାପନ ପାଇଁ ବ୍ରିହନମୁମ୍ବାଇ ମ୍ୟୁନିସିପାଲ କର୍ପୋରେଶନ(ବିଏମ୍‌ସି) ଓ ହିନ୍ଦୁଜା ହସ୍ପିଟାଲକୁ ସହାୟତାର ହାତ ବଢ଼ାଇଛନ୍ତି ଅଭିନେତା ଅଜୟ ଦେବଗନ। ମୁମ୍ବାଇର ଶିବାଜୀ ପାର୍କରେ ଜରୁରିକାଳୀନ ବ୍ୟବହାର ପାଇଁ ମେଡିକାଲ ୟୁନିଟ୍ ନିର୍ମାଣ ହେଉଥିବାବେଳେ ୨୦ ଆଇସିୟୁ ପାଇଁ ସେ ୧ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି।

# କେମିକାଲ କମାଉଛି ଶୁକ୍ରାଣୁ

**ବଦଳୁଥିବା ଜୀବନଶୈଳୀ ଏବଂ ଖାଦ୍ୟପଦାର୍ଥରେ କେମିକାଲ କାରଣରୁ ପୁରୁଷଙ୍କ ଶୁକ୍ରାଣୁ ସ୍ତର ହ୍ରାସ ପାଉଛି। ଆସନ୍ତା ୪ ଦଶନ୍ଧି ଭିତରେ ମନୁଷ୍ୟ ପ୍ରଜନନ କ୍ଷମତା ହରାଇବ ବୋଲି ଏକ ପୁସ୍ତକରେ ଦାବି କରାଯାଇଛି, ଯାହା ମନୁଷ୍ୟ ସଭ୍ୟତାର ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।**



**ନୂଆଦିଲ୍ଲୀ:** ମଣିଷର ଶୁକ୍ରାଣୁ ସ୍ତର କ୍ରମାଗତ ଭାବେ କମିବାରେ ଲାଗିଛି। ଏହା ପ୍ରଜନନ ଦୃଷ୍ଟିରୁ ଅତି କମ୍। ଗତ କିଛି ପିଢ଼ି ଧରି ଏହି ସମସ୍ୟା ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଚିନ୍ତା ବଢ଼ାଇଥିବାବେଳେ 'କାଉନ୍‌ଡାଉନ୍' ନାମକ ପୁସ୍ତକରେ ଆଶ୍ଚର୍ଯ୍ୟଜନକ ତଥ୍ୟ ପ୍ରକାଶିତ ହୋଇଛି। ଏଥିରେ ଉଲ୍ଲେଖ କରାଯାଇଛି, ଗତ ୪୦ ବର୍ଷ ମଧ୍ୟରେ ପାଶ୍ଚାତ୍ୟ ଦେଶର ନାଗରିକମାନଙ୍କ ଶୁକ୍ରାଣୁ ସଂଖ୍ୟା ଅଧା ହୋଇଯାଇଛି। ଏହି ଧାରା ଜାରି ରହିଲେ ଆଗାମୀ ୪୦ ବର୍ଷ ଭିତରେ ସେମାନଙ୍କ ପ୍ରଜନନ କ୍ଷମତା ଶେଷ ହୋଇଯିବ।

ମହାମାରୀ ବିଶେଷଜ୍ଞ ସାନ୍ ସ୍ୱାନ୍‌ଙ୍କ ନୂତନ ପୁସ୍ତକ 'କାଉନଡାଉନ୍'ରେ ପୁରୁଷଙ୍କ ପ୍ରଜନନ କ୍ଷମତା ହ୍ରାସ ପାଇବାକୁ ନେଇ ତଥ୍ୟଭିତ୍ତିକ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ସ୍ପଷ୍ଟ ଭାବେ କୁହାଯାଇଛି, ବାପା, ଜେଜେଙ୍କ ତୁଳନାରେ ଏବେକାର ପିଢ଼ିର ଶୁକ୍ରାଣୁ ସଂଖ୍ୟା ଯଥେଷ୍ଟ କମ୍। ହାତଗଣତି ବର୍ଷ ମଧ୍ୟରେ ମନୁଷ୍ୟ ସଭ୍ୟତା ସଙ୍କଟଜନକ ପରିସ୍ଥିତିର ସମ୍ମୁଖୀନ ହେବ। ପ୍ରଜନନ କ୍ଷମତା ଚାଲିଯିବା ପରେ ମହିଳାଙ୍କ ଗର୍ଭଧାରଣ, ପ୍ରସବରେ ଅନେକ ସମସ୍ୟା ସୃଷ୍ଟି ହେବ। ୨୦୬୦ ସୁଦ୍ଧା ଏଭଳି ସମସ୍ୟା ଅତି ଜଟିଳ ରୂପ ନେବ। ଏହାକୁ ପ୍ରମାଣିତ କରିବା ଲାଗି ପ୍ରଜନନ ବିଷଙ୍ଗତି, ହ୍ରାସ ପାଉଥିବା ପ୍ରଜନନ କ୍ଷମତାକୁ ନେଇ ଅନେକ ଯୁକ୍ତିସଙ୍ଗତ ତଥ୍ୟ ଉପସ୍ଥାପନ କରାଯାଇଛି। ସବୁଠାରୁ ବଡ଼କଥା ବନ୍ୟଜୀବନରେ ମଧ୍ୟ ଏଭଳି ସମସ୍ୟା ଗୁରୁତର ରୂପ ଧାରଣ କଲାଣି।

ମଣିଷ ଦୈନନ୍ଦିନ ଖାଉଥିବା ଖାଦ୍ୟପଦାର୍ଥରେ କେମିକାଲ ମାତ୍ରା ବଢ଼ିବାରେ ଲାଗିଛି। ଯଦିଓ ଶୁକ୍ରାଣୁ ସ୍ତର କମିବାର ଅନେକ କାରଣ ରହିଛି, ତଥାପି କେମିକାଲଯୁକ୍ତ ଖାଦ୍ୟ, ପ୍ରଦୂଷଣକୁ ତାଲିକାରେ ଆଗରେ ରଖିଛନ୍ତି ବିଶେଷଜ୍ଞ। ତେଣୁ ଯଥାଶୀଘ୍ର ଯେପରି କେମିକାଲ ପ୍ରଭାବ ଦୂର କରାଯାଇପାରିବ ସେଥିଲାଗି ସତର୍କ ରହିବା ଆବଶ୍ୟକ ହୋଇପଡ଼ିଛି। ପୁସ୍ତକର ଲେଖକ ସାନ୍ କହିଛନ୍ତି, ୨୦୪୫ ସୁଦ୍ଧା ଦମ୍ପତିଙ୍କ ପ୍ରଜନନ କ୍ଷମତା ଗୁରୁତ୍ୱର ଭାବେ ପ୍ରଭାବିତ ହୋଇସାରିଥିବ। ସେତେବେଳେ ଗର୍ଭଧାରଣ ଲାଗି ବିକଳ୍ପ ବ୍ୟବସ୍ଥା ଖୋଜିବାକୁ ମହିଳାପୁରୁଷ ବାଧ ହେବେ। ଗର୍ଭପାତ ହାର ଏବଂ ପ୍ରଜନନ ସମ୍ପର୍କିତ ଅନ୍ୟ ସମସ୍ୟା ପୁରୁଷଙ୍କ ଶୁକ୍ରାଣୁ ସଂଖ୍ୟା ହ୍ରାସର ଅନ୍ୟତମ କାରଣ ବୋଲି ସେ କହିଛନ୍ତି।

### ଜୀବନଶୈଳୀ ବଦଳିବା ଦରକାର

ଗତ ୫୦ବର୍ଷ ଭିତରେ ମନୁଷ୍ୟର ଜୀବନଧାରଣ ଶୈଳୀ ବଦଳିଛି। ଖାଦ୍ୟଠାରୁ ଆରମ୍ଭ କରି ବ୍ୟାୟାମ ସବୁ କ୍ଷେତ୍ରରେ ମଣିଷ ସୌଖିନ ହୋଇଯାଇଛି। ମଦ୍ୟପାନର ମାତ୍ରା ବଢ଼ିବା ଅନେକ ସ୍ୱାସ୍ଥ୍ୟଗତ ସଙ୍କଟ ସୃଷ୍ଟି କରୁଛି। ଅଧିକରୁ ଅଧିକ ମୋଟାପଣର ଶିକାର ହେବା ମାରାତ୍ମକ ବ୍ୟାଧିକୁ ନିମନ୍ତ୍ରଣ କରୁଛି। ଏହି କାରଣରୁ ଭ୍ରୂଣ ସଞ୍ଚାର ଏବଂ ବିକାଶ ବେଳେ ହର୍‌ମୋନ ପ୍ରଭାବିତ ହେଉଛି। ଫଳରେ ପୁରୁଷମାନଙ୍କ ପ୍ରଜନନ କ୍ଷମତା ହ୍ରାସ ପାଉଛି। ପୂର୍ବରୁ ବନ୍ୟପ୍ରାଣୀଙ୍କ କ୍ଷେତ୍ରରେ ଏଭଳି ସମସ୍ୟା ଦୃଷ୍ଟିଗୋଚର ହୋଇସାରିଛି। ଏବେ ମନୁଷ୍ୟଠାରେ ହୋଇଥିବା ଗବେଷଣାରୁ ଏହା ସିଦ୍ଧ ହୋଇଛି। ହର୍‌ମୋନ ସମ୍ବନ୍ଧୀୟ ସମସ୍ୟା ପଛରେ କେମିକାଲ ଏକ ବଡ଼ କାରକ। ଏହି କେମିକାଲ କେବଳ ଖାଦ୍ୟପାନୀୟଠାରୁ ନୁହେଁ, ଅଧିକନ୍ତୁ ପ୍ରଦୂଷିତ ବାୟୁ ମାଧ୍ୟମରେ ଶରୀରରେ ପ୍ରବେଶ କରିଥାଏ। ସମସ୍ୟା ଜଟିଳ ଆଡ଼କୁ ଗତି କରୁଥିବାବେଳେ ଗର୍ଭବତୀଙ୍କୁ କେମିକାଲ ମୁକ୍ତ ପରିବେଶରେ ରଖାଯିବା ଉପରେ ଏବେ ଗୁରୁତ୍ୱ ଦିଆଯାଉଛି। ଏଥିଲାଗି ବ୍ରିଟେନ, ୟୁରୋପୀୟ ୟୁନିୟନ ନୂଆ ଆଇନ ଆଣିବା ଲାଗି ଯୋଜନା କରୁଛନ୍ତି। ଯଦିଓ ଏହା ସମସ୍ୟାକୁ ସମ୍ପୂର୍ଣ୍ଣ ସମାଧାନ କରିପାରିବ ନାହିଁ, ତଥାପି କେତେକାଂଶରେ ଫଳପ୍ରଦ ହେବ ବୋଲି ସାନ୍ ସ୍ୱାନ୍ କହିଛନ୍ତି।

## ୪ ଦଶନ୍ଧିରେ ପ୍ରଜନନ କ୍ଷମତା ହରାଇବେ ପୁରୁଷ

Happy 34th Marriage Anniversary (02.05.2021)



Kirttimala & Sudhakar
Mathasahi, Bhadrak
"The perfect pair for the perfect day. May God keep you blessed with much more happiness"
Best Wishes From:- Sasanka, Smita & Sashi.
D-20619

ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା



(ସିଦ୍ଧି)
ଶିବାଙ୍ଗୀ ନାୟକ
ରୂପଦେଇପୁର, ବଳଙ୍ଗା, ପୁରୀ
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
=:::ଶୁଭେଚ୍ଛା ସହ:::=
ବାବା, ମାମା, ମାମୁ
ଧ-୨୦୬୪୮

୨୬ତମ ଜନ୍ମଦିନ ଶୁଭେଚ୍ଛା



ଚନ୍ଦ୍ରିକା ପ୍ରଧାନ (ଚକୋଲେଟ୍)
ରାଉରକେଲା (ସୁନ୍ଦରଗଡ଼)
ଆଜି ତୁମର ୨୬ତମ ଜନ୍ମବାର୍ଷିକୀ ଅବସରରେ ତୁମର ଚଲାପଥ କୁସୁମିତ ହେଉ ଏବଂ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ। ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ କୋଟି କୋଟି ପ୍ରାର୍ଥନା
=:::ଶୁଭେଚ୍ଛା ସହ:::=
ନେତ୍ରା, ପ୍ରିୟଙ୍କା, ରାଧିକା, ବିଶାଖା, ବାପା, ବୋଉ ଏବଂ ପରିବାରବର୍ଗ ।
ଧ-୨୦୬୪୫

# ଭାବପ୍ରବଣ ହେଲେ ଅନୁଷ୍କା



ଅନୁଷ୍କା ଶର୍ମା

**ମୁମ୍ବାଇ:** ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ପଡ଼ିଆରେ ଆକ୍ରମଣାତ୍ମକ ଆଭିମୁଖ୍ୟ ପାଇଁ ଜଣାଶୁଣା। କୋହଲି ଏବଂ ତାଙ୍କ ସ୍ତ୍ରୀ ତଥା ଅଭିନେତ୍ରୀ ଅନୁଷ୍କା ଶର୍ମାଙ୍କ ଯୋଡିକୁ ଦର୍ଶକ ବେଶ୍ ପସନ୍ଦ କରନ୍ତି। ଉଭୟଙ୍କ ପ୍ରେମ କାହାଣୀ ବିଷୟରେ ଜାଣିବାକୁ ପ୍ରଶଂସକ ବେଶ୍ ଆଗ୍ରହୀ ଥାଆନ୍ତି। ପଡିଆରେ ବିରାଟଙ୍କୁ ଅନେକ ଛକା ଓ ଚୌକା ମାରିଥିବା ଦେଖିଥିବେ, କିନ୍ତୁ ଆପଣ ଜାଣନ୍ତି କି ବିରାଟଙ୍କ ମଧ୍ୟରେ ଏକ ଲୁକ୍କାୟିତ ପ୍ରତିଭା ଅଛି, ଯାହା ସେ ଅନୁଷ୍କାଙ୍କ ଆଗରେ ଦେଖାଇଛନ୍ତି। ବିରାଟ କୋହଲି କେବଳ ରୋମାଣ୍ଟିକ ନୁହଁନ୍ତି, ସେ ଅନୁଷ୍କା ଶର୍ମାଙ୍କ ପାଇଁ ଗୀତ ମଧ୍ୟ ଗାଉଛନ୍ତି। ଆଜିକାଲି ବିରାଟ ଏବଂ ଅନୁଷ୍କାଙ୍କ ବିବାହର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ସେଥିରେ ବିରାଟ ଅନୁଷ୍କାଙ୍କ ପାଇଁ 'ମେରେ ମେହବୁବ କୟାମତ ହୋଗି' ଗୀତ ଗାଉଛନ୍ତି। ଏହି ଥ୍ରୋବ୍ୟାକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି, ଯାହାକୁ ପ୍ରଶଂସକମାନେ ପସନ୍ଦ କରୁଛନ୍ତି। ଭିଡିଓରେ ଅନୁଷ୍କା ମଧ୍ୟ ଭାବପ୍ରବଣ ଦେଖାଯାଉଛନ୍ତି। ବିରାଟ ତାଙ୍କ ଗୀତ ସମାପ୍ତ କରିବା ମାତ୍ରେ ପାର୍ଟିରେ କରତାଳି ଶୁଣିବାକୁ ଲାଗିଥିଲା। ବିରୁଷ୍କା ୨୦୧୭ରେ ଇଟାଲୀରେ ବିବାହ କରିଥିଲେ।

# କରୋନା ବିଦାୟ ଉତ୍ସବ



**ନୂଆଦିଲ୍ଲୀ:** କୁହାଯାଏ କି ଝିଅ ବିଦାବେଳେ ପଥର ବି କାନ୍ଦି ପକାଏ। ଝିଅର ବାପା ମାଆ ତ କାନ୍ଦି କାନ୍ଦି ଝିଅକୁ ବିଦା କରିଥାନ୍ତି। କିନ୍ତୁ ଝିଅକୁ କୌଣସି ସ୍ଥାନରେ ବାପା ଜୋତା ମାଡ ମାରି ବିଦା କରିବା କଥା ଶୁଣିଛନ୍ତି କି ! ହେଲେ ଏମିତି ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ତେବେ ମଜା କଥା ହେଉଛି କି ଏଭଳି ଭିଡିଓ ଶେୟାର କରି ପୋଲିସ କରୋନାକୁ ବିଦାୟ ଦେବାକୁ ଆଗୁଆ ପ୍ରସ୍ତୁତ ହେଉଥିବା ବାର୍ତ୍ତା ଦେଇଛି। ବାହାଘର ସରିବା ପରେ ଝିଅ ଶାଶୁ ଘରକୁ ଯିବାବେଳେ ବହୁତ କାନ୍ଦିଥାଏ। ଆଜିକାଲିର ଆଧୁନିକ ବିବାହରେ ବି ଝିଅ ବିଦା ସମୟରେ ଏକଥାକୁ ଅନୁଭବ କରିହୁଏ। ଝିଅ ସହିତ ଝିଅର ସମ୍ପର୍କୀୟ ବାପାମାଆ ସମସ୍ତେ ମନଦୁଃଖ କରି କନ୍ଦାକଟା ପରେ ଝିଅକୁ ବିଦା କରିଥାନ୍ତି। ବେଳେବେଳେ ଝିଅମାନେ କାନ୍ଦି କାନ୍ଦି ବେହୋସ ହୋଇଯାନ୍ତି। କିନ୍ତୁ ଭାଇରାଲ ଭିଡିଓରେ ଦେଖିବାକୁ ମିଳୁଛି କି ଏକ ବିବାହ ପରେ ଝିଅ ବିଦାବେଳେ କାନ୍ଦି କାନ୍ଦି ବାରମ୍ବାର ଫେରି ଆସୁଛି। ଏହା ପରେ ସେ ପୁଣି ଥରେ ତା ବାପାଙ୍କୁ ଧରି କାନ୍ଦୁଛି। ଏହା ପରେ ଝିଅର ବାପା ତାକୁ ବୁଝାଇ ଜ୍ୱାଇଁ ହାତରେ ସମର୍ପି ଦେଇ ଯିବାର ଅନୁମତି ଦେଉଛନ୍ତି। କିନ୍ତୁ ଝିଅଟି କିଛି ବାଟ ଯାଇ ପୁଣି ଥରେ ଫେରିଆସି ବାପାକୁ ଧରି କାନ୍ଦୁଛି। ଝିଅଟି ଏମିତି ବାରମ୍ବାର ଫେରି ଆସୁଥିବାରୁ ଶେଷରେ ବାପା ବିରକ୍ତ ହୋଇ ରାଗରେ ଗୋଡରୁ ଜୋତା ବାହାର କରି ମାଡ ମାରି ବିଦା କରୁଛନ୍ତି। ବୋଧହୁଏ ମାଡ ଖାଇବା ପରେ ଝିଅଟି ବୁଝିପାରୁଛି କି ସେ ଖୁବଶୀଘ୍ର ସେଠାରୁ ଚାଲିଯିବା ଉଚିତ୍। ଆଉ ଏହାପରେ ସେ ତା ଶାଶୁଘର ଚାଲି ଯାଉଛି। ଠିକ୍ ଏମିତି ଭାବେ ଆମକୁ କରୋନାକୁ ବିଦା କରିବାକୁ ହେବ। ଏଭଳି ଏକ ଭିଜୁଆଲ ଶେୟାର କରି ଏହି ବାର୍ତ୍ତା ଦେଇଛନ୍ତି ଭାରତୀୟ ପୋଲିସ ସେବା ଅଧିକାରୀ ରୁପିନ ଶର୍ମା। ସେ ଟୁଇଟରରେ ଶେୟାର କରି ଏହି ଖବର ଦେଇଛନ୍ତି। ମଜା କଥା ହେଉଛି କି ସେ ଏହି ଭିଜୁଆଲକୁ ଶେୟାର କରି କ୍ୟାପ୍‌ସନରେ ଲେଖିଛନ୍ତି କି କରୋନା ବିଦାୟ ଉତ୍ସବର ଆଗୁଆ ଚିତ୍ର। ମାତ୍ର ୩୭ ସେକେଣ୍ଡର ଏହି ଭିଜୁଆଲ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

# ଜୁମ୍ କ୍ଲାସ୍‌ବେଳେ ରୋମାନ୍ସ

**କଲମ୍ବିଆ:** କରୋନା ସମୟରେ ଲୋକେ ଘରେ ରହି କାମ କରୁଛନ୍ତି। ନେତା ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସରକାରୀ କର୍ମଚାରୀ ସମସ୍ତେ ଅନ୍‌ଲାଇନରେ କାମ କରୁଛନ୍ତି। ପିଲାମାନଙ୍କ ପାଠପଢ଼ା ମଧ୍ୟ ଅନ୍‌ଲାଇନରେ ହେଉଛି। ପୂର୍ବରୁ ଅନ୍‌ଲାଇନ ମିଟିଂ ସମୟରେ ଅନେକ ଅଜବ ଘଟଣା ଘଟିଥିବା ନଜିର ରହିଛି। ଏବେ କଲମ୍ବିଆରୁ ସେମିତି ଏକ ଲଜ୍ଜାକର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଯେଉଁଠି ଜଣେ ଶିକ୍ଷକ କ୍ୟାମେରା ବନ୍ଦ ନ କରି ସ୍ତ୍ରୀଙ୍କ ସହ ରୋମାନ୍ସ କରୁଛନ୍ତି। ଏହି ଘଟଣା କଲମ୍ବିଆର ଏକ କ୍ୟାଥେଲିକ ସ୍କୁଲର। ଅନ୍‌ଲାଇନ କ୍ଲାସ ସରିବା କ୍ଷଣି ଜଣେ ଶିକ୍ଷକଙ୍କ ପାଖକୁ ତାଙ୍କ ସ୍ତ୍ରୀ ଆସିଗଲେ। ଶିକ୍ଷକ ଏହି ସମୟରେ କ୍ୟାମେରା ବନ୍ଦ କରିବାକୁ ଭୁଲି ଯାଇଥିଲେ। ଉଭୟ ରୋମାନ୍ସ କରୁଥିବା ଭିଡିଓରେ ଦେଖିବାକୁ ମିଳିଛି। ଏକଥା ଯେତେବେଳେ ଶିକ୍ଷକ ଜାଣିପାରିଲେ ସେ ସମସ୍ତଙ୍କୁ କ୍ଷମା ମାଗିଛନ୍ତି। ଭିଡିଓ ଭାଇରାଲ ହେବା ପରେ ସେ କହିଛନ୍ତି, ମୋର ନିଶ୍ଚିତ ଭୁଲ ହୋଇଛି। କାରଣ କ୍ୟାମେରା ଅନ୍ ଅଛି ବୋଲି ମୋତେ ଜଣା ନ ଥିଲା।

# ଭାରତ ଆହତ, ସହଯୋଗ କର





ପ୍ରିୟଙ୍କା ଚୋପ୍ରା

**ମୁମ୍ବାଇ:** ଭାରତକୁ ଭୟାବହ କୋଭିଡ୍ ସଂକ୍ରମଣରୁ ବାହାର କରିବାକୁ ପ୍ରଶଂସକଙ୍କୁ ସହାୟତା ମାଗିଛନ୍ତି ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା। ଏକ ଭିଡିଓ ପୋଷ୍ଟ କରି ଇନ୍‌ଷ୍ଟା ଓ ଟୁଇଟ୍‌ରରେ ଥିବା ୯ କୋଟିରୁ ଅଧିକ ଫଲୋଅର୍ସଙ୍କୁ ସେମାନଙ୍କ ସମ୍ବଳରୁ କିଛି ଭାରତକୁ ରକ୍ଷା କରିବା ନିମନ୍ତେ ବିନିଯୋଗ କରିବାକୁ ଅନୁରୋଧ କରିଛନ୍ତି। ଏହା ସହ ଭାରତରେ ଟିକା ଅଭାବ ଥିବାବେଳେ ଆମେରିକା ଅଧିକ ଟିକା ଗଚ୍ଛିତ କରିବା ଉପରେ ସେ ପ୍ରଶ୍ନ ଉଠାଇଛନ୍ତି। ଭାରତ ମୋ ଘର ଏବେ ଆହତ। ସେ ଏବଂ ସ୍ୱାମୀ ନିକ୍ ସହାୟତା ଜାରି ରଖିଛନ୍ତି। ଏଥିଲାଗି ସଭିଏଁ ଆଗେଇ ଆସନ୍ତୁ। କାରଣ ଯଦି ସମସ୍ତେ ସୁରକ୍ଷିତ ନୁହଁନ୍ତି ତେବେ କେହି ବି ସୁରକ୍ଷିତ ରହିବେ ନାହିଁ ବୋଲି ସେ କହିଛନ୍ତି।

# ଜୀବନ ବଦଳାଇଦେଲା ଲଟେରି



**ଲଣ୍ଡନ:** ଲଟେରି ହେଉଛି ଏକ ଭାଗ୍ୟର ଖେଳ। ଏହା ଏମିତି ଏକ ଖେଳ ଯାହା ମଣିଷକୁ କେତେବେଳେ କୋଟିପତି କରିଦିଏ ତ ଆଉ କେତେବେଳେ ଭିକାରି ସଜାଇ ଦିଏ। ବ୍ରିଟେନରେ ରହୁଥିବା ଗିଲିୟନ ବେଫୋର୍ଡଙ୍କ କ୍ଷେତ୍ରରେ ଠିକ୍ ଏମିତି କିଛି ଘଟିଛି। ଏକ ରିପୋର୍ଟ ଅନୁଯାୟୀ, ଲଟେରି ବିଜେତା ଗିଲିୟନ ନିଜ ଜୀବନ ଶୈଳୀକୁ ନେଇ କିଛି କଥା ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଏହି ଲଟେରି ଯୋଗୁ ସେ ୧୦ଟି ଦାମୀ ଗାଡ଼ି, ବିଳାସମୟ କୋଠା ଏବଂ ଅନ୍ୟ କିଛି ଜିନିଷର ମାଲିକ ହୋଇପାରିଛନ୍ତି। ଗିଲିୟନ ୪୮ ବର୍ଷରେ ପୁଣି ଥରେ ମା' ହୋଇଛନ୍ତି। ସେ ୨୦୧୨ରେ ଏକ ଲଟେରି ଟିକେଟରେ ୧୩୨୨ କୋଟି ଟଙ୍କା ଜିତି ଐତିହାସିକ ରେକର୍ଡ ସୃଷ୍ଟି କରିଥିଲେ। ଗିଲିୟନ ତାଙ୍କ ସ୍ୱାମୀଙ୍କ ସହ ମିଶି ଯେଉଁ ଲଟେରି ଜିତିଥିଲେ ୧୫ ମାସ ପରେ ତାଙ୍କୁ ଛାଡ଼ପତ୍ର ଦେଇ ପ୍ରେମିକଙ୍କୁ ବିବାହ କରିଥିଲେ। ଗିଲିୟନଙ୍କ ସ୍ୱାମୀ କାର୍ ପ୍ରେମୀ। ତେଣୁ ସେ ଏହି ଟଙ୍କାରେ ୧୦ଟି କାର୍ କିଣିଥିଲେ। ଏବେ ସ୍ୱାମୀ ଆଉ ପିଲାଙ୍କ ସହ ଖୁସି ଜୀବନ ବିତାଉଛନ୍ତି ଗିଲିୟନ।

# କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ସୁନ୍ଦରଗଡ଼ରେ ସାମାନ୍ୟରୁ ମଧ୍ୟମ ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ତାପମାତ୍ରାରେ ସାମାନ୍ୟ ପରିବର୍ତ୍ତନ ହୋଇପାରେ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ଆଂଶିକ ମେଘୁଆ ରହିବା ସହ ବିଜୁଳି ମାରିପାରେ। ଶନିବାର ଦିନର ସର୍ବାଧିକ ତାପମାତ୍ରା ୩୮ ଡିଗ୍ରୀ ଓ ସର୍ବନିମ୍ନ ୨୭ ଡିଗ୍ରୀ ସେଲ୍‌ସିୟସ ରହିପାରେ। ଶୁକ୍ରବାର ରାଜ୍ୟର ବିଭିନ୍ନ ସ୍ଥାନରେ ରେକର୍ଡ ହୋଇଥିବା ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୨ | ୨୭.୧ |
| ଚାନ୍ଦବାଲି | ୩୬.୭ | ୨୫.୫ |
| କଟକ | ୩୬.୪ | ୨୬.୪ |
| ପାରାଦୀପ | ୩୨.୫ | ୨୭.୮ |
| ଭୁବନେଶ୍ୱର | ୩୮.୧ | ୨୭.୪ |
| ଗୋପାଳପୁର | ୩୨.୮ | ୨୭.୨ |
| ପୁରୀ | ୩୩.୨ | ୨୮.୪ |
| ଅନୁଗୋଳ | ୪୧.୭ | ୨୬.୬ |
| ବାରିପଦା | ୩୭.୬ | ୨୬.୨ |
| ଝାରସୁଗୁଡ଼ା | ୪୦.୦ | ୨୫.୬ |
| କେନ୍ଦୁଝର | ୩୬.୮ | ୨୩.୬ |
| ସମ୍ବଲପୁର | ୪୦.୧ | ୨୫.୧ |
| ସୁନ୍ଦରଗଡ଼ | ୪୨.୫ | – |
| ହୀରାକୁଦ | ୩୮.୬ | ୨୪.୬ |
| ତାଳଚେର | ୩୯.୫ | ୨୫.୪ |
| ଭବାନୀପାଟଣା | ୪୧.୦ | ୨୩.୦ |
| ବଲାଙ୍ଗୀର | ୪୨.୮ | ୨୪.୭ |
| କୋରାପୁଟ | ୩୫.୫ | ୧୭.୬ |
| ଫୁଲବାଣୀ | ୩୯.୮ | ୧୬.୫ |
| ଟିଟିଲାଗଡ଼ | ୪୧.୦ | ୨୬.୮ |
| ମାଲକାନଗିରି | ୩୭.୫ | ୧୮.୫ |
| ସୋନପୁର | ୪୧.୩ | ୨୪.୮ |
| ଦାରିଙ୍ଗିବାଡ଼ି | ୩୪.୫ | ୨୦.୦ |
| ନୟାଗଡ଼ | ୩୮.୦ | ୨୬.୦ |
| ବୌଦ୍ଧ | ୪୧.୦ | ୨୩.୫ |
| ଛତ୍ରପୁର | ୩୨.୫ | ୨୫.୦ |
| ପାରଳାଖେମୁଣ୍ଡି | ୩୭.୫ | ୨୬.୦ |
| ରାୟଗଡ଼ା | – | ୨୦.୨ |

ଡିଗ୍ରୀ ସେଲ୍‌ସିୟସ୍

# ସବୁଠୁ ପୁରୁଣା ପାଣି

**ନୂଆଦିଲ୍ଲୀ:** କଥାଟା ଶୁଣି ହୁଏତ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଲାଗିପାରେ। କିନ୍ତୁ ବିଶ୍ୱର ସବୁଠୁ ପୁରୁଣା ପାଣିର ସନ୍ଧାନ ମିଳିଛି। କାନାଡାର ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ମ୍ୟୁଜିୟମରେ ରହିଛି ୧୬୦ କୋଟି ବର୍ଷ ତଳର ପାଣି। ଟରଣ୍ଟୋ ୟୁନିଭର୍ସିଟିର ଜିଓକେମେଷ୍ଟ୍ରିର ଭୂତତ୍ତ୍ୱବିଦ୍ ଏହି ପାଣି ସମ୍ପର୍କରେ ସୂଚନା ଦେଇଛନ୍ତି। ଲ୍ୟାବରେ ଏହି ପାଣି ଟେଷ୍ଟ ହେବା ପରେ ଜଣାପଡିଛି କି ଏହି ପାଣିର ସ୍ୱାଦ ଅତ୍ୟଧିକ ଲୁଣିଆ। ଏମିତିକି ସମୁଦ୍ର ପାଣି ତୁଳନାରେ ଏହି ପାଣି ୧୦ ଗୁଣ ଅଧିକ ଲୁଣିଆ। ସୌରଜଗତର ଅନ୍ୟ ଗ୍ରହରେ ଆଗରୁ ଜୀବ ସତ୍ତା ଥିଲା କି ନାହିଁ ତାହା ମଧ୍ୟ ଏହି ପାଣିରୁ ପରୀକ୍ଷା ପରେ ଜଣାପଡିବ। ୧୬୦ କୋଟି ବର୍ଷ ତଳର ଏହି ପାଣିରେ ଇଞ୍ଜିନିୟମ ନାମକ ଏକ ତତ୍ତ୍ୱ ରହିଛି ଏବଂ ଏହାକୁ ନେଇ ଅଧିକ ଅନୁସନ୍ଧାନ ଜାରି ରହିଛି। ତେବେ ପାଣିର ଏହି ସାମ୍ପୁଲ୍‌ଟି ପ୍ରଥମେ କାନାଡାର ଓଟୋରିୟା ଠାରୁ ଉତ୍ତରରେ ଥିବା ଟିମିଂସ୍ ନାମକ ଏକ ସ୍ଥାନରେ ରହିଥିବା ଜଣାପଡ଼ିଥିଲା। ଏହାର ସନ୍ଧାନ ମିଳିବା ପରେ ଏବେ ଏହାକୁ ମ୍ୟୁଜିୟମରେ ସୁରକ୍ଷିତ ଭାବେ ଏକ ସ୍ୱତନ୍ତ୍ର ସ୍ଥାନରେ ରଖାଯାଇଛି। ଏଥିରୁ ସୌରମଣ୍ଡଳ ସମ୍ପର୍କରେ ଅନେକ ତଥ୍ୟ ମିଳିପାରିବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ତେବେ ଏଥିରେ ଥିବା ତତ୍ତ୍ୱରୁ ଜୀବନ ଚକ୍ର ସମ୍ପର୍କରେ ବି ଅନେକ ତଥ୍ୟ ମିଳିପାରିବ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି।



ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧଦିବସ ଶ୍ରଦ୍ଧାଞ୍ଜଳି
02.05.2021 ରବିବାର



୰ନିର୍ମଳା ମିଶ୍ର
ରେମୁଆଁ, ତାଳଚେର
1959-2020
ଆପଣଙ୍କ ପ୍ରଥମ ଶ୍ରାଦ୍ଧଦିବସରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଆପଣଙ୍କ ଆତ୍ମାର ସଦ୍‌ଗତି ପାଇଁ ।
–:ଶୋକସନ୍ତପ୍ତ:–
ସ୍ୱାମୀ: ସିତାଂଶୁ, ଡିମ୍ପୁ, ରିଙ୍କୁ, ପାୟଲ, ସୁବାସ, କିଟ୍ଟୁ, ପଙ୍କଜ, ବୌଣ୍ଟି, ସୋନି, ଇଭାନ, ମିଶ୍ର ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ ।
ଧ-୬୯୫୦୦



With profound grief we inform of the sad demise of
SHRI BHUBANESHWAR PRAHARAJ
on 22nd April 2021
Dasah kriya will be held on 1st May at our Sriram Nagar, Bhubaneswar residence.
*In grief :* Sons, Daughter, Grand and Great Grand children.
1911, Sriram Nagar, Old Town, Bhubaneswar
Ph-+91 891-7520527/ +91 95029 89944/ +91 89511 69599
ଧ-୨୦୬୪୭

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସୌଦାମିନୀ ସାହୁ
୧୩୬, ଅଶୋକ ନଗର, ଭୁବନେଶ୍ୱର, ଓଡିଶା
ଆବିର୍ଭାବ : ୦୯.୦୫.୧୯୫୩ | ତିରୋଧାନ: ୨୧.୦୪.୨୦୨୧
ଆପଣଙ୍କ ନିସ୍ୱାର୍ଥପର ସ୍ନେହ, ଶ୍ରଦ୍ଧା, ନିଷ୍ଠାପରତା, ପରୋପକାର ଆମ ପାଇଁ ଚିରପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ପ୍ରାର୍ଥନା।
ଶୋକସନ୍ତପ୍ତ - ବନ୍ଧୁ ଓ ପରିବାରବର୍ଗ।
ଧ-୨୦୬୨୦

## କବିତା

### ପ୍ରଭୁ ପାଦେ ଅଳି

ନୀଳ ଆକାଶର ଛାତ ତଳେ
ନୀଳ ସାଗରର କୂଳେ କୂଳେ,
ବିଜେ ହୋଇଛନ୍ତି ମୋ ନୀଳମାଧବ
ଡାକ ଶୁଣିବାକୁ କାଳେ କାଳେ ।।
ଗଛ, ଲତା, ପାଣି, ପବନ, ପାହାଡ଼
ସବୁ ପରା ତାଙ୍କ ସରଜନା,
ଆକୁଳ ପ୍ରାଣରେ ଡାକିଦେଲେ ଥରେ
ଶୁଣିଥା'ନ୍ତି ଦୁଃଖୀର ପ୍ରାର୍ଥନା ।।



ଯାହା ଦେଇଥିଲ ସବୁ ତ ନେଲଣି
କାହା ଭରସାରେ ବଞ୍ଚିବି,
ତୁମଠାରେ ଲୟ ରଖିଲି ବୋଲି ତ
ଏଇ ଦଣ୍ଡ ଆଜି ଭୋଗିଲି ।।
ଆହେ ମହାବାହୁ ଜଗତ ଈଶ୍ୱର
ସବୁ କଥା ମୋର ତୁମଠାରେ,
ପରକାଶି ଟିକେ ହାଲୁକା କରିବି
କିଏ ଅଛି ଆଉ ସଂସାରରେ ।।
ଲୋଡ଼ା ନାହିଁ ସୁଖ, ଦେଲେ ଦିଅ ଦୁଃଖ
ତୁମେ ତ ମୋହର ଚିରସାଥୀ,
ସୁଖ ଦେଲେ କିବା ଡାକିବି ତୁମକୁ
ଛାଡ଼ି ତୋର ମୋହ, ମାୟା, ପ୍ରୀତି !
କରୁଅଛି ଅଳି ହେ ଅଖିଳପତି
କରିଦିଅ ମୋତେ ଦାଣ୍ଡଧୂଳି,
ଆସୁଥିବେ କେତେ, ଯାଉଥିବେ କେତେ
ମଥାରେ ଆଦରେ ହୋଇ ବୋଳି ।।

*– **ପୁଷ୍ପଲତା ମହାନ୍ତି**, ୭୧/ଏ, ବିଜେବି ନଗର, କଳ୍ପନା ଛକ, ଭୁବନେଶ୍ୱର*

### ଶିଖିବ ଯଦି ଶିଖ

ଧରିତ୍ରୀଠାରୁ ଶିଖିବ ଯଦି
ସହନଶୀଳତା ଶିଖ
ଆକାଶଠାରୁ ଶିଖିବ ଯଦି
ନୀରବ ରହିବା ଶିଖ ।
ସାଗରଠାରୁ ଶିଖିବ ଯଦି
ଫେରାଇବା ଗୁଣ ଶିଖ
ପାହାଡ଼ଠାରୁ ଶିଖିବ ଯଦି
ଧୈର୍ଯ୍ୟଶୀଳତାକୁ ଶିଖ ।
ପିମ୍ପୁଡ଼ିଠାରୁ ଶିଖିବ ଯଦି
ସଂଚୟ କରିବା ଶିଖ
କୁକୁରଠାରୁ ଶିଖିବ ଯଦି
ବିଶ୍ୱାସୀ ହୋଇବା ଶିଖ ।
କୋଇଲିଠାରୁ ଶିଖିବ ଯଦି
ମଧୁର ବଚନ ଶିଖ
ବିହଙ୍ଗଠାରୁ ଶିଖିବ ଯଦି
ଏକତାର ସୂତ୍ର ଶିଖ ।
ପାଦପଠାରୁ ଶିଖିବ ଯଦି
ପରୋପକାରିତା ଶିଖ
ସୂରୁଜଠାରୁ ଶିଖିବ ଯଦି
ତେଜିୟାନ୍ ହେବା ଶିଖ ।
ପ୍ରକୃତି ଅଟେ ଶିକ୍ଷା ଭଣ୍ଡାର
ଏକଥାଟି ଜାଣି ରଖ ।
ବୁଝି ବିଚାରି ଦେଖି ଚାହିଁ କି'
ସର୍ବଦା ତା'କୁ ପରଖ ।

**–ରାମ ଚନ୍ଦ୍ର ପ୍ରଧାନ,**
ସାନ୍ତରାପଲ୍ଲୀ, ଗଞ୍ଜାମ

### ଭ୍ରମ ସଂଶୋଧନ

ଗତ ସପ୍ତାହରେ ଧ୍ରୁବଚରଣ ବେହେରାଙ୍କ ରଚିତ 'ଭଲ ପିଲା ହେବା ଆସ' କବିତାରେ ମଧୁସୂଦନ ଦାସ 'ମଧୁ ବର୍ଣ୍ଣବୋଧ' ଲେଖିଥିବା ପ୍ରକାଶିତ ହୋଇଥିଲା । ପ୍ରକୃତରେ ଏହାକୁ ମଧୁସୂଦନ ରାଓ ରଚନା କରିଥିଲେ । ଏଭଳି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ ।

## କହିଲ ଦେଖି

(୧)
ଛୁଇଁଯାଏ କିନ୍ତୁ ଦେଖି ହୁଏନା
ଚାହିଁଲେ ବି ତାକୁ ଧରି ହୁଏନା
କେବେ ସେ ମଳୟ କେବେ ପ୍ରଳୟ
କେବେ ସୃଷ୍ଟିକରେ ଘୂର୍ଣ୍ଣିବଳୟ
ସଭିଙ୍କ ଦେହକୁ ଯାଉଛି ଛୁଇଁ
କିଏ ସେ ପାରିନ ନାମ ତା'କହି ।

ଉ- **ପବନ**

(୨)
କଞ୍ଚାବେଳେ ତା'ର ସବୁଜରଙ୍ଗ
ପାଚିଲେ ହଳଦୀ ଦିଶେ
ଗଛରେ ଥିଲେ ପରିବାର ସାଥେ
ଆନନ୍ଦ ମନରେ ହସେ ।
କଞ୍ଚାବେଳେ ସିଏ ପରିବା ସାଜେ
ହୁଅଇ ତରକାରି
ପାଚିଲେ ତାହା ଫଳରେ ଗଣା
ମନକୁ କରେ ଚୋରି ।
କଞ୍ଚାବେଳେ କାଟିଲେ ତାକୁ
ଆଖିରୁ ଢାଳେ ଲୁହ
କିଏ ସେ ସତେ ପାରିବ କହି
ନାମଟି ତା'ର କୁହ ।



ଉ-**ଅମୃତଭଣ୍ଡା**

(୩)
କଞ୍ଚାବେଳେ ସିଏ ଅଟେ ପରିବା
ପାଚିଲେ ସାଜେ ଫଳ
ତା'ଦେହରେ ଅଛି ଅନେକ ଶକ୍ତି
ଶରୀରେ ଭରେ ବଳ
ମନ୍ଦିରକୁ ଗଲେ ଯାଆନ୍ତି ଧରି
କରିବା ପାଇଁ କି ଭୋଗ
ଔଷଧୀୟ ଗୁଣ ଅଛି ଅନେକ
ଦୂର କରେ ନାନା ରୋଗ ।

ଉ-**କଦଳୀ**

*–ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଉତ୍ତରକୂଳ ହାଟ୍,
ପ୍ରୀତିପୁର, ଯାଜପୁର*

## ଆଇନା




ଅଙ୍କିତ ଅନୁରାଗ
୭ ବର୍ଷ

## ଖିଲିଖିଲି ହସ



ଥରେ ଜଣେ ପୋଲିସ ଚୋରକୁ ପଚାରିଲେ, 'ଆରେ ତୁ ଚୋରି କାହିଁକି କରୁଛୁ ? ଚୋରି ଧନ୍ଦା ଛାଡି କିଛି କାମ କରି ରୋଜଗାର କଲେ ତ ପରିବାର ଚଳାଇ ପାରିବୁ ।' ଚୋର କହିଲା, ସାର୍, ମୁଁ ଯଦି ଚୋରି ନ କରିବି ତା'ହେଲେ ଅସୁବିଧା ହେବ । ପୋଲିସ ପଚାରିଲେ, କି ଅସୁବିଧା ହେବ ? ଚୋର କହିଲା, ଲୋକ କେମିତି ଜାଣିବେ ଯେ ଗୋଟିଏ ଚୋରକୁ ପୋଲିସ୍ ଧରିଛି ବୋଲି !

ଜଣେ ଲୋକ ଧଇଁ ସଇଁ ହୋଇ ଦୌଡି ଦୌଡି ଆସି ଏ ଚା' ଦୋକାନ ପାଖରେ ପହଞ୍ଚିଲା । ସେଠାରେ ଜଣେ ପୋଲିସ ଅଫିସର ଚା' ପିଉଥାଆନ୍ତି । ସେଠାରେ ପହଞ୍ଚି କହିଲା, ସାର୍, ମୋତେ ରକ୍ଷା କରନ୍ତୁ । ସେମାନେ ମୋତେ ଗୋଡାଇଛନ୍ତି, ମୋତେ ମାରି ପକାଇବେ । ଆପଣ ମୋତେ ରକ୍ଷା କରନ୍ତୁ । ଏକଥା ଶୁଣି ପୋଲିସ କହିଲେ, ଆରେ ମୁଁ ତ ତୋତେ ଏ ନେଇ ସାହାଯ୍ୟ କରିପାରିବି ନାହିଁ । ଲୋକ ପଚାରିଲା, କାହିଁକି ସାର୍, ଲୋକମାନଙ୍କୁ ଅସୁବିଧାରେ ସାହାଯ୍ୟ କରିବା ପୋଲିସର କାମ । ଆପଣ କାହିଁକି ମନା କରୁଛନ୍ତି ? ପୋଲିସ ଅଫିସର ଉତ୍ତର ଦେଲେ, ଦେଖ୍, ତୋର ବୁଝିବାରେ ଭୁଲ୍ ହୋଇଛି । ମୁଁ ପୋଲିସ ଡ୍ରେସ ପିନ୍ଧିଛି, ଏକଥା ସତ, ହେଲେ ମୁଁ ପୋଲିସ ନୁହେଁ । ଲୋକଟି କହିଲା, ବୁଝିପାରିଲିନି ସାର୍ ? ପୋଲିସ ଅଫିସର କହିଲେ, ଆରେ ଏଠି ଯେଉଁ ଡ୍ରାମା ହେଉଛି ସେଥିରେ ମୁଁ ପୋଲିସ ଅଫିସର ଭୂମିକାରେ ଅଭିନୟ କରୁଛି ।

– **ସଂଗ୍ରାମ ପରିଜା**, ଖୁଣ୍ଟଳ, ରାହାମା
ଜଗତ୍‌ସିଂହପୁର

## ଶିଶୁ ପ୍ରତିଭା

# ଅନ୍ତର୍ଜାତୀୟ ନୃତ୍ୟଶିଳ୍ପୀ ହେବା ଲକ୍ଷ୍ୟ

ବୟସ ମାତ୍ର ୭ ବର୍ଷ । ହେଲେ ଏହି ବୟସରୁ ସେ ପଡିଯାଇଛନ୍ତି ନୃତ୍ୟ ପ୍ରେମରେ ଏବଂ ଜଣେ ଶିଶୁ ନୃତ୍ୟଶିଳ୍ପୀ ଭାବେ ସେ ସୃଷ୍ଟି କରିପାରିଛନ୍ତି ନିଜର ଏକ ସ୍ୱତନ୍ତ୍ର ପରିଚୟ । ଆଉ ନିଜ କୁନି କୁନି ପାଦରେ ନୃତ୍ୟର ଯାଦୁ ଦେଖାଇ ସାଉଁଟିଛନ୍ତି ଅନେକ ସମ୍ମାନ ଓ ପ୍ରଶଂସା । ସେ ହେଉଛନ୍ତି ଯାଜପୁର ଜିଲା ବ୍ୟାସନଗରରେ ରହୁଥିବା ମା' ନମିତା ଏବଂ ବାପା ରାଜେଶ ରାଉତଙ୍କ ଝିଅ ଆରଏନ୍ ତେଜସ୍ୱିନୀ । ଭଲ ଭାବେ ଚାଲିବା ଶିଖି ନ ଥିବା ବେଳେ ଟିଭି କିମ୍ବା ମୋବାଇଲ୍‌ରେ ଗୀତ ଦେଖିବା ମାତ୍ରେ ଖୁସିରେ ଝୁମି ଝୁମି ନାଚି ଉଠୁଥିଲେ । ଝିଅର ଏହି ଆଗ୍ରହ ଦେଖି ମା'ବାପା ମଧ୍ୟ ଯୋଗାଇ ଦେଇଥିଲେ ଆଗକୁ ବଢ଼ିବାର ପ୍ରେରଣା ଏବଂ ଆରମ୍ଭ କରାଇଥିଲେ ତାଙ୍କ ନୃତ୍ୟ ଶିକ୍ଷା । ସମ୍ବଲପୁରୀଠାରୁ ଆରମ୍ଭ କରି ବିଭିନ୍ନ ସେମିକ୍ଲାସିକାଲ୍ ଏବଂ ମଡର୍ନ ଡାନ୍ସ ପର୍ଯ୍ୟନ୍ତ ସବୁଥିରେ ସେ ନିପୁଣା । ଯେଉଁଥିପାଇଁ ଯାଜପୁର ଏବଂ ଆଖପାଖ ଅଞ୍ଚଳରେ ଆୟୋଜିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଖୋଜାପଡନ୍ତି ସେ । କେବଳ ଏତିକି ନୁହେଁ, ରାଜ୍ୟର ଅନ୍ୟାନ୍ୟ ସ୍ଥାନ ସମେତ ବାହାର ରାଜ୍ୟରେ ମଧ୍ୟ ସେ ନିଜର ନୃତ୍ୟ ଝଲକ ଦେଖାଇ ପ୍ରଶଂସିତ ହୋଇପାରିଛନ୍ତି । ବର୍ତ୍ତମାନ ସୁଦ୍ଧା ତାଙ୍କୁ ମିଳିଛି ଭିଲାଇରୁ ଇଣ୍ଟରନ୍ୟାଶନାଲ୍ କଲ୍ଚରାଲ୍ ଏକ୍ସିଲେନ୍ସି ଆୱାର୍ଡ, କଳା ବୈଭବ ସମ୍ମାନ, ଦେଶୀ ରାଗରେ ପ୍ରଥମ ପୁରସ୍କାର, ସୌରିକ ଯୁବ ମହୋତ୍ସବ ସମ୍ମାନ, ବ୍ୟାସନଗରରୁ ବ୍ୟାସଗୌରବ ସମ୍ମାନ, କଳିଙ୍ଗନଗରରେ ଆୟୋଜିତ କଳିଙ୍ଗ ଯୁବ ମହୋତ୍ସବରେ ସମ୍ମାନ ସମେତ ଅନେକ ପୁରସ୍କାର । ଏହା ବ୍ୟତୀତ ଡାମରା ରାବି ଦେଲା ଲୋ, ଏ ପାନ୍ ବାଲା ବାବୁ, ରଙ୍ଗବତୀ ଭଳି ୧୦ରୁ ଊର୍ଦ୍ଧ୍ୱ ହିଟ୍ ଓଡିଆ ଆଲବମ୍‌ର କିଡ୍ସ ଭର୍ସନ କରି ୟୁଟ୍ୟୁବ୍‌ରେ ଦର୍ଶକଙ୍କଠାରୁ ବେଶ୍ ପ୍ରଶଂସା ସାଉଁଟିଛନ୍ତି । ନୃତ୍ୟ ବ୍ୟତୀତ ସେ କରାଟେରେ ମଧ୍ୟ ନିଜ ଭଲ ପ୍ରଦର୍ଶନ ଦେଖାଇ ନିକଟରେ ୟେଲୋ ବେଲ୍ଟ ହାସଲ କରିଛନ୍ତି । ବର୍ତ୍ତମାନ ବ୍ୟାସନଗର କେନ୍ଦ୍ରୀୟ ବିଦ୍ୟାଳୟରେ ୨ୟ ଶ୍ରେଣୀରେ ପଢୁଥିବା ତେଜସ୍ୱିନୀ ଭବିଷ୍ୟତରେ ଜଣେ ଅନ୍ତର୍ଜାତୀୟ ସ୍ତରୀୟ ନୃତ୍ୟଶିଳ୍ପୀ ହେବା ସହ ପେସାରେ ଜଣେ ଆଇପିଏସ୍ ଅଫିସର ହେବାକୁ ଲକ୍ଷ୍ୟ ରଖିଛନ୍ତି । ସେ ନିଜର ପ୍ରତିଟି ସଫଳତା ପଛରେ ଅଭିଭାବକ ବିଶେଷ କରି ନିଜ ମା'ଙ୍କ ପ୍ରେରଣା ଏବଂ ଆଶୀର୍ବାଦ ରହିଥିବା କୁହନ୍ତି ।



ଆରଏନ୍ ତେଜସ୍ୱିନୀ

## ଆସ ଜାଣିବା

# ଆମାଜନ୍ ବର୍ଷାବନର ମାଳୀ

**ନିକୁଞ୍ଜ ବିହାରୀ ସାହୁ**

"ଘୁଷୁରି ଭଳି ଦେଖାଯାଉଥିବା ଏହି ତୃଣଭୋଜୀ ଜୀବ ଟେପିର ଗୋବର ଅନେକ ବୃକ୍ଷଲତାର ବୀଜରେ ପରିପୂର୍ଣ୍ଣ, ଯାହା ଆଗାମୀ ଦିନରେ ଲୁପ୍ତପ୍ରାୟ ଆମାଜନ୍ ଜଙ୍ଗଲକୁ ଶସ୍ୟଶ୍ୟାମଳା କରିବାରେ ସହାୟକ ହେବ ବୋଲି ବିଶ୍ୱାସ କରାଯାଏ । ସେଥିପାଇଁ ସେ ଏହି ଜୀବକୁ 'ଆମାଜନ୍ ବର୍ଷାବନର ମାଳୀ' ବୋଲି ଆଖ୍ୟା ଦେଇଛନ୍ତି ।"

ଆମାଜନ୍ ବର୍ଷାବନର ଜୈବ ବିବିଧତା ଏବଂ ସମ୍ପଦ ଉପରେ ଗବେଷଣା କରୁଥିବା ଜଣେ ବ୍ରାଜିଲ୍ ବିଶ୍ୱବିଦ୍ୟାଳୟର ଜଣେ ପରିବେଶବିତ୍ ଲୁକାସ୍ ପାଓଲୁକି ଟେପିର ( Tapir) ନାମକ ଏକ ଜୀବକୁ ବିଲୁପ୍ତିର ପଥେ ଅଗ୍ରସର ହେଉଥିବା ବର୍ଷାବନର ତ୍ରାଣକର୍ତ୍ତା ସାଜିବ ବୋଲି ସିଦ୍ଧାନ୍ତରେ ପହଞ୍ଚିଛନ୍ତି । ସେ ଏବେ ଜଙ୍ଗଲରୁ ଏହି ଜୀବର ଗୋବର ସଂଗ୍ରହ କରି ପରୀକ୍ଷା ନିରୀକ୍ଷାରେ ଲାଗିଛନ୍ତି । ତେବେ ପ୍ରଶ୍ନ ଉଠେ : ଏହି ଜୀବର ଗୋବରରେ କ'ଣ ଅଛି ଯାହା ଆମାଜନ୍ ବର୍ଷାବନ ପାଇଁ ଆଗାମୀ ଦିନରେ ବରଦାନ ସାବ୍ୟସ୍ତ ହେବ ?

ଏହି ଜୀବର ଗୋବରରେ ସମଗ୍ର ପୃଥିବୀର ଫୁସ୍‌ଫୁସ୍ ବୋଲି କୁହାଯାଉଥିବା ଆମାଜନ୍ ବର୍ଷାବନର ପୁନରୁଦ୍ଧାର ଓ ନବଜୀବନ ପ୍ରାପ୍ତିର ରହସ୍ୟ ଲୁକ୍କାୟିତ ଥିବାର ଜଣା ପଡିଛି । ସଂପ୍ରତି ଜଙ୍ଗଲକଟା, ଅନିୟନ୍ତ୍ରିତ ପଶୁଚାରଣ, କୃଷି ତଥା ସହରୀକରଣ ନିମନ୍ତେ ଜଙ୍ଗଲପୋଡି ଭଳି ମନୁଷ୍ୟକୃତ କାର୍ଯ୍ୟକଳାପ ଯୋଗୁଁ ଆମାଜନ ଜଙ୍ଗଲ ଏବେ ଦ୍ରୁତ ସଙ୍କୁଚିତ ହେବାକୁ ଯାଉଛି । ଏହି ଧାରା ଅବ୍ୟାହତ ରହିଲେ, ଏହି ଜଙ୍ଗଲର ଏକ ବଡ ଭାଗ ଆଗାମୀ ୨୦୬୪ ମସିହା ବେଳକୁ ସମ୍ପୂର୍ଣ୍ଣ ବିଲୁପ୍ତ ହୋଇଯିବ ବୋଲି ଆଶଙ୍କା କରାଯାଏ । ଆଉ ଏହି ସଙ୍କଟ ଜନକ ପରିସ୍ଥିତିରୁ ବର୍ଷାବନକୁ ବିଲୁପ୍ତିର ପଥରୁ ରକ୍ଷା କରିବାରେ ବିଚିତ୍ର ଜୀବ ଟେପିର ସହାୟକ ହେବ ବୋଲି ସେ ଭରସା ଦେଇଛନ୍ତି ।



ଟେପିର ଏକ ତୃଣଭୋଜୀ ଜୀବ । ଏହାର ଲମ୍ବ ୬.୫ ଫୁଟ , ଉଚ୍ଚତା ପ୍ରାୟ ୩ ଫୁଟ ଏବଂ ଓଜନ ୧୫୦ କି.ଗ୍ରା. ରୁ ୩୦୦ କି.ଗ୍ରା । ଏହି ଜୀବର ଥାଏ ଛୋଟ ଛୋଟ ଗୋଡ, ଧଳା ଦାଗ ଥିବା ଚେପେଟା କାନ, ଗୋଲାକାର ପଦାକୁ ବାହାରିଥିବା ପଶ୍ଚାତଭାଗ, ଗହଳ ଲାଞ୍ଜ ଏବଂ ଚଉଡା ଖୁରାୟୁକ୍ତ ପାଦ ଯାହା ତାହାକୁ କାଦୁଅ କିମ୍ବା ନରମ ମାଟିରେ ସହଜରେ ଚାଲିବା ପାଇଁ ସାହାଯ୍ୟ କରେ । ଏହା ନିଜର ଥୋମଣିକୁ ଅକ୍ଲେଶରେ ଚାରିପଟକୁ ଘୂରାଇ ଏବଂ ଆଗକୁ ଲମ୍ବେଇ ଗଛର ଡାଳପତ୍ର ଖାଇପାରେ । ଜୀବଟି ଏକ ଶୁଣ୍ଢ ଥିବା ଘୁଷୁରି ସଦୃଶ ଦେଖାଯାଉଥିଲେ ସୁଦ୍ଧା ବଂଶାନୁକ୍ରମିକ ଭାବେ ଏହା ଘୋଡା କିମ୍ବା ଗଣ୍ଡାର ପୂର୍ବଜ ବୋଲି ଜଣାଯାଏ । ଲୁକାସଙ୍କ ମତରେ, ଘୁଷୁରି ଭଳି ଦେଖାଯାଉଥିବା ଏହି ତୃଣଭୋଜୀ ଜୀବ ଟେପିର ଗୋବର ଅନେକ ବୃକ୍ଷଲତାର ବୀଜରେ ପରିପୂର୍ଣ୍ଣ ଯାହା ଆଗାମୀ ଦିନରେ ଲୁପ୍ତପ୍ରାୟ ଆମାଜନ୍ ଜଙ୍ଗଲକୁ ଶସ୍ୟଶ୍ୟାମଳା କରିବାରେ ସହାୟକ ହେବ ବୋଲି ବିଶ୍ୱାସ କରାଯାଏ । ସେଥିପାଇଁ ସେ ଏହି ଜୀବକୁ 'ଆମାଜନ୍ ବର୍ଷାବନର ମାଳୀ' ବୋଲି ଆଖ୍ୟା ଦେଇଛନ୍ତି । ଏହି ଜୀବ ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲ ମଧ୍ୟରେ ଦୈନିକ ୧୨ ମାଇଲ ପଥ ଅତିକ୍ରମ କରି ବୀଜ ଥିବା ୩୦୦ରୁ ଅଧିକ ପ୍ରଜାତିର ବୃକ୍ଷଲତାର ଫଳମୂଳ ଭୋଜନ କରିଥାଏ ।

ଲୁକାସ୍ ଗବେଷଣା ଆରମ୍ଭ ଦିନଠାରୁ ଆମାଜନ୍ ବର୍ଷାବନରେ କ୍ୟାମେରା ଟ୍ରାପ୍ ସ୍ଥାପନ କରି ଏହି ଜୀବର ଗତିବିଧିକୁ ଲକ୍ଷ୍ୟ କରିବା ସହିତ ଏହା ମଳତ୍ୟାଗ କରୁଥିବା ସ୍ଥାନକୁ ଚିହ୍ନଟ କରିଛନ୍ତି । ମାତ୍ର ଗବେଷଣାର ସବୁଠାରୁ କଠିନ କାମ ଥିଲା ଜୀବଟିର ଗୋବରକୁ ଏକାଠି କରି ସେଥିରେ ସଞ୍ଚିତ ବୀଜସବୁକୁ ଛାଣି ଅଲଗା କରିବା । ଜୀବଟିର ଗୋବରରେ ଏହି ସବୁ ଗଛର ପ୍ରାୟ ୧,୩୦,୦୦୦ ବୀଜରୁ ମାତ୍ର ୧% ନଷ୍ଟ ହୋଇ ବାକି ସବୁ ସୁରକ୍ଷିତ ଥାଏ ବୋଲି ଗବେଷଣାରୁ ଜଣା ପଡିଛି । ଆହୁରି ମଧ୍ୟ, ବୁରଲେଲେ ନାମକ ଏକ କୀଟ ଏହି ଗୋବରକୁ ପିଣ୍ଡୁଳା ପିଣ୍ଡୁଳା କରି ଗଡେଇ ଗଡେଇ ବୀଜକୁ ବହୁ ଦୂର ସ୍ଥାନାନ୍ତରିତ କରିବାରେ ସାହାଯ୍ୟ କରେ ବୋଲି ଜଣା ପଡିଛି । ଆହୁରି ମଧ୍ୟ, ଜୀବଟି ପୂର୍ଣ୍ଣାଙ୍ଗ ଜଙ୍ଗଲ ପରିବର୍ତ୍ତେ ଉଜୁଡା ଜଙ୍ଗଲ ମଧ୍ୟରେ ବେଶି ସମୟ ଅତିବାହିତ କରେ ବୋଲି ଗବେଷଣାରୁ ଜଣା ପଡିଛି । ସମୟକ୍ରମେ, ଜୀବଟିର ଗୋବରରେ ସଞ୍ଚିତ ଏହି ବୀଜସବୁ ବର୍ଷାପାଣି ପାଇ ଅଙ୍କୁରିତ ହୋଇ ନୂତନ ବୃକ୍ଷରେ ପରିଣତ ହୋଇ ବିଲୁପ୍ତିପଥର ଯାତ୍ରୀ ଉଜୁଡା ଆମାଜନ୍ ଜଙ୍ଗଲକୁ ସବୁଜିମାମୟ କରିବ ବୋଲି ବିଶ୍ୱାସ କରାଯାଏ ।

*– ଏଜୁକେଶନ୍ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ : ୮୯୧୭୬୩୭୯୭୪*

## ତୁମ ତୂଳୀରୁ



**ଆଶାଲଗ୍ନା ମହାନ୍ତି**
କ୍ଲାସ-୬,
ସାଇ ଅନନ୍ତ ଇଣ୍ଟରନ୍ୟାଶନାଲ ସ୍କୁଲ, ଧାମରା, ଭଦ୍ରକ



**ଅନିନ୍ଦ୍ୟ ଅରବିନ୍ଦ**
କ୍ଲାସ- ୭,
ଶ୍ରୀମଦ୍‌ଭଗବଦ୍ ଗୀତା ବିଦ୍ୟାମନ୍ଦିର, ନୟାପଲ୍ଲୀ, ଭୁବନେଶ୍ୱର



**ଦେବାଂଶୁ ଆଚାର୍ଯ୍ୟ**
କ୍ଲାସ୍-୧,
ଏସ.ଆର. ଡିଗି ସ୍କୁଲ ସୁଚିତ୍ରା, ହାଇଦ୍ରାବାଦ

## ଟଗଲା ଭୀମୁ



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୨ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ମେ ୧/୨୦୨୧ Sambalpur, Saturday, May 1/ 2021

# ପଞ୍ଜାବଠାରୁ ହାରିଲା ଆରସିବି

**ଅହମଦାବାଦ,୩୦।୪**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ୩୪ ରନରେ ପଞ୍ଜାବ କିଙ୍ଗ୍ସଠାରୁ ପରାସ୍ତ ହୋଇଛି। ସ୍ଥାନୀୟ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ପଞ୍ଜାବ ୨୦ ଓଭରରେ ୫ ଉଇକେଟ ହରାଇ ୧୭୯ ରନ କରିଥିଲା। ଜବାବରେ ଆରସିବି ୮ ଉଇକେଟ ହରାଇ ୧୪୫ ରନରେ ସୀମିତ ରହି ଆତ୍ମସମର୍ପଣ କରିଥିଲା। ବିଜୟ ସହ ପଞ୍ଜାବ ପଏଣ୍ଟ ତାଲିକାର ପଞ୍ଚମ ସ୍ଥାନକୁ ଉଠିଛି। ବାଙ୍ଗାଲୋର ବିପକ୍ଷରେ ପଞ୍ଜାବର ଏହା କ୍ରମାଗତ ତୃତୀୟ ବିଜୟ। ଗତ ସଂସ୍କରଣରେ ଦଳ ୨ଟି ଯାକ ଲିଗ୍ ମ୍ୟାଚ ଜିତିଥିଲା।

୧୮୦ ରନ ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରି ବାଙ୍ଗାଲୋର ଓପନର ଦେବଦତ୍ତ ପଡିକାଲ (୭ ରନ)ଙ୍କ ଉଇକେଟ ଶୀଘ୍ର ହରାଇଥିଲା। ଦ୍ୱିତୀୟ ଉଇକେଟରେ କୋହଲି ଓ ରଜତ ପଟିଦାର ୪୬ ବଲରୁ ୪୩ ରନକରି ସ୍ଥିତି ସମ୍ଭାଳିବାକୁ ପ୍ରୟାସ କରିଥିଲେ। ଦଳର ସ୍କୋର ୬୨ ଥିବା ବେଳେ ଦଳ କ୍ରମାଗତ ଭାବେ ଦୁଇଟି ମୂଲ୍ୟମାନ ଉଇକେଟ ହରାଇଥିଲା। ସ୍ପିନର ହରପ୍ରୀତ ବ୍ରାର ୧୧ତମ ଓଭରରେ ପ୍ରଥମ ଓ ଦ୍ୱିତୀୟ ବଲରେ କୋହଲି ଓ ଇନ୍‌ଫର୍ମ ଗ୍ଲେନ୍ ମ୍ୟାକ୍ସୱେଲଙ୍କୁ କ୍ଲିନ ବୋଲ୍ଡ କରିଥିଲେ। କୋହଲି ୩୪ ବଲରୁ ୩ ଚୌକା ଓ ୧ ଛକା ସହ ୩୫ ଓ ମ୍ୟାକ୍ସୱେଲ ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଅଭିଜ୍ଞ ଡିଭିଲର୍ସ ମାତ୍ର ୩ ରନ କରି ଆଉଟ ହେବାରୁ ଆରସିବି ପରାଜୟ ନିଶ୍ଚିତ ହୋଇ ଯାଇଥିଲା। ପଟିଦାର ୩୦ ବଲରୁ ୨ ଚୌକା ଓ ୧ ଛକା ସହ ୩୧ ରନକରି ଜୋର୍ଡାନଙ୍କ ଶିକାର ହୋଇଥିଲେ। ଶାହାବାଜ ଅହମଦ (୮ରନ) ଓ ଡାନିଏଲ ସାମ୍ସ (୩)ଙ୍କୁ ସ୍ପିନର ରବି ବିଷ୍ଣୋଇ କ୍ରମାଗତ ଦୁଇଟି ବଲରେ ଆଉଟ କରି ହ୍ୟାଟ୍ରିକ ସୁଯୋଗ ସୃଷ୍ଟି କରିଥିଲେ। ଶେଷ ଭାଗରେ ହର୍ଷଲ ପଟେଲ ୧୩ ବଲରୁ ୩ ଚୌକା, ୨ ଛକା ସହ ୩୧ ରନକରି ଆଉଟ ହୋଇଥିଲେ। କାଏଲ ଜେମିସନ ୧୧ ବଲରୁ ଗୋଟିଏ ଲେଖାଏ ଚୌକା, ଛକା ସହ ୧୬ ରନକରି ଅପରାଜିତ ରହିଥିଲେ। ପଞ୍ଜାବର ହରପ୍ରୀତ ୩, ବିଷ୍ଣୋଇ ୨, ରିଲେ ମେରେଡିଥ, ମହମ୍ମଦ ସାମି ଓ କ୍ରିସ ଜୋର୍ଡାନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ପଞ୍ଜାବ ଓପନର ପ୍ରଭସିମରନ ସିଂ(୭ ରନ)ଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ଝଟକା ଖାଇଥିଲେ ମଧ୍ୟ ୧ ଉଇକେଟ ହରାଇ ୯୯ ରନକରି ଭଲ ସ୍ଥିତିରେ ଥିଲା। ଦ୍ୱିତୀୟ ଉଇକେଟରେ ଅଧିନାୟକ ରାହୁଲ ଓ କ୍ରିସ୍ ଗେଲ୍ ୪୫ ବଲରୁ ଦ୍ରୁତ ୮୦ ରନ ସଂଗ୍ରହ କରିଥିଲେ। ତେବେ ଗେଲ୍ ଦ୍ରୁତ ୪୬ ରନ (୨୪ ବଲ, ୬ ଚୌକା, ୨ ଛକା) କରି ଡାନିଏଲ୍ ସାମ୍ସଙ୍କ ବଲ୍‌ରେ ଉଇକେଟକିପର ଏବି ଡିଭିଲର୍ସଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଇନିଂସର ଷଷ୍ଠ ଓଭରରେ ଗେଲ୍ କାଏଲ ଜେମିଶନଙ୍କ ବଲ୍‌ରେ ୫ଟି ଚୌକା ମାରିଥିଲେ। ଏହାପରେ ପଞ୍ଜାବ ମିଡ୍‌ଲ ଅର୍ଡରର ବିପର୍ଯ୍ୟୟ ଘଟିଥିଲା। ନିକୋଲାସ ପୁରନ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ପୁରନ ଚଳିତ ସଂସ୍କରଣରେ ଚତୁର୍ଥ ଥର ପାଇଁ ଶୂନରେ ଆଉଟ ହୋଇଛନ୍ତି। ଦୀପକ ହୁଡା ୫ ରନକରି ଆଉଟ ହେବାପରେ ଶାହରୁଖ ଖାଁ ବିନାସ୍କୋରରେ ପ୍ୟାଭିଲିୟନ ଫେରିଥିଲେ। ତେବେ ପଞ୍ଚମ ଉଇକେଟରେ ରାହୁଲ ଓ ହରପ୍ରୀତ ବ୍ରାର ୩୨ ବଲରୁ ଦ୍ରୁତ ଅପରାଜିତ ୬୧ ରନକରି ସ୍ଥିତି ସମ୍ଭାଳିବା ସହ ଦଳକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ଓପନିଂ କରିବାକୁ ଆସି ରାହୁଲ ୫୭ ବଲ ଖେଳି ୭ ଚୌକା ଓ ୫ ଛକା ସହ ୯୧ ରନକରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ୯ ରନ ପାଇଁ ଶତକରୁ ବଞ୍ଚିତ ହୋଇଥିବା ରାହୁଲ ଲଢୁଆ ବ୍ୟାଟିଂ କରି ଦଳକୁ ଏକ ଚ୍ୟାଲେଞ୍ଜିଂ ସ୍କୋରରେ ପହଞ୍ଚାଇଥିଲେ। ହରପ୍ରୀତ ବ୍ରାର ୧୭ ବଲରୁ ୧ ଚୌକା ଓ ୨ ଛକା ସହ ଅପରାଜିତ ୨୫ ରନକରି ରାହୁଲଙ୍କୁ ଉପଯୁକ୍ତ ସହାୟତା କରିଥିଲେ। ବାଙ୍ଗାଲୋର ତରଫରୁ ଜେମିସନ ୨, ସାମ୍ସ, ୟୁଜବେନ୍ଦ୍ର ଚହଲ ଓ ଶାହାବାଜ ଅହମଦ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ଲଢୁଆ ଇନିଂସ୍ ଅବସରରେ ଲୋକେଶ ରାହୁଲ।

### ହରପ୍ରୀତ ବ୍ରାର ମ୍ୟାନ୍ ଅଫ୍ ଦି ମ୍ୟାଚ୍

**ସଂକ୍ଷିପ୍ତ ସ୍କୋର**

କିଙ୍ଗ୍ସ ପଞ୍ଜାବ ୨୦ ଓଭରରେ ୧୭୯/୫ (ଲୋକେଶ ରାହୁଲ- ୯୧*, କ୍ରିସ୍ ଗେଲ୍- ୪୬, ହରପ୍ରୀତ ବ୍ରାର- ୨୫*, କାଏଲ ଜେମିଶନ- ୨/୩୨, ଡାନିଏଲ ସାମ୍ସ- ୧/୨୪, ୟୁଜବେନ୍ଦ୍ର ଚହଲ- ୧/୩୪, ଶାହାବାଜ ଅହମଦ- ୧/୧୧)। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୪୫/୮ (ବିରାଟ କୋହଲି- ୩୫, ରଜତ ପଟିଦାର- ୩୧, ହର୍ଷଲ ପଟେଲ- ୩୧, ହରପ୍ରୀତ ବ୍ରାର- ୩/୧୯, ରବି ବିଷ୍ଣୋଇ- ୨/୧୭)।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଚେନ୍ନାଇ ସୁପରକିଙ୍ଗ୍ସ | ୬ | ୫ | ୧ | ୧୦ | +୧.୪୭୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୭ | ୫ | ୨ | ୧୦ | +୦.୪୬୬ |
| ରୟାଲ ଚ୍ୟାଲେଞ୍ଜର୍ସ | ୭ | ୫ | ୨ | ୧୦ | -୦.୧୭୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୬ | ୩ | ୩ | ୬ | +୦.୦୭୧ |
| ପଞ୍ଜାବ କିଙ୍ଗ୍ସ | ୭ | ୩ | ୪ | ୬ | -୦.୨୬୪ |
| ନାଇଟ ରାଇଡର୍ସ | ୭ | ୨ | ୫ | ୪ | -୦.୪୯୪ |
| ରାଜସ୍ଥାନ ରୟାଲ୍ସ | ୬ | ୨ | ୪ | ୪ | -୦.୬୯୦ |
| ସନ୍‌ରାଇଜର୍ସ | ୬ | ୧ | ୫ | ୨ | -୦.୨୬୪ |

# ଧାୱନ, ପୁରନ, ଉନାଡକଟଙ୍କ ସହାୟତା



ଶିଖର ଧାୱନ



ଜୟଦେବ ଉନାଡକଟ



ନିକୋଲାସ ପୁରନ

**ନୂଆଦିଲ୍ଲୀ,୩୦।୪(ପି.ଟି.):** କୋଭିଡି-୧୯ ମହାମାରୀ ଲଢେଇରେ ଏବେ ଜଣକ ପରେ ଜଣେ କ୍ରିକେଟର ସାମିଲ ହେବାକୁ ଆଗକୁ ବାହରିଛନ୍ତି। ପଞ୍ଜାବ କିଙ୍ଗ୍ସ ତଥା ୱେଷ୍ଟ ଇଣ୍ଡିଜ ବ୍ୟାଟ୍ସମ୍ୟାନ ନିକୋଲାସ ପୁରନ କୋଭିଡ୍ ମୁକାବିଲା ପାଇଁ ନିଜ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପାଉଣାର କିଛି ଅଂଶ ଦାନ କରିବେ ବୋଲି କହିଛନ୍ତି। ଭାରତୀୟ ନାଗରିକମାନେ ଟୀକା ନେବା ଉଚିତ ଓ ଟୀକାକରଣରେ ନିଜକୁ ସାମଲ କରନ୍ତୁ ବୋଲି ୨୫ ବର୍ଷୀୟ ପୁରନ ନିବେଦନ କରିଛନ୍ତି। ଭାରତରେ କରୋନା ସ୍ଥିତି ଉଦ୍‌ବେଗଜନକ ବୋଲି ସେ କହିଛନ୍ତି।

ସେହିପରି ରାଜସ୍ଥାନ ରୟାଲ୍ସ ଦ୍ରୁତ ବୋଲର ଜୟଦେବ ଉନାଡକଟ କରୋନା ଲଢେଇରେ ସହାୟତା ପ୍ରଦାନ କରିବେ ବୋଲି କହଛନ୍ତି। ସେ ତାଙ୍କ ଆଇପିଏଲ୍ ପାଉଣାର ୧୦ ପ୍ରତିଶଦ ଦାନ କରିବେ ବୋଲି କହିଛନ୍ତି। ୨୯ ବର୍ଷୀୟ ଗୁଜରାଟର ଏହି ଦ୍ରୁତ ବୋଲର ଟୁଇଟ କରି ଏ ନେଇ ଜଣାଇଛନ୍ତି। ଭାରତରେ କୋରୋନା ସ୍ଥିତି ଏବେ ଉଦ୍‌ବେଗଜନକ ରହିଛି। ତେଣୁ ସମେତ ଏକାଠି ହୋଇ ଏହି ମହାମାରୀ ବିରୋଧାର ଲଢେଇ ଜାରି ରଖିବା ଉଚିତ ବୋଲି ସେ ମତ ଦେଇଛନ୍ତି।

ଅଭିଜ୍ଞ ଭାରତୀୟ ତଥା ଦିଲ୍ଲୀ କ୍ୟାପିଟାଲ୍ସ ଓପନର ଶିଖର ଧାୱନ ୨୦ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଅକ୍ସିଜେନ ସିଲିଣ୍ଡର କିଣିବା ପାଇଁ ସେ ଏକ ଏନ୍‌ଜିଓକୁ ଏହି ପରିମାଣର ଅର୍ଥ ପ୍ରଦାନ କରିଛନ୍ତି। କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକର ମଧ୍ୟ ୧ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଧାୱନ ମଧ୍ୟ ବିଭିନ୍ନ ଆଇପିଏଲ୍ ମ୍ୟାଚ୍‌ରେ ପାଇବାକୁ ଥିବା ସବୁ ପୁରସ୍କାର ରାଶି ଟୁର୍ନାମେଣ୍ଟ ଶେଷରେ ଦାନ କରିବେ ବୋଲି କହିଛନ୍ତି। କରୋନା ଲଢେଇରେ ସାମିଲ ଥିବା ସବୁ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀ ଓ ଅନ୍ୟମାନଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି। ଦେଶ ସ୍ୱାସ୍ଥ୍ୟ ସଙ୍କଟ ଦେଇ ଗତି କରୁଥିବାରୁ ସମସ୍ତେ ଏକାଠି ହୋଇ ଲଢିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ପୂର୍ବରୁ ଅଷ୍ଟ୍ରେଲିଆର ପ୍ୟାଟ୍ କୁମିନ୍ସ ପିଏମ୍ କେୟାର୍ସ ଫଣ୍ଡକୁ ୫୦, ୦୦୦ ଆମେରିକୀୟ ଡଲାର ପ୍ରଦାନ କରିଛନ୍ତି। ସେହିପରି ଅଷ୍ଟ୍ରେଲିଆନ କ୍ରିକେଟ ମିଡିଆ (୪୨୦୦ ଡଲାର), ରାଜସ୍ଥାନ ରୟାଲ୍ସ (୭.୫), ଦିଲ୍ଲୀ କ୍ୟାପିଟାଲ୍ସ (୧.୫ କୋଟି) ମଧ୍ୟ ସାହାଯ୍ୟ ପ୍ରଦାନ କରିଛନ୍ତି।

# ଅଦୃଶ୍ୟ ଶତ୍ରୁ

**ଭିଭିଏସ୍ ଲକ୍ଷ୍ମଣ**

ଆମ ଦେଶରେ କରୋନା ମହାମାରୀର ଦ୍ୱିତୀୟ ଲହର ନାହିଁ ନ ଥିବା ପରିସ୍ଥିତି ସୃଷ୍ଟି କରିଛି। ଏହି ଅଦୃଶ୍ୟ ଶତ୍ରୁ ବିରୋଧରେ ବିଜୟ ହାସଲ କରିବାକୁ ହେଲେ ଦଳଗତ କାର୍ଯ୍ୟର ଆବଶ୍ୟକତା ରହିଛି। ସହାୟତା ପାଇଁ ବିଭିନ୍ନ ଉପାୟ ରହିଛି। ଅକ୍ସିଜେନ, ଅତ୍ୟାବଶ୍ୟକ ଔଷଧ, ଶଯ୍ୟା ଯୋଗାଣ ହେଉ, କିଛି ନ ହେଲେ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯାଇପାରିବ । ଫ୍ରଣ୍ଟଲାଇନ୍ ୱାର୍କରଙ୍କୁ ଯେତେ ଅବା ପ୍ରଶଂସା କଲେ ତାହା କମ୍ ହେବ। ଏକ ଡାକ୍ତର ପରିବାରରେ ମୋର ଜନ୍ମ ହୋଇଥିବାରୁ ଅନେକ କିଛି ଏ ବିଷୟରେ ମୁଁ ଜାଣିପାରିଛି। ମେଡିକାଲ ଓ ଫ୍ରଣ୍ଟଲାଇନ୍ କର୍ମଚାରୀଙ୍କ ପ୍ରତି ମୋର ଖୁବ୍ ସମ୍ମାନ ରହିଛି। କରୋନା ଭାଇରସ ବିରୋଧରେ ସେମାନେ ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରୁଛନ୍ତି। ସପ୍ତାହ ସପ୍ତାହ ଧରି ସେମାନେ ନିଜ ପରିବାରଠାରୁ ଦୂରରେ ରହୁଛନ୍ତି। ଅନ୍ୟଦେଶଗୁଡ଼ିକ ଯେପରି ଭାରତକୁ ସହାୟତାର ହାତ ବଢ଼ାଇଛନ୍ତି ସେତେଯେପରି ମନେହେଉଛି ଏହା ଏକ ସାଧାରଣ ଯୁଦ୍ଧ ନୁହେଁ ସମଗ୍ର ବିଶ୍ୱର ଯୁଦ୍ଧ। ଜଣେ ଭାରତୀୟ ଭାବେ ମୁଁ ନିଜେ ଗୌରବ ଅନୁଭବ କରେ। ଯେଉଁମାନେ ସହାୟତାର ହାତ ବଢ଼ାଇଛନ୍ତି ସେମାନଙ୍କ ନିକଟରେ ମୁଁ କୃତଜ୍ଞ। ମୋର ଉତ୍ତମ ବନ୍ଧୁ ବ୍ରେଟ୍ ଲି ଓ ପ୍ୟାଟ୍ କୁମିନ୍ସଙ୍କୁ ମୁଁ ଧନ୍ୟବାଦ ଦେବି। ଏହାଛଡ଼ା ଉସନେ ବୋଲ୍ଟ, ଲୁଇସ୍ ହାମିଲଟନ, ଶୋଏବ ଅଖତର ଓ ବାବର ଆଜମଙ୍କ ସମେତ ବହୁ ସେଲିବ୍ରିଟି କ୍ରୀଡ଼ାବିତ୍ ସହାନୁଭୂତିମୂଳକ ବାର୍ତ୍ତାମାନ ପଠାଇଛନ୍ତି। ଅନ୍ୟପକ୍ଷରେ ଚଳିତ ଆଇପିଏଲ୍‌ରେ ସନରାଇଜର୍ସ ହାଇଦ୍ରାବାଦର ଆରମ୍ଭ ଭଲ ହୋଇପାରି ନାହିଁ। ଏହା ମୋତେ ଖୁବ୍ ବାଧୁଛି। ତାହାର ଅନୁଭବ ପ୍ରକାଶ କରିହେବନି। କିନ୍ତୁ ଦଳର ମେଣ୍ଟର ହିସାବରେ ମୋତେ ସକାରାତ୍ମକ ଓ ବାସ୍ତବବାଦୀ ହେବାକୁ ପଡ଼ିବ। (**ଗେମ୍‌ପ୍ଲାନ**)




# ଯୁବ ଫୁଟ୍‌ବଲର ସୂରଜଙ୍କ ପରଲୋକ



**ଭୁବନେଶ୍ୱର, ୩୦।୪ (କ୍ରୀଡ଼ା ପ୍ରତିନିଧି):** ରାଜ୍ୟର ଯୁବ ଫୁଟ୍‌ବଲ ଖେଳାଳି ସୂରଜ ହାଁସଦାଙ୍କର ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ରାଉରକେଲାରେ ପରଲୋକ ଘଟିଛି। ସେ କିଛିଦିନ ହେଲା ଅସୁସ୍ଥ ଥିଲେ। ମୃତ୍ୟୁବେଳକୁ ତାଙ୍କୁ ୨୨ ବର୍ଷ ହୋଇଥିଲା। ସେ ଜୁନିୟର ସ୍ତରରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଏହା ବ୍ୟତୀତ ରାଜ୍ୟର କେତେକ କ୍ଲବରୁ ଖେଳିବାର ଅଭିଜ୍ଞତା ରଖିଥିଲେ। ନିଜ ପରିବାରରେ ସର୍ବକନିଷ୍ଠ ସୂରଜଙ୍କର ୩ ଭାଇ ଓ ଜଣେ ଭଉଣୀ ଅଛନ୍ତି। ସୂରଜଙ୍କ ପରଲୋକରେ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି।

# ସୁମୋ ରେସ୍‌ଲରଙ୍କ ମୃତ୍ୟୁ

**ଟୋକିଓ, ୩୦।୪ (ଏପି):** ଜାପାନର ଜଣେ ସୁମୋ ରେସ୍‌ଲର ମିତ୍‌ସୁକି ଆମାନୋଙ୍କ ୨୮ବର୍ଷ ବୟସରେ ମୃତ୍ୟୁ ଘଟିଛି। ମାର୍ଚ୍ଚ ୨୬ରେ ଏକ ଟୁର୍ନାମେଣ୍ଟରେ ବାଉଟ୍ ବେଳେ ପ୍ରତିପକ୍ଷ ଯୋଦ୍ଧା ତାଙ୍କୁ ତଳେ କଚାଡ଼ି ପକାଇ ଦେଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସେ ବହୁ ସମୟ ଧରି ତଳେ ପଡ଼ି ରହିଥିଲେ। ଘଟଣାସ୍ଥଳରେ ଆଶୁ ଚିକିତ୍ସା ପାଇଁ କୌଣସି ବ୍ୟବସ୍ଥା ନ ଥିଲା। ଚିକିତ୍ସକ ଦଳ ଆସିବାରେ ବିଳମ୍ବ ଘଟିଥିଲା। ଘଟଣାର ଏକ ମାସ ପରେ ଶ୍ୱାସ ପ୍ରକ୍ରିୟାରେ ସମସ୍ୟା ଦେଖାଦେବାରୁ ଗତ ବୁଧବାର ତାଙ୍କର ପ୍ରାଣହାନି ଘଟିଛି। ଜାପାନ ସୁମୋ ଆସୋସିଏଶନ ଶୁକ୍ରବାର କହିଛି ମିତ୍‌ସୁକିଙ୍କ ମୃତ୍ୟୁ ଇଞ୍ଜୁରି ଅବା ଅନ୍ୟ କୌଣସି କାରଣରୁ ହୋଇଛି ତାହା ସ୍ପଷ୍ଟ ହୋଇପାରି ନାହିଁ।

# ଶ୍ରୀଲଙ୍କା ୪୬୯/୬

**ପାଲିକେଲ, ୩୦।୪ (ଏପି)**

ବାଂଲାଦେଶ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟର ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଶ୍ରୀଲଙ୍କା ୬ ଉଇକେଟ ବିନିମୟରେ ୪୬୯ ରନ କରିଛି। ଉଇକେଟକିପର ବ୍ୟାଟ୍ସମ୍ୟାନ ନିରୋଶାନ ଡିକ୍‌ୱେଲା ୬୪ ରନ ଏବଂ ରମେଶ ମେଣ୍ଡିସ ୨୨ ରନ କରି ଅପରାଜିତ ରହିଛନ୍ତି। ଉଭୟେ ୭ମ ଉଇକେଟରେ ୮୭ରନ ଯୋଗ କରିସାରିଛନ୍ତି। ସକାଳ ସେସନରେ ଓଶାଡା ଫର୍ନାଣ୍ଡୋ ଓ ଲାହିରୁ ଥିରିମାନେ (୧୪୦) ଦ୍ୱିତୀୟ ଉଇକେଟରେ ୧୦୪ ରନ ଯୋଗ କରିଥିଲେ। ଘରୋଇ ଦଳ ପ୍ରଥମ ଦିବସରେ ୧ ଉଇକେଟ ବିନିମୟରେ ୨୯୧ ରନ କରିଥିଲା। ଥିରିମାନେ ୧୩୧ ଓ ଫର୍ନାଣ୍ଡୋ ୪୦ ରନ କରି ଅପରାଜିତ ରହିଥିଲେ।

**ସଂକ୍ଷିପ୍ତ ସ୍କୋର**

**ଶ୍ରୀଲଙ୍କା ପ୍ରଥମ ଇନିଂସ:** ୪୬୯/୬ (ଲାହିରୁ ଥିରିମାନେ-୧୪୦, ଦିମୁଥ କରୁଣାରତ୍ନେ-୧୧୮, ଓଶାଡା ଫର୍ନାଣ୍ଡୋ-୮୧,ନିରୋଶାନଡିକୱେଲା-୬୪*; ତସ୍କିନ ଅହମଦ-୩/୧୧୯)।

# ଟି୨୦ ବିଶ୍ୱକପ ଭେନ୍ୟୁ ୫କୁ କମିପାରେ

**ନୂଆଦିଲ୍ଲୀ, ୩୦।୪(ପି.ଟି.)**

ଦେଶରେ କୋଭିଡ୍-୧୯ ସଂକ୍ରମଣ ବଢୁଥିଲେ ହେଁ ଆସନ୍ତା ଅକ୍ଟୋବରରେ ହେବାକୁଥିବା ଟି୨୦ କ୍ରିକେଟ ବିଶ୍ୱକପ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ହେବାନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦୃଢ଼ ଆଶାବାଦୀ। ତେବେ ପୂର୍ବରୁ ଏହା ୯ଟି ଭେନ୍ୟୁରେ ହେବାକୁ ଥିବାବେଳେ ଏବେ ଏହି ସଂଖ୍ୟା ୫କୁ କମାଇ ଦେବାକୁ ଚିନ୍ତା କରାଯାଉଛି। ତେବେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ଗତ ୧ ବର୍ଷ ହେଲା ୟୁଏଇକୁ ବ୍ୟାକ୍‌ଅପ୍ ଭେନ୍ୟୁ ଭାବେ ପ୍ରସ୍ତୁତ ରଖିଛି। ବର୍ତ୍ତମାନ ଇଣ୍ଡିଆନ ପ୍ରିମିୟର ଲିଗ୍ ବିଭିନ୍ନ ବାୟୋ-ବବ୍‌ଲ ପରିବେଶରେ ଅନୁଷ୍ଠିତ ହେଉଛି। ମାତ୍ର ଆଇସିସି ଟୁର୍ନାମେଣ୍ଟ ଅବସରରେ ବିସିସିଆଇ ବଡ଼ ପରୀକ୍ଷାର ସମ୍ମୁଖୀନ ହେବ। "ପ୍ରତିଯୋଗିତା ହେବା ପାଇଁ ୫ ମାସ ଥିବାରୁ ଦେଶର ଅନେକ ଲୋକ ଟିକା ନେଇ ସାରିଥିବେ। ତେଣୁ ଆମେ ଟି୨୦ ବିଶ୍ୱକପ ଆୟୋଜନ କରିବାନେଇ ଏବେ ମଧ୍ୟ ଆଶାବାଦୀ ଅଛୁ। ତେବେ ଭେନ୍ୟୁ ସଂଖ୍ୟା କାଟଛାଣ୍ଟ କରାଯାଇ ୫ରେ ସୀମିତ ରଖାଯିବ" ବୋଲି ଜଣେ ସିନିୟର ବିସିସିଆଇ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଏକ ଆଇସିସି ଟିମ୍ ଏପ୍ରିଲ ୨୬ରେ ଦିଲ୍ଲୀ ଆସି ଆଇପିଏଲ ପାଇଁ ହୋଇଥିବା ଜୈବ-ସୁରକ୍ଷିତ ବ୍ୟବସ୍ଥାକୁ ଅନୁଧ୍ୟାନ କରିବାର ଥିଲା। ମାତ୍ର ବିମାନ ବାତିଲ ଯୋଗୁ ଏହାକୁ ସ୍ଥଗିତ ରଖାଯାଇଛି। ସ୍ଥିତି ସ୍ୱାଭାବିକ ହେଲେ ସେମାନେ ଆସି ବ୍ୟବସ୍ଥାର ଅନୁଧ୍ୟାନ କରିବେ ବୋଲି ଉକ୍ତ ବିସିସିଆଇ କର୍ମକର୍ତ୍ତା କହିଛନ୍ତି।

ୟୁଏଇକୁ ବ୍ୟାକ୍‌ଅପ୍ ଭେନ୍ୟୁ ରଖାଯାଇଛି ବୋଲି ବିସିସିଆଇର ଜେନେରାଲ ମ୍ୟାନେଜର (ଗେମ୍ ଡେଭ୍‌ଲପ୍‌ମେଣ୍ଟ) ଧୀରଜ ମାଲହୋତ୍ରା ପ୍ରକାଶ କରିଛନ୍ତି। ନିୟମ ଅନୁସାରେ




ୟୁଏଇକୁ ସବୁବେଳେ ଦ୍ୱିତୀୟ ପସନ୍ଦ ଭେନ୍ୟୁ ରଖାଯାଇଥାଏ ବୋଲି ଅନ୍ୟ ଜଣେ କର୍ମକର୍ତ୍ତା କହିଛନ୍ତି। ସାଧାରଣତଃ ଶ୍ରୀଲଙ୍କା ଏବଂ ବାଂଲାଦେଶ ପରି ଦେଶରେ ଆଇସିସି ଟି୨୦ ବିଶ୍ୱକପ ୩ କିମ୍ବା ୪ ଭେନ୍ୟୁରେ ହୋଇଥାଏ। ମାତ୍ର ବୋର୍ଡ ରାଜନୀତି ଏବଂ ଏ ସମ୍ପର୍କିତ ବାଧ୍ୟବାଧକତା ଯୋଗୁ ଭାରତରେ ତାହା ସମ୍ଭବ ହୋଇ ନ ଥାଏ। ୨୦୧୧ ଦିନିକିଆ ବିଶ୍ୱକପ ଏବଂ ୨୦୧୬ ଟି୨୦ ବିଶ୍ୱକପ ସମୟରେ ଆୟୋଜକ କମିଟିରେ ସ୍ଥାନ ପାଇଥିବା ଜଣେ ପୂର୍ବତନ ବିସିସିଆଇ କର୍ମକର୍ତ୍ତା ଏ ସମ୍ପର୍କରେ ସ୍ପଷ୍ଟ କରିଛନ୍ତି।

### ଆଜିର ମ୍ୟାଚ

ମୁମ୍ବାଇ ଇଣ୍ଡିଆନ୍ସ
ବନାମ
ଚେନ୍ନାଇ ସୁପରକିଙ୍ଗ୍ସ



ସ୍ଥାନ : ନୂଆଦିଲ୍ଲୀ
ସମୟ : ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# 'ଶୁଟର ଦିଦି' ପ୍ରେରଣାର ଉତ୍ସ ହୋଇ ରହିବେ

**ନୂଆଦିଲ୍ଲୀ, ୩୦।୪ (ପି.ଟି.):** ବିଶ୍ୱର ସବୁଠାରୁ ବୟସ୍କା ଶାର୍ପଶୁଟର ଭାବେ ପରିଚିତ ଚାନ୍ଦ୍ରୋ ତୋମାରଙ୍କ ଦେହାନ୍ତରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି ତୋମାର ସବୁଦିନ ପାଇଁ ଅନ୍ୟମାନଙ୍କ ଲାଗି ପ୍ରେରଣାର ଉତ୍ସ ହୋଇ ରହିବେ ବୋଲି ସେ କହିଛନ୍ତି। ଅଭିନେତା ଭୂମି ପେଡ୍‌ନକର, କେନ୍ଦ୍ର ବିମାନଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀ, ଅଲିମ୍ପିଆନ ବକ୍ସର ଅଖିଲ କୁମାର ଓ ଶୁଟର ଜୟଦୀପ କର୍ମକାର, ପାରାଅଲିମ୍ପିକ କମିଟି ଅଫ୍ ଇଣ୍ଡିଆ(ପିସିଆଇ) ସଭାପତି ଦୀପା ମଲିକ ପ୍ରମୁଖ ଶୋକପ୍ରକାଶ କରିଛନ୍ତି। 'ଶୁଟର ଦିଦି' ଭାବେ ପରିଚିତ ତୋମାର କରୋନା ସଂକ୍ରମିତ ହେବା ପରେ ମିରଟସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୮୯ବର୍ଷ ବୟସ ହୋଇଥିଲା। ଉତ୍ତର ପ୍ରଦେଶର ବାଘପାତ୍ ଜିଲା ବାସିନ୍ଦା ତୋମାର ମାତ୍ର ୧୫ବର୍ଷ ବୟସରେ ବିବାହ କରିଥିଲେ। ତୋମାରଙ୍କୁ ଖେଳ ସହ ସମ୍ପୃକ୍ତ କରିବା ଲାଗି ତାଙ୍କ ନାତୁଣୀ ଚାହୁଁଥିଲେ। ଦିନେ ତାଙ୍କୁ ଏକ ଶୁଟିଂ କ୍ଲବ ପରିଦର୍ଶନର ସୁଯୋଗ ମିଳିଥିଲା। ସେଠାରେ ସେ ବନ୍ଧୁକ ଚାଳନା କରି ଲକ୍ଷ୍ୟଭେଦ କରିବାରେ ସଫଳ ହୋଇଥିଲେ। ଏହା କ୍ଲବ କୋଚ୍‌ଙ୍କୁ ପ୍ରଭାବିତ କରିଥିଲା। ତୋମାର ୬୫ବର୍ଷ ବୟସ ଅତିକ୍ରମ କରିବା ପରେ ସେ ଶୁଟିଂରେ ପାଦ ଥାପି ଥିଲେ। ଭେଟେରାନଙ୍କୁ ନେଇ ଅନୁଷ୍ଠିତ ହେଉଥିବା ବହୁଜାତୀୟ ପ୍ରତିଯୋଗିତାରେ ସେ ଚାମ୍ପିୟନ ହୋଇଥିଲେ। ତାଙ୍କ ଜୀବନୀକୁ ନେଇ ବଲିଉଡ୍ ଚଳଚ୍ଚିତ୍ର 'ସାଣ୍ଡ୍ କି ଆଁଖ' ନିର୍ମିତ ହୋଇଛି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ବୁଡାମାଲ ଗାଁ ଶଟ୍‌ଡାଉନ

ପଦ୍ମପୁର,(ଡି.ଏନ.ଏ): ରାଜବୋଡାସମ୍ବର ପଦ୍ମପୁର ବ୍ଲକର ବୁଡାମାଲ ଗ୍ରାମକୁ ସରପଞ୍ଚ ଚତୁର୍ଭୁଜ ମେହେର ଶଟ୍‌ଡାଉନ ଘୋଷଣା କରିଛନ୍ତି। କରୋନା ମହାମାରୀର ଦ୍ୱିତୀୟ ଲହରରେ ଗ୍ରାମରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ଯୋଗୁ ଭୟର ବାତାବରଣ ସୃଷ୍ଟି ହୋଇଛି । କରୋନା ଆକ୍ରାନ୍ତଙ୍କ ସଂଖ୍ୟା ମଧ ବୃଦ୍ଧି ପାଉଛି। ଏଭଳି ପରିସ୍ଥିତିରେ ସରପଞ୍ଚ ଗ୍ରାମବାସୀଙ୍କୁ ଭୟଭୀତ ନ ହୋଇ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। ଏହାସହ ଗାଁକୁ ତୁରନ୍ତ ସାନିଟାଇଜ ପାଇଁ ଅଗ୍ନିଶମ ବିଭାଗକୁ ଜଣାଇଛନ୍ତି । ଗାଁରେ ଟିକାକରଣ, ପାଟ୍ରୋଲିଂ, କୋଭିଡ ପରୀକ୍ଷା ପାଇଁ ଉପଜିଲାପାଳ, ବିଡିଓ, ବୁଡେନ ଥାନାଧିକାରୀଙ୍କୁ ନିବେଦନ କରାଯାଇଛି ।



## ସଂକ୍ଷେପରେ



### ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା

ବିନିକା,୩୦।୪(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଙ୍କିଘିର୍ଡି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭୋଜରାଜ ଦୀପ ଚାକିରି ଜୀବନରୁ ଅବସର ନେଇଛନ୍ତି। ଏ ନେଇ ଶୁକ୍ରବାର ହାଇସ୍କୁଲର ପୁରାତନ ଛାତ୍ରୀଛାତ୍ରୀଙ୍କ ପକ୍ଷରୁ ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ସଭାରେ ବରିଷ୍ଠ ଶିକ୍ଷକ ଜଗନ୍ନାଥ ପାଢୀ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ବଡକର୍ଲେ ହାଇସ୍କୁଲ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ଭୋଇ ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ରାମ ବଲ୍ଲଭ ବାରିକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ତହସିଲ ବାରିକ, ନିତ୍ୟାନନ୍ଦ ସାହୁ, ସରପଞ୍ଚ ମାନସ କୁମାର ବେହେରା, ଜିଲା ଶିକ୍ଷା ବିଭାଗ କର୍ମଚାରୀ ଶଙ୍କର ଥନାପତି ଓ ବଳଭଦ୍ର ସାହୁ ଯୋଗ ଦେଇଥିଲେ। ପୁରାତନ ଛାତ୍ର ଆର୍ତ୍ତତ୍ରାଣ ପଶାୟତ, ଅରୁଣ ଭୂଏ, ପ୍ରଶାନ୍ତ ମହାକୁର, ସୁନୀତି ପଧାନ, ରେଣୁକା ଦାଶ ,ନୀଳିମା ଧରୁଆ, ସାମାଜିକ କର୍ମୀ ବିପ୍ଳବ ରଞ୍ଜନ ଦାଶ ପ୍ରଧାନଶିକ୍ଷକ ଭୋଜରାଜଙ୍କ ବିଦ୍ୟାଳୟ ପ୍ରତି ଥିବା ୩୫ ବର୍ଷର ଅବଦାନ, ଛାତ୍ର ବତ୍ସଳତା ଓ କାର୍ଯ୍ୟଦକ୍ଷତା ଉପରେ ଆଲୋକପାତ କରିଥିଲେ । ଶିକ୍ଷକ ଗୋପାଳ ସାହୁ ମାନପତ୍ର ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଶିକ୍ଷକ ଗୋପାଳ ସାହୁ ଓ ଅନ୍ତରାମ ସାହୁ ପ୍ରଧାନଶିକ୍ଷକଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ବାଙ୍କିଘିର୍ଡି ହାଇସ୍କୁଲର ଶିକ୍ଷକ ରମେଶ ଚନ୍ଦ୍ର କର୍ମୀ, ବୃନ୍ଦାବନ ବୁଡେକ ସଭା ପରିଚାଳନାରେ ସହଯୋଗ କରିଥିଲେ ।

# ବଲାଙ୍ଗୀରରେ ମାଇକ୍ରୋ କଣ୍ଟେନ୍‌ମେଣ୍ଟ

ବଲାଙ୍ଗୀର ଅଫିସ, ୩୦।୪

- ସାବଧାନତା ଅବଲମ୍ବନ ପାଇଁ ପ୍ରଶାସନିକ ନିର୍ଦ୍ଦେଶ
- ସତର୍କ ନ ରହିଲେ ବଢ଼ିବ ସଂକ୍ରମଣ ବିପଦ

କୋଭିଡ ସଂକ୍ରମଣ ବଢି ଚାଲିଥିବାରୁ ବଲାଙ୍ଗୀର ଜିଲା ପ୍ରଶାସନ ପକ୍ଷରୁ ଜିଲାର କେତେକ ସ୍ଥାନକୁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଅଞ୍ଚଳ ଘୋଷଣା କରାଯାଇ ସଂକ୍ରମଣ ରୋକିବା ବ୍ୟବସ୍ଥା କରାଯାଇଛି । ବଲାଙ୍ଗୀର ଉପଜିଲାପାଳ ସୁଧାକର ନାୟକ ଗୁରୁବାର ସନ୍ଧ୍ୟାରେ ଏନେଇ ବିଜ୍ଞପ୍ତି ପ୍ରକାଶ କରି ଆବଶ୍ୟକ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି ।

ବଲାଙ୍ଗୀର ସହର ୱାର୍ଡ ନମ୍ବର ୨ ଅନ୍ତର୍ଗତ ଚନ୍ଦ୍ରଶେଖର ନଗର ଜୀବନବୀମା ନିଗମ କାର୍ଯ୍ୟାଳୟ ସମ୍ମୁଖ ସୁଖିଶ୍ୟାମ ତ୍ରିପାଠୀଙ୍କ ଘର ଠାରୁ ପ୍ରହଲ୍ଲାଦ ସାହୁଙ୍କ ଘର ପର୍ଯ୍ୟନ୍ତ ଏବଂ ୱାର୍ଡ ନମ୍ବର ୧୫ ଅନ୍ତର୍ଗତ ମାଲପଡା ତେରାପନ୍ଥ ଭବନ ଗଳି ରାସ୍ତା ଘୁଣ୍ଡ ଦୋକାନ ଠାରୁ ବିକ୍ରମ ପାତ୍ରଙ୍କ ଘର ପଛପଟ ଗଳି ପର୍ଯ୍ୟନ୍ତ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଛି । ଗତ କିଛିଦିନ ହେଲା ଏହି ଅଞ୍ଚଳରୁ ଅଧିକ ସଂଖ୍ୟକ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ଏଭଳି ନିଷ୍ପତ୍ତି ନିଆଯାଇଛି। ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରି ଏହି ମାଇକ୍ରୋ କଣ୍ଟେନମେଣ୍ଟ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଘରେ ରହିବାକୁ ପରାମର୍ଶ ଦିଆଯାଇଛି। କୌଣସି ଅତ୍ୟାବଶ୍ୟକ ତଥା ମେଡିକାଲ ଆବଶ୍ୟକତାକୁ ବଲାଙ୍ଗୀର ମ୍ୟୁନିସିପାଲିଟି ସୁନିଶ୍ଚିତ କରିବା ପାଇଁ କୁହାଯାଇଛି । ଏହି ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଅଞ୍ଚଳରେ କୌଣସି ପ୍ରକାର ଯାନବାହନ ଯାତାୟାତ ଏବଂ ଲୋକଙ୍କ ଯିବା ଆସିବାକୁ ବାରଣ କରାଯାଇଛି। ଏ ଦିଗରେ ପୋଲିସ ଏବଂ ତହସିଲଦାରଙ୍କୁ ନିରୀକ୍ଷଣ ଦାୟିତ୍ୱ ଦିଆଯାଇଛି । ଏହି ଅଞ୍ଚଳରେ ସନ୍ଦିଗ୍ଧ ଲୋକଙ୍କୁ ଚିହ୍ନଟ କରି ସେମାନଙ୍କର ଅଗ୍ରାଧିକାର ଭିତ୍ତିରେ ଟେଷ୍ଟିଂ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ନୋଡାଲ ଅଫିସର ଭାବେ ବଲାଙ୍ଗୀର ତହସିଲଦାରଙ୍କୁ ଦାୟିତ୍ୱ ଦିଆଯାଇଛି। ଟେଷ୍ଟିଂ ସମ୍ପର୍କରେ ଜାଣିବା ପାଇଁ ଡେପୁଟି କଲେକ୍ଟର ବିନୋଦ କୁମାର ନାୟକଙ୍କୁ ଯୋଗଯୋଗ କରିବାକୁ ସୂଚନା ଦିଆଯାଇଛି । ଏହି ଅଞ୍ଚଳକୁ ସାନିଟାଇଜ୍ କରିବା ପାଇଁ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିପିନ ଦୀପ ଓ ୱାର୍ଡ ଅଫିସର ଦେବାଶିଷ ଦାସଙ୍କୁ ଦାୟିତ୍ୱ ଦିଆଯାଇଛି । କଣ୍ଟେନ୍‌ମେଣ୍ଟ ଅଞ୍ଚଳରେ ପନିପରିବା ଓ ଖାଦ୍ୟ ସାମଗ୍ରୀ ଜିନିଷପତ୍ର ଯୋଗାଣ ପାଇଁ ଯୋଗାଣ ଅଧିକାରୀ ବିକେ ମରାଣ୍ଡି, ଏସିଏସ୍‌ଓ ଶରତ ରାଉତଙ୍କୁ ଦାୟିତ୍ୱ ଦିଆଯାଇଛି। ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଅଞ୍ଚଳକୁ ମଧ କୌଣସି ବାହାର ଲୋକଙ୍କ ପ୍ରବେଶ ଉପରେ କଟକଣା ଲଗାଯାଇଛି। ସଂକ୍ରମଣ ରୋକିବାକୁ ହେଲେ ଲୋକଙ୍କୁ କୋଭିଡ ଗାଇଡ୍ ଲାଇନ୍ କଡାକଡି ଭାବେ ପାଳନ କରିବାକୁ ହେବ।ମାକ୍ସ ପରିଧାନ, ଶାରୀରିକ ଦୂରତା ଅବଲମ୍ବନକୁ ମଧ ଗୁରୁତ୍ୱ ଦେବାକୁ ହେବ ବୋଲି ବାରମ୍ବାର କୁହାଯାଉଛି। ଏହାସତ୍ତ୍ୱେ କିଛି ଲୋକ କଥାକୁ ହାଲୁକା ଭାବେ ନେଇ କୋଭିଡ ଗାଇଡ ଲାଇନ୍ ମାନୁ ନ ଥିବା ଦେଖାଯାଉଛି ।

# ମାଙ୍କଡ଼ ଶିକାର, ୬ ଗିରଫ




ବୌଦ୍ଧ, ୩୦।୪(ସ୍ୱ.ପ୍ର)

ମାଙ୍କଡ ଶିକାର ଅଭିଯୋଗରେ ବୌଦ୍ଧ ବନ ବିଭାଗ ଏକ ଶିକାରୀ ଦଳର ୬ଜଣଙ୍କୁ ଶୁକ୍ରବାର ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସମ୍ବଲପୁର ଜିଲା ଜମନକିରା ଥାନା କଦଳୀପାଲି ଗ୍ରାମର ଚନ୍ଦ୍ର ହେମ୍ବ୍ରମ, ଜତ୍ରୁ ଲୁଗୁନ, ଦେବସାଙ୍ଗ ଲୁଗୁନ, ସୁନୀଲ ହେମ୍ବ୍ରମ, ସନାରାମ ଗୁଡଲା ଓ ବିଜୁ ଲୁଗୁନ। ଅଭିଯୁକ୍ତଙ୍କଠାରୁ ମାଙ୍କଡ ମାଂସ, ପାପୁଲି ଏବଂ ଗୋଡ ଜବତ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ସମ୍ବଲପୁର ଜିଲା ଜମନକିରା ଥାନା କଦଳୀପାଲି ଗ୍ରାମର ଏହି ଶିକାରୀ ଦଳ ଜଙ୍ଗଲରୁ ଶିଆଳି ଲଇ ସଂଗ୍ରହ କରିବା ବାହାନାରେ ପ୍ରତିଦିନ ଜଙ୍ଗଲରୁ ମାଙ୍କଡ ଶିକାର କରୁଥିଲେ। ଶିକାର କରିବା ପରେ ମାଙ୍କଡ ମାଂସକୁ ଶୁଖାଇବା ସହ ଛାଲ ହାତ ପାପୁଲି ଆଦି ସଂଗ୍ରହ କରୁଥିଲେ।

**ମାଂସ, ପାପୁଲି ଓ ଗୋଡ଼ ଜବତ**

ମାଙ୍କଡିଆ ସମ୍ପ୍ରଦାୟର ଏହି ଶିକାରୀମାନେ ମାଙ୍କଡ ଶିକାର ପରେ ମାଂସକୁ ଶୁଖାଇ ରଖିବା ସହ ବର୍ଷତମାମ ଖାଇଥାନ୍ତି ବୋଲି ତଦନ୍ତ ବେଳେ ଜଣାପଡିଛି। କୌଣସି ସୂତ୍ରରୁ ଖବର ପାଇ ବୌଦ୍ଧ ବନ ବିଭାଗର ଏକ ଟିମ୍ ଶୁକ୍ରବାର ସକାଳୁ ବୌଦ୍ଧ ରେଞ୍ଜ ବଘିଆପଡା ସେକ୍ସନର ଜାମଖୋଲ ସଂରକ୍ଷିତ ଜଙ୍ଗଲ ଅଧୀନ କଡାମୁଣ୍ଡା ଗ୍ରାମ ନିକଟରେ ଅସ୍ଥାୟୀ ଶିବିର ପକାଇଥିବା ଶିକାରୀ ଗ୍ୟାଙ୍ଗ ଉପରେ ଚଢାଉ କରିଥିଲା। ଚଢାଉ ବେଳେ ସେମାନଙ୍କ ନିକଟରୁ ୧୦ କିଲୋ କଞ୍ଚାମାଂସ,୨ କିଲୋ ଶୁଖାମାଂସ, ୨୦ଟି ହାତ ପାପୁଲି, ୨୦ଟି ଗୋଡ, ୨ଟି ଟାଙ୍ଗିଆ ଓ ୧୧୦ କିଲୋ ଶିଆଳି ଲଇ ଜବତ କରାଯାଇଥିଲା। ଜିଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢାଉ ହୋଇଥିଲା।

# ତେଲଙ୍ଗାନାରୁ ପ୍ରବାସୀ ଶ୍ରମିକ ଉଦ୍ଧାର

ବରଗଡ଼ ଅଫିସ୍,୩୦।୪

ତେଲଙ୍ଗାନା ରାଜ୍ୟର ଏକ ଇଟାଭାଟି ମାଲିକଙ୍କ ପାଖରେ ବନ୍ଧା ପଡ଼ିଥିବା ପ୍ରବାସୀ ଶ୍ରମିକମାନେ ଉଦ୍ଧାର ହୋଇଛନ୍ତି । ବରଗଡ଼ର ସମାଜିକ କର୍ମୀ ରଞ୍ଜିତା ପ୍ରିୟଦର୍ଶିନୀଙ୍କ ଉଦ୍ୟମ ପରେ ଶ୍ରମିକମାନେ ଉଦ୍ଧାର ହୋଇ ଏକ ସ୍ୱତନ୍ତ୍ର ବସ୍ ଯୋଗେ ବଲାଙ୍ଗୀର, ନୂଆପଡ଼ା ଜିଲାର ନିଜ ଘର ଅଭିମୁଖେ ଫେରୁଥିବା ଜଣାପଡ଼ିଛି। ତେଲଙ୍ଗାନା ସରକାରଙ୍କ ଚାପରେ ସମ୍ପୃକ୍ତ ଇଟାଭାଟି ମାଲିକ ବସ୍‌ଭଡ଼ା ବାବଦକୁ ଦେଢ଼ଲକ୍ଷ ଏବଂ ଶ୍ରମିକଙ୍କ ଖାଇବା ଖର୍ଚ୍ଚ ବାବଦକୁ ୧୦ହଜାର ଟଙ୍କା ଦେଇ ପ୍ରବାସୀ ଶ୍ରମିକଙ୍କୁ ଛାଡ଼ିଛନ୍ତି ବୋଲି ରଞ୍ଜିତା କହିଛନ୍ତି । ପ୍ରକାଶ ଯେ, ଜଣେ ମଧ୍ୟସ୍ଥଙ୍କ ପ୍ରଲୋଭନରେ ପଡ଼ି ଗତ କିଛିମାସ ତଳେ ସମ୍ପୃକ୍ତ ଶ୍ରମିକମାନେ ତେଲଙ୍ଗାନା ଯାଇଥିଲେ। ସେଠାକାର ଆନ୍ନାଲମ ନିକଟ ଏକ ଇଟାଭାଟିରେ ସେମାନଙ୍କୁ ନିୟୋଜିତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ୨୧ଜଣ ନାବାଳକ ଏବଂ ୪ଜଣ ଗର୍ଭବତୀ ରହିଛନ୍ତି। ଇଟାଭାଟି ମାଲିକ ଦିନରାତି ଇଟା ଗଢ଼ିବାକୁ ଶ୍ରମିକଙ୍କୁ ଲଗାଇଥିଲେ। କିନ୍ତୁ ପାରିଶ୍ରମିକ ବଦଳରେ ଇଟାଭାଟି ମାଲିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଥିଲା। ଏପରିକି କେତେକ ଶ୍ରମିକଙ୍କ ଦେହ ଅସୁସ୍ଥ ହେବା ସତ୍ତ୍ୱେ ସେମାନଙ୍କ ଚିକିତ୍ସା ବ୍ୟବସ୍ଥା କରାଯାଇ ନ ଥିଲା। ଏହା ଜାଣିବା ପରେ ପ୍ରବାସୀ ଶ୍ରମିକଙ୍କୁ ଉଦ୍ଧାର ପାଇଁ ସାମାଜିକ କର୍ମୀ ରଞ୍ଜିତା ମେଲ୍ ଏବଂ ଟୁଇଟ୍ ଯୋଗେ ତେଲଙ୍ଗାନା ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଥିଲେ।



ଏକ ସ୍ୱତନ୍ତ୍ର ବସ୍ ଯୋଗେ ଶ୍ରମିକମାନେ ଘରକୁ ଫେରୁଛନ୍ତି ।

# ଲାଠୋର ସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ କଲା ଏଲ୍‌ଡିଏ

ଲାଠୋର,୩୦।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ଗ୍ରାମରେ ଗତ କିଛି ଦିନ ମଧ୍ୟରେ ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଲାଣି । ଏଭଳି ସ୍ଥିତିରେ ଅଦ୍ୟାବଧି ଗ୍ରାମକୁ କୌଣସି ବିଶେଷଜ୍ଞ ଡାକ୍ତରୀ ଦଳ ଆସି କାରଣ ଖୋଜି ନ ଥିବା ଯୋଗୁ ଗ୍ରାମବାସୀ ଭୟଭୀତ ଅଛନ୍ତି। ଏହାକୁ ନେଇ ଦୈନିକ ଧରିତ୍ରୀରେ ଗୁରବାର ଖବର ପ୍ରକାଶ ପାଇଥିଲା। ଏହି ଖବରକୁ ନେଇ ଲାଠୋରରେ କାମ କରୁଥିବା ସାମାଜିକ ଅନୁଷ୍ଠାନ ଏଲଡିଏର ପ୍ରତିଷ୍ଠାତା ଲବ ସୁନା ନିଜ ଟ୍ୱିଟର ହ୍ୟାଣ୍ଡେଲ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କର୍ତ୍ତୃପକ୍ଷ ଓ ବଲାଙ୍ଗୀର ଜିଲାପାଳଙ୍କୁ ଲାଠୋର ସ୍ଥିତି ଉପରେ ନଜର ଦେଇ ସେଠାକୁ ଏକ ବିଶେଷଜ୍ଞ ଡାକ୍ତରୀ ଦଳ ପଠାଇବାକୁ ଅନୁରୋଧ କରିଛନ୍ତି। ଓଡିଆ ବଣିକ ସଂଘର ପୂର୍ବତନ ସଭାପତି ତଥା ବର୍ତ୍ତମାନର ଉପଦେଷ୍ଟା ରମାକାନ୍ତ ମହାନ୍ତି ଲାଠୋରକୁ କିଛି ଦିନ ପାଇଁ ବନ୍ଦ ଘୋଷଣା କଲେ ହୁଏତ ସ୍ଥିତିରେ କିଛି ସୁଧାର ଆସିପାରନ୍ତା ବୋଲି ମତ ରଖିଛନ୍ତି। ଲାଠୋର ପ୍ରତି ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ଡାଇଜ ଯୁବ ଅନୁଷ୍ଠାନ ସମ୍ପାଦକ ତନ୍ତ୍ର ଧରୁଆ କହିଛନ୍ତି । ଲୋକେ କୋଭିଡ ଗାଇଡ ଲାଇନକୁ କଡାକଡି ପାଳନ କରୁ ନ ଥିବା ସାମାଜିକ କର୍ମୀ ସୁଶୀଲ ଅଗ୍ରୱାଲ କହିଛନ୍ତି।

# ପିଏଚ୍‌ଡି ଡୁମେରଚୁଆଁ ରାସ୍ତା କଣ୍ଟେନମେଣ୍ଟ ଜୋନ ଘୋଷିତ

କଣ୍ଟାବାଞ୍ଜି,୩୦।୪(ଡି.ଏନ.ଏ.)

**ସହରର ବିଭିନ୍ନ ସ୍ଥାନରେ ସାନିଟାଇଜ**

କଣ୍ଟାବାଞ୍ଜି ଏନଏସି ଅଞ୍ଚଳରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ସହରର କରୋନା ରୋଗୀମାନେ ନିକଟସ୍ଥ ଛତିଶଗଡ ଏବଂ ଆନ୍ଧ୍ରପ୍ରଦେଶକୁ ଚିକିତ୍ସିତ ହେବାକୁ ଯାଇ ସେଠାରେ ମୃତ୍ୟୁବରଣ କଲେ ସ୍ଥାନୀୟ ପ୍ରଶାସନର ଅଜାଣତରେ ପରିବାର ଲୋକେ କଣ୍ଟାବାଞ୍ଜିକୁ ମୃତଦେହ ଆଣି ସତ୍କାର କରୁଥିବା ଅଭିଯୋଗ ହେଉଛି । ସ୍ଥାନୀୟ ପ୍ରଶାସନ ପାଖରେ ଏ ନେଇ ଖବର ନାହିଁ । ଗତ ଏକ ସପ୍ତାହ ମଧରେ ସହରରେ ୧୦ରୁ ଊର୍ଦ୍ଧ୍ୱ କରୋନା ଆକ୍ରାନ୍ତ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ପ୍ରଶାସନ ଚେଇଁ ଶୋଇଛି । ସହରରେ ୧୪୫ ଜଣ ପଜିଟିଭ ଥିବା ସରକାରୀ ଭାବେ ରେକର୍ଡ କରାଯାଇଥିବା ବେଳେ ବେସରକାରୀ ଭାବେ ଏହି ସଂଖ୍ୟା ଅଧିକ ବୋଲି କୁହାଯାଉଛି । ସହରର ୧୬ଟି ୱାର୍ଡରେ ଏନଏସି ଦ୍ୱାରା ଘର ଘର ବୁଲି ସ୍କ୍ରିନିଂ ଟେଷ୍ଟ କରାଯାଉଛି । ହେଲେ ସଠିକ୍ ରିପୋର୍ଟ ଦିଆଯାଉ ନ ଥିବା ଅଭିଯୋଗ ହେଉଛି । ଗୁରୁବାର ଠାରୁ ଟିଟିଲାଗଡ ଉପଜିଲାପାଳ ତଥା କଣ୍ଟାବାଞ୍ଜି ଏନଏସି ପ୍ରଶାସକ ସୋମେଶ କୁମାର ଉପାଧ୍ୟାୟଙ୍କ ପତ୍ର ସଂଖ୍ୟା ୨୨୪୨/ ତା. ୨୯।୪।୨୦୨୧ ମତେ କଣ୍ଟାବାଞ୍ଜି ୱାର୍ଡ ନଂ. ୧୪ ପି.ଏଚ.ଡି. ଅଫିସ(ସହରାଞ୍ଚଳ) ରାସ୍ତା, ଡୁମେରଚୁଆଁ ରାସ୍ତା, ପାର୍କ ରାସ୍ତା, ଛତ୍ରିଆ କିରାନା ଦୋକାନ ରାସ୍ତା, ଅଶୋକ ତରିଆ, ଲବ ମହାନ୍ତି ଓ ଧନୁର୍ଜୟ ଛତ୍ରିଆଙ୍କ ବାସସ୍ଥାନ ଅଞ୍ଚଳକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି । କଣ୍ଟେନମେଣ୍ଟ ଜୋନ ରାସ୍ତାରେ କୌଣସି ଯାନବାହାନ ଚଳାଚଳ ନିଷେଧ କରାଯିବା ସହ ମାଇକ୍ରୋ ଜୋନ ପରିସର ଭିତରେ ଥିବା ବ୍ୟକ୍ତି ଅମାନିଆ ହେଲେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ରହିଛି । ଶୁକ୍ରବାର ଏନଏସି. କାର୍ଯ୍ୟାଳୟ ସହ ଶାସ୍ତ୍ରୀ ଛକ, ଇନ୍ଦିରା ଛକର ରାସ୍ତାଘାଟ ସହ ୱାର୍ଡ ନଂ.୧୪ କଣ୍ଟେନମେଣ୍ଟ ଜୋନକୁ ଅଗ୍ନିଶମ ବିଭାଗ ଦ୍ୱାରା ସାନିଟାଇଜ କରାଯାଇଛି ।

# ଦୋକାନ ବଜାର ବନ୍ଦ

ଜୁନାଗଡ,୩୦।୪(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ସହରାଞ୍ଚଳରେ ଦିନକୁଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢିଚାଲିଛି। ଏଭଳି ପରିସ୍ଥିତିରେ ଲୋକଙ୍କ ସୁରକ୍ଷାକୁ ଆଖି ଆଗରେ ରଖି ଜୁନାଗଡ ବଣିକ ସଂଘ ପକ୍ଷରୁ ବୁଧବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ୩ଦିନ ସମସ୍ତ ଦୋକାନ, ବଜାର ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ଫଳରେ ୩ଦିନ ଚାରିଆଡେ ଖାଁଖାଁ ଦେଖାଯିବା ସହ ରାସ୍ତାଘାଟ ଜନଶୂନ୍ୟ ଦେଖିବାକୁ ମିଳିଥିଲା। ଏପରିସ୍ଥଳେ ରାଜ୍ୟ ସରକାର ପୂର୍ବରୁ ଶନିବାର ଓ ରବିବାର ସପ୍ତାହନ୍ତ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଫଳରେ ଆସନ୍ତା ୨ଦିନ ମଧ ସମସ୍ତ ଦୋକାନ, ବଜାର ବନ୍ଦ ରହିବ। ଜୁନାଗଡ ସହର ସମେତ ବ୍ଲକ ଅଞ୍ଚଳରେ କରୋନା ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଇ ଗୋଷ୍ଠୀ ସଂକ୍ରମଣର ରୂପ ନେବାକୁ ବସିଲାଣି। ଏପରିସ୍ଥିତିରେ ବ୍ୟବସାୟୀଙ୍କୁ ବେଶୀ ବିପଦ ଦେଇଖାଦେଇଛି। କରୋନା ରୋକିବାକୁ ହେଲେ ଦ୍ରୁତଗତିରେ ବଢି ଚାଲିଥିବା ଏହି ଚେନ୍‌କୁ ଭାଙ୍ଗିବାକୁ ପଡିବ। ବଣିକ ସଂଘ ପକ୍ଷରୁ ୩ଦିନ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଦୋକାନ, ବଜାର ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି ବୋଲି ଜୁନାଗଡ ବଣିକ ସଂଘ ସଭାପତି ମୁକେଶ ଅଗ୍ରୱାଲ ପ୍ରକାଶ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଜୁନାଗଡ ବ୍ଲକ ଅଞ୍ଚଳରେ ୭୮୦ରୁ ଊର୍ଦ୍ଧ୍ୱ କରୋନା ପଜିଟିଭ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣାପଡିଛି।

**ଜୁନାଗଡରେ ଶଟ୍‌ଡାଉନର ପ୍ରଭାବ**

# ମହଙ୍ଗା ପଡ଼ିଲା ବିବାହ ଭୋଜି

ବିନିକା,୩୦।୪(ଡି.ଏନ.ଏ.): ପୁଅ ବାହାଘର ବିବାହ ଭୋଜି ମହଙ୍ଗା ପଡିଲା । ଭୋଜିରେ ୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିବାରୁ ବରର ପିତାଙ୍କୁ ୨୦ ହଜାର ଟଙ୍କା ଜରିମାନା ଦେବାକୁ ପଡିଛି । ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ମେଘଲା ଗ୍ରାମରେ ଏଭଳି ଘଟଣା ଘଟିଛି। ମେଘଲା ଗ୍ରାମର ଲୋକନାଥ ମହାକୁରଙ୍କ ପୁଅ ସୁବ୍ରତଙ୍କ ଗୁରୁବାର ବାହାଘର ହୋଇଥିଲା। ଶୁକ୍ରବାର ତାଙ୍କ ବାସଭବନରେ ରିସେପଶନ ଭୋଜି ଆୟୋଜନ ହୋଇଥିଲା। ଭୋଜିରେ ଅଧିକ ଲୋକ ଭିଡ ଜମାଇଥିବା ସୂଚନା ପାଇ ତହସିଲଦାର ଅଲେଖ ଘୁଟା ଓ ପୋଲିସ୍ ଟିମ୍ ପହଞ୍ଚି ୨୦ ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ।


DSPL - 29



## ଶ୍ରମିକ ଦିବସ ଉପଲକ୍ଷେ ବାର୍ତ୍ତା

ଶ୍ରମିକ ଦିବସ ଉପଲକ୍ଷେ ଓଡ଼ିଶାର ଶ୍ରମଜୀବୀ ଭାଇ ଓ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ।

ରାଜ୍ୟରେ ଶିଳ୍ପ ପ୍ରତିଷ୍ଠାନର ସାମଗ୍ରିକ ବିକାଶ କ୍ଷେତ୍ରରେ ଶ୍ରମିକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଶ୍ରମିକମାନଙ୍କର ଶ୍ରମ, ନିଷ୍ଠା ଓ ଆନ୍ତରିକତା ରାଜ୍ୟକୁ ପ୍ରଗତି ପଥରେ ଆଗେଇନେବ ବୋଲି ମୋର ବିଶ୍ୱାସ ।

ସମ୍ପ୍ରତି କରୋନା ଦ୍ୱିତୀୟ ଲହରୀର ଭୟାବହତା ଓ ସଂକ୍ରମଣକୁ ରୋକିବା ପାଇଁ ସରକାରଙ୍କ ଦ୍ୱାରା ଜାରି ମାର୍ଗଦର୍ଶିକାର କଡ଼ାକଡ଼ି ଅନୁପାଳନ ସହିତ କାର୍ଯ୍ୟ କ୍ଷେତ୍ରରେ ଦୃଢ଼ ମନୋବଳ ନେଇ କୋଭିଡକୁ ପରାହତ କରିବା ଦିଗରେ ସମ୍ମିଳିତ ଉଦ୍ୟମ କରନ୍ତୁ ।

ମୁଁ ଏହି ଅବସରରେ ଶ୍ରମିକମାନଙ୍କର ସୁଖ, ସମୃଦ୍ଧି ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

(ସୁଶାନ୍ତ ସିଂହ)
ମାନ୍ୟବର ମନ୍ତ୍ରୀ, ଶ୍ରମ, କର୍ମଚାରୀ ରାଜ୍ୟ ବୀମା ଓ ଗ୍ରାମ୍ୟ ଉନ୍ନୟନ, ଓଡ଼ିଶା

OIPR-17001/13/0001/2122



**ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ପଞ୍ଚାୟତ ଓଦ୍ଧ ବ୍ଲକରେ କାମକରିବା ପାଇଁ 7th to 10th, +2, +3, ITI Diploma Candidate ଆବଶ୍ୟକ ।
ଦରମା - 7,000/- ରୁ 42,000/-
8895029591

**WANTED**
Female full time **MAID CUM COOK** in Bhubaneswar. Accommodation will be provided.
Contact:
9132933333



## Bhubaneswar Development Authority

Notice No. 18037
BDA, Date: 30/04/21

**BDA** invites application for e-auction of a large size plot at **Subudhipur** (in front of DN-Regalia) and **Gadakana** (Near Press Square). For details visit our website **www.bda.gov.in**

APPLICATION START DATE:- 03.05.2021 | APPLICATION END DATE:- 24.05.2021 | DATE OF E-AUCTION DATE:- 31.05.2021







**LOCATION**

Mouza : **Subudhipur**
Location : **Adjacent to NH-16**
Area : **2.586 ac (approximately)**
Approach Road : **100 ft. wide**
Landmark : **Opposite to DN Regalia Mall**
Lease Period : **82 years**

**LOCATION**

Mouza : **Gadakana**
Location : **Near Press Square**
Area : **3.001 ac (approximately)**
Approach Road : **100 ft. wide**
Landmark : **Middle point of NBCC Imperia & Unitech**
Lease Period : **77 years**

**SUBUDHIPUR** K-5 KALINGA NAGAR

| LOCATION OF PLOT | KHATA NO/ PLOT NO | TOTAL AREA OF PLOT (IN ACRE) | UPSET PRICE OF PLOT (IN RS.CR.) | FIXED EMD AMOUNT (IN RS.LAC.) |
|---|---|---|---|---|
| K-5 Kalinga Nagar | 95/24 110 (p) | 2.586 | 16.10 | 48.30 |

Hospital Availability : Within 2.2 kms radiation
Airport Availability : Within 11 kms radiation
School Availability : Within 3.7 kms radiation
Railway Station : Within 13.5 kms radiation

**GADAKANA** AT BHUBANESWAR

| LOCATION OF PLOT | KHATA NO/ PLOT NO | TOTAL AREA OF PLOT (IN ACRE) | UPSET PRICE OF PLOT (IN RS.CR.) | FIXED EMD AMOUNT (IN RS.CR.) |
|---|---|---|---|---|
| Unitech | 4689 (Hall) 7254 (pt) 7255 (pt) 7640 (pt) | 3.001 | 65.00 | 1.95 |

Hospital Availability : Within 1.5 kms radiation
Airport Availability : Within 7.8 kms radiation
School Availability : Within 1.5 kms radiation
Railway Station : Within 6.5 kms radiation

Bhubaneswar Development Authority
Akash Shova Building, Sachivalaya Marg, BBSR, Odisha 751001
| 0674 239 2801 | www.bda.gov.in

Sd/-
Secretary, Bhubaneswar Development Authority



## ODISHA PUBLIC SERVICE COMMISSION
### CUTTACK
### NOTICE

No.2912/ P.S.C., Dt.30.4.21
(IE-17-2020-21) (DR-II)
Website- www.opsc.gov.in

No.D-15:- It is for information of all concerned that on the basis of written examination held on 28.02.2021, for recruitment to the post of Assistant Executive Engineer (Electrical) under Department of Energy, pursuant to the Advertisement No. **10 of 2019-20, 64 (21-w)** candidates (List enclosed) have provisionally qualified & shortlisted for document verification. The candidatures of these candidates are purely provisional and subject to fulfillment of eligibility as per the terms & conditions of the Advertisement.

1. The physical verification of original certificates/ documents in respect of the concerned candidates will be held in the Office of the Commission **from 17.05.2021 to 19.05.2021**, the detail programme of which will be published in the website of the Commission later.
2. The concerned candidates are asked to be personally present and produce copy of all the relevant certificates and other documents along with original of the same in support of their eligibility for the aforesaid post as mentioned at **Para-10** of the Advertisement along with hard copy of the online application form & Aadhaar Card.
3. The concerned candidates are required to download "Attestation Form" and "Bio-data" from the website of the Commission and bring duly filled-in.
4. The participation in the document verification doesn't reserve any right for appointment in the service in the event the candidates fail to fulfill the eligibility criteria as per terms & conditions of the above advertisement. The candidates are advised to go through the website of the Commission at www.opsc.gov.in.

**Special instructions & guidelines for candidates in view of Covid-19**

a) Covid-19 test report (RT-PCR) showing "negative" (-ve) obtained from authorized laboratories of ICMR within 48 hours of the date of document verification to be brought by all candidates. No candidate shall be permitted for document verification, if Negative RT-PCR report not furnished.
b) Self declaration by the candidates that he/she has not physically interacted with any Covid patient in last 07 days.
c) The candidates should bring their own water bottles.
d) Each candidate should carry his/ her own sanitizer bottle and wear mask properly. No candidates shall be permitted to the document verification without proper masking.
e) Each candidate should maintain social distancing norm of 6 feet while coming to the verification process.
f) No candidate would be accompanied by any guardian or parent. Entry to the premises will be for candidates only.

Sd./- Additional Secretary

ODISHA PUBLIC SERVICE COMMISSION
Recruitment to the Posts of Asst. Executive Engineer (Electrical), Pursuant to Advt. No.10 of 2019-20
Roll List of Candidates Selected for Documents Verification

| | | | | | | | | |
|---|---|---|---|---|---|---|---|---|
| 100014 | 100681 | 101094 | 101341 | 102200 | 102510 | 200307 | 200701 | 300225 |
| 100120 | 100746 | 101141 | 101442 | 102264 | 102511 | 200335 | 200736 | 300299 |
| 100121 | 100752 | 101176 | 101493 | 102319 | 102691 | 200437 | 201211 | 300350 |
| 100364 | 100782 | 101244 | 101521 | 102322 | 102754 | 200546 | 201232 | 300376 |
| 100415 | 100810 | 101268 | 101532 | 102356 | 102760 | 200559 | 300039 | 300523 |
| 100468 | 100873 | 101294 | 101577 | 102367 | 200008 | 200608 | 300134 | 300544 |
| 100670 | 101068 | 101297 | 101778 | 102461 | 200114 | 200634 | 300148 | 300582 |
| | | | | | | | | 300586 |

OIPR-12002/11/0010/2122

## ବିନା ସୂଚନା ଫଳକରେ କାମ



ଜହ୍ନାପଙ୍କ,(ଡି.ଏନ.ଏ): ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତରେ ବିନା ସୂଚନା ଫଳକରେ ଉନ୍ନୟନମୂଳକ କାମ କରାଯାଉଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ୫୭ ନଂ. ଜାତୀୟ ରାଜପଥର ଚରଦା ରାସ୍ତାରୁ ବ୍ରହ୍ମଚାରୀ ଗାଁକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତିକରଣ ଚାଲିଛି। ଏଥିପାଇଁ ଏକ ସୂଚନା ଫଳକ ମଧ ଲାଗିଛି । ହେଲେ ଏହି ଫଳକରେ କୌଣସି ସୂଚନା ନାହିଁ। ଫଳରେ ରାସ୍ତାକାମ ଉପରେ ଲୋକଙ୍କୁ ଅନ୍ଧାରରେ ରଖାଯାଇଛି। ଏ ଦିଗରେ ଜିଲାପାଳ ପଦକ୍ଷେପ ନେବାକୁ ଦାବି ହେଉଛି ।

## ସଂକ୍ଷେପରେ

### ବଢୁଛି ବାଲି ଚୋରାଚାଲାଣ

**ଅତାବିରା, ୩୦।୪ (ଡି.ଏନ.ଏ):** ବରଗଡ ଜିଲା ଅତାବିରା ତହସିଲ ଅଧୀନ ବିଭିନ୍ନ ବାଲିଘାଟରୁ ବେଆଇନ ଭାବେ ବାଲି ଚୋରା ଚାଲାଣ ହେଉଛି। ଏ ନେଇ ତହସିଲ ଓ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ କେବଳ ଚଢାଉ କରି ଚୁପ୍ ବସୁଛି। ଫଳରେ ବାଲି ଚୋରା ଚାଲାଣ ବଢିବାରେ ଲାଗିଛି। ପୋଡବାଡି-ବୁଗବୁଗା ଫେୟାର ୱେଦରଠାରୁ ଲରମ୍ବା, ବାବେବିରା ପର୍ଯ୍ୟନ୍ତ ଝାଉଁଯୋର ଗର୍ଭରୁ ବାଲି ମେଶିନ ଯୋଗେ ବାଲି ଉଠାଯାଉଛି। ଏଯାଏ ତହସିଲ ପ୍ରଶାସନ ଗୋଟିଏ ଦୁଇଟି ବାଲି ବୋଝେଇ ଗାଡି ଧରପଗଡ କରି ଜରିମାନା କରିଛି। ତେବେ ଝାଉଁଯୋର ଲରମ୍ବା, ଉଦେପୁର, ଦବକା, କମଗାଁ ଆଦି ବାଲି ଘାଟରୁ ପ୍ରତିଦିନ ୫୦ରୁ ୬୦ଟି ଗାଡିରେ ବାଲି ଉଠାଇ ବୁର୍ଲା, ଗୋଶାଳା, ଚିପିଲିମା, ଅତାବିରା ଅଞ୍ଚଳକୁ ଚାଲାଣ କରାଯାଉଛି। ପ୍ରତିଦିନ ୫୪ ନଂ. ରାଜ୍ୟ ରାଜପଥରେ ବାଲି ଚାଲାଣ ହେଉଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଫଳରେ ସରକାରଙ୍କ କୋଟି କୋଟି ଟଙ୍କା ରାଜସ୍ୱ ହାନି ହେଉଛି। ଏ ନେଇ ତହସିଲଦାର ଦୁର୍ଯ୍ୟୋଧନ ଭୋଇଙ୍କୁ ପଚରାଯିବାରୁ ବାଲି ଚୋରାଚାଲାଣ ଉପରେ ଚଢ଼ାଉ କରାଯିବ ବୋଲି ସେ କହିଥିଲେ ।

### ମେଧାବୀ ଛାତ୍ରୀଙ୍କୁ ସହାୟତା



**ବାଉଁଶୁଣୀ, ୩୦।୪ (ଡି.ଏନ.ଏ):** ଗତ କିଛି ଦିନ ତଳେ ଅର୍ଥାଭାବରୁ ପାଠରେ ଡୋରି ବାନ୍ଧିବେ ମେଧାବୀ ଛାତ୍ରୀ ଅଙ୍କିତା ଶୀର୍ଷକ ଖବର ଗଣମାଧମରେ ପ୍ରକାଶିତ ହୋଇଥିଲା। ଏହାପରେ ସ୍ୱେଚ୍ଛାସେବୀ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଉକ୍ତ ଛାତ୍ରୀଙ୍କୁ ଆର୍ଥିକ ସହାୟତାର ସୁଅ ଛୁଟୁଛି । ଗୁରୁବାର ବୌଦ୍ଧର ଫ୍ରେଣ୍ଡସ କ୍ଲବ ଆର୍ଥିକ ସହାୟତା କରିଥିବା ବେଳେ ଶୁକ୍ରବାର ବାଉଁଶୁଣୀର ସ୍ୱେଚ୍ଛାସେବୀ ଅନୁଷ୍ଠାନ ହେଲ୍‌ପିଙ୍ଗ ହ୍ୟାଣ୍ଡ୍‌ସର କର୍ମକର୍ତ୍ତା ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତର ଜହ୍ନାପଙ୍କ ଗ୍ରାମକୁ ଯାଇ ଅଙ୍କିତାଙ୍କୁ ଆର୍ଥିକ ରାଶି ପ୍ରଦାନ କରିଥିଲେ। ଏଥିରେ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

### ଅଙ୍ଗନୱାଡି କେନ୍ଦ୍ର ମୁଖ୍ୟ ଫାଟକରେ ଗେଟ୍ ଦାବି

**ଲୋଇସିଂହା,୩୦।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ହରଭଙ୍ଗା ଗ୍ରାମର ଅଙ୍ଗନୱାଡି କେନ୍ଦ୍ରର ମୁଖ୍ୟ ଫାଟକରେ ଗେଟ ଲାଗିନାହିଁ। ଫଳରେ କେନ୍ଦ୍ରର ଶିଶୁମାନେ ଅସୁରକ୍ଷିତ ହୋଇ ପଡିଛନ୍ତି । ମୁଖ୍ୟ ଫାଟକରେ ଗେଟ ଲଗାଇବାକୁ ଅଭିଭାବକମାନେ ବ୍ଲକ ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପ୍ରକାଶ ଯେ, ମୁଷିଣି ପଞ୍ଚାୟତ ଅଧୀନରେ ହରଭଙ୍ଗା ଗାଁ ରହିଛି। ସାଲେଭଟା-କୁଟାସିଂହା ରାସ୍ତାକଡରେ ଗ୍ରାମର ଦୁଇଟି ଯାକ ଅଙ୍ଗନୱାଡି କେନ୍ଦ୍ର ଗୋଟିଏ ପରିସରରେ ରହିଛି । ନିକଟରେ ଉଭୟ କେନ୍ଦ୍ରର ପାଚେରି ନିର୍ମାଣ କାମ ସରିଯାଇଛି। ହେଲେ ମୁଖ୍ୟ ଫାଟକରେ ଗେଟ ଲଗାଯାଇନାହିଁ। ଗେଟ ନ ଥିବାରୁ ଗାଈଗୋରୁ ଅବାଧରେ ପଶି ଯାଉଛନ୍ତି। ଏହାଛଡା ସନ୍ଧ୍ୟା ହେଲେ କେନ୍ଦ୍ର ପରିସରରେ ଅସାମାଜିକ ବ୍ୟକ୍ତିମାନେ ଭିଡ ଜମାଉଥିବା ଗ୍ରାମବାସୀ ଜଣାଇଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

### ବାଲ ସୁଧାର ଗୃହକୁ ଗଲେ ନାବାଳକ

**ପଦ୍ମପୁର, ୩୦।୪ (ଡି.ଏନ.ଏ):** ବରଗଡ଼ ଜିଲା ପଦ୍ମପୁର ଆଦର୍ଶ ଥାନା ଅଧୀନ ଫିରୁପାଲିରେ ଅସଦାଚରଣ ଅଭିଯୋଗରେ ଶୁକ୍ରବାର ଜଣେ ନାବାଳକ(୧୫)ଙ୍କୁ ବାଲ ସୁଧାର ଗୃହକୁ ପଠାଯାଇଛି। ଜଣେ ନାବାଳିକା(୧୩)ଙ୍କ ଅନିଚ୍ଛା ସତ୍ତ୍ୱେ ଉକ୍ତ ନାବାଳକ ତାଙ୍କୁ ଅସଦାଚରଣ କରିଥିଲେ। ଫଳରେ ନାବାଳିକା ଜଣକ ନିଜ ଘର ଲୋକଙ୍କୁ ସବୁ କଥା କହିଥିଲେ। ଏ ନେଇ ଅଭିଯୋଗ ପାଇବା ପରେ ଥାନାଧିକାରୀ ମାନସ ରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ସୌମ୍ୟରଞ୍ଜନ ପାତ୍ର ଏକ ମାମଲା (ନଂ.୮୭/୨୧) ରୁଜୁ କରି ନାବାଳକଙ୍କୁ ରାଉରକେଲା ସୁଧାରଗୃହକୁ ପଠାଇଛନ୍ତି ।

# ମାନବିକତା ଛଡ଼ାଇ ନେଲା କରୋନା

**ବରଗଡ଼ ଅଫିସ୍,୩୦।୪**



ମୃତ ମହିଳାଙ୍କ ଶବକୁ ସ୍ୱେଚ୍ଛାସେବୀମାନେ ଉଦ୍ଧାର କରୁଛନ୍ତି।

- ମହିଳାଙ୍କ ଶେଷଇଚ୍ଛା ପୂରଣ ହେଲାନି
- ୧୦ଘଣ୍ଟା ଧରି ପଡ଼ି ରହିଲା ମୃତଦେହ
- ସ୍ୱେଚ୍ଛାସେବୀ କଲେ ଶବଦାହ

କରୋନା ଅନେକଙ୍କ ପାଖରୁ ମାନବିକତା ଛଡ଼ାଇ ନେଇଛି। ସଂକ୍ରମଣ ଆରମ୍ଭ ହେବା ଦିନଠାରୁ ଏଭଳି ଅଭାବନୀୟ ଘଟଣା ପଦାକୁ ଆସୁଛି। କୋଭିଡ୍ ହେଉ ଅବା ଅଣ କୋଭିଡ୍ ମୃତକଙ୍କ ଶବ ଉଠାଇବାକୁ କେତେବେଳେ ଆତ୍ମୀୟ ପରିଜନ କିମ୍ବା ପଡ଼ୋଶୀ ଆଗଭର ହେଉ ନ ଥିବାବେଳେ ଆଉ କେଉଁଠି ସଂକ୍ରମିତଙ୍କ ପରିବାର ଲୋକଙ୍କୁ ଟାହିଆଟାପରା ଶୁଣିବାକୁ ପଡୁଛି। ଶୁକ୍ରବାର ବରଗଡ଼ ବ୍ଲକ ଅଧୀନ ସୟାଁ ଆମ୍ବୁରେଇ ପଡ଼ାରେ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି। ସେଠାରେ ରହୁଥିବା ଜଣେ ଅସହାୟ ମହିଳା କମଳା ଭୁଏ(୪୫)ଙ୍କ ମୃତ୍ୟୁ ପରେ ତାଙ୍କ ମୃତଦେହ ଉଠାଇବାକୁ କେହି ଆତ୍ମୀୟ ନ ଆସିବାରୁ ୧୦ଘଣ୍ଟା ଧରି ପଡ଼ି ରହିଥିଲା। ଖବର ପାଇ ନିଷ୍ଠା ପରିବାରର ସ୍ୱେଚ୍ଛାସେବୀମାନେ ପ୍ରଶାସନର ସହଯୋଗରେ ମୃତଦେହ ଦାହ କରିଥିଲେ।

କମଳା ସୋହେଲା ବ୍ଲକ ଅଧୀନ ବନାବିରା ଗ୍ରାମର ମୂଳ ବାସିନ୍ଦା । କିଛିବର୍ଷ ତଳେ ସେ ଜଣେ ଯୁବକଙ୍କ ସହିତ ଘରୁ ପଳାଇ ଆସି ସୟାଁ ନିକଟ ଆମ୍ବୁରେଇ ପଡ଼ାରେ ରହୁଥିଲେ। ଏହାପରେ କମଳାଙ୍କ ପରିବାର ଲୋକେ ତାଙ୍କଠାରୁ ଦୂରେଇ ଯାଇଥିଲେ। କିଛି ମାସ ପରେ ସମ୍ପୃକ୍ତ ଯୁବକ ମଧ୍ୟ ତାଙ୍କୁ ଛାଡ଼ି କୁଆଡ଼େ ପଳାଇ ଯାଇଥିଲେ। ଏହାପରେ କମଳା ଏକାକିନୀ ହୋଇ ଆମ୍ବୁରେଇ ପଡ଼ାର ଜଣେ ଲୋକଙ୍କ ବାଡ଼ିପଟେ ଝଟିମାଟି କୁଡ଼ିଆ କରି ଜୀବନ ବିତାଉଥିଲେ। ସେ ଭିକ୍ଷାବୃତ୍ତି କରି ନିଜ ଗୁଜୁରାଣ ମେଣ୍ଟାଉଥିଲେ ।

ଗତ କିଛିଦିନ ତଳେ କମଳାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ଫଳରେ ସେ ନିଜ ଘରକୁ ଯାଇ ମା'ଙ୍କୁ ଦେଖା କରିବାକୁ ଚାହିଁଥିଲେ ଏବଂ ମା'ଙ୍କ ପାଖକୁ ନେବା ପାଇଁ ପଡ଼ାବାସୀଙ୍କୁ ବାରମ୍ବାର ଗୁହାରି କରିଥିଲେ। ପଡ଼ାବାସୀ ତାଙ୍କ ଇଚ୍ଛା ପୂରଣ ପାଇଁ ଏକ ଅଟୋରେ ବୁଧବାର କମଳାଙ୍କୁ ଧରି ବନାବିରା ଯାଇଥିଲେ। ମାତ୍ର କମଳାଙ୍କ ପରିବାର ଲୋକେ ତାଙ୍କୁ ଘରେ ପୂରାଇ ଦେଇ ନ ଥିଲେ। ଫଳରେ ନିରାଶ ହୋଇ ପଡ଼ାବାସୀ ତାଙ୍କୁ ଧରି ନିଜ ପଡ଼ାକୁ ଫେରି ଆସିଥିଲେ। ଗୁରୁବାର ରାତି ପ୍ରାୟ ୧୦ଟାରେ କମଳାଙ୍କ ମୃତ୍ୟୁ ହୋଇଥିଲା। ମୃତ୍ୟୁ ପରେ କୋଭିଡ୍ ଆଶଙ୍କାରେ ପଡ଼ାବାସୀ ମୃତଦେହ ଦାହ କରିବାକୁ ସାହସ କରି ନ ଥିଲେ । ଖବର ପାଇ ଶୁକ୍ରବାର ନିଷ୍ଠା ପରିବାରର ସମ୍ପାଦକ ଅଶ୍ୱିନୀ ତ୍ରିପାଠୀ, କୋଷାଧ୍ୟକ୍ଷ ଶ୍ୟାମ ସୁନ୍ଦର ସାହୁ, ମାନସ ମେହେର, ଦୟାନିଧି ଷଡ଼ଙ୍ଗୀ, ଲବ ସାହୁ, ରିଙ୍କୁ ସାହୁ ପ୍ରମୁଖ ଆମ୍ବୁରେଇ ପଡ଼ାକୁ ଯାଇଥିଲେ ଏବଂ କମଳାଙ୍କ ମୃତଦେହ ବରଗଡ଼ କୋଭିଡ୍ ସ୍ୱର୍ଗଦ୍ୱାରକୁ ଆଣି ଦାହ କରିଥିଲେ।

## ବାଲସି ଗ୍ରାମ ୭ ଦିନ କଣ୍ଟେନମେଣ୍ଟ ଜୋନ



ବାଲସି ଗ୍ରାମ କଣ୍ଟେନମେଣ୍ଟ ଜୋନ ଘୋଷଣା ପରେ ଶୂନଶାନ ହୋଇପଡ଼ିଛି।

**କେସିଙ୍ଗା, ୩୦।୪ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନ ବାଲସି ଗ୍ରାମରେ କରୋନା ଦ୍ୱିତୀୟ ଲହରରେ ଦିନକୁ ଦିନ ପଜିଟିଭ ସଂଖ୍ୟା ବଢ଼ି ଚାଲିଛି। ଏହାକୁ ରୋକିବା ଲାଗି ୩୦ରୁ ୬ ତାରିଖ ପର୍ଯ୍ୟନ୍ତ ୭ ଦିନ ପାଇଁ ବିଡିଓ ପ୍ରଫୁଲ୍ଲ କୁମାର ଅଦୁ, ସ୍ଥାନୀୟ ସରପଞ୍ଚ ଚୁଡାମଣୀ ମାଝିଙ୍କ ନିର୍ଦ୍ଦେଶକ୍ରମେ ବାଲସି ଗ୍ରାମକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। କୋରନା ଭୟରେ ଲୋକେ ଘରୁ ପଦାକୁ ବାହାରୁ ନ ଥିବାରୁ ଗ୍ରାମ ଶୂନ୍ୟ ଦେଖାଯାଉଛି। କେତେକ ଲୋକ କୋଭିଡ୍ ନିୟମ ନ ମାନି ଗ୍ରାମରେ ବୁଲୁଥିବା ଦେଖାଯାଉଛି। ବାଦ୍ୟଯନ୍ତ୍ର ଦ୍ୱାରା ମାସ୍କ ଲଗାନ୍ତୁ, ସାମାଜିକ ଦୂରତ୍ୱ ବଜାୟ ରଖନ୍ତୁ, ଜରୁରୀ କାମ ନ ଥିଲେ ବାହାରକୁ ଯାଆନ୍ତୁ ନାହିଁ ବୋଲି ସଚେତନ କରିବା ସହିତ ଗ୍ରାମର ଚାରିପଟେ ବ୍ୟାରିକେଟ କରାଯାଇଥିବା ଜଣାପଡିଛି। ବାଲସି ପଞ୍ଚାୟତରେ ମୋଟ ୧୦୭ ଜଣ ସକ୍ରିୟ କରୋନା ସଂକ୍ରମଣ ଚିହ୍ନଟ ହୋଇଥିବା ବେଳେ ବାଲସି ଗ୍ରାମରେ ମୋଟ ୮୨ ଜଣ କରୋନା ସଂକ୍ରମଣ ଚିହ୍ନଟ ହୋଇଛନ୍ତି । ସେଥି ମଧ୍ୟରୁ ୨୨ ଜଣ ସୁସ୍ଥ ହୋଇଥିବା ବେଳେ ୪ଜଣଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ଜିଲା କୋଭିଡ୍ ହସ୍ପିଟାଲକୁ ପଠାଯାଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣାପଡିଛି ।

## ରାଜ୍ୟପାଳ ବିଧାୟକ ନରସିଂହଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ

**ବଲାଙ୍ଗୀର ଅଫିସ, ୩୦।୪**

କରୋନା ସଂକ୍ରମିତ ହେଲା ପରେ ସଙ୍ଗରୋଧରେ ରହିଥିବା କଂଗ୍ରେସ ବିଧାୟକ ଦଳ ନେତା ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ରଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପଚାରି ବୁଝିଥିବା ଜଣାପଡିଛି। ଶୁକ୍ରବାର ମଧାହ୍ନରେ ରାଜ୍ୟପାଳ ବିଧାୟକ ମିଶ୍ରଙ୍କୁ ଫୋନ କରି କରୋନା ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା କିପରି ରହିଛି ପଚାରି ବୁଝିଥିଲେ । କରୋନା ସଂକ୍ରମିତ ହେବା ପରେ ଭୁବନେଶ୍ୱରରର ଏକ ଘରୋଇ ହସପିଟାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିବା ବିଧାୟକ ମିଶ୍ର ଗୁରୁବାର ସୁସ୍ଥ ହୋଇ ତାଙ୍କ ସରକାରୀ ବାସଭବନକୁ ଫେରିଥିଲେ । ସେ ଏବେ ସମ୍ପୂର୍ଣ୍ଣ ସୁସ୍ଥ ଅନୁଭବ କରୁଛନ୍ତି ବୋଲି ରାଜ୍ୟପାଳଙ୍କୁ କହିବା ସହ ଧନ୍ୟବାଦ ଜଣାଇଥିଲେ। ବଲାଙ୍ଗୀରରେ ଥିବା ବେଳେ ଗତ ୨୦ ତାରିଖ ଦିନ ସେ କରୋନା ସଂକ୍ରମିତ ବୋଲି ଚିହ୍ନଟ ହୋଇଥିଲେ।

## ପୋଲିସର ମାସ୍କ ଯାଞ୍ଚ, ଜରିମାନା ଆଦାୟ

**ଖଡିଆଳ, ୩୦।୪ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ପୋଲିସ ଓ ଖଡିଆଳ ଆବର୍ତ୍ତନ ଦଳ ପକ୍ଷରୁ ଖଡିଆଳଠାରେ ମାସ୍କ, ସାମାଜିକ ଦୂରତା ଓ କୋଭିଡ୍ ନିୟମା କଡାକଡି ଯାଞ୍ଚ କରାଯାଇଥିଲା। ଏଥିରେ ଅମାନିଆଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ମାସ୍କ ଯାଞ୍ଚରେ ୨୦୦ ଟଙ୍କା, ସାମାଜିକ ଦୂରତାରେ ୧ ହଜାର ଟଙ୍କା ଏବଂ କୋଭିଡ୍ ନିୟମା ଅବମାନନା ନେଇ ବ୍ୟବସାୟୀମାନଙ୍କଠାରୁ ୨୦ ହଜାର ଟଙ୍କା ଆଦାୟ କରାଯାଇଛି। ଏଥିରେ ମୋଟ ୨୧ ହଜାର ୨୦୦ ଟଙ୍କା ଆଦାୟ କରାଯାଇଛି। ଯାଞ୍ଚ ସମୟରେ ଖଡିଆଳ ଥାନା ଆଇଆଇସି କୈଳାଶ ଚନ୍ଦ୍ର ସେଠୀ, ଖଡିଆଳ ଏନଏସିର ବିପି ସିଂ, ଅର୍ଜୁନ ନିଆଲ ପ୍ରମୁଖ ଉପସ୍ଥିତ ଥିଲେ।

# କୋଭିଡ୍ ପରିଚାଳନାରେ ଅବ୍ୟବସ୍ଥା

**ବରଗଡ଼ ଅଫିସ୍,୩୦।୪**



ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ ।

- ଜନ ପ୍ରତିନିଧି, ଜିଲା ପ୍ରଶାସନକୁ କଂଗ୍ରେସର ଟାର୍ଗେଟ୍
- ସହଯୋଗର ହାତ ବଢ଼ାଇବାକୁ ବିଧାୟକଙ୍କ ଆହ୍ୱାନ

ବରଗଡ଼ ଜିଲାରେ କରୋନା ସଂକ୍ରମଣ ଅଣାୟତ୍ତ ହୋଇପଡ଼ିଛି। ଶୁକ୍ରବାର ଦିନକରେ ୪୨୩ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୫ହଜାର ୫୨୨ରେ ପହଞ୍ଚିଛି। କରୋନା ଏଭଳି କାୟା ବିସ୍ତାର କରି ଚାଲିଥିବାବେଳେ ଏହାର ପରିଚାଳନାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ନେଇ କଂଗ୍ରେସ ସିଧାସଳଖ ସ୍ଥାନୀୟ ଜନ ପ୍ରତିନିଧି ଏବଂ ଜିଲା ପ୍ରଶାସନକୁ ଟାର୍ଗେଟ୍ କରିଛି ।

ଶୁକ୍ରବାର ବରଗଡ଼ରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦ କହିଛନ୍ତି, କୋଭିଡ୍ ପରିଚାଳନାରେ ରାଜ୍ୟ ସରକାର ବରଗଡ଼ ଜିଲାକୁ ଅଣଦେଖା କରୁଛନ୍ତି। ବରଗଡ଼ରେ ଏକ କୋଭିଡ୍ ହସ୍ପିଟାଲ ରହିଥିବାବେଳେ ଥିବା ଆଇସିୟୁ କିମ୍ବା ଭେଣ୍ଟିଲେଟର କାର୍ଯ୍ୟକ୍ଷମ କରାଯାଉ ନାହିଁ। ଫଳରେ ଜୀବନହାନି ଘଟୁଛି। ଜିଲାରେ ୨ଜଣ ଏମ୍‌ପି (ରାଜ୍ୟସଭା, ଲୋକସଭା)ଙ୍କ ସମେତ ୫ ବିଧାୟକ ଥିଲେ ସୁଦ୍ଧା କୋଭିଡ୍ ପରିଚାଳନାରେ ଏଭଳି ଅବ୍ୟବସ୍ଥାକୁ ନେଇ ସେମାନେ ହାତ ବାନ୍ଧି ବସିବା ବିଡ଼ମ୍ବନାର ବିଷୟ ବୋଲି ମହାନନ୍ଦ କହିଛନ୍ତି। ଏଭଳି ସ୍ଥିତିରେ କୋଭିଡ୍ ହସ୍ପିଟାଲରେ ଆଇସିୟୁ ଏବଂ ଭେଣ୍ଟିଲେଟରକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସେ ଦାବି କରିଛନ୍ତି। ଏଭଳି ଅବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଜିଲାର ଏମ୍‌ପି, ବିଧାୟକ ପ୍ରଶାସନିକ ଅଧିକାରୀଙ୍କ ସହିତ ବୈଠକ କରି ତ୍ୱରିତ ପଦକ୍ଷେପ ନେବାକୁ କଂଗ୍ରେସ ନେତା ନିପନ କୁମାର ଦାଶ ଆହ୍ୱାନ ଦେଇଛନ୍ତି। ଏହାର ତୁରନ୍ତ ସମାଧାନ କରା ନ ଗଲେ ସେ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ସେହିପରି କଂଗ୍ରେସ ନେତା ପ୍ରଦୀପ ଦେବତା କୋଭିଡ୍ ପରିଚାଳନାରେ ସ୍ଥାନୀୟ ନିର୍ବାଚିତ ଜନ ପ୍ରତିନିଧି, ପ୍ରଶାସନିକ ଅଧିକାରୀଙ୍କ ଅପାରଗତାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ଯୁଗଳ ପ୍ରସାଦ ସିଂ ଉପସ୍ଥିତ ଥିଲେ।

କଂଗ୍ରେସର ଏଭଳି ଅଭିଯୋଗକୁ ନେଇ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ ପଚାରିବାରୁ ସେ କହିଥିଲେ, କୋଭିଡ୍ ପରିଚାଳନାକୁ ନେଇ ଅଯଥାରେ ରାଜନୀତି କରିବା ଠିକ୍ ନୁହେଁ। ରାଜ୍ୟ ସରକାର କୋଭିଡ୍‌କୁ ପ୍ରତିହତ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଶୁକ୍ରବାରଠାରୁ ବରଗଡ଼ କୋଭିଡ୍ ହସ୍ପିଟାଲରେ ଆଇସିୟୁ, ଭେଣ୍ଟିଲେଟର କାର୍ଯ୍ୟକ୍ଷମ ହେବା ସହିତ ଜଣେ ଗୁରୁତର ଆକ୍ରାନ୍ତଙ୍କୁ ସେଠାରେ ଚିକିତ୍ସା ଯୋଗାଇ ଦିଆଯାଉଛି। ଅବଶିଷ୍ଟ ଆଇସିୟୁ, ଭେଣ୍ଟିଲେଟର ଶନିବାର ସୁଦ୍ଧା କାର୍ଯ୍ୟକ୍ଷମ ହୋଇଯିବ ବୋଲି ଆଚାର୍ଯ୍ୟ କହିଥିଲେ।

# ଆଣ୍ଟିଜେନ୍ କିଟ୍ ସଂଖ୍ୟା ବୃଦ୍ଧି ଦାବି

**କର୍ଲାମୁଣ୍ଡା, ୩୦।୪ (ଡି.ଏନ.ଏ.)**




କର୍ଲାମୁଣ୍ଡା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର।

- କର୍ଲାମୁଣ୍ଡା ବ୍ଲକରେ ୧୭୪ କରୋନା ପଜିଟିଭ୍
- ଦିନକରେ ମାତ୍ର ୫୦ଜଣଙ୍କ କରୋନା ପରୀକ୍ଷା

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ଅଧିକାଂଶ ଗାଁରେ ଜ୍ୱର ରୋଗୀ ସଂଖ୍ୟା ବଢିବାରେ ଲାଗିଛି। ଏପରିସ୍ଥଳେ କର୍ଲାମୁଣ୍ଡା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ମାତ୍ର ୫୦ ଜଣଙ୍କ କରୋନା ପରୀକ୍ଷା ହେଉଥିବାରୁ ଲୋକମାନେ ଫେରୁଥିବା ଦେଖିବାକୁ ମିଳୁଛି। ଅନ୍ୟପଟେ ଏହି ଡାକ୍ତରଖାନାକୁ କର୍ଲାମୁଣ୍ଡା ବ୍ଲକ ସମେତ କେସିଙ୍ଗା ବ୍ଲକର ତୁଣ୍ଡଲା, ବେଲଖଣ୍ଡି, ହାତୀଖୋଜ, ସିର୍ଜାପାଲି ପଞ୍ଚାୟତ ଅଞ୍ଚଳର ଲୋକମାନେ ଟେଷ୍ଟିଂ ପାଇଁ ନିର୍ଭର କରୁଥିବାରୁ ପ୍ରତ୍ୟେକ ଦିନ ଡାକ୍ତରଖାନାରେ ଶହ ଶହ ଲୋକଙ୍କ ଭିଡ ହେଉଛି। ବର୍ତ୍ତମାନ ସୁଦ୍ଧା ବ୍ଲକରେ ୧୭୪ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ନମୁନା ପରୀକ୍ଷା ସଂଖ୍ୟାକୁ ବୃଦ୍ଧି କରାଗଲେ ସଂକ୍ରମଣ ସ୍ଥିତି ଜଣାପଡନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଏ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ସୌମ୍ୟରଞ୍ଜନ ପାତ୍ରଙ୍କୁ ପଚାରିବାରୁ ଆମକୁ ୫୦ଟି ଆଣ୍ଟିଜେନ୍ କିଟ୍ ଦିଆଯାଉଛି, ସେ ହିସାବରେ ପ୍ରତ୍ୟେକ ଦିନ ୫୦ ଜଣଙ୍କୁ ହିଁ ପରୀକ୍ଷା କରୁଛୁ ବୋଲି କହିଥିଲେ। ସୂଚନାଯୋଗ୍ୟ ଯେ, କର୍ଲାମୁଣ୍ଡା ବ୍ଲକରେ ରିଷିଡା, ରେଗଡା ଓ କର୍ଲାମୁଣ୍ଡା କୋଭିଡ୍ ଭେକ୍‌ସିନ ସେଣ୍ଟର ଜରିଆରେ ବର୍ତ୍ତମାନ ସୁଦ୍ଧା ପ୍ରଥମ ଟିକା ୭୩୭୮ ଜଣ ଓ ଦ୍ୱିତୀୟ ଟିକା ୭୬୭ ଜଣ ନେଇଥିବା ଭାରପ୍ରାପ୍ତ ବ୍ଲକ ଜନସ୍ୱାସ୍ଥ୍ୟ ଅଧିକାରୀ କିଶୋର ଦାସ ସୂଚନା ଦେଇଛନ୍ତି। ଅନ୍ୟପଟେ ପ୍ରଶାସନ ପକ୍ଷରୁ ଗାଁରେ ଜନସଚେତନତା ଆବଶ୍ୟକ ରହିଥିବା ଦେଖିବାକୁ ମିଳିଛି। ବେଲଖଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ର ସମେତ ରେଗଡା ସ୍ୱାସ୍ଥ୍ୟକେନ୍ଦ୍ର, ତେରେସିଂହା ସ୍ୱାସ୍ଥ୍ୟକେନ୍ଦ୍ର, ରିଷିଡା ଡାକ୍ତରଖାନାରେ ଆନ୍‌ଟିଜେନ୍ କିଟ ଯୋଗାଇ ଦେଇ ପରୀକ୍ଷା କରାଯିବା ବ୍ୟବସ୍ଥା କରାଯିବାକୁ କର୍ଲାମୁଣ୍ଡା ଜନଜାଗରଣ ମଞ୍ଚ ପକ୍ଷରୁ ଦାବିକରାଯାଇଛି।

## ମେ ୧୦ ଯାଏ ଅପରାହ୍ନରେ ଦୋକାନ ବଜାର ବନ୍ଦ ନିଷ୍ପତ୍ତି

**ଲୋଇସିଂହା,୩୦।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଞ୍ଚଳରେ କରୋନା ସଂକ୍ରମଣ ବୃଦ୍ଧି ପାଉଛି। ଏହାର ମୁକାବିଲା ଲାଗି ଲୋଇସିଂହା ବଣିକ ସଂଘ ଅଣ୍ଟା ଭିଡିଛି। ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଗୋଟିଏ ଓଳା ବଜାର ଖୋଲା ରଖିବାକୁ ସଂଘ ପକ୍ଷରୁ ନିଷ୍ପତ୍ତି ହୋଇଛି। ସ୍ଥାନୀୟ ଅଗ୍ରସେନ ଭବନ ଠାରେ ବଣିକ ସଂଘ ଆହ୍ୱାନକ୍ରମେ ଅନୁଷ୍ଠିତ ବୈଠକରେ ସଭାପତି ମୋହିତ ମିଶ୍ର ଅଧ୍ୟକ୍ଷତା କରିଥିଲେ। ବୈଠକରେ ବ୍ୟବସାୟୀ ସମେତ ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ଲୋଇସିଂହା ବସ୍ତି ସମେତ ବ୍ଲକରେ ଦ୍ରୁତ ଗତିରେ କରୋନା ସଂକ୍ରମଣ ବଢି ଚାଲିଥିବାରୁ ବୈଠକରେ ଚିନ୍ତା ପ୍ରକଟ କରାଯାଇଥିଲା। ସକାଳ ୬ରୁ ଅପରାହ୍ନ୨ଟା ପର୍ଯ୍ୟନ୍ତ ଦୋକାନ ବଜାର ଖୋଲା ରଖିବାକୁ ବହୁ ବ୍ୟବସାୟୀ ମତପ୍ରକାଶ କରିଥିଲେ । ଏହି ସମୟରେ ମାର୍କେଟକୁ ଆସୁଥିବା ଲୋକେ ସାମାଜିକ ଦୂରତା ରକ୍ଷା ଓ ମାସ୍କ ପରିଧାନ କରିବା ଉପରେ ଗୁରୁତ୍ୱ ଦେବାକୁ ମତପ୍ରକାଶ ପାଇଥିବା ନେଇ ସଂଘ ସମ୍ପାଦକ ରବୀନ୍ଦ୍ର ନାୟକ ସୂଚନା ଦେଇଛନ୍ତି।

## କରୋନା ଆକ୍ରାନ୍ତ, ଅସହାୟଙ୍କୁ ରନ୍ଧାଖାଦ୍ୟ ବଣ୍ଟନ



ଅସହାୟ ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଉଛନ୍ତି ବିନ୍ଦୁ ମହାନନ୍ଦ।

**ଭବାନୀପାଟଣା, ୩୦।୪ (ସ୍ୱ.ପ୍ର.)**

**ସଙ୍କଟ ବେଳର ସଖା ମାନବ ପ୍ରେମୀ ବିନ୍ଦୁ ମହାନନ୍ଦ**

କରୋନାର ଦ୍ୱିତୀୟ ଲହର କଳାହାଣ୍ଡି ଜିଲାରେ କାୟା ବିସ୍ତାର କରିବାରେ ଲାଗିଛି। ଜିଲାର ଗୋଲାମୁଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳର ଲୋକେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ କିଛି ଅଞ୍ଚଳକୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ କଣ୍ଟନେମେଣ୍ଟ ଜୋନ ତଥା ଶଟ୍‌ଡାଉନ୍ ଘୋଷଣା କରାଯାଇଛି। ଏଭଳିସ୍ଥିତିରେ ଗୋଲାମୁଣ୍ଡା ବ୍ଲକ ମାନଝରୀ ପଞ୍ଚାୟତ ଅଧୀନ ଡୁମୁରା, ମାନଝରୀ, କାନ୍ଦୁଳ ଡଙ୍ଗରି, ଗ୍ରିଣ୍ଡୋଳ, ଡୁଡୁକେଲ ୫ଟି ଗ୍ରାମର ଗରିବ ଅସହାୟ ବୃଦ୍ଧାବୃଦ୍ଧ, ଦିବ୍ୟାଙ୍ଗ ଓ କରୋନା ଆକ୍ରାନ୍ତ ଗରିବ ପରିବାରଙ୍କ ପାଇଁ ଏବେ ଦେବଦୂତ ସାଜିଛନ୍ତି ଅଞ୍ଚଳର ସାମାଜିକ କର୍ମୀ ତଥା ମାନବ ପ୍ରେମୀ ବିନ୍ଦୁ ମହାନନ୍ଦ। କରୋନା ଆକ୍ରାନ୍ତଙ୍କ ପରିବାର ସହ ଅସହାୟଙ୍କ ଘରେ ଏବେ ସେ ରନ୍ଧାଖାଦ୍ୟ ପହଞ୍ଚାଉଛନ୍ତି। ମାନଝରୀ ପଞ୍ଚାୟତଠାରେ ରୋଷେଇ କରିବା ସହ ପ୍ୟାକେଟିଂ ମାଧ୍ୟମରେ ଘର ଘରକୁ ଯାଇ ରନ୍ଧାଖାଦ୍ୟ ପହଞ୍ଚାଉଛନ୍ତି। ତାଙ୍କୁ ଅଞ୍ଚଳର ରାଏବତୀ ଅଘ୍ରିଆ, ରାଏଚନ ଅଘିଆ, ସୁରେନ୍ଦ୍ର ନାଏକ, କୃଷ୍ଣ ଅଘ୍ରିଆ, ସମ୍ବାରୁ ବନ୍ଦିଛୋଡ, ଲେଳା ଖର୍ସେଲ, ଅଶ୍ୱିନ ମଲ୍ଲିକ, ପଙ୍କଜ ସାହୁ, ଶିକ୍ଷାବିତ ଅମର ନାଏକ, ଆଦିତ୍ୟ ଚନ୍ଦିନି ପ୍ରମୁଖ ସହଯୋଗ କରୁଛନ୍ତି। କରୋନା ମହାମାରୀ ସମୟରେ ଏପରି ଅସହାୟଙ୍କୁ ଦାନା ଯୋଗାଉଥିବା ତଥା ଜୀବନ ପ୍ରଦାନକାରୀ ସାଜିଥିବାରୁ ସବୁ ମହଲରେ ପ୍ରଶଂସା କରାଯାଉଛି। ଯେତେଦିନ ପର୍ଯ୍ୟନ୍ତ ନିଜର ଆର୍ଥିକ ସକ୍ଷମ ଥିବ ସେହି ଦିନ ପର୍ଯ୍ୟନ୍ତ ରନ୍ଧାଖାଦ୍ୟ ବଣ୍ଟନ କରିବୁ ବୋଲି ମାନବ ପ୍ରେମୀ ବିନ୍ଦୁ ମହାନନ୍ଦ ପ୍ରକାଶ କରିଛନ୍ତି।

# କରୋନା ପୀଡ଼ିତା ପରିବାରକୁ ସହାୟତା

**ନୂଆପଡ଼ା ଅଫିସ,୩୦।୪:** ନୂଆପଡା ଜିଲା କୋମନା ବ୍ଲକ ଉଲଭା ଗାଁର ମଙ୍ଗଳ ସିଂ ସୁନାନୀ କରୋନାରେ ଆକ୍ରାନ୍ତ ହୋଇ ହୋମ ଆଇସୋଲେଶନରେ ରହି ଚିକିତ୍ସିତ ହେଉଥିବା ବେଳେ ଗତ ବୁଧବାର ମୃତ୍ୟୁ ଘଟିଥିଲା। ଗାଁ ଲୋକଙ୍କୁ ଡକା ଯାଇଥିଲେ ମଧ୍ୟ କେହି ଆସି ନ ଥିଲେ। କେହି ନ ବାହାରିବାରୁ ପାଖରେ ଥିବା ସାମାଜିକ କର୍ମୀମାନେ କୋମନା ବିଡିଓ ସଦାଶିବ ଭତରା ଓ ତହସିଲଦାର ପୂର୍ଣ୍ଣାନନ୍ଦ ପଟେଲଙ୍କୁ ଫୋନ ଯୋଗେ ଜଣାଇଥିଲେ। ବିଡିଓ ଏବଂ ତହସିଲଦାର ଗାଁକୁ ଆସି ନୂଆପଡାରୁ ଶବବାହକ ଗାଡିରେ ନୂଆପଡା ଆଣି ଶବ ସତ୍କାର କରାଯାଇଥିଲା। ତାଙ୍କ ପରିବାରର ୩ ଜଣ ମଧ୍ୟ ସଂକ୍ରମିତ ହୋଇ ହୋମ ଆଇସୋଲେସନରେ ରହି ଚିକିତ୍ସିତ ହେଉଛନ୍ତି। ପରିବାରରେ ରୋଜଗାରକ୍ଷମ ବ୍ୟକ୍ତି ନ ଥିବାରୁ ଘର ଚଳିବାରେ ଅସୁବିଧାର ସମ୍ମୁଖିନ ହେଉଛି। ଏହି ଖବର ସୋସିଏଆଲ ମେଡିଆରେ ପ୍ରଚାରିତ ହେବା ପରେ ଖଡିଆଳ ମୁକ୍ତ ବିଚାର ମଞ୍ଚ ଆବାହକ ଅଜିତ ପଣ୍ଡା ଓ ହରିଦାସ ପଟେଲ କରୋନା ପୀଡ଼ିତା ପରିବାରଙ୍କୁ ଗୋଟିଏ ମାସର ଖାଦ୍ୟ ସାମଗ୍ରୀ ପ୍ରଦାନ କରିଛନ୍ତି। ଚାଉଳ, ଡାଲି, ତେଲ, ଲୁଣ, ଅଟା, ମସଲା, ଚୂଡା, ବିସ୍କେଟ, ଶାବୁନ, ମାସ୍କ, ସାନିଟାଇଜର ଇତ୍ୟାଦି ସାମାଜିକ କର୍ମୀ ଅରୁନ ବିଶ୍ୱାଳ ଓ ମାୟାଧର ସରାଫ ପ୍ରଦାନ କରିଛନ୍ତି।



କରୋନା ପୀଡ଼ିତା ପରିବାରଙ୍କୁ ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଇଛି।